ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୧୪/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Wednesday, June 14/2023 Page 16 ₹ 7.00 | BERHAMPUR

୪୯ଶ ଭାଗ ୧୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 199 ମୂଲ୍ୟ ₹୭/-

# ଟାଟା ଷ୍ଟିଲ୍ ପ୍ଲାଣ୍ଟରେ ଫାଟିଲା ଷ୍ଟିମ୍ ଲାଇନ୍ ପାଇପ୍

## ପୋଡ଼ିଯାଇ ୨ ଅଧିକାରୀଙ୍କ ସମେତ ୧୮ ଗୁରୁତର

- ଜଣେ ଶ୍ରମିକ ସଙ୍କଟାପନ୍ନ
- ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ

ରତନ ନାୟାର/କାର୍ତ୍ତିକ ସାହୁ
ଢେଙ୍କାନାଳ ଅଫିସ/କଟକ ଅଫିସ, ୧୩।୬

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ କମ୍ପାନୀରେ ମଙ୍ଗଳବାର ବଡ଼ଧରଣର ଦୁର୍ଘଟଣା ଘଟିଛି। ଅପରାହ୍ଣ ପ୍ରାୟ ୧ଟାରେ କାରଖାନାର ବ୍ଲାଷ୍ଟ ଫର୍ନେଶ ଷ୍ଟିମ୍ ଲାଇନ୍ ଫାଟି ଉତ୍ତପ୍ତ ବାଷ୍ପ ନିର୍ଗମନ ହେବାରୁ ୨ ଅଧିକାରୀଙ୍କ ସମେତ ୧୮ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଉଭୟ ଓଡ଼ିଆ ଓ ଅଣଓଡ଼ିଆ କୁଶଳୀ, ଅଣକୁଶଳୀ, ଠିକା ଶ୍ରମିକ ଏବଂ କମ୍ପାନୀ କର୍ମଚାରୀ ଅଛନ୍ତି। ସମସ୍ତଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍ଗିନ ଥିବାରୁ ଜଣଙ୍କୁ ଆଇସିୟୁରେ ଏବଂ ଅନ୍ୟ ୬ ଜଣଙ୍କୁ ସେମି ଆଇସିୟୁରେ ଚିକିତ୍ସା କରାଯାଉଛି। ଅବଶିଷ୍ଟ ୧୧ ଜଣ କାଜୁଆଲିଟିରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରି ସେମାନଙ୍କୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଅପରାହ୍ଣରେ ବିଏଫ୍ ପାୱାର ପ୍ଲାଣ୍ଟ-୨ ଷ୍ଟିମ୍ ଲାଇନ ନିରୀକ୍ଷଣ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ପାଇପ୍ ଫାଟିଯାଇଥିଲା। ପ୍ରବଳ ମାତ୍ରାରେ ଉତ୍ତପ୍ତ ବାଷ୍ପ ନିର୍ଗମନ ହୋଇଥିଲା। ଫଳରେ ସେଠାରେ କାର୍ଯ୍ୟରତ ୧୮ ଜଣ ପୋଡ଼ିଯାଇଥିଲେ।


ଦୁର୍ଘଟଣାରେ ଆହତ ଶ୍ରମିକ

ସେମାନଙ୍କୁ ପ୍ରଥମେ କମ୍ପାନୀର ପ୍ରାଥମିକ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଜଗବନ୍ଧୁ ସ୍ୱାଇଁ ନାମକ ଜଣେ ଶ୍ରମିକଙ୍କ ଶରୀରର ୯୦% ପୋଡ଼ିଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ଜୀବନ ପ୍ରତି ବିପଦ ଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟ ଗୁରୁତରଙ୍କ ଶରୀରର ୪୦% ପୋଡ଼ିଯାଇଛି। ସମସ୍ତଙ୍କ ମୁହଁ, ହାତ, ଛାତି, ପେଟ ସମେତ ଶରୀରର ବିଭିନ୍ନ ଅଙ୍ଗରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଅତ୍ୟଧିକ ଗରମ ଯୋଗୁ ପାଇପ୍ ଫାଟିଯାଇଥିବା ଅନୁମାନ କରାଯାଉଛି। ଏଭଳି ଅଭାବନୀୟ ଘଟଣା ପରେ ଫ୍ୟାକ୍ଟ୍ରି ଓ ବଏଲର୍ସ ଡେପୁଟି ଡାଇରେକ୍ଟରଙ୍କ ଦ୍ୱାରା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ଦୁର୍ଘଟଣା ପରେ କମ୍ପାନୀ ମୁଖ୍ୟ ଫାଟକ ଦେଇ କାହାରିକୁ ଛଡ଼ାଯାଇ ନ ଥିଲା। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା। ମୋଟଙ୍ଗା, କଣ୍ଟାବଣିଆ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆଣବିକ ଚାଇନା

ପାଚିକା-ସହାୟିକାଙ୍କୁ ମିଳିଲା ଶାଢ଼ି ଭତ୍ତା ୫୦୦ ଟଙ୍କା ପୃଷ୍ଠା-୩

# ବଢ଼ିଲା ୪% ମହଙ୍ଗା ଭତ୍ତା

## ଉପକୃତ ହେବେ ୭.୫ ଲକ୍ଷ ସରକାରୀ କର୍ମଚାରୀ, ପେନ୍‌ସନଭୋଗୀ

ଭୁବନେଶ୍ୱର, ୧୩।୬ (ଅନିଲ ଦାସ)

ରାଜ୍ୟ ସରକାର କର୍ମଚାରୀଙ୍କୁ ରଜ ଭେଟି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମଙ୍ଗଳବାର ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନ୍‌ସନଧାରୀଙ୍କ ପାଇଁ ୪ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ଫଳରେ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩୮ ପ୍ରତିଶତରୁ ୪୨ ପ୍ରତିଶତକୁ ବୃଦ୍ଧି ହୋଇଛି। ଏହା ପିଛିଲା ଭାବେ ୨୦୨୩ ଜାନୁୟାରୀ ପହିଲାରୁ ଲାଗୁ କରାଯିବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଜୁନ୍ ମାସ ଦରମାରେ ନଗଦ ଆକାରରେ ମିଳିବ। ଏଥିସହିତ ପେନ୍‌ସନଭୋଗୀମାନଙ୍କର ଡିଆଇରେ ମଧ୍ୟ ୪ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଜୁନ୍ ମାସ ପେନ୍‌ସନରେ ବର୍ଦ୍ଧିତ ଡିଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢ଼େ ସାତ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

50 YEARS OF TRUST
ନୂଆ କାୟମ ଚୂର୍ଣ୍ଣ ଆଡ୍‌ଭାନ୍ସ
ସ୍ୱାଦିଷ୍ଟ ଦାନାଦାର ଆକାରରେ
ଗୋଲାପ ଓ ଜଡ଼ା ତେଲର ଚମତ୍କାରିତାରେ ଭରପୂର
ପୂର୍ବଠାରୁ ଅଧିକ ପ୍ରଭାବଶାଳୀ, ଏହା କୋଷ୍ଠକାଠିନ୍ୟ, ଏସିଡିଟି ଓ ଗ୍ୟାସ୍‌କୁ ଦୂର କରେ
- ହଜମକାରୀ ଜିରାର ସୁଗନ୍ଧ ସହିତ
- ପେଟମୋଡ଼ା ସମସ୍ୟା ବିନା ପେଟକୁ ସଫା କରେ
- ନୂଆ ଆଡ୍‌ଭାନ୍ସଡ୍ ଫର୍ମୁଲା ଯାହା
- କୋଷ୍ଠକାଠିନ୍ୟ ପାଇଁ ଅଧିକ ପ୍ରଭାବଶାଳୀ ଠିକ୍ ମାତ୍ରା ପାଇଁ ମାପ ଚାମଚ
- ଦାନାଦାର ହୋଇଥିବାରୁ ପାଟିରେ ଲାଗି ଯାଏ ନାହିଁ
- କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବିନା ୧୦୦% ଆୟୁର୍ବେଦିକ







କାୟମ ଚୂର୍ଣ୍ଣ ଓ କାୟମ ଟାବଲେଟ ମଧ୍ୟ ଉପଲବ୍ଧ
Available At Medical Shops & Ayurvedic Stores 1mg amazon
Toll Free Number : 1800 419 0807 : contact@kayamchurna.com

DSPL - 87
ଓଡ଼ିଶା ସରକାର

୫ ଲକ୍ଷରୁ ଊର୍ଦ୍ଧ୍ୱ ଓଡ଼ିଶା ମୋଟର ଯାନ ଡ୍ରାଇଭର ଓ କର୍ମଚାରୀମାନଙ୍କ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଡ ନିଷ୍ପତ୍ତି



ଅନୁମୋଦିତ ହେଲା
ଓଡ଼ିଶା ମୋଟର ଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ଯୋଜନା
ଏବଂ
ଓଡ଼ିଶା ମୋଟର ଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ବୋର୍ଡ

ଡ୍ରାଇଭର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ମିଳିବ ଏହି ସବୁ ସହାୟତା ଓ ସୁବିଧା

- ମୋଟର ଯାନ ଦୁର୍ଘଟଣା ଜନିତ ମୃତ୍ୟୁ କ୍ଷେତ୍ରରେ ୪ ଲକ୍ଷ ଟଙ୍କା
- ସାଧାରଣ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କା
- ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ୫୦ ହଜାର ଟଙ୍କା
- ଅତି ଗଭୀର ଆଘାତ କ୍ଷେତ୍ରରେ ୮୦ ହଜାର ଟଙ୍କା
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ମଧୁବାବୁ ପେନ୍‌ସନ୍ ଯୋଜନାରେ ସହାୟତା

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା
OIPR-38003/13/0005/2324

**କକ୍‌ପିଟରେ ବାନ୍ଧବୀଙ୍କୁ ଅନୁମତି ଦେଇ ପାଇଲଟ ନିଲମ୍ବିତ**

ବିମାନ କକ୍‌ପିଟରେ ପ୍ରବେଶ ଲାଗି ବାନ୍ଧବୀଙ୍କୁ ଆମନ୍ତ୍ରଣ କରି ଏୟାର ଇଣ୍ଡିଆର ଦୁଇଜଣ ପାଇଲଟ ନିଲମ୍ବିତ ହୋଇଛନ୍ତି। କକ୍‌ପିଟ ନିୟମ ଉଲ୍ଲଂଘନ ପାଇଁ ମାସେ ପୂର୍ବରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ୩୦ ଲକ୍ଷ ଟଙ୍କା ଜରିମାନା କରିଥିଲା। ଗତ ସପ୍ତାହରେ ଦିଲ୍ଲୀରୁ ଲେହ ଯାଉଥିବା ଏଆଇ-୪୪୫ ବିମାନର କକ୍‌ପିଟରେ ଜଣେ ମହିଳାଙ୍କୁ ଅନଧିକୃତ ପ୍ରବେଶ ଅନୁମତି ଦେଇଥିବାରୁ ଏୟାର ଇଣ୍ଡିଆ ୨ ପାଇଲଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



## ସଂକ୍ଷେପରେ

### କଶ୍ମୀରରେ ୫.୪ ତୀବ୍ରତାର ଭୂକମ୍ପ

**ଦିଲ୍ଲୀ ସମେତ ଉତ୍ତର ଭାରତରେ ଝଟକା**

**ନୂଆଦିଲ୍ଲୀ, ୧୩।୬:** ଜମ୍ମୁ-କଶ୍ମୀରରେ ମଙ୍ଗଳବାର ଅପରାହ୍ନ ୧ଟା ୩୩ ମିନିଟ୍‌ରେ ୫.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଦିଲ୍ଲୀ ସମେତ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଏହାର ଝଟକା ଅନୁଭବ କରାଯାଇଛି। ଜମ୍ମୁ-କଶ୍ମୀରର ଡୋଡା ଜିଲା ଅନ୍ତର୍ଗତ ଗଣ୍ଡୋହ ଭାଲେସା ଗ୍ରାମ ନିକଟରେ ଏହାର କେନ୍ଦ୍ରସ୍ଥଳ ହୋଇଥିବାବେଳେ ହିମାଚଳପ୍ରଦେଶ, ଚଣ୍ଡିଗଡ଼, ପଞ୍ଜାବ ଓ ଏହାର ଆଖପାଖ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ପାକିସ୍ତାନ ଓ ଚାଇନାରେ ମଧ କମ୍ପନ ଅନୁଭୂତ ହୋଇଛି। ପରେ କମ୍ ତୀବ୍ରତାର ପଶ୍ଚାତ୍ କମ୍ପନ ହୋଇଥିବା ନ୍ୟାଶନାଲ ସେଣ୍ଟର ଫର୍ ସିସ୍ମୋଲୋଜିର ନିର୍ଦ୍ଦେଶକ ଡ. ଓ.ପି. ମିଶ୍ର କହିଛନ୍ତି। ଭୂକମ୍ପ ଯୋଗୁ ସ୍କୁଲ ପିଲାମାନେ ଆତଙ୍କିତ ହୋଇଯାଇଥିଲେ। ଲୋକେ ଭୟରେ ଦୋକାନରୁ ଧାଇଁ ପଳାଉଥିବା ଦେଖାଯାଇଥିଲା।

### ଟ୍ୟାଙ୍କର ବିସ୍ଫୋରଣରେ ୪ ମୃତ

**ପୁଣେ, ୧୩।୬:** ପୁଣେ-ମୁମ୍ବାଇ ଏକ୍ସପ୍ରେସ୍‌ୱେରେ ମଙ୍ଗଳବାର ରାସାୟନିକ ସାମଗ୍ରୀ ଭର୍ତ୍ତି ଏକ ଟ୍ୟାଙ୍କର ବିସ୍ଫୋରଣ ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୩ ଜଣ ଆହତ ହୋଇଛନ୍ତି। ଲୋନାଭାଲା ଏବଂ ଖଣ୍ଡାଲା ମଧବର୍ତ୍ତୀ ସ୍ଥାନରେ ଏହି ଦୁର୍ଘଟଣା ଘଟିଛି। ବିସ୍ଫୋରଣ ପରେ ଟ୍ୟାଙ୍କର ଜଳିଯାଇଛି। ବିସ୍ଫୋରଣ ଯୋଗୁ ନିଆଁ ପିଣ୍ଡୁଳା ଛିଟିକି ମୋଟର ସାଇକେଲରେ ଯାଉଥିବା ଲୋକଙ୍କ ଉପରେ ପଡ଼ିଥିଲା। ୪ ମୋଟରସାଇକେଲ ଆରୋହୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଟ୍ୟାଙ୍କରରେ ଥିବା ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଥିବା ପୋଲିସ କହିଛି। ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଦୁଃଖ ପ୍ରକାଶ କରିବା ସହ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୩ ଜଣଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନିଆଁଲିଭା କାର୍ଯ୍ୟରେ ରାଜ୍ୟ ପୋଲିସ, ହାଇୱେ ପୋଲିସ, ଆଇଏନ୍ଏସ୍ ଶିବାଜୀର କର୍ମଚାରୀ ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ।

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୩।୬:** ଜମ୍ମୁ-କଶ୍ମୀର କୁପ୍‌ୱାରା ଜିଲା ମାଚିଲ ସେକ୍ଟର ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ମଙ୍ଗଳବାର ସେନା ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଲ୍ଓସି ନିକଟରେ ଆତଙ୍କବାଦୀ ଛପି ରହିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଆର୍ମି ଓ ସ୍ଥାନୀୟ ପୋଲିସ ପକ୍ଷରୁ ମିଳିତ ଅପରେଶନ୍ ଆରମ୍ଭ କରାଯାଇଥିଲା।

### କାଜାନ ଖାନ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ, ୧୩।୬:** ଖ୍ୟାତନାମା ଦକ୍ଷିଣଭାରତୀୟ ଚଳଚ୍ଚିତ୍ର ଅଭିନେତା କାଜାନ ଖାନ୍‌ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ମାଲୟାଲମ, ତାମିଲ ଏବଂ କନ୍ନଡ଼ର ଭାଷାଭାଷୀ ଫିଲ୍ମରେ ତାଙ୍କ ଅଭିନୟ ଦେଖିବାକୁ ମିଳିଛି। ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ କାର୍ଯ୍ୟ କରିଛନ୍ତି। ଫିଲ୍ମ ସିଆଇଡି ମୁସାରେ ତାଙ୍କୁ ଅଧିକ ଲୋକପ୍ରିୟତା ମିଳିଥିଲା।

## ୪ ସପ୍ତାହ ଯାଏ ନିରାଶ କରିବ ମୌସୁମୀ



**ସ୍କାଏମେଟ୍‌ର ପୂର୍ବାନୁମାନ**

**ଆ**ଗାମୀ ୪ ସପ୍ତାହ ଯାଏ ଦେଶରେ ମୌସୁମୀ ପ୍ରବାହ ନୈରାଜଶ୍ୟଜନକ ରହିବ ବୋଲି ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ ୱେଦର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଫଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ବିସ୍ତାରିତ ରେଞ୍ଜ୍ ପୂର୍ବାନୁମାନ ବ୍ୟବସ୍ଥା (ଇଆର୍‌ପିଏସ୍) ଅନୁଯାୟୀ ଜୁଲାଇ ୬ ପର୍ଯ୍ୟନ୍ତ ମୌସୁମୀ ବର୍ଷା ନିରାଶାଜନକ ହେବ। ବିହନ ବୁଣା ଓ ଜମି ପ୍ରସ୍ତୁତି ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ କୃଷି ପ୍ରଭାବିତ ହେବ ବୋଲି କୁହାଯାଇଛି। ବର୍ଷାଋତୁ ଆରମ୍ଭରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମୁଖ୍ୟ ମୌସୁମୀ ଜୋନ୍ କେନ୍ଦ୍ରୀୟ ଓ ପଶ୍ଚିମ ଭାଗ ଅନାବୃଷ୍ଟି ପ୍ରଭାବର ସମ୍ମୁଖୀନ ହେବ ବୋଲି ସ୍କାଏମେଟ୍ ୱେଦର କହିଛି। ସାଧାରଣତଃ ଜୁନ୍ ୧ରେ ମୌସୁମୀ କେରଳ ଛୁଉଁଥିବାବେଳେ ଏଥର ସପ୍ତାହେ ପରେ ଅର୍ଥାତ୍ ଜୁନ୍ ୮ରେ ପହଞ୍ଚିଥିଲା। ଆରବ ସାଗରରେ ବାତ୍ୟା 'ବିପର୍ଯ୍ୟୟ' ସୃଷ୍ଟି ଯୋଗୁ ମୌସୁମୀ ବିଳମ୍ବିତ ହୋଇଥିଲା। ଏବେ ଅନ୍ୟ ଅଞ୍ଚଳକୁ ମୌସୁମୀର ଅଗ୍ରଗତି ବାଧାପ୍ରାପ୍ତ ହୋଇଛି। ସାଧାରଣଃ ଜୁନ୍ ୧୫ ସୁଦ୍ଧା ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, ଛତିଶଗଡ଼, ଝାଡ଼ଖଣ୍ଡ ଓ ବିହାରରେ ମୌସୁମୀ ବର୍ଷା ହୋଇଥାଏ। ଏବେ ଏହିସବୁ ରାଜ୍ୟ ପର୍ଯ୍ୟନ୍ତ ମୌସୁମୀ ପହଞ୍ଚିପାରି ନାହିଁ। ନିକଟ ଭବିଷ୍ୟତରେ ବଙ୍ଗୋପସାଗରରେ ୱେଦର ସିଷ୍ଟମ୍ ସୃଷ୍ଟି ହେବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ଏହି ସିଷ୍ଟମ ମୌସୁମୀକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ।

## ୱାଶିଂଟନରୁ ନ୍ୟୁୟର୍କ ଟ୍ରକ୍‌ରେ ଗଲେ ରାହୁଲ



କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିକଟରେ ଆମେରିକା ଗସ୍ତରେ ଯାଇଥିବାବେଳେ ୱାଶିଂଟନ ଡିସିରୁ ନ୍ୟୁୟର୍କ ପର୍ଯ୍ୟନ୍ତ ଟ୍ରକ୍‌ରେ ଯାଇଥିଲେ। ଉକ୍ତ ଟ୍ରକ୍‌ର ଡ୍ରାଇଭର ତେଜିନ୍ଦର ସିଂ ଜଣେ ଭାରତୀୟ। ତାଙ୍କୁ ଗୀତ ବଜାଇବାକୁ ରାହୁଲ କହିଥିଲେ। 'ସିଦ୍ଧୁ ମୂସେୱାଲାଙ୍କ ୨୯୫' ଲଗାଇବି କି ବୋଲି ଡ୍ରାଇଭର ପଚାରିଥିଲେ। ଆମେରିକାରେ ଟ୍ରକ୍ ଚଳାଇବାର ଅଭିଜ୍ଞତା ଏବଂ ଭାରତ ତୁଳନାରେ ଏଠାରେ ଡ୍ରାଇଭିଂରେ ଭିନ୍ନତା କ'ଣ ବୋଲି ରାହୁଲ ତାଙ୍କୁ ପ୍ରଶ୍ନ କରିଥିଲେ। ସେ ଭାରତ ତୁଳନାରେ ଆମେରିକାରେ ଅଧିକ ପାରିଶ୍ରମିକ ପାଉଥିବା ଜଣାଇଥିଲେ। ଟ୍ରକ୍ ଯାତ୍ରା ସମୟରେ ଡ୍ରାଇଭରଙ୍କ ସହ କଥୋପକଥନର ଭିଡିଓକୁ ରାହୁଲ ଶେୟାର କରିଛନ୍ତି।

# ଦୁର୍ନୀତି ପ୍ରମାଣ ନଷ୍ଟ ପାଇଁ ନିଆଁ



**ମଧ୍ୟପ୍ରଦେଶର ଭୋପାଳସ୍ଥିତ ସାତପୁରା ଭବନରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟି ସରକାରଙ୍କ ୧୨,୦୦୦ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ ୨୫ କୋଟି ଟଙ୍କାର ଆସବାବପତ୍ର ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଦଶନ୍ଧି ମଧରେ ସାତପୁରା ଭବନରେ ଅଗ୍ନିକାଣ୍ଡର ଏହା ହେଉଛି ତୃତୀୟ ଘଟଣା। ୨୦୧୨ ଓ ୨୦୧୮ରେ ମଧ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଏପରି ଅଗ୍ନିକାଣ୍ଡ ଘଟିଥିଲା। ବିଧାନସଭା ନିର୍ବାଚନକୁ କିଛିମାସ ବାକିଥିବାବେଳେ କଂଗ୍ରେସ ସଦ୍ୟ ଅଗ୍ନିକାଣ୍ଡରେ ଷଡ଼ଯନ୍ତ୍ରର ଗନ୍ଧ ବାରିଛି। ଦୁର୍ନୀତିର ପ୍ରମାଣ ନଷ୍ଟ ପାଇଁ ସରକାରୀ ଦସ୍ତାବିଜଗୁଡ଼ିକୁ ଜାଳି ଦିଆଯାଇଥିବା ବିରୋଧୀ ଦଳ ଅଭିଯୋଗ ଆଣିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱାଧୀନ ଭାଜପା ସରକାର ନିଆଁରେ କୌଣସି ସମ୍ବେଦନଶୀଳ ଫାଇଲ୍ ନଷ୍ଟ ହୋଇ ନ ଥିବା କହିଛନ୍ତି।**

**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**



"ନିଆଁ ଆପେ ଲାଗିଲା ନା କିଏ ଲଗାଇଦେଲା? ୧୨,୦୦୦ ଫାଇଲ ଜଳିଯାଇଥିବା କୁହାଯାଉଛି। କିନ୍ତୁ ପ୍ରକୃତ ସଂଖ୍ୟା ଅଧିକ ହୋଇପାରେ। ଏହା ହେଉଛି ଦୁର୍ନୀତିର ଆଉ ଏକ ଉଦାହରଣ। ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ଏହାର ନିରପେକ୍ଷ ତଦନ୍ତ କରାଯାଉ।

**-କମଲ ନାଥ, ମଧ୍ୟପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ**

**ଭୋପାଳ, ୧୩।୬**

ମଧ୍ୟପ୍ରଦେଶ ସରକାରଙ୍କ ଅନେକ ବିଭାଗର ଅଫିସ ଥିବା ଭୋପାଳସ୍ଥିତ ସାତପୁରା ଭବନରେ ସୋମବାର ଅପରାହ୍ନ ୪ଟାରେ ହଠାତ୍ ନିଆଁ ଲାଗିଥିଲା। ତୃତୀୟ ମହଲାର ଆଦିବାସୀ କଲ୍ୟାଣ ବିଭାଗରେ ଲାଗିଥିବା ନିଆଁ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ମହଲାକୁ ବ୍ୟାପିଥିଲା। ଅନେକ ଅଗ୍ନିଶମ ବିଶେଷଜ୍ଞ ଓ ସେନା ଯବାନମାନେ ସେଠାରେ ପହଞ୍ଚି ପ୍ରାୟ ୧୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ରାଜ୍ୟ ସରକାରଙ୍କ ୨୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆସବାବପତ୍ର ନଷ୍ଟ ହୋଇଯାଇଥିଲା।

### ସାତପୁରା ଭବନ ଅଗ୍ନିକାଣ୍ଡ: କଂଗ୍ରେସ ବାରିଲା ଷଡ଼ଯନ୍ତ୍ର ଗନ୍ଧ

କେବଳ ଏତିକି ନୁହେଁ, ଅଗ୍ନିକାଣ୍ଡରେ ୧୨,୦୦୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଫାଇଲ ମଧ ଜଳିଯାଇଛି। ଚତୁର୍ଥ ମହଲାରେ ରଖାଯାଇଥିବା ସର୍ଭିସ୍ ରେକର୍ଡ୍ସ, କମ୍ପ୍ଲେଣ୍ଟ ଦସ୍ତାବିଜ ଓ କର୍ମଚାରୀଙ୍କ ବଜେଟ ଆକାଉଣ୍ଟିଂ ଡକ୍ୟୁମେଣ୍ଟଗୁଡ଼ିକ ପାଉଁଶ ହୋଇଯାଇଛି। କୋଭିଡ୍-୧୯ ମହାମାରୀ ସମୟରେ ହସ୍ପିଟାଲଗୁଡ଼ିକୁ ପଇଠ କରାଯାଇଥିବା ଅର୍ଥ ଉପରେ ଅଭିଯୋଗ ସମ୍ପର୍କିତ ଫାଇଲଗୁଡ଼ିକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମଧ୍ୟପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ କମଲ ନାଥ କହିଛନ୍ତି, ନିଆଁ ଆପେ ଲାଗିଲା ନା କିଏ ଲଗାଇଦେଲା? ୧୨,୦୦୦ ଫାଇଲ ଜଳିଯାଇଥିବା କୁହାଯାଉଛି। କିନ୍ତୁ ପ୍ରକୃତ ସଂଖ୍ୟା କେତେ ତାହା ଜଣାପଡ଼ିନାହିଁ। ଏହା ହେଉଛି ଦୁର୍ନୀତିର ଆଉ ଏକ ଉଦାହରଣ। ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ଏହାର ନିରପେକ୍ଷ ତଦନ୍ତ କରାଯାଉ ବୋଲି କମଲନାଥ ଦାବି କରିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହି ଅଗ୍ନିକାଣ୍ଡର ତଦନ୍ତ ପାଇଁ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ରାଜେଶ ରାଜୌରା, ପିଏସ୍ ଅର୍ବାନ ନୀରଜ ମଣ୍ଡଲୋଇ, ପିଏସ୍ ପିଡବ୍ଲ୍ୟୁଡି ସୁଖବୀର ସିଂ ଏବଂ ଅଗ୍ନିଶମ ଏଡିଜିଙ୍କୁ ରଖାଯାଇଛି। କମିଟି ତଦନ୍ତ ପରେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିବ।

୭ ମହଲା ବିଶିଷ୍ଟ ସାତପୁରା ଭବନ ଜଳୁଥିବାବେଳେ ସେଠାରୁ ମାତ୍ର ୪୦ ମିଟର ଦୂରରେ ଥିବା ନିଆଁଲିଭା ହାଇଡ୍ରୋଲିକ୍ ଶିଡ଼ି ପଡ଼ିରହିଥିଲା। ୧୮ ମହଲାରେ ନିଆଁ ଲାଗିଲେ ବି ଏହି ଶିଡ଼ି ସାହାଯ୍ୟରେ ଲିଭାଯାଇପାରିବ। ତେବେ ୯ ମାସ ତଳେ ୫.୫ କୋଟି ଟଙ୍କାରେ କିଣାଯାଇଥିବା ଏହି ଶିଡ଼ିକୁ ସୋମବାର ବ୍ୟବହାର କରାଯାଇ ନ ଥିଲା। ଏନେଇ ପ୍ରଶ୍ନ ଉଠିବାରୁ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର କହିଛନ୍ତି, ବିଲ୍ଡିଂ କମ୍ପାଉଣ୍ଡରେ ହାଇଡ୍ରୋଲିକ୍ ଲାଡର ଅପରେଟ୍ ପାଇଁ ସ୍ଥାନ ନାହିଁ। ସେଠାରେ ରାସ୍ତା ବନ୍ଦ କରି ଏକ ପାର୍କିଂ ଏରିଆ ପ୍ରତିଷ୍ଠା କରାଯାଇଛି। ନିଆଁଲିଭା ଗାଡ଼ି ପ୍ରବେଶ କରିବା ଲାଗି ପର୍ଯ୍ୟାପ୍ତ ସ୍ଥାନ ଖାଲି କରିବାକୁ ମଙ୍ଗଳବାର ସକାଳେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନାହିଁ। ତେବେ ଏକ ଏୟାର କଣ୍ଡିଶନର(ଏସି)ରେ ବିସ୍ଫୋରଣ ଘଟିବାରୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା କୁହାଯାଉଛି।

### ନୀତୀଶ କ୍ୟାବିନେଟ୍ ଛାଡ଼ିଲେ ଜିତନରାମଙ୍କ ପୁଅ



ସନ୍ତୋଷ କୁମାର ସୁମନ

**ଏଚ୍ଏଏମ୍‌ର ପରିଚୟ ଲିଭାଇବାକୁ ଜେଡିୟୁର ଉଦ୍ୟମ**

**ପାଟନା, ୧୩।୬**

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଏଚ୍ଏଏମ୍) ଅଧ୍ୟକ୍ଷ ଜିତନରାମ ମାନ୍‌ଝିଙ୍କ ପୁଅ ସନ୍ତୋଷ କୁମାର ସୁମନ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। ଏଚ୍ଏଏମ୍‌କୁ ଜେଡିୟୁରେ ମିଶ୍ରଣ ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାର ନେତାଙ୍କ ଉପରେ ଚାପ ପକାଇ ଉକ୍ତ ଦଳର ପରିଚୟ ଲୋପ କରିଦେବାକୁ ଚାହୁଁଥିବା ସେ ଅଭିଯୋଗ ଆଣିଛନ୍ତି। ନିଜ ଦଳର ପରିଚୟକୁ ବଞ୍ଚାଇବା ପାଇଁ ସେ ନୀତୀଶଙ୍କ କ୍ୟାବିନେଟ୍‌ରୁ ଇସ୍ତଫା ଦେଲେ ବୋଲି ସୁମନ ଗଣମାଧ୍ୟମକୁ କହିଛନ୍ତି। ଜେଡିୟୁ ସହ କୌଣସି ବୁଝାମଣା ସମ୍ଭାବନା ନ ଥିବା ସେ ସ୍ପଷ୍ଟ କରିଦେଇଛନ୍ତି। ଏଚ୍ଏଏମ୍‌କୁ ଏକ ଦଳ ଭାବେ ସ୍ୱୀକୃତି ଦିଆଯାଉ ନ ଥିବାବେଳେ ଆମକୁ କିପରି ଆମନ୍ତ୍ରଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ମହାମେଣ୍ଟର ଦୁଇ ମୁଖ୍ୟ ସହଯୋଗୀ ଆର୍‌ଜେଡି ଏବଂ ଜେଡିୟୁ ଚାହିଁଲେ ତାଙ୍କ ଦଳ ମେଣ୍ଟରେ ରହିବ ଓ ସେ ଏହାର ଜଣେ ବିଧାୟକ ଭାବେ ରହିବେ ବୋଲି ସୁମନ କହିଛନ୍ତି। ଆସନ୍ତା ୨୩ରେ ନୀତୀଶ ପାଟନାରେ ବିରୋଧୀ ଦଳଗୁଡ଼ିକର ବୈଠକ ଡାକିଥିବାବେଳେ ସନ୍ତୋଷଙ୍କ ଇସ୍ତଫା ତାଙ୍କ ପାଇଁ ଝଟ୍‌କା ସଦୃଶ ହୋଇଛି।

## ଜଖାଉରେ ସ୍ଥଳଭାଗ ଛୁଇଁବ 'ବିପର୍ଯ୍ୟୟ'

**ରାଜକୋଟ, ୧୩।୬**

ଅତି ଭୀଷଣ ବାତ୍ୟା 'ବିପର୍ଯ୍ୟୟ' ଗୁରୁବାର ଗୁଜରାଟର ଜଖାଉ ମାଛଧରା ବନ୍ଦର ନିକଟରେ ସ୍ଥଳଭାଗ ଛୁଇଁବା ଆଶା କରାଯାଉଛି। ଏହାର ପ୍ରଭାବରେ ଉପକୂଳ ଅଞ୍ଚଳରେ ଲଗାଣ ବର୍ଷା ଓ ପବନ ଲାଗି ରହିଛି। ଭୁଜ୍ ସହରରେ କାନ୍ଥ ପଡ଼ି ୪ ବର୍ଷର ଭାଇ ଓ ୬ ବର୍ଷର ଭଉଣୀ ପ୍ରାଣ ହରାଇଛନ୍ତି। ରାଜକୋଟର ଯଶଦାନ ତାଲୁକାରେ ପ୍ରବଳ ପବନ ଯୋଗୁ ଗଛ ଉପୁଡ଼ି ଏକ ସ୍କୁଟର ଉପରେ ପଡ଼ିବାରୁ ପଛ ସିଟ୍‌ରେ ବସିଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବାତ୍ୟା ପ୍ରଭାବରେ ଆରବ ସାଗର ଭୟଙ୍କର ରୂପ ଧାରଣ କରିଛି। ଆମ୍ରେଲି, ଦେବଭୂମି ଦ୍ୱାରକା, ଜାମନଗର, କଚ୍ଛ, ପୋରବନ୍ଦର, ଗିର୍-ସୋମନାଥ ନିକଟରେ ବହୁ ଉଚ୍ଚା ଲହଡ଼ି ଉପକୂଳରେ ମାଡ଼ ହେଉଛି। ଲହଡ଼ି ମାଡ଼ରେ ପୋରବନ୍ଦରରେ ଥିବା ଇନ୍ଦୁରେଶ୍ୱର ମହାଦେବ ମନ୍ଦିର ପାଚେରି ଭାଙ୍ଗିଯାଇଛି। ଲଗାଣ ବର୍ଷା ଯୋଗୁ ଭେରାଭାଲ ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ଗିର୍-ସୋମନାଥ ଜିଲାରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଉପକୂଳ ଜିଲାର ତଳୁଆ ଅଞ୍ଚଳରୁ ୨୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଗଲାଣି। ବାତ୍ୟା 'ବିପର୍ଯ୍ୟୟ' ବ୍ୟାପକ କ୍ଷୟକ୍ଷତି ଘଟାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରିଦିଆଯାଇଛି। ପବନର ବେଗ ୧୨୫ରୁ ୧୩୫ କିଲୋମିଟର ରହିବାକୁ ଥିବାବେଳେ ସର୍ବାଧିକ ୧୫୦ କିଲୋମିଟର ଛୁଇଁବ ବୋଲି ପାଣିପାଗ ବିଭାଗ କହିଛି।

**ବର୍ଷା ପବନରେ ୩ ମୃତ**



ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ଆସିବା ପୂର୍ବରୁ ଗୁଜରାଟର କଚ୍ଛ ଜିଲା ଜଖାଉ ବନ୍ଦରରେ ମାଛଧରା ଟ୍ରଲରଗୁଡ଼ିକୁ ବନ୍ଧାଯାଇଛି।

## ମୋଦିଙ୍କୁ ପ୍ରଶଂସା କରିବାରୁ ଯାତ୍ରୀଙ୍କ ଉପରେ ଟ୍ୟାକ୍ସି ମଡ଼ାଇଦେଲେ ଡ୍ରାଇଭର

**ବାରାଣସୀ, ୧୩।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିବା ଜଣେ ୫୦ ବର୍ଷୀୟ ଯାତ୍ରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଟ୍ୟାକ୍ସି ଡ୍ରାଇଭର ଉତ୍କ୍ଷିପ୍ତ ହୋଇ ଉକ୍ତ ଯାତ୍ରୀଙ୍କ ଉପରେ ଗାଡ଼ି ମଡାଇ ହତ୍ୟା କରିଛନ୍ତି। ମିର୍ଜାପୁରର ମହୋଖର ଗ୍ରାମ ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି। ବିନ୍ଧ୍ୟାଚଳ ପୋଲିସ ଟ୍ୟାକ୍ସି ଡ୍ରାଇଭର ଆମଜାଦ ଖାନ୍‌ଙ୍କୁ ଗିରଫ କରି ତାଙ୍କ ବିରୋଧରେ ହତ୍ୟା ଓ ଶାନ୍ତି ଭଙ୍ଗ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ରାଜେଶ ଧର ଦୁବେ ଓ ଅନ୍ୟ କେତେଜଣ ଆମଜାଦ୍‌ଙ୍କ ଟ୍ୟାକ୍ସିରେ ଯାଉଥିବାବେଳେ ଦେଶର ରାଜନୈତିକ ଦୃଶ୍ୟପଟକୁ ନେଇ ଚର୍ଚ୍ଚା ହୋଇଥିଲା। ଏହି ସମୟରେ ଆମଜାଦ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଗାଳିଗୁଲଜ କରିଥିଲେ। ଯାତ୍ରୀମାନେ ଏହାର ପ୍ରତିବାଦ କରିବାରୁ ଆମଜାଦ ରାଜେଶଙ୍କୁ ଧକ୍କା ମାରି ବାହାର କରିଦେବା ସହ ତାଙ୍କ ଉପରେ ଟ୍ୟାକ୍ସି ମଡ଼ାଇ ଦେଇଥିଲେ।

## ମିତ୍ରତା ପାଇଁ ଆଗ୍ରହୀ ନୁହନ୍ତି ଦିଲ୍ଲୀ, ମୁମ୍ବାଇ ବାସିନ୍ଦା

**(ପ୍ରସ୍ତୁତି: ଜ୍ୟୋତିର୍ମୟୀ ସେଠୀ)**


**ୱାଶିଂଟନ୍, ୧୩।୬**

ବାହାର ଦେଶ ବା ରାଜ୍ୟକୁ କୌଣସି କାମରେ କିମ୍ବା ଭ୍ରମଣ ଉଦ୍ଦେଶ୍ୟରେ ଗଲେ ସେଠାକାର ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଜରୁରୀ। ନୂଆ ଜାଗା ସମ୍ପର୍କରେ ଜାଣିବା ଲାଗି ସେହି ସ୍ଥାନର ଲୋକ ହିଁ ସାହାଯ୍ୟ କରନ୍ତି। ଏହାଦ୍ୱାରା ସେଠାରେ ରହିବା ସାଙ୍ଗକୁ ସେମାନଙ୍କ ଚାଲିଚଳଣି ବିଷୟରେ ଜାଣିବା ସହଜ ହୁଏ। ବାହାର ଲୋକଙ୍କ ସହ ମିତ୍ରତା ସ୍ଥାପନରେ ବିଶ୍ୱର କେଉଁ ସହର ଆଗ୍ରହୀ ଏବଂ କେଉଁ ସହର ଅବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରୁଛି ସେ ନେଇ ଆମେରିକୀୟ ଇ-ଲର୍ନିଂ କମ୍ପାନୀ ପ୍ରେପଲି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ସର୍ଭେ ମୁତାବକ ଭାରତର କୌଣସି ସହର ମିତ୍ରତା ସ୍ଥାପନ ସୂଚୀରେ ନାହିଁ। ମିତ୍ରତାହୀନ ସମ୍ବନ୍ଧ ସ୍ଥାପନ ତାଲିକାରେ ଦିଲ୍ଲୀ ଓ ମୁମ୍ବାଇ ସାମିଲ ଅଛି। ମୁମ୍ବାଇର ମାତ୍ର ୧୨% ଲୋକ ବନ୍ଧୁତ୍ୱ ଗଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଥିବାବେଳେ ଦିଲ୍ଲୀର ୧୭% ଲୋକ ଏ ନେଇ ଆଗ୍ରହୀ।



ପ୍ରେପଲ୍ ପକ୍ଷରୁ କରାଯାଇଥିବା 'ଦ କମ୍ୟୁନିଟି ସ୍ପିରିଟ ଇନ୍‌ଡେକ୍ସ: ଦ ୱାର୍ଲ୍ଡସ୍ ଫ୍ରେଣ୍ଡଲିଏଷ୍ଟ ସିଟିଜ୍ ଫର୍ ନନ୍ ନେଟିଭ୍'ସର୍ଭେରେ ବିଶ୍ୱବ୍ୟାପୀ ୫୩ ସହର ବାହାର ଲୋକଙ୍କ ସହ ମିତ୍ରତା ସ୍ଥାପନ ପାଇଁ ଆଗ୍ରହୀ। ପର୍ଯ୍ୟଟକଙ୍କ ଫେରିବା ଅନୁପାତ, ସୁରକ୍ଷା ବ୍ୟବସ୍ଥା, ସମଲିଙ୍ଗୀଙ୍କୁ ସମାନତା, ସାଧାରଣ ଭାଷାରେ ବାର୍ତ୍ତାଳାପ ଓ କର୍ମଚାରୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାରକୁ ଭିତ୍ତିକରି ଏହି ସର୍ଭେ କରାଯାଇଛି।

ବାହାର ଲୋକଙ୍କ ସହ ବନ୍ଧୁତା ସ୍ଥାପନ କରିବା ଦିଗରେ କାନାଡାର ଟରଣ୍ଟୋ ଓ ଅଷ୍ଟ୍ରେଲିଆର ସିଡ୍‌ନୀ ଅଧିକ ଆଗ୍ରହୀ। ସର୍ଭେ ରିପୋର୍ଟ ଅନୁସାରେ ମୋଟ ୧୦ରୁ ସେମାନଙ୍କ ସ୍କୋର ୭.୯୭ ରହିଛି। ସେହିପରି ଘାନାର ଆକ୍ରାର ସର୍ବନିମ୍ନ ୩.୧୨ ସ୍କୋର ଥିବାବେଳେ ମରୋକ୍କର ସ୍କୋର ୩.୬୯। ଅନ୍ୟପକ୍ଷେ ବାହାର ଲୋକଙ୍କ ସହ ବନ୍ଧୁତା ସ୍ଥାପନ କରିବାକୁ ଚାହୁଁ ନ ଥିବା ତାଲିକାରେ ମୁମ୍ବାଇ, କୁଏଲାଲମ୍ପୁର, ରିଓ ଡେ ଜେନିରୋ ଏବଂ ଦିଲ୍ଲୀ ରହିଛି। ବିଶ୍ୱରେ ଏପରି କିଛି ସହର ରହିଛି, ଯେଉଁଠାର ଲୋକମାନେ ବାହାର ଲୋକଙ୍କ ସହ ବନ୍ଧୁତା ସ୍ଥାପନ ପାଇଁ ପରାମର୍ଶ ଲୋଡ଼ୁଥିବା ଦେଖିବାକୁ ମିଳିଛି।




# ବର ବାଇକ୍ ମାଗିବାରୁ ବାପଘରକୁ ପଳାଇଗଲେ କନ୍ୟା

ସଞ୍ଜୟ ପାଣିଗ୍ରାହୀ/ସରୋଜ ବଳିଆରସିଂ
ବାଲିଗୁଡ଼ା/କୋଟଗଡ଼,୧୩।୬

ଯୌତୁକ ପ୍ରଥାକୁ ନବବିବାହିତାଙ୍କ ବିରୋଧ ଘଟଣା ଏବେ କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବିବାହ ପରେ ବର ମୋଟରସାଇକେଲ ଯୌତୁକ ମାଗିବାରୁ ସମସ୍ତଙ୍କ ସମ୍ମୁଖରେ ମଙ୍ଗଳସୂତ୍ର ଓ ଶଙ୍ଖା, ଚୁଡ଼ି ଖୋଲିଦେଇ ବାପଘରକୁ ଫେରି ଯାଇଛନ୍ତି ଜଣେ ନବବିବାହିତା କନ୍ୟା।

ତୁମୁଡ଼ିବନ୍ଧ ଥାନା ସାରୁପାଟା ଦୁର୍ଗମ ଇଲାକାର ଝିଅ ଦେବକୀ ଦିଗାଲ ଗତ ୯ ତାରିଖରେ ବାଲିଗୁଡ଼ା ଥାନା ବରିକିଆ ଗ୍ରାମର ଅର୍ଜୁନ ଦିଗାଲଙ୍କୁ ବିବାହ କରିଥିଲେ। ପରଦିନ କନ୍ୟାପକ୍ଷ ଲୋକେ ବରଘରକୁ ଆସିଥିବା ସମୟରେ ଯୌତୁକରେ ଏକ

## ମଙ୍ଗଳସୂତ୍ର, ଶଙ୍ଖାଚୁଡ଼ି ଖୋଲିଦେଲେ ଦେବକୀ

ମୋଟରସାଇକେଲ ଦେବାକୁ ବର ଦାବି କରିଥିଲେ। ଏହି ସମୟରେ ନବବଧୂ ଦେବକୀ ଯୌତୁକକୁ ବିରୋଧ କରିବା ସହ ସଭା ମଧ୍ୟରେ ସମସ୍ତଙ୍କ ସମ୍ମୁଖରେ ମଙ୍ଗଳସୂତ୍ର ସହ ଶଙ୍ଖା ଓ ଚୁଡ଼ି ଖୋଲିଦେଇ ବାପଘରକୁ ଚାଲିଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ବରଘର ଲୋକେ ଯୌତୁକରେ ମୋଟରସାଇକେଲ ମାଗିବା ଘଟଣା ମିଛ ବୋଲି କହିବା ସହ ଆମକୁ ଏବେ ଝିଅ ଦରକାର ବୋଲି କହିଛନ୍ତି।


ଦେବକୀ ଦିଗାଲ

# ପାଚିକା-ସହାୟିକାଙ୍କୁ ମିଳିଲା ଶାଢ଼ି ଭତ୍ତା ୫୦୦ ଟଙ୍କା

## ୧୧୭.୭୩ କୋଟିର ଆର୍ଥିକ ସହାୟତା, ଶାଢ଼ି ପାଇଁ ୫.୪୫ କୋଟି ଟଙ୍କାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

■ ଉପକୃତ ହେଲେ ୧ ଲକ୍ଷ ୯ ହଜାର ପାଚିକା, ସହାୟିକା
■ ମା' ପରି ଦାୟିତ୍ୱ ନେଉଛନ୍ତି ପାଚିକା, ସହାୟିକା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୬(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲୋକସେବା ଭବନରେ ରାଜ୍ୟର ସ୍କୁଲଗୁଡ଼ିକରେ ନିୟୋଜିତ ଥିବା ପାଚିକା-ସହାୟିକାମାନଙ୍କ ପାଇଁ ୧୧୭.୭୩ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରିଥିବା ବେଳେ ଶାଢ଼ି ପାଇଁ ଭତ୍ତା ମଧ୍ୟ ପ୍ରଦାନ କରିଛନ୍ତି। ପ୍ରତ୍ୟେକ ପାଚିକା ଓ ସହାୟିକାଙ୍କୁ ଶାଢ଼ି ପାଇଁ ୫୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଇଛି। ରାଜ୍ୟର ୧ ଲକ୍ଷ ୯ ହଜାର ପାଚିକାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫.୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପିଲାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ତଥା ପୁଷ୍ଟି ନିରାପତ୍ତା ପାଇଁ ମଧ୍ୟାହ୍ନଭୋଜନର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ପାଚିକା ଓ ସହାୟିକାମାନେ ଏହି ଗୁରୁଦାୟିତ୍ୱ ବହନ କରୁଛନ୍ତି। ୫୦ ହଜାରରୁ ଅଧିକ ସ୍କୁଲରେ ୪୫ ଲକ୍ଷରୁ ଅଧିକ ପିଲା ପଢୁଛନ୍ତି। ସେମାନେ ମା' ପରି ଏସବୁ ପିଲାମାନଙ୍କର ଖାଇବା ଦାୟିତ୍ୱ ନେଇଛନ୍ତି। ତେଣୁ ସାରା ସମାଜ ଆପଣମାନଙ୍କ ନିକଟରେ ଋଣୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୪୭୩୦ ମିଶନ ଶକ୍ତି ଗୋଷ୍ଠୀ ଜରିଆରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚାଲିଛି। ଅନ୍ୟାନ୍ୟ ସବୁ ଦାୟିତ୍ୱ ପରି ଏହି ଦାୟିତ୍ୱ ମଧ୍ୟ ଭଲ ଭାବରେ ପାଳନ କରୁଛନ୍ତି। ମିଶନ ଶକ୍ତିର ସୁନାମ ଦିନକୁ ଦିନ ବଢ଼ିଚାଲିଛି। ମିଶନ ଶକ୍ତି ଜରିଆରେ ମା'ମାନଙ୍କ ସଶକ୍ତୀକରଣ ପାଇଁ ଉଦ୍ୟମ ଜାରି ରହିବ। ପାଚିକା ଓ ସହାୟିକାମାନଙ୍କୁ ଖାଦ୍ୟ ଓ ସ୍ୱଚ୍ଛତା ସମ୍ପର୍କରେ ତାଲିମ ଦିଆଯାଇଛି। ସେମାନେ ମଧ୍ୟାହ୍ନଭୋଜନରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ବଜାୟ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ରାଜ୍ୟରେ ଚାଲିଥିବା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲଗୁଡ଼ିକରେ ଉପସ୍ଥାନ ଓ ପୁଷ୍ଟିହୀନତା ଦୂର କରିବାରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥି ଏସ୍. ସ୍ୱାଗତ ଭାଷଣ ଦେଇଥିବା ବେଳେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମର ନୋଡାଲ ଅଫିସର ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଏଥିଯୋଗୁ ରାଜ୍ୟରେ ଥିବା ୫୦,୮୬୨ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୫.୫୦ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ୪୭୩୦ ମିଶନ ଶକ୍ତି ଗୋଷ୍ଠୀର ୧.୦୯ ଲକ୍ଷ ପାଚିକା ଓ ସହାୟିକାମାନେ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ସାମିଲ ଅଛନ୍ତି।

ପୂର୍ବରୁ ୨୦୧୭-୧୮ରେ ସେମାନଙ୍କ ପାଇଁ ଶାଢ଼ି ଭତ୍ତା ବାବଦରେ ଜଣ ପିଛା ୨୫୦ ଟଙ୍କା ମଞ୍ଜୁର କରାଯାଇଥିଲା।









**ଆଜିର ମନ୍ତବ୍ୟ**

"ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତକୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଅଦ୍ୟାବଧି ସ୍ଥାୟୀ ସଦସ୍ୟତା ନ ମିଳିବା ଏହି ବୈଶ୍ୱିକ ସଂଗଠନର ନୈତିକ ବୈଧତାକୁ ନ୍ୟୁନ କରିଦେଇଛି। ୟୁଏନ୍ଏସ୍‌ସିକୁ ଅଧିକ ଗଣତାନ୍ତ୍ରିକ ଓ ପ୍ରତିନିଧିଭିତ୍ତିକ କରିବା ସମୟ ଉପନୀତ।

– ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହନ୍ତି ଯେଡ଼େ
ନୁହନ୍ତି ତେଡ଼େ।**

ଫମ୍ପା ଆଶ୍ୱାସନା କାହାରି ଦୁଃଖ ଲାଘବ କରି ନ ଥାଏ। କେତେଜଣ ବ୍ୟକ୍ତି ଡୁମ୍ଫି ତୋଫାନ କରି କଥା କହିଥାନ୍ତି। ପରନ୍ତୁ ତାଙ୍କ କଥା କହିବା ଓ କରିବା ଭିତରେ ଅନେକ ଫରକ ରହିଥାଏ। ଏପରି ବ୍ୟକ୍ତିଙ୍କ କଥାକୁ ସେତେଟା ଗୁରୁତ୍ୱ ଦେବା ଅନୁଚିତ ହୋଇଥିବା ସ୍ଥଳେ କଥା ସହିତ କାମ ଖାପ ନ ଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କହିବି ନାହିଁ
କହିଲେ ଏ ଘରେ ରହିବି ନାହିଁ
ତାଟି କିଳା ମାଡ଼ ସହିବି ନାହିଁ
ଖଣ୍ଡିଆ ପଥୁରି ଧୋଇବି ନାହିଁ।**

ସତ କହିଲେ ସମସ୍ତଙ୍କୁ ବାଧେ। ଅପ୍ରିୟ ସତ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ଗୁରୁଜନ, ମୁରବୀଙ୍କୁ ଘରର ଭୁଲ୍‌ଭଟକା କଥା କହିଲେ ସେମାନେ ଅନେକାଂଶରେ ପ୍ରତିକ୍ରିୟାଶୀଳ ହୋଇଉଠନ୍ତି। ସହଜରେ ସେସବୁକୁ ଗ୍ରହଣ କରି ନ ପାରି ଛିଁଛାକର କରି କଥା କହନ୍ତି ତଥା ଓଲଟା ଦୋଷାରୋପ କରିବାକୁ ପଛାଇ ନ ଥାନ୍ତି। ଏପରିସ୍ଥଳେ ସେଠାରେ ବାସ କରିବା କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦେଶରେ ପ୍ରଭଞ୍ଜନ ଓ ବୋରା, ରାଜ୍ୟରେ ସ୍ୱୟଂଶକ୍ତି ଶ୍ରେଷ୍ଠ

**ଭୁବନେଶ୍ୱର, ୧୩।୬ (ଅନୁରାଧା ମହାରଣା)**

**ପ୍ରକାଶ ପାଇଲା ନିଟ୍ ପରୀକ୍ଷାଫଳ**

**ଶ୍ରେଷ୍ଠ ୨୦ ମହିଳା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଓଡ଼ିଶାର ଅଭିପ୍ସା**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ନିଟ୍)-୨୦୨୩ ୟୁଜିର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ପ୍ରକାଶିତ ଫଳ ଅନୁସାରେ ତାମିଲନାଡୁର ପ୍ରଭଞ୍ଜନ ଜେ. ଏବଂ ଆନ୍ଧ୍ରପ୍ରଦେଶର ବୋରା ବରୁଣ ଚକ୍ରବର୍ତ୍ତୀ ୭୨୦ ନମ୍ବର ଲେଖାଏ ରଖି ସର୍ବଭାରତୀୟ ସ୍ତରରେ ଯୁଗ୍ମ ଭାବେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବାବେଳେ ଓଡ଼ିଶାର ସ୍ୱୟଂଶକ୍ତି ତ୍ରିପାଠୀ ର୍‍ୟାଙ୍କ-୮ ସହ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି।

ଚଳିତ ଥର ୨୦,୮୭, ୪୬୨ ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୨୦, ୩୮, ୫୯୬ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧, ୪୫,୯୭୬ ଜଣଙ୍କୁ ର୍‍ୟାଙ୍କ ମିଳିଛି। ଦେଶ ବାହାରର ୧୪ଟି ସହର ସମେତ ମୋଟ ୪୯୯ଟି ସହରର ୪୦୯୭ଟି ସେଣ୍ଟରରେ ଏହି ପରୀକ୍ଷା ହୋଇଥିଲା। ନିଟ୍‌ରେ ଚଳିତ ବର୍ଷ ୫୬.୨୧ ପ୍ରତିଶତ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ନିଟ ୟୁଜିର କଟ୍ ଅଫ୍ ମାର୍କ ଚଳିତଥର ୭୨୦-୧୩୭ ପର୍ଯ୍ୟନ୍ତ ପହଞ୍ଚିଛି। ଉତ୍ତରପ୍ରଦେଶରୁ ସର୍ବାଧିକ ୧.୩୯ ଲକ୍ଷ, ମହାରାଷ୍ଟ୍ରରୁ ୧.୩୧ ଲକ୍ଷ ଓ ରାଜସ୍ଥାନରୁ ୧ ଲକ୍ଷରୁ ଅଧିକ ପିଲା ନିଟ୍-ୟୁଜି କ୍ୱାଲିଫାଏ କରିଛନ୍ତି। ଚଳିତବର୍ଷ ଓଡ଼ିଶାରୁ ୫୭୯୭ ଜଣ ପଞ୍ଜୀକରଣ କରିଥିବାବେଳେ ୫୭୧୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧୪୦ ଜଣ ର୍‍ୟାଙ୍କ ପାଇଛନ୍ତି। ୧୩ଟି ଭାଷାରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଓଡ଼ିଆରେ ୯୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।




ସ୍ୱୟଂଶକ୍ତି ତ୍ରିପାଠୀ

ଶ୍ରେଷ୍ଠ ୫୦ ଜଣଙ୍କ ମଧ୍ୟରେ ଓଡ଼ିଶାର ସୂର୍ଯ୍ୟପ୍ରତାପ ମିଶ୍ର ୩୫ତମ ସ୍ଥାନରେ ରହିଛନ୍ତି। ସେହିପରି ଶ୍ରେଷ୍ଠ ୨୦ ଜଣ ମହିଳା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଓଡ଼ିଶାର ଅଭିପ୍ସା ଚୌଧୁରୀ ରହିଛନ୍ତି। ସେ ର୍‍ୟାଙ୍କ ୬୩ ପାଇଥିବାବେଳେ ୭୧୦ ମାର୍କ ରଖିପାରିଛନ୍ତି। ସ୍ୱୟଂଶକ୍ତି ଏବଂ ସୂର୍ଯ୍ୟ ପ୍ରତାପ ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲର ଛାତ୍ର ବୋଲି ସୂଚନା ମିଳିଛି।

# ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

**ପୁରୁଷୋତ୍ତମପୁର, ୧୩।୬ (ସୀମାଞ୍ଚଳ ମିଶ୍ର)**



ଦୂତିକୃଷ୍ଣ ମିଶ୍ର

ପୁରୁଷୋତ୍ତମପୁରର 'ଧରିତ୍ରୀ' ଖବରଦାତା ସୀମାଞ୍ଚଳ ମିଶ୍ରଙ୍କ ପିତା ତଥା ଅବସରପ୍ରାପ୍ତ ଶିକ୍ଷକ ଦୂତିକୃଷ୍ଣ ମିଶ୍ରଙ୍କ ମଙ୍ଗଳବାର ସକାଳେ ରଥସାହି ସୁନାରିତୋଟାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ସନ୍ତୋଷ, ସାନପୁଅ ସୀମାଞ୍ଚଳ ଉପସ୍ଥିତ ଥିଲେ। ଖବର ପାଇ ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ, ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନସିଲର ଅଶୋକ ମହାକୁଡ, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ଓକିଲ ସଂଘ ସଭାପତି ଉପେନ୍ଦ୍ର ପଣ୍ଡା, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ଗୌଡ, ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ଭାଜପା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଅରୁଣ କୁମାର ପଣ୍ଡା, ପୁରୁଷୋତ୍ତମପୁର ପ୍ରେସ୍ କ୍ଲବର ସମସ୍ତ ସଭ୍ୟ ଏବଂ ଓକିଲ ସଂଘର ବହୁ ସଭ୍ୟ ଶେଷ ଦର୍ଶନ କରିଥିଲେ। ଋଷିକୁଲ୍ୟା ନଦୀ ଘାଟରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ୧୬ରୁ ବନ୍ଦ ରହିବ ଶିମିଳିପାଳ

**ବାରିପଦା ଅଫିସ, ୧୩।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ପର୍ଯ୍ୟଟକ ଓ ପରିଦର୍ଶକଙ୍କ ନିମନ୍ତେ ଆସନ୍ତା ୧୬ରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ବନ୍ଦ ରହିବ। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ଆରସିସିଏଫ୍) ପ୍ରକାଶ ଚାନ୍ଦ ଗୋଗନେନିଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୭୨/୧୩।୬।୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଅଭୟାରଣ୍ୟ ଭିତରେ ଥିବା ଜାମୁଆଣି, ଗୁଡଗଡ଼ିଆ, କୁମାରୀ ଏବଂ ରାମତୀର୍ଥ ଇକୋ ଟୁରିଜିମ୍‌ଗୁଡ଼ିକ ପରିଦର୍ଶକମାନଙ୍କ ପାଇଁ ଖୋଲା ରହିବ ବୋଲି ସେ ଜଣାଇଛନ୍ତି। ପ୍ରତିବର୍ଷ ବର୍ଷା ଋତୁ ସମୟରେ ଜୁନ ୧୬ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଶିମିଳିପାଳ ବନ୍ଦ କରାଯାଇଥାଏ। ମାତ୍ର ଚଳିତବର୍ଷ ପର୍ଯ୍ୟଟକଙ୍କ ନିମନ୍ତେ ମାତ୍ର ୩ ମାସ ବନ୍ଦ କରାଯାଇଛି। ପୂଜା ପାର୍ବଣ ସମୟରେ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ବୁଲିବାର ସୁବିଧା ସୁଯୋଗ ଯୋଗାଇଦେବା ନିମନ୍ତେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆରସିସିଏଫ୍ ଗୋଗନେନି କହିଛନ୍ତି। ଅଭୟାରଣ୍ୟକୁ ପ୍ରବେଶ କରୁଥିବା ଉଭୟ ପିଠାବଟା ଓ କାଳିଆମୀ ଫାଟକ ବନ୍ଦ ରହିବ। ଏହା ସହିତ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କ ନିମନ୍ତେ ରାତ୍ରିଯାପନ ଓ ସାମୟିକ ରହଣି ନିମନ୍ତେ ଅନ୍‌ଲାଇନ ବୁକିଂ ସୁବିଧା ମଧ୍ୟ ବନ୍ଦ ରହିବ। ବର୍ଷା ଋତୁରେ ଅଭୟାରଣ୍ୟରେ ଥିବା ରାସ୍ତାଘାଟ ଧୋଇଯାଇ ବିପଦସଙ୍କୁଳ ଅବସ୍ଥା ସୃଷ୍ଟି ହେଉଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଏହାକୁ ବନ୍ଦ କରାଯାଇଥାଏ। ବର୍ଷା ଦିନ ପରେ ଉକ୍ତ ରାସ୍ତାଗୁଡ଼ିକ ମରାମତି କରାଯାଇ ଯାନବାହନ ଚଳପ୍ରଚଳ ପାଇଁ ଅନୁମତି ଦିଆଯାଇଥାଏ।

# ଆଜିଠୁ ୨ ଦିନ ସବୁ ଟାଟା ପାୱାର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବ ଭାଜପା

**ଭୁବନେଶ୍ୱର, ୧୩।୬ (ଅନିଲ ଦାସ)**

ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାରର ଅରାଜକତା ସମସ୍ତ ସୀମା ଉଲ୍ଲଂଘନ କରିଛି। ସରକାରଙ୍କ ନିୟନ୍ତ୍ରଣ ବାହାରେ ଟାଟା ପାୱାର ଅଛି ଏବଂ ସାଧାରଣ ଉପଭୋକ୍ତା ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସାମାନ୍ୟ ବର୍ଷା, ପବନ, ଧୂଳିଝଡ଼ରେ ଯେଉଁଭଳି ମନଇଚ୍ଛା ବିଦ୍ୟୁତ୍ କାଟ କରାଯାଉଛି, ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସାଧାରଣ ଉପଭୋକ୍ତା, ବୁଦ୍ଧିଜୀବୀ, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ରାଜନୈତିକ ଦଳଗୁଡ଼ିକ ବିଜୁଳି କାଟ୍ ପ୍ରତିବାଦରେ ସ୍ୱର ଉତ୍ତୋଳନ କଲେ ସୁଦ୍ଧା ଉଭୟ ଟାଟା ପାୱାର ଏବଂ ରାଜ୍ୟ ସରକାର ଜବାବ ଦେଉନାହାନ୍ତି। କେବଳ ମାତ୍ର ବିଜୁଳି ବିତରଣ ପାଇଁ ଅନୁବନ୍ଧିତ ହୋଇଥିବା ଗୋଟିଏ ଘରୋଇ କମ୍ପାନୀ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅହେତୁକ ଅନୁକମ୍ପା ସବୁଠୁ ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି। ଶକ୍ତି ବିଭାଗର ବିଫଳତା ଏବଂ ରାଜ୍ୟ ସରକାରଙ୍କ ଟାଟା ପାୱାର କମ୍ପାନୀ ପ୍ରୀତି ପ୍ରତିବାଦରେ ଭାଜପା ପକ୍ଷରୁ ବୁଧବାର ଏବଂ ଗୁରୁବାର ସାରା ରାଜ୍ୟରେ ଥିବା ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ ଆହୁରି କହିଛନ୍ତି, ରାଜ୍ୟରେ ଅଘୋଷିତ ବିଜୁଳି କାଟ୍ କ'ଣ ପାଇଁ ଚାଲିଛି। ରାଜ୍ୟବାସୀଙ୍କୁ ନିରବିଚ୍ଛିନ୍ନ ଭାବେ ବିଜୁଳି ସେବା ଯୋଗାଇଦେବାର ଦାୟିତ୍ୱ ନେଇଥିବା ଟାଟା ପାୱାର ସମସ୍ତ ଚୁକ୍ତି ଓ ନିୟମକୁ ଖିଲାପ କରୁଛି। ରାଜ୍ୟବାସୀ କେତେ ଘଣ୍ଟା ବିଜୁଳି କାଟ୍‌ର କଷ୍ଟ ସହିବେ, ତାହା ଶ୍ୱେତପତ୍ର ଜରିଆରେ ରାଜ୍ୟ ସରକାର ସ୍ପଷ୍ଟ କରିବା ସହ ଶକ୍ତିମନ୍ତ୍ରୀଙ୍କ ଅବହେଳା ଓ ଟାଟା ପାୱାର କମ୍ପାନୀ ବିରୋଧରେ ମୁଖ୍ୟମନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ହରିଚନ୍ଦନ ଦାବି କରିଛନ୍ତି।

# ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଗୁଳିମାଡ଼

**କେନ୍ଦୁଝର, ୧୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)**

**ଅଭିଯୁକ୍ତ ଗିରଫ**

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ସିଙ୍ଗିବିଲା ଗ୍ରାମରେ ସୋମବାର ରାତିରେ ପ୍ରେମ ବ୍ୟାପାରକୁ ନେଇ ଗୁଳିକାଣ୍ଡ ଘଟିଛି। ସାଙ୍ଗଙ୍କ ଗୁଳିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଆହତ ଯୁବକ ଜଣକ ହେଲେ ପୂର୍ଣ୍ଣଚନ୍ଦ୍ର ଦାସ। ତାଙ୍କ ମୁଣ୍ଡରେ ଗୁଳି ବାଜିଛି। ଅଭିଯୁକ୍ତ ବିନୋଦ ପାତ୍ରଙ୍କୁ ପୋଲିସ ଗିରଫ କରିବା ସହ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ଓ ବିନୋଦ ଦୁଇ ସାଙ୍ଗ। ସେମାନେ ବେଙ୍ଗାଲୁରୁରେ କାମ କରୁଥିବା ବେଳେ ରଜ ଛୁଟିରେ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବିନୋଦ ଉତ୍‌କ୍ଷିପ୍ତ ହୋଇ ପୂର୍ଣ୍ଣଚନ୍ଦ୍ରଙ୍କ ଉପରକୁ ଗୁଳି ଚଳାଇଥିଲେ। ତେବେ ଏହି ବନ୍ଧୁକ କାହାର ଓ କେଉଁଠୁ ଆସିଲା ପୋଲିସ ତାହାର ତଦନ୍ତ କରୁଛି।

କେନ୍ଦୁଝର ଏସ୍‌ପି ନୀତୀନ କୁଶଲକର ତାଗଡୁ କହିଛନ୍ତି ଯେ, ପ୍ରେମ ବ୍ୟାପାରକୁ ନେଇ ଗୁଳିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବିନୋଦ କିଛି ଦିନ ତଳେ ଜଣେ ଯୁବତୀଙ୍କୁ ଭଲପାଇ ବେଙ୍ଗାଲୁରୁ ନେଇ ଯାଇଥିଲେ। ସେଠାରେ କିଛି ଦିନ ରହିବା ପରେ କୌଣସି କାରଣରୁ ଯୁବତୀ ଜଣକ କୌଶଳକ୍ରମେ ଟ୍ରେନରେ ପଳାଇ ଆସିଥିଲେ। ତେବେ ଉକ୍ତ ଯୁବତୀଙ୍କୁ ପୂର୍ଣ୍ଣଚନ୍ଦ୍ର ଶିଖାଇ ସେଠାରୁ ଘରକୁ ପଠାଇ ଦେଇଥିଲେ ବୋଲି ବିନୋଦ ସନ୍ଦେହ କରୁଥିଲେ। ସୋମବାର ରାତିରେ ବିନୋଦ ମଦ ପିଇବାକୁ କହି ପୂର୍ଣ୍ଣଚନ୍ଦ୍ରଙ୍କୁ ଡାକିଥିଲେ। ପୂର୍ଣ୍ଣଚନ୍ଦ୍ର ଆସିବା ପରେ ବିନୋଦ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ପୂର୍ଣ୍ଣଚନ୍ଦ୍ରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ଗ୍ୟାସ୍ ଦରବୃଦ୍ଧି ନେଇ ଆଜି ରାଜଭବନ ଆଗରେ ଧାରଣା ଦେବ ବିଜେଡି

**ଭୁବନେଶ୍ୱର, ୧୩।୬ (ଅନିଲ ଦାସ)**

ରନ୍ଧନ ଗ୍ୟାସ୍ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଯେଉଁଭଳି ଅହେତୁକ ଦରବୃଦ୍ଧି ଘଟୁଛି ଏବଂ ଏହାକୁ ହ୍ରାସ ପାଇଁ ବାରମ୍ବାର ଦାବି କରାଗଲେ ସୁଦ୍ଧା କେନ୍ଦ୍ର ସରକାର ନୀରବ ରହୁଛନ୍ତି। ତାହାର ପ୍ରତିବାଦରେ ବୁଧବାର ପୂର୍ବାହ୍ନ ୧୦ ଘଟିକା ସମୟରେ ରାଜଭବନ ସମ୍ମୁଖରେ ବିଜେଡି ପକ୍ଷରୁ ଧାରଣା ଦିଆଯିବ ବୋଲି ଦଳର ମୁଖପାତ୍ର ଶ୍ରୀମୟୀ ମିଶ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ଯୋଗୁ କେନ୍ଦ୍ର ସରକାରଙ୍କ ଉଜ୍ୱଳା ବର୍ତ୍ତମାନ ଅନ୍ଧାର ଯୋଜନାରେ ପରିଣତ ହୋଇଛି। ୨୦୧୪ରେ ଯେଉଁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ଦର ୪୧୦ ଟଙ୍କା ଥିଲା ତାହା ଏବେ ୧୧୩୦ ଟଙ୍କାରେ ପହଞ୍ଚିଛି। ୯ ବର୍ଷରେ ଗ୍ୟାସ୍ ଦର ୩ ଗୁଣା ବଢ଼ିଗଲାଣି। ଫଳରେ ଓଡ଼ିଶାର ଅନେକ ପରିବାର ଏବେ ସେମାନଙ୍କର ଉଜ୍ୱଳା ସିଲିଣ୍ଡର ଫେରାଇବାରେ ଲାଗିଛନ୍ତି। ବିଜେଡି ତୁରନ୍ତ ଏଲ୍‌ପିଜି ଗ୍ୟାସ୍ ଦର ହ୍ରାସ ପାଇଁ ଦାବିକରି ଆସୁଛି। ହେଲେ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଭଳି ଦରବୃଦ୍ଧି ତୁରନ୍ତ ପ୍ରତ୍ୟାହାର ଦାବିରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଶ୍ରୀମୟୀ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଟାଟା ଷ୍ଟିଲ୍ ପ୍ଲାଣ୍ଟରେ...

ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏହାପରେ ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଓଡ଼ାପଡ଼ା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ପ୍ଲାଣ୍ଟ ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ କର୍ପୋରେଟ ସର୍ଭିସେସ୍ ମୋହିତ ଦାସ କୁହନ୍ତି, ଷ୍ଟିମ୍ ପାଇପ୍ ମରାମତି ବେଳେ ହଠାତ୍ ଲିକେଜ୍ ହୋଇ ଏଭଳି ଘଟଣା ଘଟିଛି। ଆହତଙ୍କୁ ତୁରନ୍ତ କଟକ ଅଶ୍ୱିନୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ ସହ କଥାବର୍ତ୍ତା କରାଯାଇଛି। କମ୍ପାନୀର ବୈଷୟିକ ଟିମ୍, ଫାକ୍ଟ୍ରି ଆଣ୍ଡ୍ ବଏଲର୍ସ ବିଭାଗ ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି। ତଦନ୍ତ ପରେ ଦୁର୍ଘଟଣାର କାରଣ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ। ଜିଲାପାଳ ସେଠୀ କୁହନ୍ତି, ଷ୍ଟିମ୍ ଲିକେଜ୍ ଯୋଗୁ ଏହି ଘଟଣା ଘଟିଛି। ୧୮ଜଣଙ୍କ ମଧ୍ୟରୁ ୧୭ଜଣ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଜଣେ ଆତଙ୍କିତ ହୋଇ ତଳେ ପଡ଼ିଯାଇ ଆହତ ହୋଇଛନ୍ତି। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯତ୍ନବାନ ହେବାକୁ କୁହାଯାଇଛି। ଏସ୍‌ପି ମହାପାତ୍ର କୁହନ୍ତି, ପ୍ରାୟ ୩ ମହଲା ଉଚ୍ଚତାରେ ଏହି ଦୁର୍ଘଟଣା ଘଟିଛି। ଘଟଣା ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥିବା ପ୍ରମାଣିତ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କଟକ ଜିଲାପାଳ ଭବାନୀ ଶଙ୍କର ଚୟନି ମଧ୍ୟ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ସେ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି।



କମ୍ପାନୀ ପରିସରରେ ଜିଲାପାଳ, ଏସ୍‌ପି, କମ୍ପାନୀର ପଦସ୍ଥ ଅଧିକାରୀଙ୍କ ତଦନ୍ତ।

### ମନେପଡ଼ିଲା ଭୂଷଣ ଟ୍ରାଜେଡି

ଭୂଷଣ ପରିଚାଳନାରେ ଥିବାବେଳେ ଦୁର୍ଘଟଣାକୁ ନେଇ ଅପଯଶ ମୁଣ୍ଡାଇଥିଲା କମ୍ପାନୀ। ଟାଟା କମ୍ପାନୀ ଏହାର ପରିଚାଳନା ଦାୟିତ୍ୱ ନେବା ପରେ ପ୍ରଥମ ଥର ଏତେବଡ଼ ଦୁର୍ଘଟଣା ଘଟିଛି। ଫଳରେ ଗତ ଦିନର ଟ୍ରାଜେଡି ପୁଣିଥରେ ମନେପଡ଼ିଛି। ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ, ଭୂଷଣ ପରିଚାଳନାରେ ଥିବାବେଳେ ୨୦୧୩ରେ କମ୍ପାନୀରେ ଦୁର୍ଘଟଣା ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହିକ୍ରମରେ ୨୦୧୨ରେ ୫, ୨୦୧୧ରେ ୯, ୨୦୧୦ରେ ୯, ୨୦୦୯ରେ ୧୫, ୨୦୦୮ରେ ୧୧, ୨୦୦୭ରେ ୫ ଜୀବନ ଯାଇଥିଲା। ଟାଟା ହାତକୁ କମ୍ପାନୀ ଆସିବା ପରେ କାରଖାନାର ବିପଜ୍ଜନକ ସ୍ଥାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କୁହାଯାଉଛି। ହେଲେ ମଙ୍ଗଳବାର ଦୁର୍ଘଟଣା ଏକାଧିକ ପ୍ରଶ୍ନ ଛିଡ଼ା କରାଇଛି। କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ଏହା ବୈଷୟିକଜନିତ ନା ମନୁଷ୍ୟକୃତ, ଯଦି ବୈଷୟିକ ତେବେ ପୂର୍ବରୁ ରୁଟିନ୍ ଯାଞ୍ଚ କରାଯାଇଥିଲା କି ନାହିଁ ଏସବୁର ନିରପେକ୍ଷ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଅଘଟଣକୁ ନେଇ ଶ୍ରମିକଙ୍କ ସମ୍ପର୍କୀୟ ମୁହଁ ଖୋଲିଛନ୍ତି। କାରଖାନାରେ ପରିଚାଳନାଗତ ତ୍ରୁଟି ପାଇଁ ଏଭଳି ଦୁଃଖଦ ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ମେ'ରେ ଟାଟା ହାତକୁ ଯିବା ପରେ ଏହାର ନାମ ଟାଟା ଷ୍ଟିଲ୍ ବିଏସ୍‌ଏଲ୍ ହୋଇଥିଲା। ପରବର୍ତ୍ତୀ ସମୟରେ ୨୦୨୧ରେ ଏହାର ନାମକୁ ପୁଣି ପରିବର୍ତ୍ତନ କରାଯାଇ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ରଖାଯାଇଥିଲା।

### କମ୍ପାନୀ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ

ଟାଟା ଷ୍ଟିଲ୍ ମେରାମଣ୍ଡଳୀରେ ହୋଇଥିବା ଦୁର୍ଘଟଣାକୁ ନେଇ କମ୍ପାନୀ ଦୁଃଖ ପ୍ରକାଶ କରିଛି। ଅଘଟଣ ପରେ ପ୍ରଭାବିତଙ୍କୁ କାରଖାନା ପରିସରରେ ଥିବା ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କମ୍ପାନୀ ଆମ୍ବୁଲାନ୍ସରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ସହ ଡାକ୍ତର, ପାରା ମେଡିକାଲ ଷ୍ଟାଫ୍ ଯାଇଥିଲେ। ଦୁର୍ଘଟଣା ପରେ ପ୍ରଭାବିତ ଅଞ୍ଚଳକୁ ଆବଦ୍ଧ କରାଯାଇଥିଲା। ଏ ସମ୍ପର୍କରେ ଶ୍ରମିକଙ୍କ ପରିବାରକୁ ସୂଚନା ଦିଆଯାଇଛି। ସହାୟତା ପ୍ରଦାନକୁ କମ୍ପାନୀ ସୁନିଶ୍ଚିତ କରିଛି। ସ୍ଥାନୀୟ ସରକାରୀ ଅଧିକାରୀଙ୍କ ସହ ମିଶି ମିଳିତ ଭାବେ କାର୍ଯ୍ୟ କରାଯାଉଛି। ଦୁର୍ଘଟଣାର କାରଣ ଜାଣିବା ଲାଗି ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଛି। କମ୍ପାନୀରେ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବଦା ପ୍ରାଥମିକତା ଦେଇ ଆସିଛି। ଏହି ଘଟଣା ଆମକୁ ଶିକ୍ଷା ଦେଇଛି ବୋଲି କମ୍ପାନୀର ମୁଖ୍ୟ କର୍ପୋରେଟ ସର୍ଭିସେସ୍ ମୋହିତ ଦାସ କହିଛନ୍ତି।

### ତଥ୍ୟକୁ ନେଇ ଦ୍ୱନ୍ଦ୍ୱ

୨୦୧୩ରେ ଭୂଷଣ କମ୍ପାନୀରେ ଘଟିଥିବା ଦୁର୍ଘଟଣାର ଠିକ୍ ତଥ୍ୟ ସାର୍ବଜନୀନ କରାଯାଇ ନ ଥିଲା। ସେତେବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ମଙ୍ଗଳବାର ଦୁର୍ଘଟଣା ପରେ ଟାଟା ଷ୍ଟିଲ୍ କମ୍ପାନୀ କର୍ତ୍ତୃପକ୍ଷ ସୁରକ୍ଷାଜନିତ କାରଣ ଦର୍ଶାଇ ପ୍ଲାଣ୍ଟ ଭିତରକୁ କାହାରିକୁ ଛାଡ଼ି ନ ଥିଲେ। ତେଣୁ ଏହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। କମ୍ପାନୀ ପକ୍ଷରୁ ଦିଆଯାଇଥିବା ଆହତଙ୍କ ସଂଖ୍ୟାକୁ ସେମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଯଦି ୧୮ଜଣ ଆହତ ହୋଇଛନ୍ତି, ତେବେ ପ୍ଲାଣ୍ଟ ଭିତରକୁ ଗଣମାଧ୍ୟମ ପ୍ରତିନିଧି, ଜନପ୍ରତିନିଧିଙ୍କୁ ଛାଡ଼ିବାରେ ସମସ୍ୟା କେଉଁଠି ଥିଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପୂର୍ବ ସମସ୍ୟାର ସମାଧାନ, ଆର୍ଥିକ ଉନ୍ନତି, ପାରିବାରିକ ସୌଖ୍ୟ ଲାଭ ଯୋଗ ରହିଛି। ସମ୍ପର୍କୀୟ ଜଣେ ବନ୍ଧୁ ଘରୋଇ ସମସ୍ୟା ସମାଧାନରେ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ। ଧାତୁ, ଅଳଙ୍କାର କିମ୍ବା ମୂଲ୍ୟବାନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** – ପ୍ରତ୍ୟେକ ପ୍ରକାରର ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ଶତ୍ରୁତା ମନୋଭାବ ପୋଷଣ କରି କର୍ମକ୍ଷେତ୍ରରେ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ସଭା ସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରେ ଆସିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ମିଥୁନ** – ଆଜି କାର୍ଯ୍ୟ ହାସଲ କାରଣରୁ ଖୁସି ଅନୁଭବ କରିବେ। ଅନ୍ୟମାନଙ୍କୁ ସାହାଯ୍ୟ କରିବେ ପ୍ରତିଦାନରେ ସମାଲୋଚନା ବ୍ୟତୀତ କିଛି ପାଇ ପାରିବେ ନାହିଁ। ପାରିବାରିକ ସମସ୍ୟା ବିଷୟରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ।

**କର୍କଟ** – ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ପ୍ରତିଯୋଗିତା କ୍ଷେତ୍ରରେ ବିଜୟୀ ହେବେ ଓ କଚେରି ମାମଲା ସପକ୍ଷରେ ଯିବ। ସଭାସମିତିରେ ଆପଣଙ୍କ ଯୁକ୍ତିକୁ ଅନ୍ୟମାନେ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅର୍ଥ ସମ୍ପର୍କ ଓ ପ୍ରଶାସନିକ ସ୍ତରରେ ସଫଳତା ଅର୍ଜନ କରିବେ।

**ସିଂହ** – ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ପ୍ରଥମାବସ୍ଥାରେ ବ୍ୟସ୍ତତା ଅନୁଭବ କରିବେ କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ସାଙ୍ଗଠନିକ କାର୍ଯ୍ୟ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। କର୍ମକ୍ଷେତ୍ରର ଅବସର ସମୟ ମଧ୍ୟରେ ଆଳାପ ଆଲୋଚନାରେ ସମୟ କଟାଇବେ।

**କନ୍ୟା** – ପୂର୍ବ ନିର୍ଦ୍ଧାରିତ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇବେ। ବନ୍ଧୁଙ୍କ କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପ୍ରତିରୋଧ ବୃଦ୍ଧି ପାଇବା ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଶତ୍ରୁମାନେ ପିଛା କରୁଥିବାରୁ କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**ତୁଳା** – ଆଜି ନିଜର ଦକ୍ଷତା କାରଣରୁ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଲକ୍ଷ୍ୟ କରି ମନର ଭାବ ପ୍ରକାଶ କରିବାରେ ପଛେଇଯିବେ। ସାମାଜିକ ସ୍ତରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** – ଆଜି ଚିନ୍ତା କରିଥିବା କଥା ହାସଲ ନ ହେବା ପର୍ଯ୍ୟନ୍ତ ଅନ୍ୟ କାହା ସମ୍ମୁଖରେ ପ୍ରକାଶ କରିବା ଠିକ୍ ହେବ ନାହିଁ। ବନ୍ଧୁଟି ପ୍ରତି ସୁସମ୍ପର୍କ ରଖନ୍ତୁ, ଯେ କି ଆପଣଙ୍କ ପ୍ରତ୍ୟେକ କାମରେ ସହାୟକ ହୋଇପାରିବ। ସମସ୍ୟା ଲାଗି ରହୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ହେଳା କରିବା ଠିକ୍ ହେବ ନାହିଁ। ଜମିଜମା, ପ୍ରଶାସନ, ସାମ୍ବାଦିକତାରେ ଦୁଶ୍ଚିନ୍ତା ଆସିବ।

**ଧନୁ** – ଆଜି ବନ୍ଧୁମାନଙ୍କ ସାହାଯ୍ୟରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ବିବାଦୀୟ ପରିସ୍ଥିତି ସାମୟିକ ମନକୁ ପ୍ରଭାବିତ କରିପାରେ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିବ। ନିର୍ମାଣ, ପରିବହନ ଓ ପ୍ରଶାସନ ତଥା ପ୍ରକାଶନ ସ୍ତରରେ ସୁଫଳ ମିଳିବ।

**ମକର** – ଆଜି ବିବାଦୀୟ ଘଟଣାରେ କାହା କଥା ନ ଶୁଣି ଠିକ୍ ବିଚାର କରନ୍ତୁ। ପୂର୍ବ ସମସ୍ୟାର ସମାଧାନ ହେବାରେ ପଡ଼ୋଶୀ ସାହାଯ୍ୟ କରିବେ। ପାଖରେ ଥିବା ଜିନିଷ ପରକୁ ଦେଇ ଖୋଜିଲା ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି। ଜମିଜମା କାରବାର, ନିର୍ମାଣାଧୀନ କାର୍ଯ୍ୟ, ବାଣିଜ୍ୟ ଓ ଆନୁଷ୍ଠାନିକ କାମଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ଚଳିବା ଭଲ ନଚେତ୍ କୌଣସି ସମସ୍ୟା ଆସିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ଚିନ୍ତା କରି ପାରନ୍ତି। ମୋଟା ଅଙ୍କର ଅର୍ଥ ସଂଗ୍ରହ ସକାଶେ ସରକାରୀ ସ୍ତରରୁ ଋଣକରିପାରନ୍ତି। ପାରିବାରିକ ସ୍ତରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ଘନେଇବ।

**ମୀନ** – ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟ,ଆଲୋଚନା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବନ୍ଧୁଙ୍କ ସହ ଆଳାପ ଆଲୋଚନା ଅନ୍ୟମାନଙ୍କ ଚକ୍ଷୁଶୂଳର କାରଣ ହେବ। ପରିବାରର ଅଭିଯୋଗ ପ୍ରତି ଧ୍ୟାନ ନ ଦେବା ମନାନ୍ତର ବୃଦ୍ଧି କରିପାରେ।

ଆଜି ପହିଲିରଜ, ମାସାନ୍ତ, ଆଷାଢ଼ କୃଷ୍ଣପକ୍ଷର ସର୍ବସମ୍ମତ ଖଳିଲାଗି ଏକାଦଶୀ ବୁଧବାର, ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ବ୍ୟାସକବି ଫକୀରମୋହନ ସେନାପତିଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଦିବା ଘ.୦୧.୪୦ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୪୯ମି. ଗତେ ଘ.୦୮.୨୯ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁକାଳ।

# ସମୟରେ ନୀତି ପାଳନ, ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ




## ରଥଯାତ୍ରାର ଶେଷ ସମନ୍ୱୟ ବୈଠକ

- ଭକ୍ତମାନେ ଭଲ ଅନୁଭୂତି ନେଇ ଫେରନ୍ତୁ: ମୁଖ୍ୟମନ୍ତ୍ରୀ
- ସମ୍ମିଳିତ ଉଦ୍ୟମରେ କାର୍ଯ୍ୟ କର: ଆଇନ ମନ୍ତ୍ରୀ

ପୁରୀ ଅଫିସ,୧୩।୬(ଅଜିତ ମହାନ୍ତି)

ଆଉ ମାତ୍ର ୬ଦିନ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ପୌରସଦନ ପରିସରରେ ତୃତୀୟ ତଥା ଶେଷ ରଥ ସମନ୍ୱୟ ବୈଠକ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଠକରେ ଯୋଗଦେଇଥିବା ବେଳେ ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ମହାପ୍ରଭୁଙ୍କ ରଥଯାତ୍ରାକୁ ସାରା ବିଶ୍ୱ ଚାହିଁ ରହିଥାଏ। ସେଥିପାଇଁ ଠିକ୍ ସମୟରେ ମହାପ୍ରଭୁଙ୍କ ନୀତି ପାଳନ କରାଯିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପୁରୀକୁ ଆସୁଥିବା ଭକ୍ତଙ୍କ ସୁରକ୍ଷା ଓ ଅନ୍ୟ ସୁବିଧା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର। ସେହିପରି ଏ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଦରକାର। ଦେଶ, ବିଦେଶରୁ ଆସୁଥିବା ଭକ୍ତ ଯେପରି ଭଲ ଅନୁଭୂତି ନେଇ ଫେରିବେ, ସେଥିପ୍ରତି ଆମେ ବିଶେଷ ଧ୍ୟାନ ଦେବା ଉଚିତ। ପୁରୀର ଜନସାଧାରଣ, ମହାପ୍ରଭୁଙ୍କ ସେବାୟତ, ପ୍ରଶାସନ, ପୋଲିସ ସମସ୍ତେ ସେବା ଓ ସମର୍ପଣ ମନୋଭାବ ନେଇ ମହାପ୍ରଭୁଙ୍କ ଏ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ସଫଳ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ରଥଯାତ୍ରା ରୂପରେଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ପୋଲିସ ଡିଜି ସୁନୀଲ ବଂଶଲ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନଓ୍ୱର ବିଶାଲ ସିଂଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବାୟତ ସଂଘ ପ୍ରମୁଖ ଯୋଗଦେଇ ନୀତି ସମ୍ପାଦାନ, ସ୍ୱାସ୍ଥ୍ୟ, ପୌରପାଳିକା, ଆଇନଶୃଙ୍ଖଳା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ କହିଥିଲେ, ରଥ ନିର୍ମାଣ କାର୍ଯ୍ୟ ଅଗ୍ରଗତି କରିଛି। ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରଦ୍ଧାଳୁଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା କରାଯାଇଛି। ଡିଜି ସୁନୀଲ ବଂଶଲ କହିଥିଲେ, ରଥଯାତ୍ରା ଓଡ଼ିଶା ପୋଲିସ ପାଇଁ ବଡ଼ ଆହ୍ୱାନ। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସଫଳତାର ସହ ରଥଯାତ୍ରା ଆୟୋଜିତ ହେଉଛି। ସଫଳ ଆୟୋଜନ ପାଇଁ ୧୭୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଥିଲେ, ଏବର୍ଷ ରଥଯାତ୍ରା ପାଇଁ ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ। ରେଳବାଇ ଓ ପରିବହନ ବିଭାଗ ସହ ସମନ୍ୱୟ ରଖାଯାଇଛି। ଖରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। କୌଣସି ପ୍ରକାର ଅଘଟଣର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ। ନବଯୌବନ ଦର୍ଶନ ସୁଚାରୁ ରୂପେ କରିବାକୁ ସେ ସେବାୟତଙ୍କୁ ପରାମର୍ଶ ଦେଇଥିଲେ। ସେବାୟତ ଓ ପୁରୀବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଛି। ବିଶାଳ ଜନସମାଗମକୁ ଦୃଷ୍ଟିରେ ରଖି ସମ୍ମିଳିତ ଉଦ୍ୟମରେ ଆମ ଗାରିମା ରକ୍ଷା କରିବାକୁ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ପରାମର୍ଶ ଦେଇଥିଲେ। ତେବେ ପୂର୍ବ ବୈଠକରେ ୧୩ରୁ ୧୫ଟି ବିଭାଗର ଅଧିକାରୀମାନେ ଆକ୍ସନପ୍ଲାନ ଦେଇ ନ ଥିବା ବେଳେ ଏହି ବୈଠକରେ ତୁରନ୍ତ ଆକ୍ସନପ୍ଲାନ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ସେହିଭଳି ଯାତ୍ରୀ ପରିକ୍ରମା ପ୍ରକଳ୍ପର କାର୍ଯ୍ୟ ଆସନ୍ତା ୧୫ତାରିଖ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟର ଆଉଟଡୋର ଆସେସ୍ ରୋଡ୍ ବା ବାହ୍ୟ ପ୍ରଦକ୍ଷଣ ମାର୍ଗର କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳ ପ୍ରତିକ୍ରିୟା ରଖିଥିଲେ। କିନ୍ତୁ ଅବଧି ସରିଆସୁଥିଲେ ମଧ୍ୟ ଆଉଟଡୋର ଆସେସ୍ ରୋଡ୍‌ର କାର୍ଯ୍ୟପନ୍ଥାକୁ ନେଇ ଅନିଶ୍ଚିତତା ଦେଖାଯାଉଥିବା ଖୋଦ୍ ପରିଚାଳନା କମିଟିର ସଦସ୍ୟ ସନ୍ଦେହ କରିଛନ୍ତି। ସେହିପରି ବିଦ୍ୟୁତ୍‌କାଟ ପ୍ରସଙ୍ଗରେ କିଛି ନ କହି ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଚାଲିଯାଇଥିଲେ। ବୈଠକରେ କୌଣସି ସେବାୟତ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ପ୍ରଶ୍ନ କରିବାର ସୁଯୋଗ ନ ମିଳିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଶେଷରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ଧନ୍ୟବାଦ ଦେଇଥିଲେ। ବୈଠକରେ ମନ୍ତ୍ରୀ ଉଷା ଦେବୀ, ପ୍ରଫୁଲ୍ଲ ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଟୁକୁନି ସାହୁ, ଅଶ୍ୱିନୀ କୁମାର ପାତ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶକ୍ତି ବିଭାଗ ନିକୁଞ୍ଜ ବିହାରୀ ଧଳ, ଏଡିଜି ରାଧାକୃଷ୍ଣ ଶର୍ମା, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଧନେଶ୍ୱର ମଲ୍ଲିକ, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ସଚିବ ଜି.ମାଥିଭାଥନନ, ସଚିବ ସଞ୍ଜୟ ସିଂ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ଶାଳିନୀ ପଣ୍ଡିତ, ଦେବୋତର କମିଶନର ଶିଶିର ରଥ, ଆଇଜି ସେଣ୍ଟ୍ରାଲ ରେଞ୍ଜ ଆଶିଷ ସିଂ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଯାଦବ, ଓରମାସ ସିଇଓ ଗୁହା ପୁନମ ତାପସ କୁମାର ପ୍ରମୁଖ ଯୋଗଦେଇଥିଲେ।

# ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ

## ବଲିଉଡ୍ ଗାୟକ ସୌରିନ୍ ଭଟ୍ଟଙ୍କ ନାଁରେ ଯୌନ ନିର୍ଯାତନା ମାମଲା

କଟକ ଅଫିସ,୧୩।୬ (କାର୍ତ୍ତିକ ସାହୁ)

ବଲିଉଡ୍ ଗାୟକ ସୌରିନ୍ ଭଟ୍ଟଙ୍କ ନାଁରେ କଟକ ମହିଳା ଥାନାରେ ରୁଜୁ ହୋଇଥିବା ମାମଲାକୁ ନେଇ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପ୍ରାଥମିକ ପଦକ୍ଷେପ ସ୍ୱରୂପ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି। ଏଥିସହ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସିଆର୍‌ପିସି ୧୬୪ ଧାରାରେ ମଙ୍ଗଳବାର ତାଙ୍କର ବୟାନ ରେକର୍ଡ କରାଯାଇଛି। ଏନେଇ କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ମାମଲା ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରାଯାଉଛି। ପୀଡ଼ିତାଙ୍କ ପକ୍ଷରୁ ହୋଇଥିବା ଅଭିଯୋଗଗୁଡ଼ିକ ଯାଞ୍ଚ କରାଯାଉଛି। ସୌରିନ୍‌ଙ୍କ ବିରୋଧରେ ଅଭିଯୋଗ ଆଧାରରେ ପୋଲିସ ପ୍ରମାଣ ଯୋଗାଡ଼ କରୁଛି। ଖୁବ୍‌ଶୀଘ୍ର ପୋଲିସ ସୌରିନ୍‌ଙ୍କୁ ଠାବ କରିବା ପାଇଁ ଓଡ଼ିଶା ବାହାରକୁ ଯିବା ନିମନ୍ତେ ଯୋଜନା କରୁଛି। ସୂଚନା ଅନୁସାରେ, ଜଣେ ଓଡ଼ିଆ ଗାୟିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ, ପ୍ରତାରଣା କରିବା, ନିର୍ଯାତନା ଦେବା ଆଦି ନେଇ ମହିଳା ଥାନାରେ ସୋମବାର ଅଭିଯୋଗ ହୋଇଥିଲା। ଏ ନେଇ ଦଫା ୩୭୬, ୪୯୩, ୩୪୧, ୨୯୪, ୪୧୭, ୫୦୬ ଅନୁଯାୟୀ ପୋଲିସ ଏକ ମାମଲା (ନଂ.୬୮/୨୩) ରୁଜୁ କରିଥିଲା। ପୀଡ଼ିତାଙ୍କର ସୌରିନ୍‌ଙ୍କ ସହ ଭଲ ବନ୍ଧୁତାରୁ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ସେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ସୌରିନଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପୀଡ଼ିତା ଜଣଙ୍କ ଜାଣିଲେ ସୌରିନ୍ ବିବାହିତ ଓ ତାଙ୍କର ଏକ ପିଲା ଅଛି। ସେହିଦିନଠାରୁ ସେ ତାଙ୍କଠାରୁ ଦୂରେଇବାକୁ ଆରମ୍ଭ କରିଥିଲେ। ହେଲେ ସୌରିନ୍ ଉଭୟଙ୍କ ମଧ୍ୟରେ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ, ଭିଡିଓ ନିଜ ପାଖରେ ରଖିଥିଲେ ଯାହାକୁ ନେଇ ସେ ପୀଡ଼ିତାଙ୍କୁ ବ୍ଲାକମେଲିଂ କରୁଥିଲେ। ଏ ବିଷୟରେ କାହାକୁ ଜଣାଇଲେ ପୀଡିତା ଓ ତାଙ୍କ ମାଆଙ୍କୁ ମାରିଦେବା ପାଇଁ ସେ ଧମକ ଦେଇଥିଲେ। ଏପରି କି ବିଭିନ୍ନ ପର୍ଯ୍ୟାୟରେ ସୌରିନ୍ ୬ରୁ ୭ ଲକ୍ଷ ଟଙ୍କା ପୀଡ଼ିତାଙ୍କଠାରୁ ନେଇଥିବା ଏତଲାରେ ଦର୍ଶାଯାଇଛି।

# ବିଦ୍ୟୁତ୍ ଯାଞ୍ଚବେଳେ ଫାଟିଲା ଟ୍ରାନ୍ସଫର୍ମର

- ନନ୍ଦନକାନନ ରୋପୱେ ଚାଲିବା ପୂର୍ବରୁ ଅଘଟଣ
- ୩ କର୍ମଚାରୀ ଗୁରୁତର

ବାରଙ୍ଗ,୧୩।୬(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରୋପ୍‌ୱେ ଚାଲିବା ପୂର୍ବରୁ ଅଘଟଣ ଘଟିଛି। ମଙ୍ଗଳବାର ଦ୍ୱିପ୍ରହରରେ ରୋପ୍‌ୱେକୁ ସଂଯୋଗ କରିଥିବା ଟ୍ରାନ୍ସଫର୍ମରରେ ବିଦ୍ୟୁତ୍ ଯାଞ୍ଚ କରିବାବେଳେ ତାହା ଫାଟିଯାଇଥିଲା। ଫଳରେ ୩ଜଣ କର୍ମଚାରୀ ଗୁରୁତର ହୋଇଥିଲେ। ସେମାନେ ହେଲେ ନନ୍ଦନକାନନର ଅସ୍ଥାୟୀ କର୍ମଚାରୀ ଶିବରାମ ସାହୁ, ରୋପ୍‌ୱେର ଅପରେଟର ସୋମୁ ବାନାର୍ଜି ଓ ରାମଲଳିତ ସାହା। ଗୁରୁତର ଅବସ୍ଥାରେ ଏମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଶିବରାମ ଓ ସୋମୁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ୟ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ନନ୍ଦନକାନନରେ ପୂର୍ବରୁ ରୋପୱେ ଚାଲୁଥିବାବେଳେ କୌଣସି କାରଣରୁ ତାହା ବନ୍ଦ କରାଯାଇଥିଲା। ହେଲେ ସୋମବାର ରୋପୱେ ପୁନଃକାର୍ଯ୍ୟକ୍ଷମ ପାଇଁ ନୂତନ ଟ୍ରାନ୍ସଫର୍ମରକୁ ୩୧କେଭି ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ମଙ୍ଗଳବାର ଭିସିବି ୟୁନିଟର ବିଦ୍ୟୁତ୍ ଯାଞ୍ଚ ପାଇଁ କର୍ମଚାରୀମାନେ ଯାଇଥିବାବେଳେ କୌଣସି କାରଣରୁ ଟ୍ରାନ୍ସଫର୍ମରଟି ହଠାତ୍ ଫାଟିଯାଇଥିଲା। ତେବେ ଟ୍ରାନ୍ସଫର୍ମର ତଳେ କାର୍ଯ୍ୟରତ ୩କର୍ମଚାରୀଙ୍କ ଉପରେ ନିଆଁ ଓ ତେଲ ପଡିବାରୁ ଗୁରୁତର ହୋଇ ଅଚେତ ହୋଇଯାଇଥିଲେ। ସେମାନଙ୍କ ମୁହଁ, ହାତ ସହିତ ଅର୍ଦ୍ଧାଧିକ ଶରୀର ପୋଡ଼ିଯାଇଛି। ୩ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲ ନିଆଯାଇଥିଲା। ଖବରପାଇ ନନ୍ଦନକାନନ ପ୍ରଶାସନିକ ଅଧିକାରୀ, ବିଦ୍ୟୁତ୍ ବିଭାଗ ଓ ରୋପ୍‌ୱେର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ପାଖରେ କାମ କରୁଥିବା ରୋପୱେର କର୍ମଚାରୀ ଉପେନ୍ଦ୍ର ବିଶ୍ୱକର୍ମା କହିଥିଲେ, ଶିବରାମ ନୂତନ ଟ୍ରାନ୍ସଫର୍ମର ଭିତରକୁ ଯାଇ ଭିସିବି ୟୁନିଟରେ ମଲ୍ଟି ମିଟର ନେଇ ପରୀକ୍ଷା କରିବାବେଳେ ହଠାତ୍ ଟ୍ରାନ୍ସଫର୍ମର ଫାଟିଥିଲା। ସେଥିରୁ ନିଆଁ ଓ ତେଲ ପଡି ତଳେ ଥିବା ୩ଜଣ ଗୁରୁତର ହୋଇଥିଲେ। ଏ ସମ୍ପର୍କରେ ଭୁବନେଶ୍ୱର ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ବେହେରା କହିଥିଲେ, ସୋମବାରଠାରୁ ୩୩କେଭି ବିଦ୍ୟୁତ୍ କେବୁଲ୍‌ରୁ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ଦେଇ ବଲ୍ ଜଳାଇଛୁ। ମଙ୍ଗଳବାର ବିଦ୍ୟୁତ୍ ବିଭାଗର ଅନୁପସ୍ଥିତିରେ ସେମାନେ କାହିଁକି ଟ୍ରାନ୍ସଫର୍ମରରେ କାର୍ଯ୍ୟ କରୁଥିଲେ ତାହା ଆମେ ଜାଣିନୁ। ତଦନ୍ତ ହେଲେ ସତ୍ୟ ଜଣାପଡିବ ବୋଲି ସୂଚନା ଦେଇଛନ୍ତି। କିନ୍ତୁ ଏତେ ବଡ଼ ଘଟଣା ପରେ ନନ୍ଦନକାନନ କର୍ତ୍ତୃପକ୍ଷ କିମ୍ବା ବିଦ୍ୟୁତ୍ ବିଭାଗର ଦାୟିତ୍ୱରେ ଥିବା ରେଞ୍ଜର କୌଣସି ସ୍ପଷ୍ଟୀକରଣ ଦେଇ ନ ଥିଲେ। ତେବେ ରଜରେ ରୋପ୍‌ୱେ ଚାଲିବା ପାଇଁ ଜୋରସୋରରେ ଉଦ୍ୟମ ଚାଲିଥିଲା। ବିଦ୍ୟୁତ୍ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଖର୍ଚ୍ଚ ନନ୍ଦନକାନନ ପକ୍ଷରୁ କରାଯାଇଥିବାବେଳେ ନୂଆକରି ଲଗାଯାଇଥିବା ଟ୍ରାନ୍ସଫର୍ମର ଫାଟିବାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅଭିଯୋଗ ଆବେଦନ ସମୟସୀମା ୩୦ରୁ ୯୦ ଦିନକୁ ବୃଦ୍ଧି

## କାଳିଆ ସହାୟତା ଅନ୍‌ଲାଇନ ଅଭିଯୋଗ ପୋର୍ଟାଲ ଖୋଲା ରହିବା ପଦ୍ଧତି

ଭୁବନେଶ୍ୱର, ୧୩।୬(ସୁନୀତ୍ ମିଶ୍ର )

କାଳିଆ ହିତାଧିକାରୀଙ୍କ ହିତକୁ ଦୃଷ୍ଟିରେ ରଖି କାଳିଆ ସହାୟତା ଅନ୍‌ଲାଇନ୍ ଅଭିଯୋଗ ପୋର୍ଟାଲ ଖୋଲା ରହିବାର ପଦ୍ଧତିରେ ପରିବର୍ତ୍ତନ କରାଯିବା ସହିତ ସମୟସୀମାକୁ ବୃଦ୍ଧି କରାଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଏ ସମ୍ପର୍କିତ ସଂଶୋଧିତ ଆଦେଶନାମା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଜାରି କରାଯାଇଛି। ସଂଶୋଧିତ ଆଦେଶନାମାରେ ୨୦୨୧ ମେ ୫ ତାରିଖରେ ଜାରି କରାଯାଇଥିବା ଆଦେଶନାମାକୁ ସଂଶୋଧନ କରାଯାଇଛି। ହିତାଧିକାରୀଙ୍କୁ କାଳିଆ ସହାୟତା ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଏହି ପୋର୍ଟାଲ ପୂର୍ବରୁ ୩୦ ଦିନ ପରିବର୍ତ୍ତେ ୯୦ ଦିନ ପର୍ଯ୍ୟନ୍ତ ଖୋଲା ରହିବ। ଏହାସହ ଅଭିଯୋଗଗୁଡ଼ିକୁ ୪୫ ଦିନ ମଧ୍ୟରେ କ୍ଷେତ୍ର ସ୍ତରରେ ଯାଞ୍ଚ କରାଯିବ। ସୂଚନାଯୋଗ୍ୟ, ୨୦୨୩ ଏପ୍ରିଲ ୧ ଏବଂ ମେ ୨୩ ତାରିଖରେ ହିତାଧିକାରୀ ଚାଷୀଙ୍କୁ ଖରିଫ ୨୦୨୩ ନିମନ୍ତେ ପ୍ରଦାନ କରାଯାଇଥିବା କାଳିଆ ସହାୟତା ପାଇଁ ଏହି ଆଦେଶନାମା ଜାରି ହେବା ସଙ୍ଗେସଙ୍ଗେ ପୋର୍ଟାଲ ଖୋଲାଯିବ। ପରବର୍ତ୍ତୀ ପର୍ଯ୍ୟାୟ କାଳିଆ ସହାୟତା ପ୍ରଦାନକୁ ଦୃଷ୍ଟିରେ ରଖି ଏହା ୨୦୨୩ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଖୋଲାରହିବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK IN INTERVIEWS
JOIN OUR TEAM
ankura hospital for women & children
9M by ankura hospital
India's fastest growing hospital for Women & Children is now recruiting for its upcoming Bhubaneswar center
17th & 18th Jun | 10am to 4pm
Nursing, Pharmacy, Operations, Quality, OT Tech, PRE, HR, Floor Managers, Front office, Billing, Marketing, IT, Lab Tech, MOD, Accountant & Internal Audit, Tele Caller
Address: Ankura Hospital for Women & Children
Janpath Rd, near Sishu Bhawan Square, Bapuji Nagar, Bhubaneswar, Odisha
9121053131 | job@ankurahospital.com
Scan for Location
Hyderabad | Pune | Vijayawada | Tirupati | Khammam

JOB REQUIREMENT
1. CIVIL ENGINEER FOR PIPE LINE WORK
2. NORMAL SUPERVISOR FOR PIPE LINE
3. ACCOUNTANT
4. OPERATOR FOR JCB, HYDRA, HYVA ETC.
5. SECURITY
TO APPLY FOR THE SAME, MESSAGE YOUR BIO-DATA AND WORK EXPERIENCE IN THE BELOW MENTIONED WHATSAPP NUMBER 7205058526

WANTED
ଆମକୁ ଏକ ଦମ୍ପତି ଦରକାର, ଯେଉଁମାନେ ରନ୍ଧନ ଏବଂ ବାସନ ସଫା କରିବା ଦାୟିତ୍ୱ ସମ୍ଭାଳି ପାରିବେ ରହିବା ପାଇଁ ଏକ ପୃଥକ ସୁସଜ୍ଜିତ କ୍ୱାର୍ଟର ଉପଲବ୍ଧ।
9132933333, 9132460000
ରେ ଆମ ସହିତ ଯୋଗାଯୋଗ କରନ୍ତୁ

ଆବଶ୍ୟକ
ଭୁବନେଶ୍ୱରରେ ଲଣ୍ଡ୍ରି କମ୍ପାନୀ ପାଇଁ ଡେଲିଭରୀ ବୟ ଆବଶ୍ୟକ।
Mobile:
୯୦୭୮୦୦୦୧୦୮/ ୮୨୮୦୦୮୨୮୦୦

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post: Dumuduma, Bhubaneswar - 751 019
VACANCY NOTICE
Online applications are being invited for the following posts on Regular basis in All India Institute of Medical Sciences, Bhubaneswar, Odisha.
Faculty Posts: Vacancy Notification no.AIIMS/BBSR/RECT/FAC. RECT./2022/941/1231 dated 10th June, 2023, in continuation to rolling advertisement no. AIIMS/BBSR/RECT/FAC. RECT/2022/941/4643 dtd. 30.08.2021
Posts Advertised - Professor, Additional Professor, Associate Professor and Assistant Professor.
For full details regarding the departments, essential educational qualification, eligibility criteria and other terms & conditions, please visit the institute website https://aiimsbhubaneswar.nic.in
Executive Director
AIIMS, Bhubaneswar

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post: Dumuduma, Bhubaneswar - 751 019
VACANCY NOTICE
Online applications are being invited for the following posts on Regular basis in All India Institute of Medical Sciences, Bhubaneswar, Odisha.
Group "A" Posts: Advertisement no. AIIMS /BBSR /RECT /2023/ 990/ 1230 dated 10th June 2023
Posts Advertised- Accounts Officer, Child Psychologist, Deputy Medical Superintendent, Public Relation Officer, Senior Dietician (Assistant Food Manager), Sr. Programmer (Analyst), Tutor/Clinical Instructors
For full details regarding the departments, essential educational qualification, eligibility criteria and other terms & conditions, please visit the institute website https://aiimsbhubaneswar.nic.in
Senior Administrative Officer
AIIMS, Bhubaneswar

WANTED
We are a leading company in the pharmaceutical industry at Hyderabad & Vizag.
We are looking for a contract workmen agency who can provide migrant labour for loading & unloading , Housekeeping and also Painters.
Requirement : 1,000 workers per day in Hyderabad & Vizag locations
Interested Vendors may contact us at
91005 11003

MARUTI SUZUKI ARENA
Old & Most Trusted Maruti Dealer in Eastern India
SKY AUTOMOBILES sales • service • spares • SINCE 1987
REQUIRED AT SKY AUTOMOBILES




HIRING
> RURAL SALES MANAGER - 02
Minimum 5 years experience in rural Sales of Automobiles or any other industry
> SR. RELATIONSHIP MANAGERS - 05
(Team Leaders)
Graduate with 5 years experience in Automobile Sales
> RELATIONSHIP MANAGERS - 20
(Sales Executives)
Graduate with 2 years experience in any Sales
> USED CAR SOURCING EXECUTIVES - 03
(Evaluators)
Diploma/ITI (Fitter/Mechanical/Automobiles)
Freshers can also apply.
LOCATIONS
Ganjam District: Berhampur, Aska, Khallikote, Polasara, Jagannath, Prasada, Sorada, Chikiti, Buguda.
Gajapati District: Paralakhemundi, Mohana, R udaygiri, Chheligada.
Kandhamala District: Tikabali, Baliguda, Phiringia, Raikia, Khajuriapada, G udaygiri, Daringbadi.
WALK-IN INTERVIEW on
15th June'23, Thursday | 2.30pm to 5.30pm
Bring along your updated resume & passport size photograph.
Old & Most Trusted Maruti Dealer in Eastern India
SKY AUTOMOBILES sales • service • spares • SINCE 1987
N.H.-16, Jagannathpur-Gopalpur Jn.
7381045091
arena.berhampur@gmail.com

IDBI BANK
ଆଞ୍ଚଳିକ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର-୭୫୧୦୨୨
ଆବଶ୍ୟକ ବିଜିନେସ୍ ଫାସିଲିଟେଟର/ବିଜିନେସ କରେସପଣ୍ଡେଣ୍ଟ (ବ୍ୟବସାୟ ପ୍ରତିନିଧି)(ବ୍ୟବସାୟ ସହଯୋଗୀ)
BC/BFs ଯୋଗଦାନ ପାଇଁ ବିଜ୍ଞାପନ
ଆଇଡିବିଆଇ ବ୍ୟାଙ୍କ ଲିଃ ଏହାର ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର ଅଞ୍ଚଳର ଶାଖାଗୁଡିକ ନିମନ୍ତେ ବିଜିନେସ୍ ଫାସିଲିଟେଟର/ବିଜିନେସ୍ କରେସପଣ୍ଡେଣ୍ଟ କାର୍ଯ୍ୟ ନିମନ୍ତେ ଦରଖାସ୍ତ ଅହ୍ୱାନ କରୁଅଛି।
ଭୁବନେଶ୍ୱର ଅଞ୍ଚଳର ଶାଖା ଗୁଡିକ: ଧାମରା, ଡୁବୁରୀ, ବାଲେଶ୍ୱର, ଭଦ୍ରକ,ବାଲିଆ, ଜଗତସିଂହପୁର, ଯାଜପୁର ରୋଡ, ଜଳେଶ୍ୱର, କେନ୍ଦ୍ରାପଡା, ଖୋର୍ଦ୍ଧା, କାକଟପୁର, ମହମ୍ମଦପୁର, ନିଆଳି, ଦାଣ୍ଡମୁକୁନ୍ଦପୁର, ଯାଜପୁର ଟାଉନ୍, ଆଠଗଡ, ପାରିଆ ଏବଂ ଜଇଶୋଳ ଶାଖା
ଯୋଗାଯୋଗ ବ୍ୟକ୍ତି: ଶ୍ରୀ ରଜତ କର୍ମକାର, ମୋ.: ୯୯୦୩୩୬୭୩୭୩
ବ୍ରହ୍ମପୁର ଅଞ୍ଚଳର ଶାଖାଗୁଡିକ: ବ୍ରହ୍ମପୁର, ରାୟଗଡା, ବଲାଙ୍ଗୀର, ବାଲୁଗାଁ, ଭବାନୀପାଟଣା, ଫୁଲବାଣୀ, ଜୟପୁର, ନୟାଗଡ, ଗୁଣୁପୁର, ପାରଳାଖେମୁଣ୍ଡି, ସରମୁହାଣ, ନବରଙ୍ଗପୁର, ବଡବଜାର, ବେନ୍ଦ୍ରା, ସୁନାଥର, ମୋତାବାଡି, ବୌଦ୍ଧ, ବାଲଡିହମାଳ ଶାଖା
ଯୋଗାଯୋଗ ବ୍ୟକ୍ତି: ଶ୍ରୀ ଦୀପକ ପତି, ମୋ.: ୯୬୬୮୫୧୯୩୭୩
ସମ୍ବଲପୁର ଅଞ୍ଚଳର ଶାଖାଗୁଡିକ: ବରଗଡ, କେନ୍ଦୁଝର, ଦେବଗଡ, ସୁବର୍ଣ୍ଣପୁର, ସୁନ୍ଦରଗଡ, କରଞ୍ଜିଆ ତାବଲା, ଭୋଇପାଲି, ଖେମାଳ ଏବଂ ଗୋଟମା ଶାଖା
ଯୋଗାଯୋଗ ବ୍ୟକ୍ତି: ଶ୍ରୀମତୀ ଅରୁଣା ଦାସ, ମୋ.: ୯୦୯୦୯୬୦୬୫୯
ଯୋଗ୍ୟତା: ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ, ଅବସର ପ୍ରାପ୍ତ ଶିକ୍ଷକ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ପ୍ରାକ୍ତନ ସେବାନିବୃତ୍ତ କର୍ମଚାରୀ, କିରାନା / ମେଡ଼ିକାଲ / ସୁଲଭମୂଲ୍ୟ ଦୋକାନର ବ୍ୟକ୍ତି ବିଶେଷ, ପିସିଓ ଅପରେଟର ବ୍ୟକ୍ତି, ସରକାରୀ ସ୍ୱଳ୍ପ ସଞ୍ଚୟ ଯୋଜନା / ବୀମା କମ୍ପାନୀର ଏଜେଣ୍ଟ, ପେଟ୍ରୋଲ ପମ୍ପର ବ୍ୟକ୍ତି ବିଶେଷ, ସୁପରିଚାଳିତ (ଏସ୍‌ଏଚ୍‌ଜି) ସ୍ୱୟଂ ସହାୟକ ଗୋଷ୍ଠୀର କ୍ଷମତାପ୍ରାପ୍ତ କାର୍ଯ୍ୟକର୍ତ୍ତା ଯେଉଁମାନଙ୍କର ବ୍ୟାଙ୍କ ସହିତ ସମ୍ପର୍କ ରହିଛି। ଜନସେବା କେନ୍ଦ୍ର ପରିଚାଳନା ବ୍ୟକ୍ତିବିଶେଷ ଯେଉଁମାନେ କି ବ୍ୟାଙ୍କର ସୁବିଧାଜନକ ଏବଂ ବ୍ୟବସାୟ ପରିଚାଳନା ନିମନ୍ତେ ଯୋଗ୍ୟ ସାପେକ୍ଷ ଅଟନ୍ତି ।
ବୟସ: ୨୧ ରୁ ୫୦ ବର୍ଷ ବୟସ, ଶିକ୍ଷାଗତ ଯୋଗ୍ୟତା ୧) ସର୍ବନିମ୍ନ ୧୦ମ ପାସ୍, ୨) IIBF ଠାରୁ ମୌଳିକ ପ୍ରମାଣପତ୍ର ।
କାର୍ଯ୍ୟ ପରିସର
୧) ବ୍ୟବସାୟିକ ସହଯୋଗୀ (BFs) ପାଇଁ
• ସଠିକ ଗ୍ରାହକ ଚିହ୍ନଟ। • ଋଣ ଦରଖାସ୍ତ, ଆକାଉଣ୍ଟ ଖୋଲିବା ଫର୍ମ ସଂଗ୍ରହ ଏବଂ ପ୍ରାଥମିକ ପ୍ରୋସେସିଙ୍ଗ, ଆବଶ୍ୟକ କାଗଜପତ୍ର ପୂରଣ, ପ୍ରାଥମିକ ସୂଚନା ଯାଞ୍ଚ ସହିତ ବ୍ୟାଙ୍କରେ ଦାଖଲ। • ଋଣ ପ୍ରଦାନ ପରେ ମନିଟରିଂରେ ସହାୟତା ଏବଂ ଋଣ ଆଦାୟ ସହାୟତା। • ସ୍ୱୟଂ ସହାୟକ ଗୋଷ୍ଠୀ/ମିଳିତ ଦେୟତା ଗ୍ରୁପକୁ ସହାୟତା ଏବଂ ବିକାଶ । • ବ୍ୟାଙ୍କର କର୍ତ୍ତୃପକ୍ଷଙ୍କ ଦ୍ୱାରା ବୈଧ ଅନୁମୋଦିତ ହୋଇଥିବା ବ୍ୟାଙ୍କ ପକ୍ଷରୁ ଯେକୌଣସି ସେବା।
୨) ବ୍ୟବସାୟିକ ପ୍ରତିନିଧି (BCs) ପାଇଁ
ବ୍ୟବସାୟିକ ସହଯୋଗୀଙ୍କ ପାଇଁ ତାଲିକାଭୁକ୍ତ ଉପରୋକ୍ତ କାର୍ଯ୍ୟାବଳୀ ସହିତ ବ୍ୟବସାୟିକ ପ୍ରତିନିଧିମାନେ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିବେ।
୧) ସ୍ୱଳ୍ପରାଶିର ଜମା ସଂଗ୍ରହ ଏବଂ ଗ୍ରାହକମାନଙ୍କୁ ସେମାନଙ୍କର ଆକାଉଣ୍ଟରୁ ଚାହିଦା ମୁତାବକ ନଗଦଅର୍ଥ ଯୋଗାଣ। ୨) ସ୍ୱଳ୍ପରାଶିର ଋଣ ବଣ୍ଟନ। ୩) ମୂଳ ପରିଶୋଧ / ସୁଧ ଆଦାୟ। ୪) ମାଇକ୍ରୋ ଇନସ୍ୟୁରାନ୍ସ / ମ୍ୟୁଚୁଆଲ ଫଣ୍ଡ ପ୍ରଡ଼କ୍ଟ / ପେନସନ ପ୍ରଡ଼କ୍ଟ / ଅନ୍ୟ ତୃତୀୟ ପକ୍ଷର ପ୍ରଡ଼କ୍ଟ ବିକ୍ରୟ। ୫) ସ୍ୱଳ୍ପରାଶିର ଅର୍ଥ / କ୍ୟାଶ / ଅନ୍ୟାନ୍ୟ ପେମେଣ୍ଟ ଇନଷ୍ଟ୍ରୁମେଣ୍ଟ ଗ୍ରହଣ ଓ ପ୍ରେରଣ। ୬) ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ବ୍ୟାଙ୍କର ଅନ୍ୟାନ୍ୟ ସେବା।
ଆଇଡ଼ିବିଆଇ ଶାଖାମାନଙ୍କରେ ଦରଖାସ୍ତ ଫର୍ମ ଉପଲବ୍ଧ।
ଯୋଗ୍ୟ ପାର୍ଥୀମାନେ ଆଇଡ଼ିବିଆଇ ବ୍ୟାଙ୍କର ବିଜ୍ଞପିତ ନିକଟବର୍ତ୍ତୀ ଶାଖାମାନଙ୍କରେ ତା.୨୦.୦୬.୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ପୂରଣ ଦରଖାସ୍ତଗୁଡିକ ଦାଖଲ କରିପାରିବେ।

WE ARE HIRING FOR OUR HYUNDAI, MAHINDRA & HONDA DEALERSHIP

| POSITION | LOCATION | ELIGIBILITY | NO. OF VACANCIES |
| --- | --- | --- | --- |
| SALES MANAGER-PERSONAL & COMMERCIAL | Bhubaneswar, Cuttack & Keonjhar | Graduation with 5-7 years experience in sales function and team handling in Automobile dealership | 4 |
| TEAM LEADER | Bhubaneswar & Berhampur | Graduation with 3-5 years experience in sales function and team handling in Automobile dealership | 3 |
| CRM/CX MANAGER | Bhubaneswar, Cuttack, Jajpur, Berhampur & Barbil | Graduation with 3-5 years experience in customer relations in Automobile dealership | 4 |
| SALES TRAINER | Bhubaneswar | Graduation with 3-5 years experience in similar profile with good communication, presentable and technical skill in Automobile dealership | 2 |
| SALES CONSULTANT | Bhubaneswar, Cuttack, Jajpur, Nayagarh, Keonjhar, Barbil & Berhampur | Graduation with 1-3 years experience in sales in Automobile dealership | 30 |
| SERVICE ADVISOR & BODYSHOP ADVISOR | Bhubaneswar, Cuttack, Jajpur, Keonjhar, Barbil & Berhampur | Degree/Diploma in Engineering with 2-3 years experience in customer handling in Automobile dealership | 10 |
| FLOOR SUPERVISOR | Keonjhar & Barbil | Degree/Diploma in Engineering with 4-6 years experience in shop floor management in Automobile dealership | 4 |
| FLOOR QUALITY CONTROLLER | Keonjhar & Barbil | Degree/Diploma in Engineering with 3-5 years experience in vehicle diagnosis & shop floor management in Automobile dealership | 4 |
| WARRANTY INCHARGE | Bhubaneswar & Nayagarh | Diploma in Engineering with 2-3 years experience in similar profile in Automobile dealership | 3 |
| TECHNICAL ADVISOR-BODYSHOP | Bhubaneswar & Berhampur | Degree/Diploma in Engineering with 2-3 years experience in similar profile in Automobile dealership | 2 |
| TECHNICIAN | Bhubaneswar, Cuttack, Jajpur, Keonjhar & Barbil | ITI with 2-3 years of relevant experience in Automobile dealership | 18 |
| ELECTRICIAN | Bhubaneswar, Cuttack, Jajpur, Keonjhar & Barbil | ITI with 2-3 years of relevant experience in Automobile dealership | 6 |
| TECHNICIAN TRAINEE | Bhubaneswar, Keonjhar & Barbil | ITI with fresher or 1 year experience in Automobile dealership | 10 |
| DRIVER | Bhubaneswar | Driving Experince with valid four wheeler driving licence | 6 |
| WASHING ASSOCIATE | Bhubaneswar, Keonjhar & Barbil | 10th pass with fresher or 1 year experience in Automobile dealership | 5 |

Walk in Interview: 19th, 21st, 22nd, 23rd & 24th of June 2023
Place of Interview: Utkal Automobiles Pvt. Ltd., S3/61, Mancheswar Industrial Estate, Rasulgarh, Bhubaneswar, Odisha, Land mark- Near Mancheswar Police Station.
Salary is Negotiable and best in the Industries.
Send your Resume to:
hrexecutive@utkalautomobiles.com, hrexecutive.hyundai@utkalautomobiles.com
Contact No.: 7064008721 / 7440038756 / 7440038748

ଯାହାକିଛି ତୁମେ କରୁଥାଅ- ଯୋଉ ବାଗରେ ବି କରୁଥାଅ- ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ- ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। -ଶ୍ରୀମା



# ଆଣବିକ ଚାଇନା

ରୁଷିଆର ୟୁକ୍ରେନ୍ ଉପରେ ଆକ୍ରମଣ ପରିପ୍ରେକ୍ଷୀରେ ପୁଟିନ୍‌ଙ୍କ ଆଣବିକ ଧମକ ଯେତିକି ଭୟ ସୃଷ୍ଟି ନ କରିଛି, ତା'ଠାରୁ ଅଧିକ ଭୟଙ୍କର ପରିସ୍ଥିତି ସୂଚିତ କରିଛି ଚାଇନାର ସାମ୍ପ୍ରତିକ ଆଣବିକ ଅଗ୍ରଗତି। ଚାଇନା ୨୦୨୨ରେ ନିଜର ଆଣବିକ ଅସ୍ତ୍ର ସଂଖ୍ୟା ୩୫୦ରୁ ୪୧୦କୁ ବୃଦ୍ଧି କରି ସୁପର୍‌ପାୱାର ଭାବେ ଉଭା ହୋଇଛି ବୋଲି ଷ୍ଟକ୍‌ହୋମ ଇଣ୍ଟର୍‌ନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଏସ୍‌ଆଇପିଆର୍‌ଆଇ) ପକ୍ଷରୁ କୁହାଯାଇଛି। କେବଳ ଚାଇନା ନୁହେଁ ଭାରତ, ପାକିସ୍ତାନ ଏବଂ ଉତ୍ତର କୋରିଆ ଏ କ୍ଷେତ୍ରରେ ସେମାନଙ୍କ ଆଣବିକ କ୍ଷମତା ଆଂଶିକ ବୃଦ୍ଧି କରିଛନ୍ତି। ରୁଷିଆ ବି ନିଜର ଅଣୁଅସ୍ତ୍ର କ୍ଷମତା ବୃଦ୍ଧି କରିଛି । ଅନ୍ୟ ଆଣବିକ ସମ୍ପନ୍ନ ଦେଶଗୁଡ଼ିକ ମଧ୍ୟ ସେମାନଙ୍କ ଅଣୁଅସ୍ତ୍ରର ଆଧୁନିକୀକରଣ ଜାରି ରଖିଥିବା ଏସ୍‌ଆଇପିଆର୍‌ଆଇ ଦର୍ଶାଇଛି। ୨୦୨୨ରେ ବିଶ୍ୱରେ ମୋଟ ୮୬ଟି ଆଣବିକ ଅସ୍ତ୍ର ନିର୍ମାଣ କରାଯାଇଥିବାବେଳେ ସେଥିରୁ ୬୦ଟି ହେଉଛି ଚାଇନାର। ଏଭଳି ପଦକ୍ଷେପ ପଛରେ ଅନେକ କାରଣ ଥିବା କୁହାଯାଉଛି। କିଛି ଦଶନ୍ଧି ହେଲା ଚାଇନା ପାଶ୍ଚାତ୍ୟ ଓ ଆମେରିକାର ଆର୍ଥିକ ଏବଂ ସାମରିକ ଆହ୍ୱାନର ସାମ୍ନା କରୁଛି। ତାଇୱାନ୍‌କୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏଭଳି ଏକ ଉତ୍ତେଜନାପୂର୍ଣ୍ଣ ପରିବେଶରେ ଚାଇନାର ଦ୍ରୁତ ଆଣବିକ ଅଭିବୃଦ୍ଧି ବିଶ୍ୱ ସମୁଦାୟକୁ ଚିନ୍ତାରେ ପକାଇଛି। କିନ୍ତୁ ଅଧିକ ଚିନ୍ତାରେ ପଡ଼ିବା କଥା ଭାରତ। ଆଜିପର୍ଯ୍ୟନ୍ତ ସବୁବେଳେ ପାକିସ୍ତାନକୁ ବିରୋଧୀ ରାଷ୍ଟ୍ର ଭାବେ ଦେଖି ଆସୁଥିବା ଭାରତର ପ୍ରତିରକ୍ଷା ବ୍ୟବସ୍ଥା ଏବେ ଚାଇନାକୁ ସାମ୍ନା କରିବା ପାଇଁ ସମ୍ପୂର୍ଣ୍ଣ ଅପ୍ରସ୍ତୁତ। ସେଥିପାଇଁ ଆଜିର ସରକାର ଆମେରିକା ଉପରେ ଅଧିକ ଢଳି ପଡ଼ିବା ଭଳି ମନେହେଉଛି। ଏଥିସହିତ 'କ୍ୱାଡ୍'ରେ ସାମିଲ ହେବା ପରେ ଭାରତକୁ ଏକ ମିଥ୍ୟା ଆଶ୍ୱସ୍ତି ମିଳିଲା ଭଳି ହୃଦ୍‌ବୋଧହେଉଛି। ବାସ୍ତବ ଯୁଦ୍ଧ ଆରମ୍ଭ ହେଲେ କ୍ୱାଡ୍‌ର ଅନ୍ୟ ଦେଶଗୁଡ଼ିକର ସହଯୋଗ ପାଇବା ଭାରତ ପାଇଁ ସହଜ ହେବ ନାହିଁ। କାରଣ ଉଭୟ ଜାପାନ ଓ ଅଷ୍ଟ୍ରେଲିଆ ସିଧାସଳଖ ଯୁଦ୍ଧରେ ଭାରତ ସହ ମିଶିବାକୁ କୁଣ୍ଠାବୋଧ କରିପାରନ୍ତି। ଏହା ପଛରେ ରହୁଛି ପ୍ରବଳ ରାଜନୈତିକ କାରଣ। ପ୍ରାୟ ସମସ୍ତ ବଡ଼ ଜାପାନୀ କମ୍ପାନୀର କାରଖାନା ଏବେ ଚାଇନାରେ ଅବସ୍ଥାପିତ। ସେହିଭଳି ଅଷ୍ଟ୍ରେଲିଆ ମଧ୍ୟ ଚାଇନା ଉପରେ ନିର୍ଭରଶୀଳ। ବାକି ରହିଲା ଆମେରିକା, ଯାହାର ବିଶ୍ୱସନୀୟତା ଉପରେ ଘୋର ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ୟୁକ୍ରେନ୍‌କୁ ପ୍ରବଳ ମାତ୍ରାରେ ଆମେରିକାର ସାହାଯ୍ୟ ପଛରେ ବ୍ୟବସାୟିକ ଉଦ୍ଦେଶ୍ୟ ରହିଛି। କାରଣ ୟୁକ୍ରେନ୍ କେବଳ ୟୁକ୍ରେନ୍ ନୁହେଁ, ୟୁକ୍ରେନ୍ ସହିତ ସମଗ୍ର ପଶ୍ଚିମ ଏବଂ ମଧ୍ୟ ୟୁରୋପର ସମ୍ପୃକ୍ତି ରହିଛି।

**ଚାଇନାର ଦ୍ରୁତ ଆଣବିକ ଅଭିବୃଦ୍ଧି ବିଶ୍ୱ ସମୁଦାୟକୁ ଚିନ୍ତାରେ ପକାଇଛି। କିନ୍ତୁ ଅଧିକ ଚିନ୍ତାରେ ପଡ଼ିବା କଥା ଭାରତ। ଆଜିପର୍ଯ୍ୟନ୍ତ ସବୁବେଳେ ପାକିସ୍ତାନକୁ ବିରୋଧୀ ରାଷ୍ଟ୍ର ଭାବେ ଦେଖି ଆସୁଥିବା ଭାରତର ପ୍ରତିରକ୍ଷା ବ୍ୟବସ୍ଥା ଏବେ ଚାଇନାକୁ ସାମ୍ନା କରିବା ପାଇଁ ସମ୍ପୂର୍ଣ୍ଣ ଅପ୍ରସ୍ତୁତ। ସେଥିପାଇଁ ଆଜିର ସରକାର ଆମେରିକା ଉପରେ ଅଧିକ ଢଳି ପଡ଼ିବା ଭଳି ମନେହେଉଛି।**

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୪ ଜୁନ୍ ୧୯୯୮

- ବିଶ୍ୱକପ୍‌ର ଏକମାତ୍ର ହ୍ୟାଟ୍ରିକ ହାସଲକାରୀ ଇଂଲଣ୍ଡ ଫୁଟବଲର ଜିଓଫ ହର୍ଷ୍ଟଙ୍କୁ 'ନାଇଟ' ଉପାଧି ପ୍ରଦାନ।
- ଅଜଣା ଆତତାୟୀଙ୍କ ଗୁଳିରେ ବିହାରର ପୂର୍ବତନ ମନ୍ତ୍ରୀ ଆର୍.ଜେ.ଡି. ନେତା ବ୍ରିଜ ବିହାରୀ ପ୍ରସାଦ ନିହତ।
- ଭାରତୀୟ କ୍ରିକେଟ ଦଳର ଯୁବ ଖେଳାଳି ଅଜିତ ଅଗରକରଙ୍କୁ ଥମସନର 'ପ୍ରମିଜିଂ ପ୍ଲେୟାର' ପୁରସ୍କାର ପ୍ରଦାନ।
- ଆଲଜିଅର୍ସର ପଶ୍ଚିମ ପଟରେ ଏକ ରେଳ ବୋମା ବିସ୍ଫୋରଣ ଘଟି ୧୫ ଜଣ ଲୋକଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | | | | | |
| | | | | | 9 | 3 | 2 | |
| | 8 | 5 | 6 | | | | | 9 |
| | | | 1 | | | | | 6 |
| 4 | 1 | | | | | | 9 | |
| | 9 | | 5 | | 6 | | | |
| | | 8 | | | 2 | | 1 | |
| 6 | | 2 | | | 4 | | 7 | |
| | | | 9 | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 8 | 7 | 3 | 9 | 4 | 6 |
| 8 | 4 | 7 | 6 | 1 | 9 | 2 | 5 | 3 |
| 3 | 6 | 9 | 4 | 5 | 2 | 8 | 1 | 7 |
| 6 | 8 | 5 | 2 | 4 | 7 | 1 | 3 | 9 |
| 7 | 9 | 3 | 1 | 8 | 6 | 4 | 2 | 5 |
| 4 | 1 | 2 | 9 | 3 | 5 | 6 | 7 | 8 |
| 1 | 3 | 4 | 7 | 9 | 8 | 5 | 6 | 2 |
| 2 | 5 | 8 | 3 | 6 | 1 | 7 | 9 | 4 |
| 9 | 7 | 6 | 5 | 2 | 4 | 3 | 8 | 1 |

ଗତକାଲିର ଉତ୍ତର

# ଆତ୍ମସନ୍ତୋଷର ଅସଲ ପୁଞ୍ଜି



ଡ. ପ୍ରଫୁଲ୍ଲ କୁମାର ସାହୁ


ରକ୍ତକୁ ଏବେ କୁହାଯାଉଛି ଜୀବନ ବିନ୍ଦୁ । ଅତୀତରେ ବି ଏହା କୁହାଯାଉଥିଲା, ମାତ୍ର ଏବେ ସାର୍ଥକତାର ଭାବେ ଆବିଷ୍କାର କରାଯାଇ ପାରିଛି ତା'ର ପ୍ରାସଙ୍ଗିକତା। ଜୀବନ ଧାରଣ ପାଇଁ ଶରୀରରେ ରକ୍ତର ଆବଶ୍ୟକତା କଥା ବିଚାର କଲେ ତାକୁ ଜୀବନ ବିନ୍ଦୁ ନୁହେଁ, ବରଂ ଜୀବନ କହିବା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ। କାରଣ ଶରୀରର ସମସ୍ତ ପ୍ରକାର ଆଭ୍ୟନ୍ତରୀଣ ବ୍ୟାପାରକୁ ସଂଯୋଜନା କରୁଥିବା ଏହି ଲାଲ ରଙ୍ଗର ତରଳ ସଂଯୋଜକ ତନ୍ତୁ ବିନା ଜୀବନ ଧାରଣ ଅସମ୍ଭବ। ଦୁର୍ଘଟଣା କିମ୍ବା ଅନ୍ୟ କୌଣସି କାରଣରୁ ଅତିରିକ୍ତ ରକ୍ତ କ୍ଷରଣ ହେଲେ ଜୀବନ ପ୍ରତି ସୃଷ୍ଟି ହୁଏ ବିପଦ। ବ୍ୟକ୍ତି ବିପଦମୁକ୍ତ ହେବା ପାଇଁ ତତ୍କାଳ ଆବଶ୍ୟକ ହୁଏ ରକ୍ତର ପୁନଃ ସ୍ଥାପନ। ରକ୍ତ ନିର୍ମାଣ ପ୍ରକ୍ରିୟାରେ ତ୍ରୁଟିଜନିତ ଅସୁବିଧା ଭୋଗୁଥିବା ରୋଗୀ ପାଇଁ ବି ଦରକାର ହୁଏ ନିୟମିତ ବ୍ୟବଧାନରେ ରକ୍ତ ଗ୍ରହଣ। ଏତଦ୍‌ଭିନ୍ନ ପ୍ରସବକାଳୀନ ସମସ୍ୟାରେ ଥିବା ମହିଳା ଓ ଅସ୍ତ୍ରୋପଚାର ଅପେକ୍ଷାରେ ଥିବା ରୋଗୀର ଜୀବନ ରକ୍ଷା ପାଇଁ ଖୋଜା ପଡ଼େ ରକ୍ତ।

ଏକବିଂଶ ଶତାବ୍ଦୀର ପ୍ରଗତି ପ୍ରେକ୍ଷାପଟରେ ଚିକିତ୍ସା ବିଜ୍ଞାନ ଆଶାତୀତ ସଫଳତା ହାସଲ କରିଛି ସତ କିନ୍ତୁ ବିଜ୍ଞାନାଗାରରେ ବିନ୍ଦୁଟିଏ ରକ୍ତ ତିଆରି କରିବା ପାଇଁ ସକ୍ଷମ ହୋଇପାରିନି ଏଯାବତ୍। କାରଣ ରକ୍ତ ଏପରି ଏକ ବିକଳ୍ପବିହୀନ ଅମୂଲ୍ୟ ସମ୍ପଦ, ଯାହାକୁ କୃତ୍ରିମ ଉପାୟରେ ତିଆରି କରିବା ପ୍ରାୟତଃ ଏକ ଅସମ୍ଭବ ବ୍ୟାପାର। ତେଣୁ କୌଣସି କାରଣରୁ କାହା ଶରୀର ପାଇଁ ରକ୍ତ ପୁନଃ ସ୍ଥାପନ ଆବଶ୍ୟକ ହେଲେ, ତାହା ପୂରଣ କରିବାକୁ ପଡ଼େ ଅନ୍ୟକେହି ସୁସ୍ଥ ଲୋକର ରକ୍ତଦାନ ଜରିଆରେ। ଯଥା ସମୟରେ ଓ ଆବଶ୍ୟକ ଅନୁସାରେ ରକ୍ତ ନ ମିଳିଲେ ଚାଲିଯାଏ ରୋଗୀର ଜୀବନ। ଏଭଳି ସ୍ଥିତିରେ ଯେଉଁମାନେ ସ୍ୱେଚ୍ଛାକୃତ ରକ୍ତଦାନ କରି ପୀଡ଼ିତର ଜୀବନ ବଞ୍ଚାନ୍ତି ସେମାନେ କିଛି ସାଧାରଣ ମଣିଷ ନୁହନ୍ତି, ବରଂ ଜଣେ ଜଣେ ଦେବଦୂତ।

ସଂସାରରେ ଯାହାର ବିକଳ୍ପ ନାହିଁ ତା'ର ବ୍ୟବସ୍ଥିତ ପରିପୂରକତା ପ୍ରକୃତିର ନିୟମ। ପୃଥିବୀରେ ଅରଣ୍ୟର ବିକଳ୍ପ ନାହିଁ, ହେଲେ ଜୀବନ ଧାରଣ ପାଇଁ ତା'ର ଉପସ୍ଥିତି ଏକାନ୍ତ ପ୍ରୟୋଜନ। ତେଣୁ ଦିଗନ୍ତବ୍ୟାପି ଘଞ୍ଚ ଅରଣ୍ୟ ପ୍ରକୃତିର ଦାନ। ବୃଷ୍ଟିପାତ ବିନା ବଞ୍ଚିପାରିବନି ଉଦ୍ଭିଦ ଓ ଜୀବଜଗତ। ଅଥଚ ବିକଳ୍ପ ନାହିଁ: ଆକାଶରେ ଭାସୁଥିବା ମେଘମାଳାର। ସେଥିପାଇଁ ଆଷାଢ଼ରେ ମେଘଭର୍ତ୍ତି ଆକାଶ ଆଡ଼କୁ ଚାତକ ପରି ଚାହିଁରହେ ଧରା। ଆଶ୍ଚର୍ଯ୍ୟ ଓ ଆଶ୍ୱାସନାର ବିଷୟ ହେଉଛି ବର୍ଷାର ସ୍ପର୍ଶ ପାଇବା ପାଇଁ ଧରା ଯେତିକି ବ୍ୟାକୁଳ, ଆକାଶରୁ ବର୍ଷା ହୋଇ ଝରିଯିବା ପାଇଁ ମେଘ ବି ସେତିକି ଅଧିର। ପ୍ରକୃତିର ଏହି ବ୍ୟବସ୍ଥା ହେଉଛି ଏକ ସ୍ୱୟଂକ୍ରିୟ ପରିପୂରକତା। ଏହି ବ୍ୟବସ୍ଥିତ ପରିପୂରକତା ଅନୁଯାୟୀ ଜଣେ ରୋଗୀ ପାଇଁ ରକ୍ତ ଗ୍ରହଣ ଯେତିକି ଜରୁରୀ ଜଣେ ସୁସ୍ଥ ବ୍ୟକ୍ତି ପାଇଁ ରକ୍ତଦାନ ସେତିକି ଉପାଦେୟ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସୂଚନା ଅନୁସାରେ ନିୟମିତ ବ୍ୟବଧାନରେ ରକ୍ତଦାନ କରିବା ଦ୍ୱାରା ଶରୀରରେ କୋଲେଷ୍ଟରଲ ପରିମାଣ ନିୟନ୍ତ୍ରଣରେ ରହେ ଏବଂ ହ୍ରାସ ପାଏ ଉଚ୍ଚ ରକ୍ତଚାପ, ମଧୁମେହ ଓ ହୃଦ୍‌ରୋଗର ଆଶଙ୍କା। ଅସ୍ଥିମଜ୍ଜା ସକ୍ରିୟ ହେବା ସହ ଅପେକ୍ଷାକୃତ ଅଧିକ କାର୍ଯ୍ୟକ୍ଷମ ହୁଏ ରକ୍ତଦାତାର ଶରୀର। ଜୀବନକାଳ ମଧ୍ୟରେ ନିଜ ଚିକିତ୍ସା ପାଇଁ ରକ୍ତଦାତା ଯଦି କେବେ ରକ୍ତ ଆବଶ୍ୟକ କରେ, ତେବେ ରକ୍ତ ଭଣ୍ଡାର ମାଧ୍ୟମରେ ତାକୁ ରକ୍ତ ଯୋଗେଇ ଦିଆଯାଏ ଅଗ୍ରାଧିକାର ଭିତ୍ତିରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ରକ୍ତ ଦାନ କରି ଜଣକ ଜୀବନ ବଞ୍ଚେଇ ପାରିଥିବାରୁ ରକ୍ତଦାତା ଖୁବ୍ ଆତ୍ମସନ୍ତୋଷ ଲାଭ କରେ, ଯାହା ତାକୁ ସାମାଜିକ ଜୀବନରେ ଯୋଗେଇଦିଏ ପ୍ରଚୁର ମାନସିକ ଶକ୍ତି। ଉପରୋକ୍ତ ପ୍ରେକ୍ଷାପଟରେ ବିଚାର କଲେ ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ରକ୍ଷା ପାଇଁ ରକ୍ତଦାନର ଆବଶ୍ୟକତା ଏକାନ୍ତ ଜରୁରୀ।

**ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ**




ଚିକିତ୍ସା ବିଜ୍ଞାନ କହେ ମଣିଷ ଦେହର ରକ୍ତ (ଓ+, ଓ, ଇ+, ଇ, ଈ+, ଈ, ଇଈ+ ଏବଂ ଇଈ ନାମରେ) ୮ଟି ବର୍ଗରେ ବିଭକ୍ତ। ପୃଥିବୀରେ ପ୍ରତି ତିନି ଜଣ ଲୋକଙ୍କ ମଧ୍ୟରୁ ଜଣେ ଓ+ ୧୫ଜଣଙ୍କ ମଧ୍ୟରେ ଜଣେ ଓ , ତିନିଜଣଙ୍କ ମଧ୍ୟରେ ଜଣେ ଇ+, ୧୬ ଜଣରେ ଜଣେ ଇ, ପନ୍ଦର ଜଣରେ ଜଣେ ଈ+, ୬୭ ଜଣରେ ଜଣେ ଈ, ଏବଂ ୨୯ ଜଣରେ ଜଣେ ଇଈ+ ହୋଇଥିବା ବେଳେ ୧୬୭ ଜଣ ଲୋକଙ୍କ ମଧ୍ୟରେ ଥାଆନ୍ତି ଜଣେ ଇଈ ରକ୍ତ ବର୍ଗର ବ୍ୟକ୍ତି। ରକ୍ତରେ ଥିବା ଏହି ଭିନ୍ନତା ଯୋଗୁ ରକ୍ତଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବିଶେଷ ଭୂମିକା ନିର୍ବାହ କରେ ରକ୍ତଭଣ୍ଡାର।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ଭାରତର ବାର୍ଷିକ ୧୪ ନିୟୁତ ୟୁନିଟ୍ ରକ୍ତର ଆବଶ୍ୟକ ଥିଲାବେଳେ ସଂଗ୍ରହ ହୋଇପାରୁଛି ମାତ୍ର ୧୦ନିୟୁତ ୟୁନିଟ୍ ରକ୍ତ। ସାଧାରଣତଃ ନିଅଣ୍ଟ ପରିମାଣ ୨୫ ପ୍ରତିଶତ ହୋଇଥିବା ସ୍ଥଳେ ଏହା ବୃଦ୍ଧି ପାଇ ୫୦ ପ୍ରତିଶତରେ ପହଞ୍ଚୁଛି ଗ୍ରୀଷ୍ମ ଋତୁରେ। ତଥାପି ଆଶ୍ୱାସନାର ବିଷୟ ହେଉଛି ରକ୍ତଦାନକୁ ନେଇ ଦେଶରେ କ୍ରମଶଃ ବୃଦ୍ଧପାଉଛି ଜନସଚେତନତା। ଏହାକୁ ଏକପ୍ରକାର ସାମାଜିକ ଆନ୍ଦୋଳନରେ ପରିଣତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ତେଣୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଛାତ୍ର ଓ ଯୁବକମାନେ ଆଗେଇ ଆସୁଛନ୍ତି, ଯାହାର ଏକ ଅବିଶ୍ୱସନୀୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଲା ବାହାନଗା ରେଳ ଦୁର୍ଘଟଣା ବେଳେ। ରକ୍ତଦାନ କରି ଆହତମାନଙ୍କ ପ୍ରାଣ ବଞ୍ଚେଇବା ପାଇଁ ବିନା ଡାକରାରେ ଡାକ୍ତରଖାନାରେ ପହଞ୍ଚିଗଲେ ଶହ ଶହ ଛାତ୍ର ଓ ଯୁବକ। ସେମାନଙ୍କ ସ୍ୱେଚ୍ଛାକୃତ ରକ୍ତଦାନ ଯୋଗୁ ରାତିକ ଭିତରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ସଂଗ୍ରହ ହୋଇପାରିଥିଲା ୫୦୦ ୟୁନିଟ୍‌ରୁ ଅଧିକ ରକ୍ତ। କେବଳ ବାଲେଶ୍ୱର ନୁହେଁ ସୋର, ଭଦ୍ରକ, କଟକ ଓ ଭୁବନେଶ୍ୱର ଆଦି ଡାକ୍ତରଖାନାରେ ମଧ୍ୟ ଆହତଙ୍କ ପାଇଁ ରକ୍ତଦାନ କରିଥିଲେ ଶହ ଶହ ଲୋକ। ସେହି ଦେବଦୂତମାନଙ୍କ ଉଦ୍ଦେଶ୍ୟରେ ଏବେ ଅଜାଡ଼ି ହୋଇପଡୁଛି ଅଜସ୍ର ଶ୍ରଦ୍ଧା, ସମ୍ମାନ ଓ ଆଶୀର୍ବାଦ। ସମାଜରେ ଗୋଟିଏ ସାର୍ଥକତାର ଜୀବନ ବଞ୍ଚିବା ପାଇଁ ଏହା ହିଁ ତ ଅସଲ ପୁଞ୍ଜି। ରକ୍ତଦାନ ପାଇଁ ଏଭଳି ସ୍ୱତଃସ୍ଫୂର୍ତ୍ତ ଉତ୍ସାହ ବୃଦ୍ଧି ପାଇଲେ ରକ୍ତ ଭଣ୍ଡାରରେ ଆଉ ରକ୍ତର ଅଭାବ ରହିବ ନାହିଁ କି ରକ୍ତ ବିନା ଝଡ଼ିଯିବନି ଜଣେ କେହି ବ୍ୟକ୍ତିର ଜୀବନ।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ.- ୬୩୭୧୬୪୨୪୬୪**

# ଆୟୁଷ ଆମ ହାତରେ




ଅଲେଖ ଚନ୍ଦ୍ର ମିଶ୍ର

ଆଜିକାଲି ପୁରାତନ ବନ୍ଧୁ ସାଙ୍ଗସାଥୀ, ପରିଚିତ, ସମ ବୟସର ବୟସ୍କ ଲୋକ ପରସ୍ପର ଭେଟ ହୋଇଗଲେ ଆଗ ପଚାରୁଛନ୍ତି, ଦେହପା କେମିତି ଅଛି? ବିପି? ସୁଗାର୍? ଜଏଣ୍ଟ ପେନ୍? ଏହାର ଅର୍ଥ ଆଜିକାଲି ଏଭଳି ରୋଗ ହେବା ସାଭାବିକ ବୋଲି ଧରି ନିଆଗଲାଣି। କିନ୍ତୁ କେଇ ବର୍ଷ ତଳେ ଏପରି ସ୍ୱାଗତ ସମ୍ଭାଷଣ ନ ଥିଲା ; ସେତେବେଳେ ଏ ସବୁ ରୋଗ ସାଧାରଣ ଲୋକଙ୍କୁ ଅଜଣା ଥିଲା। ବର୍ଷ କେଇଟା ଭିତରେ ଏ ଯେଉଁ ପରିବର୍ତ୍ତନ ଘଟିଛି ତା'ର ଅନେକ କାରଣ ମଧ୍ୟରୁ ପ୍ରଥମ ହେଲା ଶରୀରରେ ରୋଗ ପ୍ରତିଷେଧକ ଶକ୍ତିର ହ୍ରାସ, ଯାହା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରୁଛି। ଆଗେ ଲୋକେ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଖାଉଥିଲେ ଏବଂ ସେଥିପାଇଁ ଉଦ୍ଦିଷ୍ଟ ନୀତି ନିୟମ ପାଳନ କରୁଥିଲେ। ଆଗେ ନିରାମିଷ ତଥା ପୋଷକ ଭୋଜନକୁ ପ୍ରାଧାନ୍ୟ ଦିଆଯାଉଥିଲା । ଏବେ ଶତ ପ୍ରତିଶତ ଖାଦ୍ୟସାମଗ୍ରୀ ଭେଜାଲ, ନକଲି କିମ୍ବା ଅପମିଶ୍ରିତ। ଖାଣ୍ଟି ଜିନିଷ ମିଳିବା ସପ୍ନ।

ଏ ସମସ୍ୟା ସାରା ପୃଥିବୀକୁ ଗ୍ରାସ କରି ଚାଲିଛି ; ଯେଉଁଥିରୁ ମୁକ୍ତି ପାଇଁ ଅନ୍ତର୍ଜାତୀୟ ସ୍ତରରେ ପ୍ରଚେଷ୍ଟା ଜାରି ରହିଛି। ଏ କ୍ଷେତ୍ରରେ ଦୀର୍ଘ ଛଅ ବର୍ଷ ଧରି ଗବେଷଣା ପରେ ସେଣ୍ଟର୍ ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ସନ ୨୦୨୧ରେ ପ୍ରକାଶିତ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ଭରପୂର ଖାଦ୍ୟ, ଧୂମ୍ର ପାନ ବର୍ଜନ ଓ ନିୟମିତ ବ୍ୟାୟାମ ୮୭ ପ୍ରତିଶତ ମୃତ୍ୟୁ ଆଶଙ୍କା କମେଇ ଥାଏ। ଉକ୍ତ ସଂସ୍ଥାନ ଦ୍ୱାରା ପ୍ରଦତ୍ତ ପରାମର୍ଶଗୁଡ଼ିକ ହେଲା ଶୀଘ୍ର ବୃଦ୍ଧ ଓ ରୋଗଗ୍ରସ୍ତ ହେବାର କାରଣ ଶରୀର ଅକ୍ସିଡାଇଜ ହେବା। ସେଥିରୁ ରକ୍ଷା ପାଇବା ପାଇଁ ଆଣ୍ଟି ଅକ୍ସିଡାଣ୍ଟ ଖାଦ୍ୟ ଖାଇବା ନିହାତି ଜରୁରୀ। ସଜ ଫଳମୂଳ ଓ ତଟକା ପନିପରିବାରେ ମାଂସ ଅପେକ୍ଷା ୬୪ ଗୁଣ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଥାଏ। ସୁତରାଂ ମାଂସ ଆହାର ଛାଡ଼ି ଶାକାହାରୀ ହୁଅ। ସେହିପରି ୟୁନିଭର୍ସିଟି ଅଫ୍ ଚିକାଗୋ ମେଡିସିନ ବିଭାଗର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଧୂମ୍ରପାନ ମଣିଷର ଡି.ଏନ୍.ଏ.କୁ କ୍ଷତାକ୍ତ କରି ଜୀବନୀଶକ୍ତିକୁ ହ୍ରାସ କରାଏ।

ଦୀର୍ଘ ଜୀବନ କଥା ଉଠିଲେ ଜାପାନକୁ ପଥ ପ୍ରଦର୍ଶକ ଭାବରେ ଗ୍ରହଣ କରାଯାଇପାରେ। କାରଣ ସାରା ପୃଥିବୀରେ ଜାପାନୀମାନେ ସର୍ବାଧିକ ବର୍ଷ ବଞ୍ଚିଥାନ୍ତି। ୨୦୨୦-୨୧ରେ ବିଶ୍ୱର ୧୯୩ଟି ଦେଶକୁ ନେଇ ସର୍ବେକ୍ଷଣ କରାଯାଇଥିବା ତଥ୍ୟରୁ ଜଣାପଡ଼େ ଜାପାନୀମାନଙ୍କର ଜୀବନକାଳ(ଲଞ୍ଜିଭିଟି) ସର୍ବାଧିକ ୮୫.୦୩ ହୋଇଥିବା ବେଳେ ମାକାଓ ୮୪.୬୮ ଏବଂ ସିଙ୍ଗାପୁର ୮୪.୦୭ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି କେନ୍ଦ୍ରୀୟ ଆଫ୍ରିକୀୟ ଗଣତନ୍ତ୍ର ଅନ୍ତର୍ଗତ ଚାଦ (୫୪.୪୫) ଏବଂ ନାଇଜେରିଆ(୫୪.୮)ସର୍ବନିମ୍ନ ସ୍ଥାନରେ ଅଛନ୍ତି। ସର୍ବେକ୍ଷିତ ୧୯୩ଟି ଦେଶ ମଧ୍ୟରେ ଭାରତ ୭୦.୪୨ ସହିତ ୧୩୬ ସ୍ଥାନରେ ରହିଛି। ଜାପାନୀମାନଙ୍କର ଦୀର୍ଘ ଜୀବନର ରହସ୍ୟ ହେଲା, ସେମାନେ ଦୀର୍ଘ ଜୀବନ ଅପେକ୍ଷା ସୁସ୍ଥ ଜୀବନକୁ ଅଧିକ ପସନ୍ଦ କରନ୍ତି। ସେଥିପାଇଁ ବିଦେଶୀ ଖାଦ୍ୟ ନ ଖାଇ ନିଜର ପାରମ୍ପରିକ ଖାଦ୍ୟ ଖାଆନ୍ତି, ଫ୍ରିଜ ପାଣି ନ ପିଇ ଉଷୁମ ପାଣି ପିଅନ୍ତି। ଏପରି କି ବନ୍ଧୁ ବାନ୍ଧବଙ୍କ ଘରେ, ହୋଟେଲରେ ଏବଂ ଭୋଜିଭାତରେ ଉଷୁମ ପାଣି ପରଷା ଯାଏ।



ଆଞ୍ଚଳିକ ସ୍ତରରେ ଦେଖିଲେ ଏମିତି ସହର ଅଛି, ଯାହାର ଅଧିକାଂଶ ଅଧିବାସୀଙ୍କର ବୟସ ୯୦ ବର୍ଷରୁ ଅଧିକ। ତାହା ହେଉଛି ଚାଇନା ଦେଶର ସୁଲେ କାଉଣ୍ଟି ଅନ୍ତର୍ଗତ କୋମୋସ୍କେରିକ ସହର। ଏହି ସହରର ବାସିନ୍ଦା ଚାଇନାର ସବୁଠାରୁ ବୟସ୍କ ବ୍ୟକ୍ତି ୧୩୫ ବର୍ଷ ବୟସ୍କା(୨୫।୬।୧୮୮୬-୧୮।୧୨।୨୧) ଆଲି ମିହାନ ସେଇଟି କୁହନ୍ତି, ସେ ଠିକ୍ ସମୟରେ ଖାଆନ୍ତି ଏବଂ ନିତି ଖରା ପୁଅନ୍ତି। ବ୍ୟକ୍ତିଗତ ଦୃଷ୍ଟିରୁ ଦେଖିଲେ ପୃଥିବୀରେ ସବୁଠାରୁ ବେଶି ବର୍ଷ ବଞ୍ଚିଥିବା କେନ୍ଦ୍ରୀୟ ଜାଭାର ସ୍ଲୋଜେନ ନିବାସୀ ଏମ ବାହ ଗୋଠୋ (୧୪୬ବର୍ଷ-୩୧।୧୨।୧୮୭୦-୩୦।୪।୨୦୧୭)ଙ୍କର ଦୀର୍ଘ ଜୀବନର ରହସ୍ୟ ଥିଲା ନିୟମିତ ଓ ସନ୍ତୁଳିତ ଖାଦ୍ୟ। ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ଏ ସମସ୍ତ ଉପଦେଶ, ପରାମର୍ଶ ଓ ଆଦର୍ଶର ଉତ୍ପତ୍ତି ସ୍ଥଳ ଆମରି ଦେଶ। ଅଥଚ ନିଜ ଗର୍ଭରେ ଥିବା କସ୍ତୁରୀର ସୁଗନ୍ଧରେ ମୁଗ୍ଧ କସ୍ତୁରୀ ମୃଗ ତା'ର ସନ୍ଧାନରେ ଇତସ୍ତତଃ ଧାଉଁଥିବା ଭଳି ଆମେ ତା'ର ମୂଲ୍ୟ ନ ବୁଝି ଅନ୍ୟର ଅନ୍ଧାନୁକରଣରେ ବ୍ୟସ୍ତ। ଏ ବିଷୟରେ ଆମର ବିଭିନ୍ନ ପୁରାଣ ଶାସ୍ତ୍ରରେ ସନ୍ନିବିଷ୍ଟ ଉପଦେଶ ମଧ୍ୟରୁ କେତୋଟି ନିମ୍ନରେ ପ୍ରଦତ୍ତ ହେଲା। ନାସ୍ତି ମୂଳ ସମୌଷଧଂ(ଏପରି ପନିପରିବା ନାହିଁ, ଯାହାର ଔଷଧୀୟ ଗୁଣ ନାହିଁ), ଶତ ବିହାୟ ଭୋଜନମ୍ (ଶହେ କାମ ଛାଡି ଠିକ ସମୟରେ ଖାଇବା), ଜଠରମ ପୁରୟେଦର୍ଦ୍ଧ ମନ୍ନେନ(ଅଧା ପେଟ ଖାଦ୍ୟ, ଚାରିଭାଗ ପାଣି, ଚାରିଭାଗ ଖାଲି), ଭୋଜନେ ଭୋଜନଂ ବିଷଂ(ସମ୍ପୂର୍ଣ୍ଣ ହଜମ ହେଲା ପରେ ହିଁ ଖାଇବ)ଇତ୍ୟାଦି। ଶରୀରର ବିଭିନ୍ନ ଆବଶ୍ୟକତା ଅନୁଯାୟୀ ଆମର ଷଡ଼ ରସ (ଲୁଣ, ମିଠା, ପିତା, କଷା, ଖଟା,ରାଗ) ଯୁକ୍ତ ଖାଦ୍ୟର ବ୍ୟବସ୍ଥା ରହିଛି। ଆମର ଦୁଇ ମହାପୁରାଣ (ରାମାୟଣ ଓ ମହାଭାରତ)ରେ ବି ଏହାର ସଂକେତ ଦିଆଯାଇଛି। ମଦ୍ୟ ମାଂସର ନିତ୍ୟାହାରୀ ରାବଣକୁ ବଧ କରିବା ପାଇଁ ପ୍ରଭୁ ଶ୍ରୀରାମଙ୍କର ପ୍ରସ୍ତୁତି ପର୍ବରେ ସାମିଲ ଥିଲା ଚଉଦ ବର୍ଷ କାଳ ଫଳ ମୂଳ ଓ ଶାକାହାର। କଂସକୁ ନିଧନ କରିବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଗୋପରେ ଦୁଗ୍ଧ ଓ ଦୁଗ୍ଧଜାତ ଖାଦ୍ୟ ଖାଇ ବଢ଼ିବାକୁ ପଡ଼ିଥିଲା। ଅତଏବ ଦୀର୍ଘ ଓ ସୁସ୍ଥ ଜୀବନ ତ ଆମ ହାତ ପାଆନ୍ତାରେ। ଦରକାର ଖାଲି ହାତ ବଢ଼େଇବା।

**ଶାସ୍ତ୍ରୀନଗର, ଭୁବନେଶ୍ୱର**
**ମୋ:୯୪୩୮୬୭୩୮୯୮**

## ଏଇ ଭାରତରେ

ମାଟିରେ ଯୋଡ଼େଇ ଇଟା କିମ୍ବା ପଥର ଘର ଦେଖିଛନ୍ତି। କିନ୍ତୁ ପ୍ରାକୃତିକ ପରିବେଶରେ ମାଟି ଓ ପ୍ଲାଷ୍ଟିକ୍ ବୋତଲରେ ନିର୍ମାଣ କରାଯାଇଥିବା ଘର ଏବେ ଦେଖିବାକୁ ମିଳିଛି ତାମିଲନାଡୁର ଶୁଲାଗିରି ଗାଁରେ। ଏହି ଘରକୁ ନିର୍ମାଣ କରିଛନ୍ତି ଆର୍କିଟେକ୍‌ଚରାଲ ଫାର୍ମ 'ବୋଲମେକର୍ସ'ର ଆର୍କିଟେକ୍ଟ ବିନୁ ଡାନିଏଲ। ଏହି ଘରକୁ ସମ୍ପୂର୍ଣ୍ଣ ନିଆରା ଶୈଳୀରେ ନିର୍ମାଣ କରାଯାଇଛି। ଘର ନିର୍ମାଣ କରିବାରେ ବିନୁ ୪,୦୦୦ ପ୍ଲାଷ୍ଟିକ ବୋତଲ ବ୍ୟବହାର କରିଛନ୍ତି। ମୁଖ୍ୟତଃ ଏହି ବୋତଲଗୁଡ଼ିକୁ ଛାତରେ ଲଗାଯାଇଛି। ଘର ଛାତରେ ବି କାଚ ଖଞ୍ଜା ହୋଇଛି, ଫଳରେ ଜଣେ ଘରଭିତରୁ ଆକାଶର ଦୃଶ୍ୟ ଉପଭୋଗ କରିପାରିବେ। ଘରର କାନ୍ଥ ମାଟିରେ ହୋଇଛି। ୨୧୨୨ ବର୍ଗଫୁଟରେ ଉକ୍ତ ଘର ନିର୍ମାଣ କରାଯାଇଛି ଓ ଏହାର ନାମ ରଖାଯାଇଛି 'ଚୁଞ୍ଜହି'। ମାଲୟାଲମ୍‌ରେ ଚୁଞ୍ଜହି ଅର୍ଥ ଚକ୍ରାକାର। ପ୍ରକୃତିର କୌଣସି କ୍ଷତି କରା ନ ଯାଇ ନିର୍ମାଣ କରାଯାଇଥିବା ଏହି ଚକ୍ରାକୃତି ଘରେ ଦୁଇଟି ରୁମ୍ ଅଛି। ଘର ତିଆରି ପାଇଁ ସେହି ସ୍ଥାନରୁ କୌଣସି ଗୋଟିଏ ଗଛ କଟାଯାଇନାହିଁ। ଏପରିକି ଗଛ କଟା ନ ଯିବା ପାଇଁ ଶେଷ ମୁହୂର୍ତ୍ତରେ ଡିଜାଇନରେ ପରିବର୍ତ୍ତନ କରାଯାଇଛି। ଘର ଭିତରେ ପଥର ନିର୍ମିତ ବେଡ୍ ରଖାଯାଇଛି। ଏହି ଡିଜାଇନର ଘର ପାଇଁ ବିନୁଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି।

## ଚିରନ୍ତନୀ

କୋଟି ଚନ୍ଦ୍ର ଗ୍ରହ ତାରା
ଜଳିଉଠେ ଯେ ଆଲୋକ ଲାଗି
ଘନ ତମିସ୍ରାର କୋଳେ ଯେ
ଆଲୋକଧାରା ଉଠେ ଜାଗି।
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଆଧୁନିକ ଜ୍ଞାନକୌଶଳ ଟ୍ରେନ ଦୁର୍ଘଟଣା ରୋକିବ

ମହାଶୟ,

ଚଳିତ ମାସ ୨ ତାରିଖରେ ବାହାନଗାଠାରେ ଘଟିଥିବା ଏକବିଂଶ ଶତାବ୍ଦୀର ଭୟଙ୍କର ରେଳ ଦୁର୍ଘଟଣା ସମଗ୍ର ବିଶ୍ୱକୁ ଚକିତ କରିଦେଇଛି। ସରକାରୀ ରିପୋର୍ଟ ଅନୁସାରେ ଏହି ଦୁର୍ଘଟଣାରେ ପ୍ରାୟ ୨୮୯ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୧୩୦୦ ଲୋକ ଆହତ ହୋଇଛନ୍ତି। କିନ୍ତୁ ମୃତାହତଙ୍କ ସଂଖ୍ୟା ଢ଼େର ଅଧିକ ବୋଲି ପ୍ରତ୍ୟକ୍ଷଦର୍ଶୀ ଗଣମାଧ୍ୟମକୁ କହୁଛନ୍ତି। ମୃତ୍ୟୁମୁଖରୁ ବଞ୍ଚିଯାଇଥିବା କରମଣ୍ଡଳ ଏକ୍ସପ୍ରେସର ଲୋକ ପାଇଲଟ ଓ ସହକାରୀ ପାଇଲଟଙ୍କ ବୟାନ ଅନୁସାରେ ଲୁପ୍ ଲାଇନ ପାଇଁ ଗ୍ରୀନ୍ ସିଗନାଲ ଥିବାରୁ ଏପରି ଭୟାନକ ଦୁର୍ଘଟଣା ଘଟିଲା। ରେଳମନ୍ତ୍ରୀଙ୍କ ବୟାନ ହେଉଛି ଇଲେକ୍ଟ୍ରୋନିକ ଇଣ୍ଟରଲକିଂର ତ୍ରୁଟି ପାଇଁ ଏଭଳି ଦୁର୍ଘଟଣା ଘଟିଲା। କେତେଜଣ ବୁଦ୍ଧିଜୀବୀଙ୍କ ମତ ହେଉଛି ଏଥିରେ ଷଡଯନ୍ତ୍ର ନିହିତ ଅଛି। ବର୍ତ୍ତମାନ ଏହି ଦୁର୍ଘଟଣାର ତଦନ୍ତ ଭାର ସିବିଆଇକୁ ଦିଆଯାଇଛି। ଆଶା ଓ ବିଶ୍ୱାସ ଯେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ। କିନ୍ତୁ ଆମକୁ ସ୍ୱୀକାର କରିବାକୁ ପଡିବ ଯେ ଆମର ପ୍ରଚଳିତ ରେଳ ଚଳାଚଳ ଜ୍ଞାନକୌଶଳ ଆମେରିକା, ବ୍ରିଟେନ, ଜାପାନ ଓ ଜର୍ମାନୀ ପରି ବିକଶିତ ଦେଶଗୁଡ଼ିକର ଅତ୍ୟାଧୁନିକ ତଥା ଉନ୍ନତ ଜ୍ଞାନକୌଶଳ ପରି ନୁହେଁ। ଏଥିପାଇଁ ଏସବୁ ଦେଶରେ ଭାରତ ଭଳି ଭୟାବହ ରେଳ ଦୁର୍ଘଟଣା ଘଟୁନାହିଁ। ସୁତରାଂ, ଭାରତ ସରକାର ଦେଶର ରେଳ ଚଳାଚଳ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବା ଆବଶ୍ୟକ, ଯଦ୍ୱାରା ଭବିଷ୍ୟତରେ ରେଳ ଦୁର୍ଘଟଣାକୁ ରୋକାଯାଇପାରିବ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଜମିଜମା ଦସ୍ତାବିଜ୍ ଅନ୍‌ଲାଇନ ହେଉ

ଚକଭୁକ୍ତ ଜମିର ବିଭାଜନକୁ ସରକାରଙ୍କ ଅନୁମୋଦନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଜମିଜମା ସମ୍ବନ୍ଧୀୟ ସମସ୍ତ ପୁରୁଣା କାଗଜପତ୍ର ସେଟଲ୍‌ମେଣ୍ଟ ଅଫିସରୁ ମିଳିବାରେ ଅହେତୁକ ବିଳମ୍ବ ହେଉଛି। ସେଠାରେ ବୁଲୁଥିବା ଦଲାଲମାନେ ପଇସା ନେଉଛନ୍ତି, କିନ୍ତୁ ଆବଶ୍ୟକ ଦସ୍ତାବିଜ୍ ଦେଉନାହାନ୍ତି। ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ ଓ ସମସ୍ତ ପ୍ରକାରର ଜମିଜମା କାଗଜପତ୍ର ପାଇବା ପାଇଁ ଅନ୍‌ଲାଇନ ବ୍ୟବସ୍ଥା କରିବାକୁ ଅନୁରୋଧ, ଯାହାଫଳରେ ଜନସାଧାରଣ ନିଜ ଜମିର ବିଭିନ୍ନ ପ୍ରକାରର ସମସ୍ୟାର ସମାଧାନ ହୋଇପାରିବ।

**-ବାବାଜୀ ଚରଣ ପରିଡା, ବାରଙ୍ଗ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧୪ ଜୁନ୍, ୨୦୨୩


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶିବସେନା ବିଜ୍ଞାପନକୁ ନେଇ ମେଣ୍ଟରେ ଫାଟ ଚର୍ଚ୍ଚା




ମୁମ୍ବାଇ, ୧୩।୬

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ପକ୍ଷରୁ ପ୍ରକାଶ ପାଇଥିବା ଏକ ବିଜ୍ଞାପନକୁ ନେଇ ବିବାଦ ମୁଣ୍ଡ ଟେକିଛି। ରାଜ୍ୟର ଶାସକ ମେଣ୍ଟରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। 'ମୋଦି ଇନ୍ ରାଷ୍ଟ୍ର, ଶିନ୍ଦେ ଇନ୍ ମହାରାଷ୍ଟ୍ର' ଶୀର୍ଷକରେ ଏକ ବିଜ୍ଞାପନ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା। ଏହା ମହାରାଷ୍ଟ୍ର ରାଜନୀତିରେ ଅନେକଙ୍କୁ ଚକିତ କରିଛି। କାରଣ 'ଦିଲ୍ଲୀ ମେ ନରେନ୍ଦ୍ର ଔର ରାଜ୍ୟ ମେ ଦେବେନ୍ଦ୍ର' ସ୍ଲୋଗାନ ଭାଜପା କ୍ୟାଡରମାନଙ୍କ ଦ୍ୱାରା ପୂର୍ବରୁ ବେଶ୍ ଲୋକପ୍ରିୟ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ଠାରୁ ଏକନାଥ ଶିନ୍ଦେଙ୍କ ଲୋକପ୍ରିୟତା ଅଧିକ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଛି। ନିକଟରେ ଏକ ଘରୋଇ ଚ୍ୟାନେଲ ଏବଂ ଅନ୍ୟ ଏକ ସଂସ୍ଥା ଦ୍ୱାରା ମିଳିତ ଭାବେ ଏହି ସର୍ଭେ କରାଯାଇଥିବା ଏଥିରେ କୁହାଯାଇଛି। ସର୍ଭେ ଅନୁଯାୟୀ ମହାରାଷ୍ଟ୍ରର ୨୬.୧ ପ୍ରତିଶତ ଜନସାଧାରଣ ଏକନାଥ ଶିନ୍ଦେଙ୍କୁ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିବାବେଳେ ଫଡ଼ନବିସଙ୍କୁ ୨୩.୨ ପ୍ରତିଶତ ଚାହୁଁଛନ୍ତି। ଭାଜପାକୁ ୩୦.୨ ପ୍ରତିଶତ ଲୋକଙ୍କ ସମର୍ଥନ ଥିବାବେଳେ ଶିନ୍ଦେ ସେନା ପ୍ରତି ୧୬.୨ ପ୍ରତିଶତଙ୍କ ସମର୍ଥନ ରହିଥିବା ସର୍ଭେରେ ଦାବି କରାଯାଇଛି। ମୋଟାମୋଟି ଭାବେ ୪୬ ପ୍ରତିଶତରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ମଧ୍ୟରେ ମେଣ୍ଟ ପ୍ରତି ଲୋକପ୍ରିୟତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କର ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପ ପାଇଁ ଲୋକପ୍ରିୟତା ବଢ଼ିଥିବା ବିଜ୍ଞାପନରେ ଉଲ୍ଲେଖ ରହିଛି। ଉଦ୍ଧବ ଠାକରେଙ୍କ ଦଳର ଏମ୍‌ପି ସଞ୍ଜୟ ରାଉତ ଉକ୍ତ ବିଜ୍ଞାପନକୁ ସମାଲୋଚନା କରିଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ବିଜ୍ଞାପନ ଛାପାଯାଇଛି। ବିଜ୍ଞାପନରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ନାଁ କିମ୍ବା ଫଟୋ ନାହିଁ। ଶିନ୍ଦେ ଗୋଷ୍ଠୀ ପ୍ରଧାନମନ୍ତ୍ରୀ ମୋଦି ଏବଂ ଅମିତ୍ ଶାହାଙ୍କୁ ଏତେ ଭୟ କରୁଛନ୍ତି ଯେ ବାଲାସାହେବଙ୍କ ନାଁକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି ବୋଲି ରାଉତ୍ ଟୁଇଟ୍ କରିଛନ୍ତି। ଯେଉଁମାନେ ରାଷ୍ଟ୍ର ମେ ନରେନ୍ଦ୍ର ଔର ରାଜ୍ୟ ମେ ଦେବେନ୍ଦ୍ର ସ୍ଲୋଗାନ ଦେଉଥିଲେ, ଦେବେନ୍ଦ୍ରଙ୍କ ପରିବର୍ତ୍ତେ ଏକନାଥଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଗ୍ରହଣ କରି ନିଶ୍ଚୟ ଦୁଃଖୀ ହେଉଥିବେ ବୋଲି ଏନ୍‌ସିପି ମୁଖପାତ୍ର କ୍ଲିଡେ କ୍ରାଷ୍ଟୋ କହିଛନ୍ତି। ଅନ୍ୟପକ୍ଷରେ ମେଣ୍ଟରେ କୌଣସି ଭୁଲ୍ ବୁଝାମଣା ନାହିଁ ବୋଲି ଶିନ୍ଦେ ଗୋଷ୍ଠୀର ମୁଖପାତ୍ର ଦୀପକ କେସରକର କହିଛନ୍ତି।

# ନିର୍ବାଚନରେ କୁକି ଉଗ୍ରପନ୍ଥୀଙ୍କ ସହାୟତା ଚାହିଁଥିଲା ଭାଜପା

## ରିପୋର୍ଟକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ, ୧୩।୬

ମଣିପୁର ନିର୍ବାଚନ ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସମେତ ଭାଜପା ନେତାମାନେ କୁକି ଉଗ୍ରପନ୍ଥୀଙ୍କ ସହାୟତା ଚାହିଁଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ମଙ୍ଗଳବାର କଂଗ୍ରେସ ଏହା ଉପରେ ପ୍ରଶ୍ନ ଉଠାଇଛି। ଉକ୍ତ ଅଭିଯୋଗ ଉପରେ ତଦନ୍ତ ଚାଲିଥିବାରୁ ବିଶ୍ୱ ଶର୍ମାଙ୍କର ମୁଖ୍ୟମନ୍ତ୍ରୀ ପଦରେ ରହିବାର ଅଧିକାର ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ବିଶ୍ୱ ଶର୍ମା ଏବଂ ଭାଜପାର ପୂର୍ବତନ ସାଧାରଣ ସମ୍ପାଦକ ରାମ ମାଧବ କୁକି ଉଗ୍ରପନ୍ଥୀଙ୍କ ସହଯୋଗ ଲୋଡ଼ିଥିବା ଖବର ସତ୍ୟ କି ଏବଂ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅନୁମୋଦନ କରିଥିଲେ



ରଣଦୀପ୍ ସୁର୍ଜେୱାଲା

କି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। ଯଦି ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଏହା ଜାଣିଥିଲେ, ସେମାନେ ଏହାକୁ କିପରି ମଞ୍ଜୁରୀ ଦେଇଥିଲେ ? ଯଦି ନୁହେଁ, ତେବେ ସେମାନେ କିପରି ସମ୍ପୂର୍ଣ୍ଣ ଅନ୍ଧକାରରେ ରହିଥିଲେ ବୋଲି କଂଗ୍ରେସ ନେତା ପ୍ରଶ୍ନ ଉଠାଇଛନ୍ତି। ଏହା ଜାତୀୟ ସ୍ୱାର୍ଥ ସହ ସାଲିସ୍ ନୁହେଁ କି? ମୋଦି ସରକାରଙ୍କ ପାଇଁ ଦେଶର ସ୍ୱାର୍ଥଠାରୁ ନିର୍ବାଚନ ଜିତିବା ଅଧିକ ଗୁରୁତ୍ୱପୂର୍ଣ୍ଣ କି ବୋଲି ସୁର୍ଜେୱାଲା ଟୁଇଟ୍ କରିଛନ୍ତି। ବିଶ୍ୱ ଶର୍ମା ଏବଂ ରାମ ମାଧବଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି, କଂଗ୍ରେସ ନେତା ଜାଣିବାକୁ ଚାହିଁଛନ୍ତି। ଉଗ୍ରପନ୍ଥୀଙ୍କ ସହଯୋଗ ଚାହିଁଥିବା ନେତାଙ୍କ ବିରୋଧରେ ଏନ୍‌ଆଇଏ ମାମଲା ରୁଜୁ କରି ତଦନ୍ତ କରୁ ଓ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସୁର୍ଜେୱାଲା କହିଛନ୍ତି।

# ରାଜ୍ୟରେ ବିରଳ ଘଟଣା ଦେଖିବାକୁ ମିଳୁଛି : ସମୀର

## ନିଜ ଟୁଇଟର ଆକାଉଣ୍ଟରୁ କ'ଣ ପୋଷ୍ଟ ହେଉଛି ଜାଣି ନ ଥିବେ: ସସ୍ମିତ

ଭୁବନେଶ୍ୱର, ୧୩।୬(ସୁନୀତ୍ ମିଶ୍ର)

ବିଜେଡି ରାଜନୀତିକୁ ନେଇ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି। ତେବେ ବିଜେଡି କିନ୍ତୁ ସମୀର ତାଙ୍କ ଦଳରେ କୋଣଠେସା ହୋଇପଡ଼ିଥିବା କଥା କହି ପାଲଟା ଟାର୍ଗେଟ କରିଛି। ସମୀର ଟୁଇଟ୍ କରି କହିଛନ୍ତି, ଓଡ଼ିଶାରେ କିଛିଦିନ ହେବ ଏକ ଆଶ୍ଚର୍ଯ୍ୟଜନକ ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ରହି ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ ରାଜ୍ୟର ବିକାଶର କାମ ଦେଇଥିବା ନଜରକୁ ଆସୁଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ରାଜ୍ୟର ବିଭିନ୍ନ ସ୍ଥାନ ବୁଲି ଜନସାଧାରଣଙ୍କୁ ଅବଗତ କରାଉଛନ୍ତି, ଲୋକଙ୍କ କଥାକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସେମାନଙ୍କ ନିକଟକୁ ନବୀନ ତାଙ୍କୁ ପଠାଇଛନ୍ତି । ସାମ୍ବିଧାନିକ ବ୍ୟବସ୍ଥାରେ ମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲା ପରିଷଦ ଓ ସରପଞ୍ଚ ଜନସାଧାରଣଙ୍କ ସମସ୍ୟା ବୁଝିବା ପାଇଁ ରହିଥାନ୍ତି। ଓଡ଼ିଶାରେ କିନ୍ତୁ ଏହାର ବିପରୀତ ତଥା ବିରଳ ଘଟଣା ଦେଖିବାକୁ ମିଳୁଛି। ଏମ୍‌ପି ଓ ବିଧାୟକମାନେ ବ୍ୟକ୍ତିଗତ ସହାୟକଙ୍କ ପାଇଁ ମଞ୍ଚ ବାନ୍ଧିବାଠାରୁ ଲୋକ ଯୋଗାଡ କାର୍ଯ୍ୟରେ ନିୟୋଜିତ ଅଛନ୍ତି, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ସମୀର କହିଛନ୍ତି।

ତେବେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଟୁଇଟ୍ କରି କହିଛନ୍ତି, ରାଜ୍ୟ ରାଜନୀତିରେ ନିଜ ଦଳରୁ କୋଣଠେସା ହୋଇଥିବା ରାଜ୍ୟ ଭାଜପାର ଜଣେ ବରିଷ୍ଠ ନେତା କିଭଳି ଈର୍ଷାନ୍ୱିତ ଓ ନିରାଶ ହୋଇପଡ଼ିଛନ୍ତି ତାହା ତାଙ୍କ ବିବୃତିରୁ ଜଣାପଡିଯାଉଛି। ଯେତେବେଳେ ରାଜ୍ୟ ସରକାର ଭଲ କାମ କରୁଛନ୍ତି ଏବଂ ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି ସେତେବେଳେ ଏହି ନେତା ଜଣକ କାହିଁକି ଭୟଭୀତ ଓ ଈର୍ଷାନ୍ୱିତ ହେଉଛନ୍ତି କୁହନ୍ତୁ। ଏହି ନେତା କହିପାରିବେ କି ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ କେତୋଟି କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଏମିନେନ୍ସ ପ୍ରତିଷ୍ଠା କରାଯାଇଛି। ଗତ ୯ ବର୍ଷରେ ସମ୍ବଲପୁରରୁ କଟକ ଏବଂ ଡୁବୁରିରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଜାତୀୟ ରାଜପଥ ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଛି। ଏହି ଜାତୀୟ ରାଜପଥଗୁଡ଼ିକର ନିର୍ମାଣ ସାରିବା ପାଇଁ ଏହି ନେତା ଜଣଙ୍କ କ'ଣ କରିଛନ୍ତି। ସମୀରଙ୍କ କିଛି ଟୁଇଟ୍ ମଧ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ସେ ହୁଏତ ଜାଣି ନ ଥିବେ ତାଙ୍କ ଟୁଇଟର ହ୍ୟାଣ୍ଡେଲରେ କ'ଣ ଟୁଇଟ୍ କରାଯାଇଛି ବୋଲି ସସ୍ମିତ କହିଛନ୍ତି।

# ରାୟଗଡ଼ା, କୋରାପୁଟ କଂଗ୍ରେସ କର୍ମୀଙ୍କ ଦିଲ୍ଲୀ ଗସ୍ତ

## ୧୫ରେ ହାଇକମାଣ୍ଡଙ୍କୁ ଭେଟିବେ

ରାୟଗଡ଼ା, ୧୩।୬(ଆଶିଷ ରଞ୍ଜନ ପଣ୍ଡା)

ଅବିଭକ୍ତ କୋରାପୁଟ ଜିଲାର ଦୁଇ ଟାଣୁଆ ନେତା ତଥା ଜୟପୁର ବିଧାୟକ ତାରା ବାହିନୀପତି ଓ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ମଧ୍ୟରେ ଲାଗିଥିବା ବିବାଦ ଦିଲୀରେ ପହଞ୍ଚିଛି। କୋରାପୁଟ ଜିଲା ଓ ରାୟଗଡ଼ା ଜିଲାର ତାରାଙ୍କ ସମର୍ଥକମାନେ ମଙ୍ଗଳବାର ଅପରାହ୍ନ ୧୨.୩୦ଟାରେ ସମତା ଟ୍ରେନରେ ଦିଲୀ ଅଭିମୁଖେ ବାହାରିଛନ୍ତି । ତେବେ ସେମାନେ ଦଳର ହାଇକମାଣ୍ଡକୁ ଭେଟିବାକୁ ଯାଉଥିବା ସୂଚନା ମିଳିଛି। ଯାହା ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସର ଭବିଷ୍ୟତକୁ ନେଇ ଚିନ୍ତାରେ ପକାଇଛି।

ଲକ୍ଷ୍ମୀପୁର ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ରାୟଗଡ଼ା ଜିଲାର ୧୦ରୁ ଊର୍ଦ୍ଧ୍ୱ ଯୁବନେତା ଦିଲୀ ଅଭିମୁଖେ ବାହାରିଥିବାବେଳେ ଜୟପୁର ବିଧାୟକ ତଥା କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ କୋରାପୁଟ ଲୋକ ସଭା କ୍ଷେତ୍ରର ପୂର୍ବତନ ଯୁବ ସଭାପତି ଭବାନୀ ଶଙ୍କର ଜେନା, କୋରାପୁଟ ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ବୋରିଗୁମ୍ମା ବ୍ଲକ ସଭାପତି ଅଶୋକ ଗନ୍ତାୟତ, ୧୩ଜଣ ଜିଲା ପରିଷଦ ସଭ୍ୟାସଭ୍ୟ, ୧୨ ବ୍ଲକ ସଭାପତି, ୨ ବ୍ଲକ ଅଧ୍ୟକ୍ଷ, ଜୟପୁର ପୌରାଧ୍ୟକ୍ଷ ନରି ମହାନ୍ତି ଓ କୋଟପାଡ଼ ଏନଏସି ଅଧ୍ୟକ୍ଷ ଦିଲୀ ଅଭିମୁଖେ ବାହାରିଛନ୍ତି। ସେମାନେ ୧୫ ତାରିଖରେ ଦିଲୀରେ ପହଞ୍ଚି କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ କଂଗ୍ରେସ ସଭାପତି ମଲିକାର୍ଜୁନ ଖଡ଼୍‌ଗେଙ୍କୁ ସାକ୍ଷାତ କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ତାରା ବାହିନୀପତିଙ୍କ ପତ୍ନୀ ମିନାକ୍ଷୀ ବାହିନିପତିଙ୍କୁ ଜିଲା ସଭାପତିରୁ ବାଦ୍ ଦେଇ ଦୁର୍ଗା ଶଙ୍କର ସାହୁଙ୍କୁ କୋରାପୁଟ ଜିଲାର ନୂତନ ସଭାପତି ଭାବେ ଚୟନ କରାଯାଇଛି। ଏହାକୁ ତାରା ଓ ତାଙ୍କ ସମର୍ଥକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି । ଏଥିରେ ଏମ୍‌ପି ସପ୍ତଗିରିଙ୍କ ହାତ ରହିଥିବା ତାରାଙ୍କ ଅନୁଗତ ପ୍ରକାଶ କରିଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ ସପ୍ତଗିରି ନିର୍ବାଚନ ଲଢ଼ି ଓଡ଼ିଶାରୁ କଂଗ୍ରେସ ଦଳର ଏକମାତ୍ର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ । ଏହା ପରେ ଦିଲୀରେ ସପ୍ତଗିରିଙ୍କ ଦବ୍‌ଦବା ବଢ଼ିଥିଲା । ହେଲେ ଧୀରେ ଧୀରେ ତାରା ଓ ସପ୍ତଗିରିଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ମିନାକ୍ଷୀ ବାହିନୀପତିଙ୍କୁ କୋରାପୁଟ ଜିଲା ସଭାପତି ପଦରୁ ବିଦା କରିବାରେ ସପ୍ତଗିରିଙ୍କ ହାତ ରହିଥିବା କଂଗ୍ରେସ କର୍ମୀ ମହଲରେ ଆଲୋଚନା ଚାଲିଛି । ଏଣୁ ତାରା ବାହିନୀପତି ନିଜ ସମର୍ଥକଙ୍କୁ ନେଇ ଦିଲୀ ଯାଇ ସେଠାରେ ହାଇକମାଣ୍ଡଙ୍କ ସହ ସାକ୍ଷାତ କରିବାକୁ ଯାଉଥିବା କୁହାଯାଉଛି। ତାରାଙ୍କ ନେତୃତ୍ୱରେ ବୁଧବାର କୋରାପୁଟ ଓ ରାୟଗଡ଼ା ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଦିଲୀ ଯାଉଥିବା ଜଣାପଡ଼ିଛି । ଦଳୀୟ କର୍ମୀଙ୍କୁ ନେଇ ଦିଲୀ ଯାଉଥିବାର କାରଣ ସମ୍ପର୍କରେ ତାରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଦଳୀୟ ସଂଗଠନ ବିଷୟରେ ଆଲୋଚନା ପାଇଁ ଦିଲୀ ଯାଉଛୁ । ଏ ସମ୍ପର୍କରେ ପୂର୍ବତନ ବିଧାୟକ ପୂର୍ଣ୍ଣ ମାଝି ଓ କୋରାପୁଟ ଲୋକ ସଭା କ୍ଷେତ୍ରର ପୂର୍ବତନ ଯୁବ ସଭାପତି ଜେନାଙ୍କୁ ପଚାରିବାରୁ ରାୟଗଡ଼ା ଓ କୋରାପୁଟ ଜିଲାରେ ଦଳୀୟ ସଂଗଠନ ବିଷୟରେ ଆଲୋଚନା ପାଇଁ ଯାଉଥିବା କହିଛନ୍ତି। ଏ ସମ୍ପର୍କରେ ଏମ୍‌ପି ଉଲାକାଙ୍କୁ ଯୋଗାଯୋଗ କରାଯିବାରୁ ଦଳର ସଂଗଠନ ସୁଦୃଢ଼ ବିଷୟରେ ଆଲୋଚନା କରିବା ପାଇଁ ଦଳୀୟ ନେତା ଓ କର୍ମୀ ହାଇକମାଣ୍ଡଙ୍କୁ ଭେଟିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତବେ ତାଙ୍କର ଓ ତାରା ବାହିନୀପତିଙ୍କ ମଧ୍ୟରେ ରହିଥିବା ବିବାଦକୁ ନେଇ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

# ବିଜୁଳି କାଟ୍: ଦୀପତଳ ଅନ୍ଧାର

ଭୁବନେଶ୍ୱର, ୧୩।୬(ସୁନୀତ୍ ମିଶ୍ର):

ଓଡ଼ିଶାର କୋଇଲାରେ ଭାରତର ଅନେକ ରାଜ୍ୟରେ ବିଜୁଳି ଉତ୍ପାଦିତ ହୋଇଥାଏ। ହେଲେ ରାଜ୍ୟରେ ଦୀପତଳ ଅନ୍ଧାର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅଘୋଷିତ ବିଜୁଳି କାଟ ନେଇ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ କିଛିଦିନ ହେଲା ବିଚିତ୍ର କଥା ଦେଖିବାକୁ ମିଳୁଛି। ଶକ୍ତି ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବିଜେଡି ନେତାଙ୍କ ପରସ୍ପର ବିରୋଧୀ ବକ୍ତବ୍ୟ ଶୁଣିବାକୁ ମିଳୁଛି। ଏହା ରାଜ୍ୟ ସରକାରଙ୍କ ଶାସନଗତ ବିଫଳତାର ସବୁଠୁ ଚରମ ନିଦର୍ଶନ। ଯେମିତି ଦୀପ ତଳ ଅନ୍ଧାର, ସେମିତି ଓଡ଼ିଶାରେ ଏତେ ପରିମାଣରେ କୋଇଲା ଓ ଜଳବିଦ୍ୟୁତ୍ ପ୍ରକଳ୍ପ ଥିବା ସତ୍ତ୍ୱେ ଅବ୍ୟବସ୍ଥା ଏବଂ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁ ଲୋକମାନେ ହଇରାଣ ହେଉଛନ୍ତି। ଶାସକ ଦଳର ନିର୍ବାଚିତ ପ୍ରତିନିଧିମାନେ ତାଙ୍କ କାମରେ ନାହାନ୍ତି। ଯେଉଁମାନେ ସମ୍ଭାଳିବା କଥା ସେମାନେ ପ୍ରଚାରଧର୍ମୀ କାମରେ ଲାଗିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ବକ୍ତବ୍ୟ ପ୍ରସଙ୍ଗରେ ଧର୍ମେନ୍ଦ୍ର କହିଛନ୍ତି, ଯଦି ଶାସନ ମୁଖ୍ୟ, ଶାସନ ବ୍ୟବସ୍ଥା ହୁଗୁଳିଗଲା ପରେ ଚଳିବନି ବୋଲି କହିବେ, ତେବେ କିଏ ଚଳାଇବ। ଶକ୍ତିମନ୍ତ୍ରୀ ବିତଣ୍ଡା ତର୍କ



ଧର୍ମେନ୍ଦ୍ର ପ୍ରଧାନ

ବାଢ଼ିଛନ୍ତି। ମନ୍ତ୍ରୀ ଓ ସଚିବମାନଙ୍କ ବକ୍ତବ୍ୟରେ ତାଳମେଳ ନାହିଁ। ତେଣୁ ଏହା ଏକ ବିପର୍ଯ୍ୟସ୍ତ ପରିସ୍ଥିତି ଆଡ଼କୁ ଯାଉଛି। ବୟାନବାଜି ଏବଂ ସାଙ୍କେତିକ କାମରୁ ସରକାର ନିବୃତ୍ତ ହୋଇ ଗଭର୍ନାନ୍ସ କାମରେ ଲାଗନ୍ତୁ। ଯେଉଁ କମ୍ପାନୀକୁ ବିଜୁଳି ବିତରଣ ଦାୟିତ୍ୱ ଦେଇଛନ୍ତି, ତାଙ୍କ ସହ ଲୋକଙ୍କୁ ନିରନ୍ତର ବିଜୁଳି ବିତରଣ ହେବା ନେଇ ସରକାର ନିଶ୍ଚିତ ଭାବେ ଚୁକ୍ତି କରିଥିବେ। ତେଣୁ ଯେଉଁ ଚୁକ୍ତି କରାଯାଇଛି ତାକୁ କ୍ରିୟାନ୍ୱୟନ କରାଯାଉ। ସାଧାରଣ ଜନତା ତଥା ବିଦ୍ୟୁତ୍ ଉପଭୋକ୍ତା ଶୁଳ୍କ ଦେଉଛନ୍ତି। ଏ ଖରା ଓ ଅସହ୍ୟ ଗୁଳୁଗୁଳି ବେଳେ ଅଭାବନୀୟ ପରିସ୍ଥିତି ହେଉଛି। ଶାସନରେ ଥିବା ବ୍ୟକ୍ତିମାନେ ଓଡ଼ିଆ ଲୋକଙ୍କୁ ସରଳ ଓ ବୋକା ବୋଲି ଭାବୁଛନ୍ତି, ଏହା ଗଣତନ୍ତ୍ର ପାଇଁ ଭଲ ଲକ୍ଷଣ ନୁହେଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।


# Classified Everyday 0674-2580101, 2549949



REAL ESTATE

SALE

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରିସିଟି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74696

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873



CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862

GENERAL

SALE

Colour web offset newspaper printing Machine with folder and Plate exposure unit for immediate sale. Contact- 9437076765. D-0565




HEALTH CARE

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Newly open SPA positively health benefit with expert. Contact: 7749976301. D-74546

Newly open health benefits SPA special offer @ 799 Jaydev Vihar. 8018429809. D-75117

Spa full body Massage only best therapist Gents & ladies@699/- Bhubaneswar. Kajal- 9337672475. D-0552

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74695

AFFIDAVIT

I, Hapiz Uddin Laek, S/o Sk Abu Jafar, resident of At: Rahamat Nagar, Raghunath Nagar, P.S.: Khandagiri, Bhubaneswar, Aiginia, Dumduma Housing Board Colony, Dist.: Khordha, Odisha-751019, declare by this Affidavit No.- 54AA 308766 dated 13.06.2023, that now onwards I shall be known as SK HAPIZUDDIN for all future purposes. D-71376

Your classified advertisement published in Dharitri will be listed free in Dharitri online edition: **dharitriepaper.in**

By virtue of an affidavit sworn before the Notary Public, Sambalpur, I, Chandra Sekhar Shah, R/o. Flat No.A4, Block-B, Balaji Heritage, VSS Marg, P.O./Dist. Sambalpur declare that my name has been wrongly mentioned as Chandra Sekher Shah instead of Chandra Sekhar Shah in the Passport bearing No.M0986367. That the names Chandra Sekher Shah and Chandra Sekhar Shah belongs to one and same person. D-0575.

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ସମ୍ବିଧାନ ଏବଂ ଆଇନ ଅନୁଯାୟୀ ଅତିରିକ୍ତ ତହସିଲଦାର, ପିପିଲି ଏବଂ ଭୁବନେଶ୍ୱର ଅନୁମତି ଅନୁସାରେ ଆଖ୍ୟା ନାମ ଯୋଡାଯାଇ ତାହା ଅଙ୍କିତା ପ୍ରିୟଦର୍ଶନୀ ପରିବର୍ତ୍ତେ ଅଙ୍କିତା ପ୍ରିୟଦର୍ଶନୀ ପଟ୍ଟନାୟକ ରଖାଯାଇଅଛି। ତେଣୁ ଏହି ଉପରିସ୍ଥ ନାମ ପ୍ରତ୍ୟେକ ଅନୁଷ୍ଠାନ, ଶିକ୍ଷାକ୍ଷେତ୍ର ଏବଂ ସ୍ଥାବର ଅସ୍ଥାବର ସମ୍ପତ୍ତି ଇତ୍ୟାଦି କ୍ଷେତ୍ରରେ ସୁବିଧା ସୁଯୋଗ ପାଇପାରିବ। ତାହା ନାବାଳିକାଙ୍କ ବାପା ଶରତ କୁମାର ପଟ୍ଟନାୟକ, ପ୍ଲଟ୍ ନଂ.-୨୯୬, ନୟାପଲ୍ଲୀ, ଭୁବନେଶ୍ୱର, ପିନ୍- ୭୫୧୦୧୨, ଓଡ଼ିଶା, ସର୍ବସାଧାରଣରେ ଜଣାଉଅଛନ୍ତି।
ଶରତ କୁମାର ପଟ୍ଟନାୟକ
ଧ-୦୫୭୨

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମୋନାଲିସା ମିଶ୍ରଙ୍କ Ph.D ଲାଭ**



ଶ୍ରୀମତୀ ମୋନାଲିସା ମିଶ୍ର ଶିକ୍ଷା ଓ ଅନୁସନ୍ଧାନ ଡିମଡ୍ ଟୁ ବି ୟୁନିଭରସିଟି ଭୁବନେଶ୍ୱରରୁ ମାନବ ସମ୍ବଳ ଓ ସାମାଜିକ ବିଜ୍ଞାନ (Humanities and Social Sciences) English ରେ ଡକ୍ଟରେଟ୍ (Ph.D) Thesis Title - A Study on the Pedagogical Approaches to Communication through NLP on Engineering Students ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଡ. ମିଶ୍ର ଡ. ସ୍ୱୟଂପ୍ରଭା ଶତପଥୀ ଓ ଡ. ଆର.କେ.ଏସ୍ ମଙ୍ଗେସ ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ତାଙ୍କ ଗବେଷଣା ନିବନ୍ଧଟି ଡ. ମହେଶ କୁମାର ଦେ (HOD, English) ବୀର ନରମଦ୍ ସାଉଥ ଗୁଜୁରାଟ ୟୁନିଭରସିଟି ଓ ଡ. ୟୁରିମାସ ଲଭ ପ୍ରଫେସର କମ୍ୟୁନିକେସନ ବେଲାରୁଷ ଷ୍ଟେଟ ୟୁନିଭରସିଟିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଏହି ଗବେଷଣା ନିବନ୍ଧଟି ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରଥମ । ଡ. ମିଶ୍ର ଭୁବନେଶ୍ୱର ନିବାସୀ ସମାଜସେବୀ ଶ୍ରୀ ପ୍ରଭୁପ୍ରସାଦ ମିଶ୍ର ଓ ଶ୍ରୀମତୀ ସୌଦାମିନୀ ମିଶ୍ରଙ୍କ ଏକମାତ୍ର କନ୍ୟା । ସେ ଶିକ୍ଷା ଓ ଅନୁସନ୍ଧାନ (SOA Deemed to be University) ରେ Asst. Prof. ଭାବେ କାର୍ଯ୍ୟରତ ।
ଧ-୦୫୭୬

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି



ୄ ପ୍ରତିମା ଦେବୀ
ଆବିର୍ଭାବ: ୧୦।୦୫।୧୯୪୦
ତିରୋଧାନ: ୨୫।୦୬।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଆପଣଙ୍କ ଅମ୍ଳାନ ସ୍ମୃତିରେ ବନ୍ଧୁ ଓ ପରିବାରବର୍ଗ
ଧ-୦୫୭୩

## ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ୄ ପୂର୍ଣ୍ଣଚନ୍ଦ୍ର ରଥ
ନୂଆ ମାର୍କେଟ, ଯାଜପୁରରୋଡ୍, ଯାଜପୁର
ଆବିର୍ଭାବ- ୨୯।୦୮।୧୯୩୯
ତିରୋଧାନ- ୨୮।୦୬।୨୦୧୯

ଆପଣଙ୍କ ପ୍ରେରଣା, ଆଦର୍ଶ ଓ ଭଲପାଇବା ସବୁ ସମୟରେ ଆମର ପଥପ୍ରଦର୍ଶନ କରୁଥିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ
ଧ-୦୫୭୪

# ମା’ବାପାଙ୍କୁ ସ୍ମାର୍ଟଫୋନ୍ ଉପହାର ଦେବେ ଅନ୍ନୁ


ନୂଆଦିଲ୍ଲୀ, ୧୩।୬(ପି.ଟି)

ଜୁନିୟର ମହିଳା ଏସିଆ କପ୍ ହକି ଚାମ୍ପିୟନ ଭାରତୀୟ ଦଳର ଫରୱାର୍ଡ ଅନ୍ନୁ ନିଜ ମାତାପିତାଙ୍କୁ ସ୍ମାର୍ଟଫୋନ୍ ଗିଫ୍ଟ କରିବା ନେଇ ଇଚ୍ଛା ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟରେ ଡବଲ୍ ହ୍ୟାଟ୍ରିକ୍ ଅର୍ଜନ କରିବା ସହିତ ଅନ୍ନୁ ୯ଟି ଗୋଲ ଦେଇ ଭାରତ ପାଇଁ ସର୍ବାଧିକ ସ୍କୋରର ରହିଥିଲେ। ଏପରିକି ଫାଇନାଲ ମ୍ୟାଚରେ ମଧ୍ୟ ସେ ଭାରତ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ତେବେ ଅନ୍ନୁଙ୍କ ମାତାପିତା ମ୍ୟାଚ୍ ଦେଖିବାରେ ସମର୍ଥ ହୋଇ ନ ଥିଲେ। ମ୍ୟାଚ୍‌ଟି ଟିଭି ପରିବର୍ତ୍ତେ ଏକ ୱେବ୍‌ସାଇଟ୍‌ରେ ପ୍ରସାରିତ ହେଉଥିଲା, ଯାହାଫଳରେ ସ୍ମାର୍ଟଫୋନ ଠାରୁ ଦୂରରେ ଥିବା ଅନ୍ନୁଙ୍କ ମାତାପିତା ମ୍ୟାଚ୍ ଦେଖି ପାରି ନ ଥିଲେ। ଏପରିକି ଅନ୍ନୁ ଚାମ୍ପିୟନ ହୋଇ ଫେରିଛନ୍ତି ବୋଲି ଘରଲୋକଙ୍କୁ ମଧ୍ୟ ଜଣା ନ ଥିଲା। ବର୍ତ୍ତମାନ ସ୍ମାର୍ଟଫୋନ୍ କିଣି ଉପହାର ଭାବରେ ମାତାପିତାଙ୍କୁ ପ୍ରଦାନ କରିବି, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ମ୍ୟାଚ୍ ଦେଖିବାରୁ ସେମାନେ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି ଅନ୍ନୁ।

ଭାରତରେ ଆଥ୍‌ଲେଟମାନେ ସର୍ବଦା ଦାରିଦ୍ର୍ୟର କଷାଘାତ ମଧ୍ୟରୁ ଉପରକୁ ଉଠିଥାନ୍ତି। ଅନ୍ନୁଙ୍କ କାହାଣୀ ମଧ୍ୟ ଏହାଠାରୁ ଭିନ୍ନ ନୁହେଁ। ହରିୟାଣାର ଜିନ୍ଦ ଜିଲା ଅନ୍ତର୍ଗତ ରୋଜ ଖେରା ଅଞ୍ଚଳରୁ ଆରମ୍ଭ ତାଙ୍କର ଯାତ୍ରା। ପିତା ରାଜ ପାଲ ଜଣେ କୃଷି ଶ୍ରମିକ ଭାବରେ କାମ କରନ୍ତି ଏବଂ ସମୟ ସମୟରେ ଇଟାଭାଟିରେ ମଧ୍ୟ କାମ କରନ୍ତି। ସ୍ୱଳ୍ପ ମଜୁରିରେ ପରିବାର ପ୍ରତିପୋଷଣ କରିବା କଷ୍ଟ ହେଉଥିବା ବେଳେ ଅନେକ ସମୟରେ ଖାଲି ପେଟରେ ଶୋଇବାକୁ ପଡିଥାଏ। ଅନ୍ନୁଙ୍କ ମା’ ମେରୁଦଣ୍ଡଜନିତ ସମସ୍ୟାରେ ପୀଡିତ। ଅନ୍ନୁଙ୍କୁ ଜଣେ ହକି ଖେଳାଳି ଭାବରେ ଗଢି ତୋଳିବା ପାଇଁ ମାତାପିତାଙ୍କ ଅବଦାନ ଅତୁଳନୀୟ ବୋଲି ଅନ୍ନୁ କହିଛନ୍ତି। ଭାରତୀୟ ଦଳର ଖେଳାଳି ରାଣୀ ରାମପାଲ୍ ଓ ସବିତା ପୁନିଆଙ୍କ ପରି ସଂଘର୍ଷର କଷାଘାତରୁ ଆସିଥିବା ଅନ୍ନୁ ମଧ୍ୟ ଆଗାମୀ ଦିନରେ ଭାରତୀୟ ସିନିୟର ଦଳ ପାଇଁ ଲକ୍ଷ୍ୟ ରଖିଛନ୍ତି।

ଆରମ୍ଭରୁ ମୋର ଦୁଇଟି ଲକ୍ଷ୍ୟ ରହିଛି। ପରିବାର ତଥା ମାତାପିତାଙ୍କୁ ଏକ ଉତ୍ତମ ଜୀବନଶୈଳୀ ପ୍ରଦାନ କରିବା ସହିତ ଦେଶର ପ୍ରତିନିଧିତ୍ୱ କରିବା ମୋର ଏକମାତ୍ର ଲକ୍ଷ୍ୟ। ଅନ୍ନୁ ଯେକୌଣସି ଟୁର୍ନାମେଣ୍ଟରୁ ଆର୍ଥିକ ପୁରସ୍କାର ପାଇଥାଆନ୍ତି ଏହା ଘରର ଋଣ ଶୁଝିବାରେ ଲାଗିଥାଏ ବୋଲି କହିଛନ୍ତି ମାତାପିତା । ହରିୟାଣା ରାଜ୍ୟ ଦଳରେ ସ୍ଥାନ ପାଇବା ପରଠାରୁ ଅର୍ଥସଙ୍କଟ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି ବୋଲି କହିଛନ୍ତି ଅନ୍ନୁ।

ଚତୁର୍ଥ ଶ୍ରେଣୀରୁ ହକି ଖେଳିବା ଆରମ୍ଭ କରିଥିବା ବେଳେ ମାତାପିତାଙ୍କୁ ନାନା କଥା ଶୁଣିବାକୁ ମିଳୁଥିଲା। ତେବେ ଏଥିପ୍ରତି କର୍ଣ୍ଣପାତ ନ କରି ଉଭୟେ ଅନ୍ନୁଙ୍କୁ ସମର୍ଥନ କରିଥିଲେ। ଖେଳିବା ପାଇଁ ପିତା ମୋତେ ବିଭିନ୍ନ ସ୍ଥାନକୁ ନେଇ ଯାଉଥିବା ବେଳେ ଏହାକୁ ବିଭିନ୍ନ ଆଡୁ ସମାଲୋଚନା କରାଯାଉଥିଲା। ତେବେ ବର୍ତ୍ତମାନ ପୂରା ଗାଁ ଉତ୍ସବମୁଖର ହୋଇ ଉଠିଛି। ଆରମ୍ଭରୁ ମୋ ପିତା ମୋ ଉପରେ ଦେଖାଇଥିବା ବିଶ୍ୱାସର ଏହା ବିଜୟ ବୋଲି କହିଛନ୍ତି ଅନ୍ନୁ।



ଅନ୍ନୁ

ଅନ୍ନୁଙ୍କ କ୍ୟାରିୟରରେ ହିସାରସ୍ଥିତ ଭାରତୀୟ କ୍ରୀଡା ପ୍ରାଧିକରଣ(ସାଇ)ର ମୁଖ୍ୟ କୋଚ୍ ଆଜାଦ ସିଂଙ୍କ ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମୋ ପରିବାରର ସମସ୍ୟା ସମ୍ପର୍କରେ ଆଜାଦ ସାର ସବୁ କିଛି ଜାଣିଥିବା ବେଳେ ଆବଶ୍ୟକ ସମୟରେ ସହଯୋଗ କରିଥାନ୍ତି ବୋଲି କହିଛନ୍ତି ଅନ୍ନୁ। ଅନ୍ନୁଙ୍କ ଭାଇ ବର୍ତ୍ତମାନ ଭାରତୀୟ ସେନାରେ କାର୍ଯ୍ୟରତ ଅଛନ୍ତି। ଭାରତୀୟ ଦଳର ମୁଖ୍ୟ କୋଚ୍ ଜାନେକ୍ ଶପ୍‌ମ୍ୟାନଙ୍କ ଉପଦେଶ ତାଙ୍କ ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଛି ବୋଲି ଅନ୍ନୁ କହିଛନ୍ତି। ଭାରତ ପରି କ୍ରିକେଟ ପାଗଳ ଦେଶରେ ହକି ତଥା ଜୁନିୟର ମହିଳା ହକିକୁ ଏତେ ଆଦୃତି ମିଳିବା ଏକ ବଡ କଥା ବୋଲି ଅନ୍ନୁ କହିଛନ୍ତି। ପ୍ରଥମେ ଜୁନିୟର ପୁରୁଷ ଓ ପରେ ଜୁନିୟର ମହିଳା ଦଳ ଚାମ୍ପିୟନ ହୋଇଥିବା ବେଳେ ଏହା ଆଗାମୀ ଦିନରେ ହକି ଖେଳକୁ ଅଧିକ ଲୋକପ୍ରିୟ କରିବାରେ ସହାୟକ ହେବ।

# କ୍ୱାର୍ଟର ଫାଇନାଲରେ ଓଡ଼ିଶା



ଓଡ଼ିଶା ଜୁନିୟର ରଗ୍‌ବୀ ଦଳ।

**ସର୍ବଭାରତୀୟ ଜୁନିୟର ରଗ୍‌ବୀ ୭ଏସ୍**

(ତପନ ସ୍ୱାଇଁ)
ଭୁବନେଶ୍ୱର, ୧୩।୬

ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଓ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସର୍ବଭାରତୀୟ ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ପୁଣେଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ବାଳକ ଦଳ ପ୍ରଭାବୀ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ପୁଡୁଚେରୀକୁ ୫୭-୦ ଓ ମଣିପୁରକୁ ୨୯-୭ରେ ହରାଇବାପରେ ପ୍ରି-କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶକୁ ୩୪-୦ ପଏଣ୍ଟରେ ପରାସ୍ତ କରିଛି। ବୁଧବାର ଓଡ଼ିଶା କ୍ୱାର୍ଟର ଫାଇନାଲରେ ଗୁଜରାଟକୁ ଭେଟିବ। ଓଡ଼ିଶା ବାଳକ ଦଳ: ମଙ୍ଗଲ ସୋରେନ, ଚରଣ ହେମ୍ବ୍ରମ, ପ୍ରଦୀପ କହଁର, ରାମେଶ୍ୱର ହେମ୍ବ୍ରମ, ବିଦ୍ୟାଧର ମାଝି, କ୍ଷୀତିଶ ଦେହୁରୀ, ଜୀତେନ୍ଦ୍ର ସିଂ, ବିକ୍ରମ ହେମ୍ବ୍ରମ, ଦୀପ୍ତିରଞ୍ଜନ ପ୍ରଧାନ, ମୁନା ଟୁଡୁ, କୁମାର ବିଶ୍ୱଚାର୍ଯ୍ୟ, ପ୍ରକାଶ କାର୍ଜି। କୋଚ୍: ସୁରେନ୍ଦ୍ର ଜେନା, ମ୍ୟାନେଜର: ଭରତ ସାହୁ, ଫିଜିଓ: ଶିବାଶିଷ ପତି।

# କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା ରେୟାନ, ଦଣ୍ଡପତି ସମ୍ବର୍ଦ୍ଧିତ




କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରେ ରେୟାନ ବାଶା ଓ ଦଣ୍ଡପତି ଜୟରାମ।

(ତପନ ସ୍ୱାଇଁ)
ଭୁବନେଶ୍ୱର, ୧୩।୬

ଦକ୍ଷିଣ କୋରିଆର ୟେଚଅନଠାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୪x୧୦୦ ମିଟର ରିଲେରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶାର ରେୟାନ ବାଶା ଓ ଦଣ୍ଡପତି ଜୟରାମଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ସମ୍ବର୍ଦ୍ଧିତ କରିଛନ୍ତି। ଉଭୟଙ୍କୁ ପ୍ରଶଂସା କରିବାସହ କ୍ରୀଡ଼ାମନ୍ତ୍ରୀ ପ୍ରତ୍ୟେକଙ୍କୁ ୧,୦୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଉଭୟ ଆଥ୍‌ଲେଟ ଓଡ଼ିଶା ରିଲିଆନ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପୋଡିୟମ ମଣ୍ଡନକରି ଓଡ଼ିଶା ଆଥ୍‌ଲେଟମାନେ ରାଜ୍ୟକୁ ଗର୍ବିତ କରୁଥିବାରୁ ତୁଷାରକାନ୍ତି ଖୁସି ପ୍ରକାଶ କରିଛନ୍ତି। ସେ ଉଭୟଙ୍କୁ ଶୁଭେଚ୍ଛା ଜଣାଇବା ସହ କ୍ରୀଡ଼ା କ୍ଷେତ୍ରରେ ଯାତ୍ରା ପାଇଁ ପ୍ରୋତ୍ସାହନ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧିତ ହେବା ଅବସରରେ ଦଣ୍ଡପତି କହିଛନ୍ତି ଯେ, ‘‘ଏହା ଆମ ପାଇଁ ସ୍ୱତନ୍ତ୍ର ସଫଳତା। ଏହାକୁ ସ୍ୱୀକୃତି ଦେଇ ଓଡ଼ିଶା ସରକାର ଆମକୁ ସମ୍ବର୍ଦ୍ଧିତ କରିଥିବାରୁ ବହୁତ ଖୁସି। ଏହା ଆମକୁ ଆଗାମୀ ଦିନରେ ଭଲ ପ୍ରଦର୍ଶନ ପାଇଁ ଆହୁରି ଉତ୍ସାହିତ କରିବ’’। ରେୟାନ ଓ ଜୟରାମଙ୍କ ପାଇଁ ସେ ଗର୍ବ ଅନୁଭବ କରୁଥିବା ପ୍ରକାଶ କରିଛନ୍ତି ରିଲିଆନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ଏଚ୍‌ପିସି ମୁଖ୍ୟ କୋଚ୍ ମାର୍ଟିନ ଓଏନ୍ସ।

# କୋରୋ ସିଂ ଭାରତର ଅଧିନାୟକ

ଖାଓ ୟାଇ (ଥାଇଲାଣ୍ଡ),
୧୩।୬(ପି.ଟି.)

ପ୍ରତିଭାବାନ ମିଡ୍‌ଫିଲ୍ଡର କୋରୋ ସିଂଙ୍କୁ ଏଏଫ୍‌ସି ଏସିଆନ ୧୭ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ନିକଟ ଅତୀତରେ ୟୁରୋପ ଗସ୍ତରେ ଭଲ ପ୍ରଦର୍ଶନ କରିଥିବା ୧୬ ବର୍ଷୀୟ କୋରୋଙ୍କୁ ମଙ୍ଗଳବାର ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସ୍ପେନ୍ ଓ ଜର୍ମାନୀ ଗସ୍ତ ସମୟରେ ଆଟଲେଟିକୋ ଡେ ମାଡ୍ରିଡ୍, ରିୟଲ ମାଡ୍ରିଡ, ଭିଏଫ୍‌ବି ଷ୍ଟୁଟଗାର୍ଟ ଓ ଏଫ୍‌ସି ଅଗସବର୍ଗ ଭଳି ଦଳ ବିପକ୍ଷରେ ସେ ଚମତ୍କାର ପ୍ରଦର୍ଶନ ଦେଇଥିଲେ। ୧୦ ଅଭ୍ୟାସ ମ୍ୟାଚରେ ସେ ୩ଟି ଗୋଲ ସ୍କୋର କରିବା ସହିତ ୫ଟି ଆସିଷ୍ଟ କରିଥିଲେ। ଏହା ପରେ ଥାଇଲାଣ୍ଡରେ ପହଞ୍ଚିବା ପରେ ଦଳ ଖେଳିଥିବା ଦୁଇଟି ଅଭ୍ୟାସ ମ୍ୟାଚରେ ସେ ଗୋଟିଏ ଲେଖାଏ ଗୋଲ ଓ ଆସିଷ୍ଟ କରିଥିଲେ। ଏଏଫ୍‌ସି ଏସିଆନ୍ ୧୭ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତର ନେତୃତ୍ୱ ନେବା ନିଶ୍ଚିତ ଭାବରେ ଏକ ବୃହତ୍ ଉପଲବ୍ଧି। ତେବେ କୋରୋଙ୍କ ନିକଟରେ ଭାରତୀୟ ଦଳର ନେତୃତ୍ୱ ନେବାର ଦକ୍ଷତା ରହିଛି ବୋଲି କହିଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ବିବିଆନୋ ଫର୍ନାଣ୍ଡେସ୍।

ଭାରତୀୟ ଦଳ ବର୍ତ୍ତମାନ ଥାଇଲାଣ୍ଡର ଖାଓ ୟାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅଭ୍ୟାସ କରୁଛି। ଜୁନ୍ ୧୪ ତାରିଖରେ ଦଳ ବ୍ୟାଙ୍କକ୍ ଅଭିମୁଖେ ଯାତ୍ରା କରିବ। ଏଏଫ୍‌ସି ଏସିଆନ୍‌ରେ ଭାରତ ଗ୍ରୁପ୍ ଡି’ରେ ଭିଏଟ୍‌ନାମ, ଉଜବେକିସ୍ତାନ ଓ ଜାପାନ ସହିତ ସ୍ଥାନ ପାଇଛି। ଜୁନ୍ ୧୭ରେ ଭିଏଟ୍‌ନାମ, ଜୁନ୍ ୨୦ରେ ଉଜ୍‌ବେକିସ୍ତାନ ଓ ଜୁନ୍ ୨୩ରେ ଜାପାନ ବିପକ୍ଷରେ ଭାରତ ଏହାର ମ୍ୟାଚ୍ ଖେଳିବ।

**ଏଏଫ୍‌ସି ଏସିଆନ ୧୭ ବର୍ଷରୁ କମ୍ ଫୁଟ୍‌ବଲ**




ସାଫ୍ ଓ ଏଏଫ୍‌ସି ଯୋଗ୍ୟତାପର୍ଯ୍ୟାୟ ଟୁର୍ନାମେଣ୍ଟରେ ବନଲାଲପେକା ଗୁଇଟେଙ୍କୁ ଦଳର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ଦେଢ ବର୍ଷ ମଧ୍ୟରେ ନିୟମିତ ଭାବରେ ଅଧିନାୟକ ପରିବର୍ତ୍ତନ କରାଯାଉଛି ବୋଲି କହିଛନ୍ତି ବିବିଆନୋ।

# ଅଲିମ୍ପିକ ସ୍ପ୍ରିଣ୍ଟର ଟୋରୀଙ୍କ ଅକାଳ ମୃତ୍ୟୁ

ଓର୍ଲାଣ୍ଡୋ(ଯୁକ୍ତରାଷ୍ଟ୍ର ଆମେରିକା), ୧୩।୬

ପ୍ରସବଜନିତ ଜଟିଳତା ଯୋଗୁ ଯୁକ୍ତରାଷ୍ଟ୍ର ଆମେରିକାର ଚାମ୍ପିୟନ ସ୍ପ୍ରିଣ୍ଟର ଟୋରୀ ବୋୱିଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟରେ କୁହାଯାଇଛି। ତାଙ୍କୁ ୩୨ ବର୍ଷ ବୟସ ହୋଇଥିଲା। ବୋୱି ୨୦୧୬ ରିଓ ଡି’ ଜେନିରୋ ଗେମ୍ସରେ ତିନୋଟି ପଦକ ଲାଭ କରିଥିଲେ। ଏକ ସୁରକ୍ଷିତ ବାସଭବନରେ ତାଙ୍କୁ ମୃତ ଅବସ୍ଥାରେ ଠାବ କରାଯାଇଥିଲା। ସେ ୮ମାସର ଗର୍ଭବତୀ ଥିବା କୁହାଯାଉଛି। ବହୁ ଦିନ ହେଲା ତାଙ୍କର ଖୋଜ ଖବର ନ ଥିଲା। ତାଙ୍କ ନିକଟରେ ଏକ୍ଲାମ୍ପସିଆ ଓ ଶ୍ୱାସ ପ୍ରକ୍ରିୟା ଜଟିଳତା ଦେଖାଦେଇଥିଲା। ଟୋରୀଙ୍କର ସ୍ୱାଭାବିକ ମୃତ୍ୟୁ ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ଟୋରୀ ୨୦୧୬ ରିଓ ଅଲିମ୍ପିକ୍ସ ୧୦୦ ମିଟରରେ ରୌପ୍ୟ ଏବଂ ୨୦୦ରେ ବ୍ରୋଞ୍ଜ ଜିତିଥିଲେ। ପରେ ସେ ଟିଆନା ବାର୍ଟୋଲେଟା, ଆଲିସନ ଫେଲିକ୍ସ ଓ ଇଂଲିଶ ଗାର୍ଡନରଙ୍କ ସହ ୪x୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହାର ବର୍ଷକ ପରେ ୨୦୧୭ରେ ସେ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ୧୦୦ ମିଟର ରେସ୍ ଜିତିଥିଲେ। ୪x୧୦୦ ମିଟର ରିଲେ ଟିମ୍‌କୁ ସ୍ୱର୍ଣ୍ଣ ପଦକ ଆଣିଦେବାରେ ସେ ସହାୟକ ହୋଇଥିଲେ।




ଟୋରୀ ବୋୱି

# ହଂକଂକୁ ୯ ଉଇକେଟରେ ହରାଇଲା ଭାରତ

ମଙ୍ଗ କକ୍ (ହଂକଂ),
୧୩।୬(ପି.ଟି.)

୨୩ ବର୍ଷରୁ କମ୍ ମହିଳା ଏମର୍ଜିଂ ଏସିଆ କପ୍ କ୍ରିକେଟରେ ହଂକଂକୁ ୯ ଉଇକେଟରେ ପରାସ୍ତ କରିଛି ଭାରତ। ୧୯ ବର୍ଷରୁ କମ୍ ବିଶ୍ୱକପ ବିଜୟୀ ଦଳ ତଥା ଓମେନ୍ସ ପ୍ରିମିୟର ଲିଗ୍‌ର ଏକାଧିକ ଖେଳାଳିଙ୍କୁ ନେଇ ଖେଳୁଥିବା ଭାରତ ପକ୍ଷରୁ ଶ୍ରେୟଙ୍କା ପାଟିଲ ମାତ୍ର ୨ ରନ୍ ଦେଇ ୫ ଉଇକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ହଂକଂ ୩୪ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଭାରତ ୫.୨ ଓଭରରେ ଏକ ଉଇକେଟ ହରାଇ ଆବଶ୍ୟକ ରନ୍ କରି ନେଇଥିଲା।




ଉଇକେଟ ନେବାପରେ ଶ୍ରେୟଙ୍କା ପାଟିଲ।

ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ୧୯ ବର୍ଷରୁ କମ୍ ଦଳର ଖେଳାଳି ତିତାସ୍ ସାଧୁ ଓ ମନ୍ନତ କଶ୍ୟପ ଭାରତ ପାଇଁ ବୋଲିଂ ଆରମ୍ଭ କରିଥିଲେ। ମନ୍ନତ ୨ ଓ ସାଧୁ ଗୋଟିଏ ଉଇକେଟ ନେଇଥିବା ବେଳେ ଅଷ୍ଟମ ଓଭର ବୋଲିଂ କରିଥିଲେ ଆରସିବିର ଷ୍ଟାର ଖେଳାଳି ଶ୍ରେୟଙ୍କା। ପ୍ରଥମ ବଲ୍‌ରୁ ଉଇକେଟ ନେବା ସହିତ ସେ ୩ ଓଭର ବୋଲିଂ କରି ଗୋଟିଏ ମେଡେନ୍ ସହିତ ୨ ରନ୍ ଦେଇ ୫ ଜଣ ବ୍ୟାଟରଙ୍କୁ ଆଉଟ କରିଥିଲେ। ଅନ୍ୟ ଭାରତୀୟ ବୋଲରଙ୍କ ମଧ୍ୟ ମନ୍ନତ କଶ୍ୟପ ଓ ପାର୍ଶଭି ଚୋପ୍ରା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ହଂକଂ ପକ୍ଷରୁ ମାରିକୋ ହିଲ୍(୧୪)ଏକମାତ୍ର ଖେଳାଳି ଭାବରେ ଦୁଇ ଅଙ୍କ ସ୍କୋରରେ ପହଞ୍ଚିଥିଲେ। ହଂକଂ ୧୪ ଓଭରରେ ୩୪ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଭାରତ ୫.୨ ଓଭରରେ ୧ ଉଇକେଟ ହରାଇ ୩୮ ରନ୍ କରିଥିଲା। ଶ୍ୱେତା ଶେରାୱତ ୨ ରନ୍ କରି ଆଉଟ ହୋଇଥିବା ବେଳେ ଉମା ଚେତ୍ରୀ ୧୬ ଓ ଗୋଙ୍ଗାଡି ତ୍ରିଶା ୧୯ରନ୍‌ରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ୧୫ ତାରିଖରେ ଭାରତ ନିଜର ପରବର୍ତ୍ତୀ ମ୍ୟାଚ୍‌ରେ ନେପାଳକୁ ଭେଟିବ।

**ମହିଳା ଏମର୍ଜିଂ ଏସିଆ କପ୍ କ୍ରିକେଟ**

**ସଂକ୍ଷିପ୍ତ ସ୍କୋର**

ହଂକଂ ୧୪ ଓଭରରେ ୩୪/୧୦(ମାରିକୋ ହିଲ୍-୧୪, ଶ୍ରେୟଙ୍କା ପାଟିଲ-୫/୨, ମନ୍ନତ କଶ୍ୟପ-୨/୨,ପାର୍ଶଭି ଚୋପ୍ରା-୨/୧୨)। ଭାରତ ୫.୨ ଓଭରରେ ୩୮/୧(ଗୋଙ୍ଗାଡି ତ୍ରିଶା-୧୯*, ଉମା ଚେତ୍ରୀ-୧୬*, ବେଙ୍ଗୀ ଚାନ୍-୧/୧୫)।



ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୧୪/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Wednesday, June 14/2023 | Page 16 | ₹ 7.00 | BERHAMPUR




## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
## ରଜ ଶୁଭେଚ୍ଛା

ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷକରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ଧରଣୀମାତାଙ୍କ ଉପାସନାର ଅନନ୍ୟ ପର୍ବ । ନାରୀତ୍ୱର ମହନୀୟତାର ପର୍ବ । ସମାଜରେ ନାରୀର ଅବଦାନକୁ କୃତଜ୍ଞତା ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନଶୀଳ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR


# ଟୁଇଟର ବନ୍ଦ କରିବାକୁ ଧମକ ଦେଇଥିଲା କେନ୍ଦ୍ର

ୱାଶିଂଟନ୍/ନୂଆଦିଲ୍ଲୀ,୧୩।୬
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୨୦୨୦-୨୧ରେ ୩ କୃଷି ଆଇନ ବିରୋଧରେ କୃଷକ ଆନ୍ଦୋଳନ ଚାଲିଥିବାବେଳେ କେନ୍ଦ୍ର ସରକାର ଟୁଇଟରକୁ ବନ୍ଦ କରିଦେବା ପାଇଁ ଧମକ ଦେଇଥିଲେ ବୋଲି ଏହି ମାଇକ୍ରୋବ୍ଲଗିଂ ସାଇଟ୍‌ର ସହପ୍ରତିଷ୍ଠାତା ଜାକ୍ ଡୋର୍ସି ଚାଞ୍ଚଲ୍ୟକର ପ୍ରଘଟ କରିଛନ୍ତି। କଂଗ୍ରେସ ଏହା ଉପରେ କେନ୍ଦ୍ରର ସ୍ପଷ୍ଟୀକରଣ ଲୋଡ଼ିଥିବାବେଳେ ସରକାର ଡୋର୍ସିଙ୍କ ଅଭିଯୋଗକୁ 'ସମ୍ପୂର୍ଣ୍ଣ ମିଥ୍ୟା' କହି ଖଣ୍ଡନ କରିଛନ୍ତି।

### ଜାକ୍ ଡୋର୍ସିଙ୍କ ପ୍ରଘଟ



କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ୨୦୨୦ରେ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହା ଥିଲା ଅର୍ଥନୈତିକ ଓ ମାନବ ଅଧିକାର ପାଇଁ ବିଶ୍ୱର ସବୁଠୁ ବଡ଼ ଆନ୍ଦୋଳନ। ୨୦୨୧ ଫେବୃଆରୀରେ ଦିଲ୍ଲୀ ସୀମାର କୃଷକ ଆନ୍ଦୋଳନସ୍ଥଳକୁ କେନ୍ଦ୍ର ସରକାର କଣ୍ଟକିତ ତାରବାଡ଼ରେ ଘେରି ସମ୍ପୃକ୍ତ ଅଞ୍ଚଳରେ ଇଣ୍ଟରନେଟ ସେବା ବନ୍ଦ କରିଦେଇଥିଲେ। ଏହା ଉପରେ ସୁଇଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ, ବେଙ୍ଗାଲୁରୁସ୍ଥିତ ଫାଇଡେଜ୍ ଫର୍ ଫ୍ୟୁଚର ଇନ୍ ଇଣ୍ଡିଆ ପ୍ରତିଷ୍ଠାତା ଦିଶା ରବି ଓ ଆମେରିକୀୟ ପପ୍ ଷ୍ଟାର ତଥା ବ୍ୟୁଟି ମୋଗଲ ରିହାନାଙ୍କ ସମେତ ଦେଶବିଦେଶର ଅନେକ ସେଲିବ୍ରିଟି ପ୍ରଶ୍ନ ଉଠାଇଥିଲେ। ତତ୍କାଳୀନ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏହି ପ୍ରସଙ୍ଗରେ ଟୁଇଟରକୁ ଧମକ ଦେଇଥିଲେ, ଭାରତରେ ବ୍ୟବସାୟ କରିବାକୁ ଚାହୁଁଥିଲେ ଏଠାକାର ଆଇନକୁ ମାନି ଚଳିବାକୁ ପଡ଼ିବ। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ସହ ରବିଶଙ୍କରଙ୍କ ବିବାଦ ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା।

୨୦୨୧ ନଭେମ୍ବରରେ ଟୁଇଟର ସିଇଓ ପଦ ଛାଡ଼ିଥିବା ଜାକ୍ ଡୋର୍ସି ସୋମବାର ୟୁଟ୍ୟୁବ୍ ନ୍ୟୁଜ୍ ଶୋ' 'ବ୍ରେକିଂ ପଏଣ୍ଟ୍ସ'କୁ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଭାରତ ସରକାରଙ୍କୁ ସମାଲୋଚନା କରୁଥିବା ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଦେବା ସହ ପୋଷ୍ଟଗୁଡ଼ିକୁ ହଟାଇବା ପାଇଁ ଅନେକ ଥର ଅନୁରୋଧ କରାଯାଇଥିଲା। ଏପରି ନ କଲେ ଭାରତରେ ଟୁଇଟରକୁ ବନ୍ଦ କରିବା ଏବଂ କମ୍ପାନୀ କର୍ମଚାରୀଙ୍କ ଘରେ ଚଢ଼ାଉ କରିବା ନେଇ ସରକାର ଧମକ ଦେଇଥିଲେ। ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସେମାନେ ଆମ କର୍ମଚାରୀମାନଙ୍କ ଉପରେ ଚଢ଼ାଉ ମଧ୍ୟ କରିଥିଲେ। କେବଳ ଭାରତ ନୁହେଁ, ନାଇଜେରିଆ ଓ ତୁର୍କୀ ସରକାର ମଧ୍ୟ ଟୁଇଟରକୁ ବନ୍ଦ କରିବା ନେଇ ଧମକ ଦେଇଥିଲେ ବୋଲି ଡୋର୍ସି ଅଭିଯୋଗ ଆଣିଛନ୍ତି। ଏହା ଉପରେ କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ବିରୋଧୀଙ୍କ ସ୍ୱରକୁ ନିୟମିତ ଭାବେ ସରକାରଙ୍କ ଦ୍ୱାରା ଚପାଇ ଦିଆଯାଉଛି। କେନ୍ଦ୍ରର ଚାପରେ ପଡ଼ି ଟୁଇଟର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଆକାଉଣ୍ଟକୁ ବ୍ୟାନ୍ କରିଦେଇଥିଲା। ଏବେ ଡୋର୍ସିଙ୍କ ଦାବିରୁ ସତ୍ୟ ପଦାକୁ ଆସିଛି। ଦେଶରେ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ଗଣତନ୍ତ୍ରକୁ ଦୁର୍ବଳ କରିବା ନେଇ ଏହାଠୁ ବଡ଼ ପ୍ରମାଣ କିଛି ହୋଇ ନ ପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଭାବମୂର୍ତ୍ତି ପ୍ରତିଷ୍ଠାରେ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହା ହେଉଛି କେନ୍ଦ୍ର ସରକାରଙ୍କ ସତ। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସୂର୍ଯ୍ୟେୱାଲା କହିଛନ୍ତି, ମୋଦି ସରକାର ଟୁଇଟରକୁ କୃଷକ ଓ କୃଷି ଆନ୍ଦୋଳନ ସମ୍ପର୍କିତ ଆକାଉଣ୍ଟ ହଟାଇବା ପାଇଁ ବାଧ କରିଥିଲେ। ଏହା ଉପରେ ସରକାର ଜବାବ ଦେବେ କି ବୋଲି ସୂର୍ଯ୍ୟେୱାଲା ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଡୋର୍ସିଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଅଭିହିତ କରି ଖଣ୍ଡନ କରିଛନ୍ତି। ଡୋର୍ସିଙ୍କ ଅମଳରେ ଟୁଇଟର ଭାରତୀୟ ଆଇନର ସାର୍ବଭୌମତ୍ୱକୁ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଥିଲା। ଆମେ କାହାକୁ ଜେଲକୁ ପଠାଇନାହୁଁ କି ଟୁଇଟରକୁ ବନ୍ଦ କରିନାହୁଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ବାହାନଗା ଟ୍ରେନ୍ ଦୁର୍ଘଟଣା | ଏସ୍‌ସିବିରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ

**କଟକ ଅଫିସ,୧୩।୬(କାର୍ତ୍ତିକ ସାହୁ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ଯାତ୍ରୀଙ୍କର ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଲେ ବିହାର ରାଜ୍ୟ ମୋତିହାରିର ବିଜୟ ପାଶୱାନ(୩୫)। ଓଡ଼ିଶା ସରକାରଙ୍କ ପକ୍ଷରୁ ତାଙ୍କ ମୃତଦେହକୁ ମୋତିହାରିକୁ ପଠାଇବା ବ୍ୟବସ୍ଥା କରାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏସ୍‌ସିବି ମେଡିକାଲରେ ଉପସ୍ଥିତ ରହି ମୃତଦେହକୁ ତାଙ୍କ ପରିବାର ସଦସ୍ୟଙ୍କ ସହ ସରକାରୀ ଖର୍ଚ୍ଚରେ ବିହାର ପଠାଇଥିଲେ।

ମେଡିକାଲ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ବିଜୟଙ୍କର ମେରୁଦଣ୍ଡରେ ଆଘାତ ଲାଗିବା ସହ ଶରୀରରେ ଅନେକ କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ଚିକିତ୍ସା ଓ ଔଷଧ ଦିଆଯାଇ ଅର୍ଥୋପେଡିକ୍ସ ବିଭାଗରେ ରଖାଯାଇଥିଲା। ପ୍ରଥମେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ପରେ ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଦେବାରୁ ଗତ ୭ ତାରିଖରେ ତାଙ୍କୁ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

☞ପୃଷ୍ଠା-୪


DSPL - 84



## ବିଶ୍ୱ ରକ୍ତଦାତା ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଜୁନ୍ ୧୪ ତାରିଖ 'ବିଶ୍ୱ ରକ୍ତଦାତା ଦିବସ' । ରକ୍ତ ଦାନ ହେଉଛି ଶ୍ରେଷ୍ଠ ଦାନ, ଯାହା ଦ୍ୱାରା ଜଣେ ମଣିଷ ଆଉ ଜଣଙ୍କର ମୂଲ୍ୟବାନ ଜୀବନ ରକ୍ଷା କରିବାରେ ସହାୟକ ହୋଇପାରେ ।

'ରକ୍ତ ଦିଅ, ପ୍ଲାଜ୍ମା ଦିଅ, ଜୀବନ ବଞ୍ଚାଅ, ବାରମ୍ବାର ବଞ୍ଚାଅ' - ଏହା ହେଉଛି ଚଳିତ ବର୍ଷ ରକ୍ତ ଦାତା ଦିବସ ପାଳନର ଅନୁଚିନ୍ତା । ରକ୍ତଦାନର କୌଣସି ବିକଳ୍ପ ନାହିଁ । ସ୍ୱେଚ୍ଛାକୃତ ରକ୍ତଦାନ ହେଉଛି ନିରାପଦ ଓ ନିରନ୍ତର ରକ୍ତ ଯୋଗାଣର ଚାବିକାଠି । ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କ ଅମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

ଆସନ୍ତୁ, ରକ୍ତଦାନ ପରି ମହତ ଦାନ କରି ସମାଜରେ ମାନବିକତାର ଜୟଗାନ କରିବା । ରକ୍ତର ଅଭାବ ପାଇଁ ଅକାଳରେ ଝଡ଼ିପଡୁଥିବା ମୂଲ୍ୟବାନ ଜୀବନ ରକ୍ଷା କରିବା । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା, ବିଶେଷ କରି ସଂପ୍ରତି ଘଟିଯାଇଥିବା ଦାରୁଣ ଟ୍ରେନ ଦୁର୍ଘଟଣା ସମୟରେ ଆଗ୍ରହର ସହ ରକ୍ତଦାନ କରିଥିବା ସମସ୍ତ ଭାଇଭଉଣୀମାନଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR-10080/13/0001/2324



DSPL - 84

## ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା



ଜୁନ୍ ୧୪ 'ବିଶ୍ୱ ରକ୍ତଦାତା ଦିବସ' ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଚଳିତ ବର୍ଷର ଅନୁଚିନ୍ତା ହେଉଛି 'ରକ୍ତ ଦିଅ, ପ୍ଲାଜ୍ମା ଦିଅ, ଜୀବନ ବଞ୍ଚାଅ, ବାରମ୍ବାର ବଞ୍ଚାଅ' । ଆମ ରାଜ୍ୟରେ ବର୍ଷକୁ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ । ଏହା କେବଳ ସ୍ୱେଚ୍ଛାକୃତ ରକ୍ତଦାନ ଦ୍ୱାରା ହିଁ ପୂରଣ ହୋଇପାରିବ । ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅନ୍ୟର ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ନିଜକୁ ନିୟୋଜିତ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରି ଆତ୍ମତୃପ୍ତି ଲାଭ କରିବା । ସଂପ୍ରତି ବାହାନଗାଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଆନ୍ତରିକ ଭାବେ ଆଗେଇ ଆସି ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ଆଶାତୀତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ସମସ୍ତ ଭାଇଭଉଣୀମାନଙ୍କୁ ମୁଁ ମୋର ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି । ଆଜିର ଦିବସରେ ସମସ୍ତଙ୍କୁ ଅନୁରୋଧ, ଯେଉଁମାନେ ରକ୍ତଦାନ ପାଇଁ ଯୋଗ୍ୟ ଅଟନ୍ତି, ସେମାନେ ସେମାନଙ୍କର ଏହି ମହତ ଦାନ ଦ୍ୱାରା ଅନ୍ୟର ମୂଲ୍ୟବାନ ଜୀବନ ବଞ୍ଚାଇବା ସହିତ, ସମାଜର ଅଶେଷ ଉପକାର କରିବାରେ ସାହାଯ୍ୟ କରନ୍ତୁ ।

ନିରଞ୍ଜନ ପୂଜାରୀ
(ନିରଞ୍ଜନ ପୂଜାରୀ)
ମାନ୍ୟବର ସଂସଦୀୟ ବ୍ୟାପାର,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା


OIPR-10080/13/0001/2324



DSPL-86

TRANSPARENCY TECHNOLOGY TEAMWORK TIME TRANSFORMATION | ଓଡ଼ିଶା ସରକାର | ମୋ ସରକାର ☎ 14545

## ବିଶ୍ୱ ରକ୍ତଦାତା ଦିବସ
୧୪ ଜୁନ୍ ୨୦୨୩



"ରକ୍ତ ଜୀବନ ରକ୍ଷାକାରୀ ଏବଂ ବିକଳ୍ପ ବିହୀନ।
ପ୍ରତ୍ୟେକ ଜୀବନ ମୂଲ୍ୟବାନ।
ଅମୂଲ୍ୟ ମାନବ ଜୀବନ ବଞ୍ଚାଇବା ପାଇଁ
ସମସ୍ତେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ
କରିବାକୁ ମୁଁ ଅନୁରୋଧ କରୁଛି।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ,ଓଡ଼ିଶା

ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

- ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ରାଜ୍ୟ ସରକାର ମାଗଣାରେ ରକ୍ତ ଯୋଗାଇ ଦେଉଛନ୍ତି।
- ମେଡିକାଲ୍ କଲେଜ୍, ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ତଥା ଅଧିକ ରୋଗୀ ଆସୁଥିବା ଚିକିତ୍ସାଳୟ ଗୁଡ଼ିକରେ ବ୍ଲଡ୍ ବ୍ୟାଙ୍କ / ବ୍ଲଡ୍ ଷ୍ଟୋରେଜ୍ ୟୁନିଟ୍ ଉପଲବ୍ଧ ଅଛି।
- ରାଜ୍ୟର ସମସ୍ତ ସ୍ଥାନରେ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି।
- ଯେକୌଣସି ବ୍ଲଡ୍‌ବ୍ୟାଙ୍କ୍‌ରେ ଉପଲବ୍ଧ ଥିବା ରକ୍ତର ପରିମାଣ ସମ୍ବନ୍ଧୀୟ ତଥ୍ୟ (ଗ୍ରୁପ୍ ଅନୁସାରେ) ଅନ୍‌ଲାଇନ୍‌ରେ ଇ-ବ୍ଲଡ୍‌ବ୍ୟାଙ୍କ୍ ପୋର୍ଟାଲ୍ (ୱେବ୍‌ସାଇଟ୍ (http://ebloodbank.nrhmodisha.in), ଏସ୍.ଏମ୍.ଏସ୍ (54323 for BSNL & 56767 for all mobile users) କିମ୍ବା ଆଇ.ଭି.ଆର୍.ଏସ୍ (Dial 18003457777) ମାଧ୍ୟମରେ ଜାଣିବାର ବ୍ୟବସ୍ଥା କରାଯାଇଛି।
- ରକ୍ତ ସମ୍ବନ୍ଧୀୟ ରୋଗରେ ପୀଡିତ ସମସ୍ତ ବ୍ୟକ୍ତିଙ୍କୁ ସରକାର ମାସିକ ୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

ବାଲେଶ୍ୱର ରେଳ ଦୁର୍ଘଟଣାର ୪୮ ଘଣ୍ଟା ମଧ୍ୟରେ ୭୧୦୦ ୟୁନିଟ୍ ରକ୍ତ ଦାନ କରିଥିବା ବ୍ୟକ୍ତିବିଶେଷଙ୍କ ନିକଟରେ ଆମେ କୃତଜ୍ଞ।

ପ୍ରତିଟି ରକ୍ତ ଦାନ, ବଞ୍ଚାଏ ଏକାଧିକ ଜୀବନ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0057/2324



ଦେହରେ ନୂତନ ବସ୍ତ୍ର ଆଉ ଦୋଳିରେ ବସିଥିବା ଝିଅମାନଙ୍କ ଅଦିନିଆ ପାନଖିଆ ନାଲି ଓଠରେ ଖିଲି ଖିଲି ହସ ସତେ ଯେମିତି ରଜବତୀ ଧରଣୀରାଣୀର କରୁଛି ଶୋଭା ବର୍ଦ୍ଧନ। ତା' ସାଙ୍ଗକୁ ପୋଡ଼ପିଠା ଖାଇ ନୂଆ ନୂଆ ସ୍ଥାନ ବୁଲିବା ଓ ନାଚଗୀତରେ ବେଶ୍ ଜମୁଛି ରଜ ଆସର। ଏହି ରଜ ପର୍ବକୁ ଏବେ ସାରା ରାଜ୍ୟରେ ଧୂମଧାମରେ ପାଳନ କରାଯାଉଛି। ବିଶେଷକରି ଏହା ଏକ ଗଣପର୍ବରେ ପରିଣତ ହୋଇଛି।

# ଆଜି ପହିଲି ରଜ

### ପ୍ରଥମଥର ଖେଳିବି ବାଉଁଶଦୋଳି



ରଜପର୍ବ ମୋ ଭଳି ସବୁ ଝିଅଙ୍କ ପାଇଁ ବେଶ୍ ପ୍ରତୀକ୍ଷିତ। ସାଙ୍ଗସାଥିଙ୍କ ସହ ବୁଲିବା ପାର୍କ କିମ୍ବା ପାନ୍ଥଶାଳାରେ ଆୟୋଜିତ ରଜ ମହୋତ୍ସବ ଦେଖିବା ଓ ଦୋଳି ଖେଳିବାର ମଜା ଅଲଗା। ହେଲେ ସବୁଥରଠୁ ଏଥର ରଜ ପାଇଁ ଅଧିକ ଉତ୍କଣ୍ଠା ଅଛି। କାରଣ ମାମୁଁଘର ଗାଁରେ ସମ୍ପୂର୍ଣ୍ଣ ପାରମ୍ପରିକ ବିଧିରେ ରଜ ପାଳିବି। ନୂଆ ଡ୍ରେସ୍ ପିନ୍ଧି, ପାଦରେ ଅଳତା ଲଗାଇ ପୋଡ ପିଠାଖାଇବା ସହ ପ୍ରଥମଥର ବାଉଁଶଦୋଳି ଖେଳିବି। ଆଉ ଏହି ନିଆରା ଅନୁଭୂତିକୁ ରିଲ୍ସ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବି।

- ରୋଜାଲିନ୍ ବିଶ୍ୱାଳ(ଛାତ୍ରୀ, ଭୁବନେଶ୍ୱର)

### ସମସ୍ତେ ଏକାଠି ହେବାର ସୁଯୋଗ ଆଣେ ରଜ



ସବୁ ପର୍ବ ମଧ୍ୟରେ ରଜ ହେଉଛି ନିଆରା। ସାଙ୍ଗସାଥିମାନେ ଯିଏ ଯେଉଁଠି ବାହାରେ ଅଛନ୍ତି, ସମସ୍ତେ ଏକାଠି ହେବାର ସୁଯୋଗ ଆଣିଥାଏ ରଜ ପର୍ବ। ଏବର୍ଷ ସାଙ୍ଗମାନଙ୍କ ସହ ସ୍ୱତନ୍ତ୍ର ଭାବେ ରଜ ପାଳିବାକୁ ଯୋଜନା ରହିଛି। ସେଥିପାଇଁ ଆମ ସମସ୍ତଙ୍କ ଭିତରେ ଉତ୍କଣ୍ଠା ରହିଛି। ମା' ହାତତିଆରି ପୋଡ଼ପିଠା ଖାଇବାକୁ ସାଙ୍ଗମାନଙ୍କୁ ଘରକୁ ଡାକିବି। ଆମ ଘରେ ସମସ୍ତେ ଏକାଠି ହୋଇ ପହିଲି ରଜ ପାଳିବୁ। ନୂଆ ଡ୍ରେସ୍ ପିନ୍ଧି ସଜବାଜ ହୋଇ ରଜ ପାନ ଖାଇବୁ ଓ ଦୋଳିର ମଜା ନେବୁ।

- ଶ୍ରଦ୍ଧାଞ୍ଜଳି ବଳ, ବଙ୍କସାହି, ଭଦ୍ରକ

### ରଜ ପାଇଁ ଗାଁକୁ ଆସିଛି



ଭୁବନେଶ୍ୱରରେ ରହି ପାଠ ପଢ଼ୁଛି। ରଜ ପାଇଁ ଗାଁକୁ ଆସିଛି। ଏଥର ଗାଁରେ ସାଙ୍ଗମାନଙ୍କ ସହ ରଜ ପାଳିବାକୁ ସୁଯୋଗ ମିଳିଛି। ଆମ ଗାଁ କପାଳିକ୍ଷେତ୍ର ଶାନ୍ତିବନରେ ରଜ ମହୋତ୍ସବ ପାଳନ ହେଉଛି। ପ୍ରତି ସନ୍ଧ୍ୟାରେ ସଭା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ। ସାଙ୍ଗମାନଙ୍କ ସହ ମୀନାବଜାର ବୁଲି ବିଭିନ୍ନ ପ୍ରକାର ଦୋଳି ଖେଳିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିବି। ସହରର ବ୍ୟସ୍ତବହୁଳ ପରିବେଶ ଅଣନିଃଶ୍ୱାସୀ କରୁଥିବା ବେଳେ ରଜରେ ଗାଁ ପରିବେଶରେ ସାଙ୍ଗ ଓ ପରିବାର ସହ ମନ ଟିକେ ହାଲୁକା ହୋଇଯିବ। ରଜପର୍ବରେ ଆମେ ସମସ୍ତେ ସାଙ୍ଗ ହେବାର ସୁଯୋଗ ମିଳିବ।

- ମୀନାକ୍ଷୀ କରଶର୍ମା, ଛାତ୍ରୀ, ନିମପଡ଼ା, ବନ୍ତ, ଭଦ୍ରକ

### ଏଥର ଧୁମଧାମରେ ରଜ ପାଳିବୁ



ରଜ କେନ୍ଦୁଝର ଜିଲାର ଅନ୍ୟତମ ମୁଖ୍ୟ ପର୍ବ। ଏଣୁ ବର୍ଷ ଆରମ୍ଭରୁ ଅପେକ୍ଷା କରିଥାଉ। ନୂଆ ପୋଷାକ ପିନ୍ଧି ଦୋଳି ଖେଳିବାର ମଜା ଉଠାଇଥାଉ। ଏଥର ମଧ ରଜକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ପ୍ରସ୍ତୁତି କରିଛୁ। ବିଶେଷକରି ସାଙ୍ଗ ସାଥିମାନଙ୍କ ସହ ବୁଲି ଦୋଳି ଖେଳିବୁ ଓ ମୀନାବଜାର ବୁଲିବୁ। ସେହିପରି ଘରେ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ମିଶି ପିଠା, ପଣା ଖାଇ ମଜା କରିବୁ।

- ଅନିଶା ମହାନ୍ତି, ମାଧପୁର, କେନ୍ଦୁଝର

## ରଜରେ ଆଦିବାସୀ ନୃତ୍ୟଗୀତର ଝଲକ





ରଜ ପାଇଁ ପ୍ରସ୍ତୁତ ହୋଇଛି ଦୋଳି।

ଆଦିବାସୀ ବହୁଳ କେନ୍ଦୁଝର ଜିଲାରେ ରଜ ପର୍ବ ନିଆରା। ଏଥିରେ ଆଦିବାସୀ ନୃତ୍ୟଗୀତର ଝଲକ ଦେଖିବାକୁ ମିଳିଥାଏ। ଏଥିପାଇଁ ରଜର ୩/୪ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଘର ଲିପାପୋଛା ଓ ରଙ୍ଗ ମରା ହୋଇଥାଏ। ନୂଆ ଲୁଗାପଟା କିଣା ସାଙ୍ଗକୁ ପିଠାପଣା ପ୍ରସ୍ତୁତି ଆରମ୍ଭ ହୋଇଯାଏ। ବିଭିନ୍ନ ପ୍ରକାରର ମଣ୍ଡା, କାକରା, ଆରିସା, ପୋଡ଼ପିଠା, ସିଝା, ଚକୁଳି ଆଦି ପିଠା ପ୍ରସ୍ତୁତି କରାଯାଏ। କାରଣ ମହିଳାମାନେ ରଜ ଦିନ ଦୋଳି ଖେଳରେ ସମୟ ବିତାଇଥାନ୍ତି। କମ୍ କାମ କରିଥାନ୍ତି। ନୂଆ ପୋଷାକ ପିନ୍ଧି ସୁସଜ୍ଜିତ ହୋଇ ମହିଳା ଓ କୁମାରୀମାନେ ପିଠାପଣା ଖାଇ ଦୋଳି ଖେଳନ୍ତି। ଘରେ ମାଂସ, ମାଛର ତରକାରି ପ୍ରସ୍ତୁତ ହୋଇଥାଏ। ପିଲାଠାରୁ ଆରମ୍ଭ କରି ବୟସ୍କ, ବୃଦ୍ଧାବୃଦ୍ଧ ସମସ୍ତଙ୍କ ମଧ୍ୟରେ ଭିନ୍ନ ଖୁସି ଓ ଉନ୍ମାଦ ଦେଖିବାକୁ ମିଳେ।

ପରମ୍ପରାକୁ ବଜାୟ ରଖିବା ପାଇଁ ଜିଲା ମୁଖ୍ୟାଳୟ, ବୀଣାଝରୀ, ବିଷ୍ଣୁପାଳ, ଜଳବଙ୍ଗ, ସୀତାବିଞ୍ଜି ଭଳି କେତେକ ଗ୍ରାମ ଓ ଆନନ୍ଦପୁର ଅଞ୍ଚଳରେ ସ୍ଥାନୀୟ ଲୋକ ଓ ସଙ୍ଗଠନ ଉଦ୍ୟମରେ ମେଳା ଆୟୋଜନ କରାଯାଉଛି। ସେହିପରି ଜିଲାର ଗୋବର୍ଦ୍ଧନ, ଜାମୁଜୋଡି, ପଟିଲୋ, ବଲାଣୀପଶି, ଜଘିରା, ଚମ୍ପୁଆ, ଉଖୁଣ୍ଡା, ଜାଲି, ତେଲକୋଇ, ଆନନ୍ଦପୁର ଓ ବାଂଶପାଳ ବ୍ଲକର ଆଦିବାସୀ ଅଞ୍ଚଳରେ ରଜ ପର୍ବ ପାଳନ କରାଯାଉଛି। ସହରାଞ୍ଚଳରେ ପାର୍କର ଲୁହା ଦୋଳିରେ ଖେଳିଥାନ୍ତି। ଦୋଳିଖେଳ ସାଙ୍ଗକୁ ବିଭିନ୍ନ ପ୍ରକାର ରଜ ଗୀତ, ତାସ, ଲୁଡୁ, ବାଗୁଡ଼ି ଆଦି ଖେଳ ପ୍ରତିଯୋଗିତା ସହ ନାଚଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଘଟଗାଁ ବ୍ଲକର ବୀଣାଝରୀରେ ବହୁ କିସମର ଦୋଳି ଅନେକଙ୍କୁ ଆକୃଷ୍ଟ କରିଥାଏ। ସେହିପରି ସଦର ବ୍ଲକର ବିଷ୍ଣୁପାଳରେ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷଙ୍କ ରାତିତମାମ ନୃତ୍ୟଗୀତ, ସଦର ବ୍ଲକର ଜଳବଙ୍ଗରେ ରଜବତୀ ବିବାହ ନିଆରା ପରମ୍ପରା ବହୁ ବର୍ଷରୁ ଚାଲିଆସୁଛି। ପୌରାଣିକ ପୀଠ ସୀତାବିଞ୍ଜିରେ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ। ଏଠାରେ ଦୋଳିର ସେଭଳି ବ୍ୟବସ୍ଥା ନ ଥିଲେ ମଧ ମାତା ସୀତା, ଲବ ଓ କୁଶଙ୍କ ପ୍ରସ୍ତର ମୂର୍ତ୍ତି ଦର୍ଶନ କରିବାକୁ ଲୋକେ ଏହି ପୀଠକୁ ଆସିଥାନ୍ତି।

ସାହିତ୍ୟିକ ଲଗ୍ନଜିତ ପ୍ରଦୀପ ରାଉତ କହନ୍ତି, ଏହି ଦିନରେ ପରିବାର ଲୋକେ ଯେଉଁଠି ଥାଆନ୍ତୁନା କାହିଁକି ଏକାଠି ହୋଇଥାନ୍ତି। ବେଶ୍ ଖୁସିରେ ପର୍ବ ପାଳନ କରିଥାନ୍ତି। ଆଗରୁ ପ୍ରତ୍ୟେକ ଗ୍ରାମ ବା ଘରେ ଘରେ ଦୋଳି ହେଉଥିଲା। କିନ୍ତୁ ଜଙ୍ଗଲ ଧ୍ୱଂସ ପାଇବା ସହ ଜଙ୍ଗଲ ସୁରକ୍ଷା ପାଇଁ ଆଇନ କଡ଼ାକଡ଼ି ହେବା ସାଙ୍ଗକୁ ଲୋକଙ୍କ ମଧ୍ୟରେ ଆଗ୍ରହ କମୁଥିବାରୁ ଏହି ପର୍ବ ଆଗଭଳି ପାଳନ ହୋଇପାରୁନାହିଁ ବୋଲି ଗବେଷକ ତଥା ଅବସରପ୍ରାପ୍ତ ଅଧାପକ ଡ. ବିଦ୍ୟାଧର ବେହେରା କହିଛନ୍ତି।

–ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର

## ଗଡ଼ିଲା ପିଠା ଅନ୍ ହ୍ୱିଲ୍

### ଓଟିଡିସି ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ

ଶର୍ମିଷ୍ଠା ପାଣିଗ୍ରାହୀ

ଭୁବନେଶ୍ୱର,୧୩।୬

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସରେ ମଙ୍ଗଳବାର ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଅବସରରେ ପାରମ୍ପରିକ ବାଦ୍ୟ ଓ ରଜଗୀତ ସହ କୁନିକୁନି ଝିଅମାନେ ରଜଦୋଳିର ମଜା ନେଇଛନ୍ତି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଟିଡିସିର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଏବଂ ଜେନେରାଲ ମ୍ୟାନେଜର ଲଗ୍ନଜିତ ରାଉତ ରଜ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପାତ୍ର କହିଛନ୍ତି, ସମ୍ପ୍ରତି ଯାନବାହନର ଭିଡ଼କୁ ଲକ୍ଷ୍ୟ କଲେ ଦେଖିବା ଯେ, ଯିଏ ଯେଉଁଠି ଥିଲେ ବି ରଜ ପାଳିବାକୁ ଗାଁକୁ ଦୌଡ଼ି ଆସୁଛନ୍ତି। ଆମ ପର୍ବର ମଜା କେଉଁଠି ବି ମିଳିବନି। ବୁଧବାରଠାରୁ ୩ଦିନ ପର୍ଯ୍ୟନ୍ତ ରଜ ଉତ୍ସବ ପାଳନ କରାଯିବ। ବିଭାଗ ପକ୍ଷରୁ ଏହି ପାରମ୍ପରିକ ପର୍ବକୁ ବଜାୟ ରଖିବା ସହ ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ପ୍ରତିବର୍ଷ ପରି ଏଥର ମଧ୍ୟ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରାଜ୍ୟର ସମସ୍ତ ଓଟିଡିସି ଶାଖାରେ ରଜପିଠା ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ ଭୁବନେଶ୍ୱରସ୍ଥିତ ନିମନ୍ତ୍ରଣ ରେସ୍ତୋରାଁ ଏବଂ କଟକସ୍ଥିତ ସିଲଭର ସିଟି ବୋଟ୍ କ୍ଲବ୍‌ରେ ପିଠା ମିଳିବ। ଭୁବନେଶ୍ୱରସ୍ଥିତ ପାନ୍ଥନିବାସରେ ମହିଳାମାନେ ରଜ ତିନିଦିନ ଯାକ ବିନାମୂଲ୍ୟରେ ରଜ ଦୋଳି ଖେଳିବା ସହ ମେହେନ୍ଦି ଲଗାଇବାର ମଜା ନେଇପାରିବେ। ଓଟିଡିସି ପକ୍ଷରୁ ପିଠା ଖାଇବା ଓ ମେହେନ୍ଦି କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଭୁବନେଶ୍ୱରବାସୀଙ୍କ ନିକଟରେ ରଜପିଠା ପହଞ୍ଚାଇବା ଲାଗି ଓଟିଡିସି ପକ୍ଷରୁ 'ପିଠା ଅନ୍ ହୁଇଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆସନ୍ତା ତିନିଦିନ ଧରି ତିନୋଟି ଭ୍ୟାନ୍ ମାଧ୍ୟମରେ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶହୀଦନଗର, ଖଣ୍ଡଗିରି ଏବଂ ପଟିଆ ସମେତ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ରଜପିଠା ଉପଲବ୍ଧ ହେବ। ଉଲ୍ଲେଖଯୋଗ୍ୟ, ପୋଡ଼ପିଠାର ମୂଲ୍ୟ କିଲୋ ପ୍ରତି ୪୦୦ ଟଙ୍କା, କାକରା, କ୍ଷୀରଗଜା, ଲବଙ୍ଗଲତା, ଆରିସାପିଠାର ମୂଲ୍ୟ ୨୦ ଟଙ୍କା ଲେଖାଏ ରହିଛି। ସେହିପରି ଗୋଟେ ରଜପାନର ମୂଲ୍ୟ ୨୫ ଟଙ୍କା ରହିଥିବାବେଳେ ପିଠା ଝୁଡ଼ିର ମୂଲ୍ୟ ୪୦୦ ଟଙ୍କା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ରାଜକିଶୋର ପଲେଇ ଏବଂ ଓଟିଡିସି କମ୍ପାନୀ ସେକ୍ରେଟାରୀ ପ୍ରଶାନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।



ଭୁବନେଶ୍ୱରସ୍ଥିତ ଓଟିଡିସି ପରିସରରେ ଦୋଳିରେ ଝୁଲୁଥିବା ଦୁଇ କୁନି ପିଲାଙ୍କ ସହ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ଓଟିଡିସି ଅଧ୍ୟକ୍ଷ ଲେନିନ୍ ମହାନ୍ତି।

## Business


## ଖିମ୍‌ଜୀ ଜୁଏଲର୍ସର 'ପାୟଲ୍ ଆଣ୍ଡ ଟୋ ରିଙ୍ଗ୍ ଫେଷ୍ଟିଭାଲ'

ଭୁବନେଶ୍ୱର,୧୩।୬

ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ 'ପାୟଲ୍ ଆଣ୍ଡ ଟୋ ରିଙ୍ଗ୍ ଫେଷ୍ଟିଭାଲ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷ ରଜ ଉପଲକ୍ଷେ ଆକର୍ଷଣୀୟ ରଜ ମଉଜ ଅଫର ସାଙ୍ଗକୁ ବିଶେଷ ରିହାତି ଦିଆଯାଉଛି। ବିଶେଷକରି ମହିଳାମାନଙ୍କୁ ଆକର୍ଷଣୀୟ ରିହାତିରେ ବ୍ୟାପକ ବର୍ଗର ମନଲୋଭା ଅଳଙ୍କାରରେ ସଜେଇହେବା ସୁଯୋଗ ଦେବା ପାଇଁ ରଜ ମଉଜ 'ପାୟଲ୍ ଆଣ୍ଡ ଟୋ ରିଙ୍ଗ୍ ଫେଷ୍ଟିଭାଲ'ର ଆରମ୍ଭ ହୋଇଛି। ଚଳିତ ରଜ ପର୍ବରେ ମୁଖ୍ୟ ଅଳଙ୍କାର ରୁପା ପାଉଁଜୀ ଓ ଗୋଡ଼ ମୁଦି ଉପରେ ଆକର୍ଷଣୀୟ ରିହାତି ଉପଲବ୍ଧ ରହିଛି। ସେହିଭଳି ରଜ ପର୍ବ ଉପଲକ୍ଷେ ଗ୍ରାହକମାନେ ରୁପା ପାଉଁଜୀ ଓ ଗୋଡ଼ ମୁଦିର ଗଢ଼ା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି ଏବଂ ଏହାର କ୍ରୟ ମୂଲ୍ୟ ଉପରେ ୧୦% ଫ୍ଲାଟ୍ ରିହାତି ପାଇପାରିବେ। ଏହି ଅଫର୍ ୨୦୨୩ ଜୁନ୍ ୧୬ ପର୍ଯ୍ୟନ୍ତ ଖିମ୍‌ଜୀର ସମସ୍ତ ଷ୍ଟୋରରେ ଉପଲବ୍ଧ। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମେ ଏହି ଆକର୍ଷଣୀୟ ରଜ ଅଫର୍ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ପ୍ରିୟ ଗ୍ରାହକଙ୍କ ପାଇଁ ରଜ ମଉଜର ଖୁସି ଦ୍ୱିଗୁଣିତ କରିବାକୁ ପ୍ରୟାସ କରିଛୁ। ବିଶେଷକରି ମହିଳା ଗ୍ରାହକମାନଙ୍କ ପାଇଁ ରୁପା ପାଉଁଜୀ ଓ ଗୋଡ଼ ମୁଦି କ୍ରୟ ଉପରେ ଆକର୍ଷଣୀୟ ରିହାତି ଦେଉଛି, ଯାହା ରଜ ପର୍ବରେ ଆହୁରି ଆନନ୍ଦ ଭରିବ।

ଉଲ୍ଲେଖଯୋଗ୍ୟ, ରଜ ମଉଜ ଅଫର ସମ୍ପର୍କରେ ଅଧିକ ସୂଚନା ଏବଂ ଆକର୍ଷଣୀୟ ଅଳଙ୍କାର ସମ୍ଭାର ସଂଗ୍ରହ କରିବା ପାଇଁ ଖିମ୍‌ଜୀ ଜୁଏଲର୍ସର ୭ଟି ଷ୍ଟୋର ଯଥା ଭୁବନେଶ୍ୱର, ବ୍ରହ୍ମପୁର, କଟକ, ଝାରସୁଗୁଡ଼ା, ପୁରୀ ଏବଂ ରାଉରକେଲା ଷ୍ଟୋର ପରିଦର୍ଶନ କରିବାକୁ ଖିମ୍‌ଜୀ ପକ୍ଷରୁ କୁହାଯାଇଛି।

KHIMJI ® Jewellers since 1936


## ଭୁବନେଶ୍ୱରରେ ତାସ୍‌ଭାର ପ୍ରଥମ ଷ୍ଟୋର

ଭୁବନେଶ୍ୱର,୧୩।୬

ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିମିଟେଡ୍ ଏବଂ ଡିଜାଇନର ତରୁଣ ତାହିଲିଆନିଙ୍କ ମେନ୍ସୱେର ବ୍ରାଣ୍ଡ ତାସ୍‌ଭାର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର ଭୁବନେଶ୍ୱର ଜନପଥଠାରେ ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ବ୍ରାଣ୍ଡ ପୁରୁଷମାନଙ୍କ ପାଇଁ ଜାତିଗତ ଏବଂ ବିବାହ ପୋଷାକର ଏକ ଉଲ୍ଲେଖନୀୟ ପରିସର ପ୍ରଦାନ କରିବ। ଏପରିକି ଉକ୍ତ ଶୋ'ରୁମ୍ ଗ୍ରାଉଣ୍ଡ ଏବଂ ପ୍ରଥମ ମହଲାରେ ଭିନ୍ନ ଡିଜାଇନର ଡ୍ରେସ୍ ଉପଲବ୍ଧ। ଅପରପକ୍ଷରେ ୨,୨୨୪ ବର୍ଗଫୁଟ ପରିମିତି ସ୍ଥାନରେ ନିର୍ମିତ ଏହି ନୂତନ ଶୋ'ରୁମ୍‌ର ଆକର୍ଷଣୀୟ ସାଜସଜ୍ଜା ଓ ସୁସଜ୍ଜିତ ତଥା ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଏବଂ ଷ୍ଟାଇଲିଶ୍ ଭାରତୀୟ ପୁରୁଷ ପୋଷାକର ସମ୍ଭାର ଉପଲବ୍ଧ। ବିଶେଷକରି ଗ୍ରୀଷ୍ମକାଳୀନ ମୋତି ସଂଗ୍ରହ, ବିଭିନ୍ନ ବର୍ଗର କୁର୍ତା, ବୁଣ୍ଡିସ୍, ଶେରୱାନିସ୍, ବାନ୍ଧଗାଲାସ୍, ଆକାନ୍ସ୍, ଚୁଡିଦାରସ୍ ଆଲିଗାରିସ୍ ଏବଂ ଅନ୍ୟାନ୍ୟ ବସ୍ତ୍ର ଉଭୟ ପ୍ରଦର୍ଶନ ଓ ବିକ୍ରୟ ହେଉଛି। ସେହିଭଳି ତସଭାର ପାରମ୍ପରିକ ହସ୍ତଶିଳ୍ପ ଯଥା ରେଶମ,ମୋତି, ଚିକାନକରୀ, ଇକାଟ ଠାରୁ ଆରମ୍ଭକରି କପା ପର୍ଯ୍ୟନ୍ତ ଡିଜାଇନ ପୋଷାକ ଉପଲବ୍ଧ। ଉକ୍ତ ଷ୍ଟୋରର ଡିଜାଇନ୍ ଏବଂ ସାଜସଜ୍ଜା ତରୁଣ ତାହିଲିଆନିଙ୍କ 'ଇଣ୍ଡିଆ ଆଧୁନିକ' ଡିଜାଇନ ଇଥୋସ୍ ସହିତ ଜଡ଼ିତ ଏବଂ ବାସ୍ତବତାକୁ ପ୍ରତିଫଳିତ କରୁଛି। ଉଲ୍ଲେଖଯୋଗ୍ୟ, ଉକ୍ତ ଷ୍ଟୋରରେ କାଠ, ପିତଳ ଏବଂ ବୃଦ୍ଧ ରାଜସ୍ଥାନୀ ଆର୍କିଟ୍ରାଭ ଭଳି ବିଳାସପୂର୍ଣ୍ଣ ସାମଗ୍ରୀକୁ ଭାରତୀୟ ପୋଷାକର ଏକ ନୂତନ ଯୁଗ ପାଇଁ ଏକ ପୋର୍ଟାଲ ଭାବେ ମିଶ୍ରଣ କରାଯାଇଛି। ଏ ସମ୍ପର୍କରେ ତାସ୍‌ଭା ସିଇଓ ସନ୍ଦୀପ ପାଲ କହିଛନ୍ତି, ଭୁବନେଶ୍ୱରଠାରେ ଆମେ ଆମର ପ୍ରଥମ ଷ୍ଟୋର ଶୁଭାରମ୍ଭକରି ବେଶ୍ ଉତ୍ସାହିତ। ଏପରିକି ଆସନ୍ତା କିଛି ମାସ ମଧ୍ୟରେ ଆମେ ସମଗ୍ର ଭାରତରେ ଅଧିକ ଷ୍ଟୋର ଖୋଲିବା ଏବଂ ଆମର ଖୁଚୁରା ଉପସ୍ଥିତି ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି ତାହିଲିଆନି କହିଛନ୍ତି, ବ୍ରାଣ୍ଡ ମାଧ୍ୟମରେ ଆମେ ଆମର ଡିଜାଇନକୁ ସଫଳ କରିବାକୁ କଠିନ ପରିଶ୍ରମ କରିଛୁ। ଦୀର୍ଘ ସମୟ ଧରି ମୁଁ ଶୁଣିଛି ଯେ ଜାତିଗତ ପୋଷାକ ଅସହଜ ଏବଂ ତାସ୍‌ଭା ଏହାକୁ ସଂଶୋଧନ କରିବାକୁ ଏକ ପ୍ରୟାସ ଆରମ୍ଭ କରିଛି।

## ପିଏନ୍‌ବିର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୬

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ ଅଧୀନ ନାକଟିଦେଉଳ ବ୍ଲକ୍‌ର ବଲମଠାରେ ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରେଢ଼ାଖୋଲର ଉପଜିଲାପାଳ ପବିତ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ସମେତ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ଡିଆର୍‌ଡିଏ ଏପିଡି ବିକାଶ ମହାନ୍ତି(ଡିଆର୍‌ଡିଏ ଏପିଡି), ମୁଖ୍ୟ ପ୍ରବନ୍ଧକ ବି.ପି. ନାଏକ ଏବଂ ମୁଖ୍ୟ ପ୍ରବନ୍ଧକ ଆର୍ଯ୍ୟ ଚନ୍ଦନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ ଶାଖା ଜରିଆରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଦିଗଗୁଡିକ ଉପରେ ଗୁରୁତ୍ୱାରୋପ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ସହାୟତା ଏବଂ କୃଷି ଋଣ, ରିଟେଲ ଋଣ ସହିତ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



## ଏଲ୍‌ଏମ୍‌ଏମ୍ ୧ ନଂ. ଇଲେକ୍ଟ୍ରିକ୍ ୩ ଚକିଆ ଯାନ ନିର୍ମାତା

ଭୁବନେଶ୍ୱର,୧୩।୬

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ପ୍ରମୁଖ ଡିଭିଜନ ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି (ଏଲ୍‌ଏମ୍‌ଏମ୍) ୨୦୨୨-୨୩ ଆର୍ଥିକ ବର୍ଷରେ ୧ ନମ୍ବର ଇଲେକ୍ଟ୍ରିକ୍ ୩ ଚକିଆ ଯାନ ନିର୍ମାତା ଭାବେ ମାନ୍ୟତା ହାସଲ ସହ ସ୍ଥିତି ସୁଦୃଢ଼ କରିଛି। ଏପରିକି ଏହି ସମୟ ମଧ୍ୟରେ ଏଲ୍‌ଏମ୍‌ଏମ୍ ୩୬,୮୧୬ ଇଭି ବିକ୍ରି କରିଥିଲା ବେଳେ ଏହାର ବଜାର ଅଂଶ ୧୪.୬% ଥିଲା। ବିଶେଷକରି ଏହା ୨୦୨୧-୨୨ ଆର୍ଥିକ ବର୍ଷରେ ୧୭,୫୨୨ ୟୁନିଟ୍ ବିକ୍ରି କରିଥିଲା ବେଳେ ୭.୬% ବଜାର ଅଂଶ ହାସଲ କରିଥିଲା। ଏହା ୨୦୨୧-୨୨ ଆର୍ଥିକ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷର କାରବାରଠାରୁ ଯଥେଷ୍ଟ କମ୍ ବୋଲି କୁହାଯାଉଛି। ସେହିଭଳି ସମଗ୍ର ଭାରତରେ ଏଲ୍‌ଏମ୍‌ଏମ୍‌ର ୧୧୫୦ଟି ଟଚ୍ ପଏଣ୍ଟ ରହିଥିବାବେଳେ ୧୦, ୦୦୦ ରୁ ଅଧିକ ଚାର୍ଜିଂ ଷ୍ଟେଶନ ରହିଛି। ବିଶେଷକରି ମହିନ୍ଦ୍ରା ବ୍ରାଣ୍ଡର ବିଶ୍ୱସନୀୟତା ଏଲ୍‌ଏମ୍‌ଏମ୍‌କୁ ତା'ର ୧ ନମ୍ବର ଇଭି ନିର୍ମାତା ସ୍ଥାନ ବଜାୟ ରଖିବାରେ ସାହାଯ୍ୟ କରିଛି। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷରେ ଏଲ୍‌ଏମ୍‌ଏମ୍ ଏକ ପାୱାର ପ୍ୟାକ୍ ଯୁକ୍ତ ୩ଚକିଆ ଇଭି, ଜୋର୍ ଗ୍ରାଣ୍ଡ ଯୋଡ଼ିଥିଲା ବେଳେ ଏହାର ଉନ୍ମୋଚନର ୧ ବର୍ଷ ମଧ୍ୟରେ ଉକ୍ତ ମଡେଲ ୨୩,୦୦୦ରୁ ଅଧିକ ଅର୍ଡର ବୁକିଂ କରିପାରିଥିଲା। ସେହିପରି ଜୋର୍ ଗ୍ରାଣ୍ଡ ବ୍ୟତୀତ ଏଲ୍‌ଏମ୍‌ଏମ୍‌ର ବୈଦ୍ୟୁତିକ ପୋର୍ଟଫୋଲିଓରେ ଟ୍ରେଓ ରେଞ୍ଜର ଯାନ ଏବଂ ଆଲଫା-ମିନି ଏବଂ କାର୍ଗୋ ଭଳି ମଡେଲ ସାମିଲ ରହିଛି। ବିଶେଷକରି ଗ୍ରାହକଙ୍କ ବିଶ୍ୱାସ ଆଧାରରେ ନିର୍ମିତ ଏଲ୍‌ଏମ୍‌ଏମ୍ ଏ ପର୍ଯ୍ୟନ୍ତ ୧ ଲକ୍ଷ ୩ଚକିଆ ଇଭି ବିକ୍ରି କରିସାରିଛି। ଏହାଦ୍ୱାରା କମ୍ପାନୀ ଉକ୍ତ ମଡେଲ ୧ ନମ୍ବର ୩ ଚକିଆ ଇଭି ନିର୍ମାତା ମାନ୍ୟତା ସୁଦୃଢ଼ ହୋଇଛି।

ଏ ସମ୍ପର୍କରେ ଏଲ୍‌ଏମ୍‌ଏମ୍‌ର ସିଇଓ ସୁମନ ମିଶ୍ର କହିଛନ୍ତି, ଗତ ଆର୍ଥିକ ବର୍ଷରେ ଆମେ ଇଲେକ୍ଟ୍ରିକ୍ ୩ଚକିଆ ଯାନରେ ଆମର ବଜାର ନେତୃତ୍ୱ ଜାରି ରଖିଥିଲୁ। ଏପରିକି ୨୦୨୩ ଜୁନ୍‌ରେ ମଧ ଆମେ ଏ କ୍ଷେତ୍ରରେ ଆମର ଗଭୀର ଅଭିଜ୍ଞତା ଏବଂ ନେତୃତ୍ୱକୁ ପ୍ରତିଫଳିତ କରି ୧ଲକ୍ଷ ଇଭି ବିକ୍ରିର ମାଇଲଖୁଣ୍ଟରେ ପହଞ୍ଚିଛୁ। ସେହିଭଳି ଲି-ଆୟନ ଚାଳିତ ମହିନ୍ଦ୍ରା ଟ୍ରେଓ ଅଟୋ ଅଗ୍ରଣୀ ଇଲେକ୍ଟ୍ରିକ୍ ୩ ହ୍ୱିଲର ହୋଇଥିବା ବେଳେ ଏହାର କାର୍ଗୋ ଭର୍ସନ ଟ୍ରେଓ ଜୋର ଏବଂ ଜୋର ଗ୍ରାଣ୍ଡ ମଧ୍ୟ ଅଟୋଶିଳ୍ପରେ ୩୨% ଅଂଶଧନ ସହ ଇ ଅଟୋ ବର୍ଗରେ ଶୀର୍ଷତମ ସ୍ଥାନରେ ରହିଛି। ନିକଟରେ ହରିଦ୍ୱାର କାରଖାନାରୁ ୫୦,୦୦୦ତମ ମହିନ୍ଦ୍ରା ଇ-ଆଲ୍‌ଫାର ଉତ୍ପାଦନ କରାଯାଇଥିଲା।

# ପାଣି ପାଇଁ ରାସ୍ତା ଅବରୋଧ


ହାଣ୍ଡି ମାଠିଆ ଧରି ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

ଦିଗପହଣ୍ଡି/ପାଟପୁର, ୧୩।୬ (ଅଶେଷ ନାଥ ମିଶ୍ର/ ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ପାଟପୁର ପଞ୍ଚାୟତ ୧ ନମ୍ବର ୱାର୍ଡର ବହୁ ସଂଖ୍ୟକ ମହିଳା ପିଇବା ପାଣି ପାଇଁ ଆନ୍ଦୋଳନ କରିଛନ୍ତି। ମଙ୍ଗଳବାର ସକାଳେ ସେମାନେ ୩୨୬ନଂ ଜାତୀୟ ରାଜପଥର ଆସିକା- ଦିଗପହଣ୍ଡି ମୁଖ୍ୟରାସ୍ତାକୁ ପାଟପୁର ଗାନ୍ଧୀଛକ ଠାରେ ଅବରୋଧ କରିଥିଲେ।

ପାଟପୁର ଗ୍ରାମ ପଞ୍ଚାୟତର ୧ ନମ୍ବର ୱାର୍ଡ ବାସିନ୍ଦା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପାନୀୟ ଜଳ ଯୋଗାଣ ନିମନ୍ତେ ବାରମ୍ବାର ଅଭିଯୋଗ କରିଥିଲେ

### ପ୍ରତିଶ୍ରୁତି ପରେ ହଟିଲେ

କିନ୍ତୁ ପାଣି ମିଳି ନ ଥିଲା । ତୁଙ୍ଗପୁର ପଞ୍ଚାୟତ ଜଲମରା ଗ୍ରାମରୁ ପାଣି ଆସି ପାଟପୁରରେ ନିର୍ମାଣ ହୋଇଥିବା ଟାଙ୍କିରୁ ପାଟପୁର ଗ୍ରାମକୁ ପାନୀୟ ଜଳ ପ୍ରକଳ୍ପରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଆଜକୁ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ପାଟପୁର ୧ ନମ୍ବର ୱାର୍ଡକୁ ପାଣି ମିଳି ପାରିନାହିଁ । ଏ ନେଇ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ଅଭିଯୋଗ କରାଯାଇଥିଲା ବେଳେ ଯଥାଶୀଘ୍ର ପାଣି ଯୋଗାଇ ଦିଆଯିବ ବୋଲି କହି ମିଥ୍ୟା ପ୍ରତିଶୃତି ଦେଇଛନ୍ତି ବୋଲି ଆନ୍ଦୋଳନ ସ୍ଥଳରେ ମହିଳାମାନେ ଅଭିଯୋଗ କରିଥିଲେ। ଏନେଇ ସରପଞ୍ଚ ପ୍ରତିନିଧି ମୁକୁନ୍ଦ ବରାଡ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ପାଣି ସମସ୍ୟାର ସମାଧାନ ଦାବି କରି ଉତ୍ତେଜିତ ମହିଳା ମାନେ ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା ପାଟପୁର ଗନ୍ଧିଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ସେମାନେ ସକାଳୁ ହାଣ୍ଡି ଓ ମାଠିଆ ଆଦି ରାସ୍ତା ରେ ରଖି ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ କରିବା ଯୋଗୁଁ ଅନେକ ଗାଡ଼ି ମୋଟର ରାସ୍ତାରେ ଅଟକି ରହିଥିଲା। ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ପାଟପୁର ଥାନା ଏସ ଆଇ ମିଳନ ପ୍ରଧାନ, ଶ୍ରୀନିବାସ ଦାସ, ପାଟପୁର ସରପଞ୍ଚ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିବା ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୫ ଦିନ ସୁଦ୍ଧା ପାନୀୟ ଜଳ ୱାର୍ଡ ବାସିନ୍ଦାଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।





@ କୁରେଶ


@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ରୁପା ଅଲଙ୍କାର ଭର୍ତ୍ତି ବ୍ୟାଗ୍ ଲୁଟ୍

ବ୍ରହ୍ମପୁର ଅଫିସ,୧୩।୬(ସୁବାସ ପାଢୀ) -ସହରରେ ଲୁଟେରା ଗ୍ୟାଙ୍ଗ ପୁଣି ଜଣେ ବ୍ୟବସାୟୀଙ୍କୁ ଟାର୍ଗେଟ କରିଛନ୍ତି। ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ଚର୍ଚ୍ଚରୋଡରେ ବଡବଜାର ଥାନା ଅନ୍ତର୍ଗତ ଜେମାଦେଇପେଣ୍ଠର ସୁରେନ୍ଦ୍ର ମହାପାତ୍ରଙ୍କଠାରୁ ଲୁଟ୍ ହୋଇଛି। ଏ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଚଳାଇଛି। ବ୍ୟବସାୟୀ ସୁରେନ୍ଦ୍ର ପ୍ରତିଦିନ ବିଭିନ୍ନ ଗ୍ରାମକୁ ଯାଇ ରୁପା ଅଲଙ୍କାର ବିକ୍ରି କରିଥାନ୍ତି। ଗତ ୧୦ତାରିଖ ସକାଳେ ସେ ସଦର ଥାନା ଅନ୍ତର୍ଗତ ଝାଡ଼ାଙ୍କୁଲି ଓ ହୁଗୁଳାପଟ୍ଟା ଗ୍ରାମରେ ରୁପା ଅଲଙ୍କାର ବିକ୍ରି କରି ମଧ୍ୟାହ୍ନରେ ଫେରୁଥିଲେ। ଚର୍ଚ୍ଚରୋଡ କଡ଼ରେ ସେ ତାଙ୍କର ଗାଡି ରଖି ପାଖ ଦୋକାନରୁ ଖାଇବା ପାଇଁ ଚିପ୍ସ କିଣୁଥିଲେ। ଏହି ସମୟରେ ୨ ଯୁବକ ଏକ ପଲସର ବାଇକରେ ଆସି ସୁରେନ୍ଦ୍ରଙ୍କ ଗାଡ଼ିରେ ଲାଗିଥିବା ରୁପା ଭର୍ତ୍ତି ବ୍ୟାଗ ଧରି ପଳାଇଥିଲେ। ସେ ଲୁଟେରାଙ୍କ ପିଛା କରିଥିଲେ ସୁଦ୍ଧା ଧରିପାରି ନ ଥିଲେ। ବ୍ୟାଗରେ ୨ କେଜିର ରୁପା ଅଲଙ୍କାର ଥିବା ବେଳେ ତାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ହେବ ବୋଲି ସୁରେନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି।

### ଗୁନା ସମ୍ପ୍ରଦାୟର ଖବରଦାତା ସମ୍ମିଳନୀ

ଜି.ଉଦୟଗିରି,୧୩।୬(ସଞ୍ଜୀବ ପାତ୍ର) ଜି.ଉଦୟଗିରି ମା’ ରୁଦ୍ରକାଳୀ ଆଖଡ଼ା ଗୃହଠାରେ ଗୁନା ସମାଜ ତରଫରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ବର୍ତ୍ତମାନ ଜି.ଉଦୟଗିରି ଅଞ୍ଚଳରେ ବସବାସ କରୁଥିବା ‘ଗୁନା’ ସମ୍ପ୍ରଦାୟର ଲୋକେ ଆମେ ଗୁନା ସମ୍ପ୍ରଦାୟର ନୋହୁଁ ବରଂ ଆମେ ଖଣ୍ଡାୟତ ବୋଲି ଦାବି କରିଛନ୍ତି। ଜି.ଉଦୟଗିରିରେ ବାସ କରୁଥିବା ନାୟକ, ପ୍ରଧାନ, ମାଝୀ, ପରିଛା ଇତ୍ୟାଦି ସାଙ୍ଗିଆ ଧାରୀଙ୍କୁ ସରକାର ଖଣ୍ଡାୟତ ବଦଳରେ ‘ଗୁନା’ଜାତି ଭାବେ ପରିଚୟ ପତ୍ର ପ୍ରଦାନ କରିଥିଲେ। ଗୁନା ଜାତିର ପରିଚୟ ପାଇବା ପରେ ମଧ ସରକାରଙ୍କ ସମସ୍ତ ମୌଳିକ ସୁବିଧାରୁ ଆମେ ବଞ୍ଚିତ ଥିବାରୁ ମଙ୍ଗଳବାର ଖବରଦାତା ସମ୍ମିଳନୀ ଜରିଆରେ ପୁନଃର୍ବାର ‘ଗୁନା’ ସମ୍ପ୍ରଦାୟକୁ ଖଣ୍ଡାୟତ ସମ୍ପ୍ରଦାୟରେ ସାମିଲ କରିବା ନିମନ୍ତେ ଦାବି କରିଥିବାବେଳେ, ଦାବୀ ପୂରଣ ନହେଲେ ଆଇନର ଆଶ୍ରୟ ନେବା ସହ ରାଜରାସ୍ତାକୁ ଓହ୍ଲେଇବା ନିମନ୍ତେ ଚେତାବନୀ ଦେଇଛନ୍ତି। ନିଜର ମୌଳିକ ଅଧିକାରକୁ ହାସଲ କରିବା ପାଇଁ ପୂର୍ବରୁ କନ୍ଧମାଳ, ଗଞ୍ଜାମ ଜିଲାପାଳଙ୍କୁ ଓ ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ସହ ଗୋଟିଏ ପରିବାରରେ ତିନିପୁଅ ଥିବାବେଳେ ଜଣେ ଗୁନା, ଜଣେ ଗୁନା ଖଣ୍ଡାୟତ ଓ ଅନ୍ୟ ଭାଇ କିପରି ଖଣ୍ଡାୟତ ହେଇଛି। ଏହାର ସମାଧାନ ନହେବା ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ ବୋଲି କହିଥିବା ବେଳେ ଜି.ଉଦୟଗିରି ‘ଗୁନା’ ସମ୍ପ୍ରଦାୟର ସଭାପତି ସୁଦର୍ଶନ ନାୟକ, ଉପ- ସଭାପତି ଶରଣ ପଞ୍ଚର ମାଝୀ, ଆବାହକ ଅଶ୍ୱିନୀ ନାୟକ, କୋଷାଧକ୍ଷ ଜବାହରଲାଲ ପରିଛା, ରାମେଶ୍ୱର ନାୟକ, ଜୟଚନ୍ଦ୍ର ନାୟକ, ବିକ୍ରମ ନାୟକ, ସତ୍ୟବାନ ନାୟକ, ଖଦାଳ ନାୟକ, ଗୁଣ୍ଡିଚା ନାୟକ, ରାଜେଶ୍ୱର ନାୟକ, ଜଗନ୍ନାଥ ନାୟକ, ବାସୁଦେବ ନାୟକ ଉପସ୍ଥିତ ଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୩।୬(ସୁବାସ ପାଢୀ)

ଆଡହକ ପୋକ୍ସୋ ଜଜ୍ ଗଣେଶ୍ୱର ପତି ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ପୋଲସରା ଥାନା ଅଞ୍ଚଳର ଅଭିମନ୍ୟୁ ପ୍ରଧାନ(୨୭)।

୨୦୧୭ ଅକ୍ଟୋବର ୧୧ ତାରିଖ ରାତିରେ ଜଣେ ନାବାଳିକା ଘରେ ଏକାକୀ ଥିଲେ। ଅଭିମନ୍ୟୁ ଉକ୍ତ ଘରେ ପଶି ନାବାଳିକାଙ୍କୁ ପ୍ରଲୋଭିତ କରି ଏକ ପରିତ୍ୟକ୍ତ ଘରକୁ ନେଇ ବାରମ୍ବାର ବଳାତ୍କାର କରିଥିଲେ। ଗ୍ରାମର କେତେଜଣ ଲୋକ ଏହି ଘଟଣା ଦେଖିଥିଲେ। ପରେ ପୀଡ଼ିତାଙ୍କୁ ବିବାହ କରିବାକୁ ନେଇ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ଅଭିମନ୍ୟୁ ରାଜି ହୋଇଥିଲେ ମଧ୍ୟ ପରେ ବିବାହ କରିବାକୁ ମନା କରି ଦେଇଥିଲେ। ପୀଡ଼ିତା

### ନାବାଳିକା ବଳାତ୍କାର ମାମଲା

ଏନେଇ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୮୨/୧୭ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ପରେ ଅଭିମନ୍ୟୁଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ଅଭିମନ୍ୟୁ କୋର୍ଟରେ ହାଜର ହୋଇ ନ ଥିଲେ। ଏଣୁ କୋର୍ଟ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ପୋଲିସ ପୁଣିଥରେ ଅଭିମନ୍ୟୁଙ୍କୁ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାରଣା ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ବ୍ରହ୍ମପୁର ମଣ୍ଡଳକାରାଗାରରେ ବନ୍ଦୀ ଥିବା ଅଭିମନ୍ୟୁଙ୍କୁ କଡ଼ା ସୁରକ୍ଷା ବଳୟରେ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଶ୍ରୀକାନ୍ତ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ଧାରଣାସ୍ଥଳରେ ଅମଲାଙ୍କ ହୋମଯଜ୍ଞ, ଗାୟତ୍ରୀ ମନ୍ତ୍ର ପାଠ


ଧାରଣା ସ୍ଥଳରେ ହୋମ ଯଜ୍ଞ ଚାଲିଛି।

ବ୍ରହ୍ମପୁର ଅଫିସ,୧୩।୬ (ସ୍ମୃତିରଞ୍ଜନ ମହାଲିକ)

ଗ୍ରେଡ ପେ’ ବୃଦ୍ଧି ଦାବିରେ ରାଜ୍ୟରେ ଅମଲାଙ୍କ ଆନ୍ଦୋଳନ ଜାରି ରହିଛି। ଅମଲାମାନେ ସମୂହ ଛୁଟିରେ ରହି ଆନ୍ଦୋଳନ ଚଳାଇଥିବାରୁ ସାଧାରଣ ଲୋକଙ୍କ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଞ୍ଜାମ ଜିଲା ଅମଲା ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଅମଲାମାନେ ମଙ୍ଗଳବାର ଅଭିନବ ଉପାୟରେ ଆନ୍ଦୋଳନ କରିଛନ୍ତି। ସେମାନେ ପୂର୍ବାହ୍ନରେ ପ୍ରଥମେ ତାରାତାରିଣୀ ପୀଠରେ ସମୂହ ଦୀପ ଦାନ କରିଥିଲେ। ପରେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପରିସରରେ ଧାରଣାସ୍ଥଳରେ ହୋମଯଜ୍ଞ ଓ ଗାୟତ୍ରୀ ମନ୍ତ୍ର ପାଠ କରିଥିବା ଦେଖିବାକୁ ମିଳିଥିଲା। ସଂଘର ଜି. କାଶୀନାଥ ଯଜ୍ଞ ଆୟୋଜକ ଥିଲେ। ଜ୍ଞାନ ରଞ୍ଜନ ପଣ୍ଡା ଓ ରାମ ପାଢି କର୍ତ୍ତା ହୋଇଥିଲେ। ଅମଲାଙ୍କ ଦାବି ମୁତାବକ, ରାଜ୍ୟ ସରକାର ୨୦୧୭ରୁ ଜିଲା ସ୍ତରରେ କାର୍ଯ୍ୟରତ ଅମଲାଙ୍କର ପ୍ରବେଶିକା ଯୋଗ୍ୟତା ସ୍ନାତକ ସହ କମ୍ପୁଟର ଜ୍ଞାନ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଅଦ୍ୟାବିଧି ଯୋଗ୍ୟତା ଭିତ୍ତିକ ଦରମା ପ୍ରଦାନ କରି ନ ଥିବା ସଂଘ ଅଭିଯୋଗ କରିଛି। ଏଣୁ ଓଆରଏସପି ନିୟମ ୨୦୧୭ ଅନୁଯାୟୀ ଲେଭେଲ-୪ରୁ ଲେଭେଲ-୯ (ଗ୍ରେଡ ପେ ୪୨୦୦ ଟଙ୍କା) ଜିଲା ସ୍ତରରେ କାର୍ଯ୍ୟରତ ରାଜ୍ୟ ବ୍ୟାପି ସମସ୍ତ ଅମଲାଙ୍କର ଦୀର୍ଘ ଦିନର ଦାବି ରହିଛି। ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଅମଲାମାନେ ଗତ ୧ ତାରିଖରୁ ସମୂହ ଛୁଟିରେ ରହି ଆନ୍ଦୋଳନ ଜାରି ରଖିଛନ୍ତି। ଆନ୍ଦୋଳନରେ ସଂଘ ଜିଲା ସଭାପତି ସିଏଚ ରଜନୀକାନ୍ତ, କାର୍ଯ୍ୟକାରୀ ସଭାପତି ପର୍ଶୁରାମ ପାତ୍ର, ସାଂଗଠନିକ ସଂପାଦକ ଶିବ ପ୍ରସାଦ ପାଣିଗ୍ରାହୀଙ୍କ ସମେତ ଅଜିତ ସାବତ, କିଟି ନାରାୟଣ ବେହେରା ଓ ମଂଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜନ୍ମ ପ୍ରମାଣପତ୍ର ପାଇଁ ଏମ୍‌କେସିଜି ଅଧୀକ୍ଷକଙ୍କୁ ଚିଠି

**ଶିଶୁପୁତ୍ରକୁ ନେଇ ୨ ମହିଳାଙ୍କ ମଧ୍ୟରେ ବିବାଦ ଘଟଣା**

ବ୍ରହ୍ମପୁର ଅଫିସ,୧୩।୬ (ସୁବାସ ପାଢୀ)

ପାଞ୍ଚ ବର୍ଷର ପୁଅକୁ ନେଇ ଉଠିଥିବା ବିବାଦ ଅଧିକ ଜଟିଳ ହୋଇଛି। ଜନ୍ମଦାତ୍ରୀ ଦାବି କରୁଥିବା ରମ୍ଭା ଥାନା ପାଲୁର ଗଜପତି ନଗରର ସୁନିତା ବେହେରା ଓ ଲାଳନପାଳନ କରିଥିବା ବ୍ରହ୍ମପୁର ଗଜପତି ନଗର ୭ମ ଲାଇନରେ ରହୁଥିବା ଗୀତା ଦାଶଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ସୁନିତା ବୈଦ୍ୟନାଥପୁର ଥାନାରେ ଗତ ୯ତାରିଖରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଶିଶୁପୁତ୍ରର ଜନ୍ମ ପ୍ରମାଣପତ୍ର କି ଆଧାର ନମ୍ବର କିଛି ମିଳୁନାହିଁ। ସେପଟେ ପୋଲିସ ଗୀତାଙ୍କ ଘରୁ ଶିଶୁପୁତ୍ରକୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ରେ ହାଜର କରିଥିଲା। ସିଡବ୍ଲ୍ୟୁସି ନିର୍ଦ୍ଦେଶ ପ୍ରକାରେ ତାକୁ ଗୋସାଇଁନୂଆଗାଁ ଉତ୍କଳ ବାଳାଶ୍ରମରେ ରଖାଯାଇଛି। ଶିଶୁପୁତ୍ରର ଆଧାର କାର୍ଡ ଓ ଜନ୍ମ ପ୍ରମାଣପତ୍ର ନ ଥିବାରୁ ସ୍କୁଲରେ ନାମ ଲେଖାଯାଇ ପାରିନାହିଁ। ତାଙ୍କ ପାଠପଢ଼ା ପାଇଁ ଏବେ ପ୍ରଶାସନ ଚିନ୍ତିତ ହୋଇଛି। ସେ କେବେ ଜନ୍ମ ହୋଇଥିଲେ ଏବଂ ତାଙ୍କର ବାପା-ମାଆ କିଏ ସ୍ୱଷ୍ଟ କରିବାକୁ ପୋଲିସ ସମସ୍ତ କାଗଜପତ୍ର ଏକାଠି କରୁଛି। ୨୦୧୮ ଜୁଲାଇ ୧୦ତାରିଖରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଶିଶୁଟିର ଜନ୍ମ ବୋଲି ସୁନିତା କହୁଥିବା ବେଳେ ପୋଲିସ ଏହା ଯାଞ୍ଚ କରୁଛି। ଉକ୍ତ ଦିନ ଏମକେସିଜି ମେଡିକାଲରେ କେତେଜଣଙ୍କ ପ୍ରସବ ହୋଇଥିଲା ଏବଂ ସମ୍ପୃକ୍ତ ଶିଶୁ ଜନ୍ମ ନେଇ କାଗଜପତ୍ର ଦେବାକୁ ଏମକେସିଜି ଅଧୀକ୍ଷକଙ୍କୁ ଚିଠି କରିଛି ବୈଦ୍ୟନାଥପୁର ଥାନା ପୋଲିସ। ଯଦି ଆବଶ୍ୟକ ହୁଏ ଶିଶୁଟିର ଡିଏନ୍‌ଏ ପରୀକ୍ଷା କରାଯିବ। ସୁନିତା ଓ ଶିଶୁର ଡିଏନ୍‌ଏ ମ୍ୟାଚ କରାଯିବ। ଶିଶୁଟି ୫ବର୍ଷ ହେଲା ବିନା ପରିଚୟପତ୍ରରେ ଗୀତାଙ୍କ ଘରେ ଥିଲା। ଶିଶୁ ମଙ୍ଗଳ ସମିତି କିଭଳି ଏହା ଜାଣିପାରିନଥିଲା ତାହା ଆଶ୍ଚର୍ଯ୍ୟଜନକ।

# ଯୌତୁକଜନିତ ହତ୍ୟା ଅଭିଯୋଗ, ସ୍ୱାମୀ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୩।୬(ସୁବାସ ପାଢୀ)

ସଦର ଥାନା ଅନ୍ତର୍ଗତ ମହିସାଖାଲିର ଜଣେ ନବବଧୂଙ୍କୁ ଅଧିକ ଯୌତୁକ ଦାବିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ବନିତା ବିଷୋୟୀ। ପୋଲିସ ମଙ୍ଗଳବାର ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଇଛି। ଅଭିଯୁକ୍ତ ସ୍ୱାମୀ ସୀମାଞ୍ଚଳ ବିଷୋୟୀଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ଗତ ଦୁଇ ବର୍ଷ ତଳେ ସୀମାଞ୍ଚଳ ବିଷୋୟୀ ମସିହାଖାଲି ଗ୍ରାମର ବନିତାଙ୍କୁ ବିବାହ କରିଥିଲେ। କିଛିମାସ ପରେ ତାଙ୍କୁ ଶାଶୁଘର ଲୋକ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ସେ ତାହାକୁ ସହ୍ୟ କରି ଆସୁଥିଲେ। ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହେବାପରେ ସ୍ୱାମୀ, ଦେଢ଼ ଶାଶୁ ଓ ଶାଶୁଙ୍କ ନିର୍ଯାତନା ବଢ଼ିବାରେ ଲାଗିଥିଲା। ବନିତା ଗୁରୁତର ଅଛନ୍ତି, ତାଙ୍କୁ ମେଡିକାଲକୁ ନେଉଛୁ ବୋଲି ସୋମବାର ସୀମାଞ୍ଚଳ ତାଙ୍କ ଶାଳକ ନାରାୟଣ ପ୍ରଧାନଙ୍କୁ ଜଣାଇଥିଲେ। ସେ ମେଡିକାଲରେ ପହଞ୍ଚି ଦେଖିବା ବେଳକୁ ବନିତାଙ୍କ ମୃତ୍ୟୁ ଘଟିସାରିଥିଲା। ଭଉଣୀଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକ ଅଧିକ ଯୌତୁକ ଦାବି କରି ମାରିଦେଇଥିବା ନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୩୦୪/୨୩ରେ ସୀମାଞ୍ଚଳଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ବ୍ୟବଚ୍ଛେଦ ପରେ ବନିତାଙ୍କ ମୃତଦେହ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରାଯାଇଛି।

# ମୁଖ୍ୟରାସ୍ତା ସୌନ୍ଦର୍ଯ୍ୟକରଣ କାମ ସରିଲା

ବ୍ରହ୍ମପୁର ଅଫିସ,୧୩।୬(ତନୁଶ୍ରୀ ନାହାକ)

ଗୋଷାଣୀନୂଆଗାଁସ୍ଥିତ ବହୁ ପୁରାତନ କେସି ବାଳିକା ଉଚ୍ଚ ବିଦ୍ୟାଳୟ ମୁଖ୍ୟରାସ୍ତାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଙ୍ଗଳବାର ସରିଛି। ଏଥିନିମନ୍ତେ ବିଏମ୍‌ସି ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଦୀର୍ଘ ବର୍ଷ ହେଲା ସହରର ବହୁ ପୁରାତନ କେସି ବାଳିକା ଓ ବାଳିକ ଉଚ୍ଚ ବିଦ୍ୟାଳୟ ବିଭିନ୍ନ କାରଣରୁ ସରକାରୀ ବିଦ୍ୟାଳୟରେ ପରିଣତ ହୋଇପାରି ନ ଥିବାରୁ ବହୁ ସରକାରୀ ଯୋଜନାରୁ ବଞ୍ଚିତ ହେଉଛି। ଏଠାରେ ଶିକ୍ଷକ ଅଭାବ ଲାଗିରହିଛି। ଜିଲାର ପ୍ରାୟ ସମସ୍ତ ହାଇସ୍କୁଲ ୫-ଟିରେ ଅନ୍ତର୍ଭୁକ୍ତ ହୋଇ ସ୍ମାର୍ଟ ସ୍କୁଲରେ ପରିଣତ ହୋଇଥିଲେ ସୁଦ୍ଧା ଏହି ଦୁଇଟି ବିଦ୍ୟାଳୟ ଏଥିରୁ ବାଦ ପଡ଼ିଥିଲା। ଅଞ୍ଚଳବାସୀଙ୍କ ଅନୁରୋଧ କ୍ରମେ ସ୍ଥାନୀୟ କର୍ପୋରେଟର ଧୀରେନ ସାବତଙ୍କ ପ୍ରଚେଷ୍ଟାରେ ବିଏମସି ଦ୍ୱାରା ଏହି ବିଦ୍ୟାଳୟର ମୁଖ୍ୟରାସ୍ତାରେ ପେଭର ବ୍ଲକ ପକାଯାଇ ମାତ୍ର ୨୦ ଦିନ ମଧ୍ୟରେ କାମ ସରିଛି। ଖୁବଶୀଘ୍ର ଏହି ୨ ବିଦ୍ୟାଳୟ ମଧ୍ୟ ସ୍ମାର୍ଟସ୍କୁଲରେ ରୁପାନ୍ତରଣ ହେବ ବୋଲି କର୍ପୋରେଟର କହିଛନ୍ତି।

### କେସି ବାଳିକା ଉଚ୍ଚ ବିଦ୍ୟାଳୟ



# ପ୍ରଦୂଷଣ ରୋକିବ ଆଇଟିଆଇର ଇ-ଟ୍ରଲି

## ମହିଳା ପରିବା ବ୍ୟବସାୟୀଙ୍କ ପାଇଁ ସହାୟକ ହେବ

ବ୍ରହ୍ମପୁର ଅଫିସ୍,୧୩।୬(ସ୍ମୃତିରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ସର୍ବଦା ନୂଆ ଉଦ୍‌ଭାବନ ପାଇଁ ଲକ୍ଷ୍ୟ ରଖିଥାଏ ; ଯାହା କି ସମାଜକୁ ଏକ ନୂଆ ଆଶା ଦେଖାଏ। ଏଭଳି ଭାବେ ଆଇଟିଆଇ ପକ୍ଷରୁ ପ୍ରସ୍ତୁତ ଇ-ଟ୍ରଲି ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏହାକୁ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର ଆଶୀର୍ବାଦ ପରିଡା ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ୟାଟେରିଚାଳିତ ଏହି ଟ୍ରଲିକୁ ଥରେ ଚାର୍ଜ କରାଗଲେ ପ୍ରାୟ ୫୦ କି.ମି. ପର୍ଯ୍ୟନ୍ତ ଯାଇପାରିବ। ୩୦୦ କେଜି ଜିନିଷ ପରିବହନ କରିବା କ୍ଷମତା ରହିଛି। ଏହା ପରିବେଶ ପ୍ରଦୂଷଣ ରୋକିବା କ୍ଷେତ୍ରରେ ଏକ ବିରାଟ ଉଦାହରଣ ବୋଲି ଆଇଟିଆଇ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଆଇଟିଆଇର ଫିଟର, ୱେଲ୍‌ଡର ଓ ଇଲେକ୍ଟ୍ରିସିଆନ ବିଭାଗର ଛାତ୍ରୀଛାତ୍ରମାନେ ଇ-ଟ୍ରଲି ନିର୍ମାଣ କରିଛନ୍ତି। ଜିଲା ପ୍ରଶାସନର ସହଯୋଗରେ ଗ୍ରାମାଞ୍ଚଳର ମହିଳା ପରିବା ବ୍ୟବସାୟୀମାନଙ୍କ ଲାଗି ଏହା ସହାୟକ ହୋଇପାରିବ ବୋଲି ଆଇଟିଆଇ ଅଧକ୍ଷ କହିଛନ୍ତି।


ଜଣେ ଛାତ୍ର ଇ-ଟ୍ରଲି ଚଲାଉଛନ୍ତି।

# ବିଜେଡି ନୂଆ ଚେହେରା ଲଢ଼ିବେ ନିର୍ବାଚନ

## ଗୋପାଳପୁର ବିଧାନସଭା କ୍ଷେତ୍ର ନେଇ ଚର୍ଚ୍ଚା

ବ୍ରହ୍ମପୁର ଅଫିସ,୧୩।୬(ନରସିଂହ ସାହୁ)

ଗଞ୍ଜାମ ଜିଲା ରାଜନୀତିରେ ଗୋପାଳପୁର ଚର୍ଚ୍ଚାରେ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏହି ବିଧାନସଭା କ୍ଷେତ୍ରରୁ କିଏ ବିଜେଡି ପ୍ରାର୍ଥୀ ହେବ ସେ ନେଇ ଆଲୋଚନା ଜୋର ଧରିଛି। ୨୦୧୯ ନିର୍ବାଚନରେ ଜିତିଥିବା ପ୍ରଦୀପ ପାଣିଗ୍ରାହୀ ଦୁଇ ବର୍ଷ ତଳୁ ବିଜେଡିରୁ ବହିଷ୍କୃତ ହୋଇଥିବାରୁ ସେ ଏବେ ସ୍ୱାଧୀନ ଭାବେ ଗଣନା ହୋଇଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ବିଜେଡିରୁ ନୂଆ ଚେହେରା ପ୍ରାର୍ଥୀ ହେବା ସ୍ପଷ୍ଟ ହୋଇଥିବା ଅଞ୍ଚଳବାସୀ ଆଲୋଚନା କରୁଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ ଓ ୧୯୫୭ ନିର୍ବାଚନ ପର୍ଯ୍ୟନ୍ତ ଗୋପାଳପୁର ନିର୍ବାଚନ ମଣ୍ଡଳୀର ନାଁ ନ ଥିଲା।୧୯୬୧ ନିର୍ବାଚନ ବେଳେ ରଙ୍ଗେଇଲୁଣ୍ଡା ବ୍ଲକ ଓ ଗୋପାଳପୁର ସହରାଞ୍ଚଳକୁ ନେଇ ଦ୍ୱୁରା ନିର୍ବାଚନ ମଣ୍ଡଳୀ ହୋଇଥିଲା। ୧୯୭୧ ନିର୍ବାଚନ ବେଳେ ଏହା ଗୋପାଳପୁର ନିର୍ବାଚନ ମଣ୍ଡଳୀ ହୋଇଥିଲା। ଗୋପାଳପୁର ବିଧାନସଭା କ୍ଷେତ୍ର ଅତୀତରେ କଂଗ୍ରେସ ଗଡ଼ ଥିଲା। ଜରୁରୀକାଳୀନ ପରିସ୍ଥିତି ପରେ ହୋଇଥିବା ୧୯୭୭ ନିର୍ବାଚନରେ ଦେଶବ୍ୟାପୀ ତତ୍କାଳୀନ ଜନତା ପାର୍ଟି ହାୱା ଥିବା ବେଳେ ଗୋପାଳପୁରରୁ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ବେହେରା ବିଧାୟକ ହୋଇଥିଲେ। ପରବର୍ତ୍ତି ୧୯୮୦ ଓ ୧୯୮୫ ନିର୍ବାଚନରେ ମଧ ସେ କଂଗ୍ରେସରୁ ଜିତି ହାଟ୍ରିକ ଅର୍ଜନ କରିଥିଲେ। ୧୯୯୦ ଓ ୧୯୯୫ ନିର୍ବାଚନରେ ଜନତା ଦଳରୁ ଏବଂ ୨୦୦୦ ନିର୍ବାଚନରେ ବିଜେଡିରୁ ଜିତିଥିବା ରାମଚନ୍ଦ୍ର ସେଠୀ ଲଗାତର ୩ ଥର ଜିତି ସେ ମଧ ହାଟ୍ରିକ କଲେ।୨୦୦୪ ନିର୍ବାଚନରେ କଂଗ୍ରେସରୁ ତ୍ରିନାଥ ବେହେରା ବିଧାୟକ ନିର୍ବାଚିତ ହେଲେ। ୨୦୦୯ ନିର୍ବାଚନ ବେଳେ ସେହି ବିଧାନସଭା କ୍ଷେତ୍ର ଅନୁସୂଚିତ ଜାତି ପାଇଁ ଥିବା ସଂରକ୍ଷିତ ହଟିଥିଲା ଏବଂ ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ହେଲା।

୨୦୦୯ ରୁ ୧୯ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ବିଜେଡିରୁ ପ୍ରଦୀପ କୁମାର ପାଣିଗ୍ରାହି ଲଗାତର ନିର୍ବାଚିତ ହୋଇ ହାଟ୍ରିକ ହୋଇଥିଲେ। ସେ ମୁଖ୍ୟମନ୍ତ୍ରୀ ତଥା ଦଳ ସଭାପତିଙ୍କ ଅତି ନିକଟତର ହୋଇପାରିଥିଲେ। ପ୍ରଦୀପ ୩ ଥର ଜିତି ହାଟ୍ରିକ ହୋଇଥିବା ବେଳେ ତାଙ୍କ ନିକଟତମ ଭାଜପା ପ୍ରତିଦ୍ୱନ୍ଦ୍ୱି ବିଭୂତି ଜେନା ୨୦୦୯ ରୁ ୧୯ ମଧ୍ୟରେ ୩ ଥର ହାରି ପରାଜିତରେ ହାଟ୍ରିକ ହୋଇଥିଲେ। ୨୦୨୦ ଡିସେମ୍ବର ଶେଷ ବେଳକୁ ପ୍ରଦୀପଙ୍କୁ ଜନ ବିରୋଧୀ ଅଭିଯୋଗରେ ବିଜେଡିରୁ ବହିଷ୍କାର କରାଯାଇଛି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ନୂଆ ଚେହେରାଙ୍କୁ ପ୍ରାର୍ଥୀ କରିବାର ସ୍ପଷ୍ଟ ହୋଇଛି। ଯାହାକୁ ବିଜେଡି ଟିକେଟ ମିଳିବ ସେ କଡ଼ା ମୁକାବିଲାର ସାମ୍ନା କରିବାକୁ ପଡ଼ିବ। ଗୋପାଳପୁରରେ ପ୍ରଦୀପଙ୍କ ନିଜସ୍ୱ ସଂଗଠନ ଅଛି। ଅନ୍ୟପକ୍ଷରେ ସେଠାରେ ୧୯ ନିର୍ବାଚନରେ ଭାଜପାର ଭୋଟ ହାର ଯଥେଷ୍ଟ ବଢ଼ିଛି। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପାଣିଗ୍ରାହି ୨୦ ହଜାରରୁ ଅଧିକ ଭୋଟରେ ଭାଜପାର ଜେନାଙ୍କୁ ପରାସ୍ତ କରିଥିବା ବେଳେ ୨୦୧୯ ନିର୍ବାଚନରେ ମାତ୍ର ୨୬୭୩ ଭୋଟ ଅଧିକ ପାଇ ବିଜେଡିରୁ ଜିତିଥିଲେ ପ୍ରଦୀପ। ଇତିମଧ୍ୟରେ ପଦ୍ମ ଦଳର ସଂଗଠନ ବିସ୍ତାର କରାଯାଇଛି। ପାଣିଗ୍ରାହିଙ୍କ ସମର୍ଥକମାନେ ବିଜେଡିକୁ ଚ୍ୟାଲେଞ୍ଜ କରି ପ୍ରଦୀପ ସେନା ଗଠନ କରିଛନ୍ତି। ଏଭଳି ସ୍ଥିତିରେ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଷଣ୍ଢୁଆସି ଆକ୍ରମଣର ସମ୍ମୁଖୀନ ହେବା ରାଜନୀତି ବିଶ୍ଳେଷକ ଆଗୁଆ ଅନୁମାନ କରୁଛନ୍ତି। ତେଣୁ ଗୋପାଳପୁରେ ମିଶନ ୨୪ ନିର୍ବାଚନ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ଚ୍ୟାଲେଞ୍ଜ ହେବା ଚର୍ଚ୍ଚା ହେଉଛି।



# ଲଭ୍ ଲାଇଫକୁ ନେଇ ମୁହଁ ଖୋଲିଲେ ତମନ୍ନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ କିଛିଦିନ ହେବ ତାଙ୍କ ଲଭ ଲାଇଫ ନେଇ ଚର୍ଚ୍ଚାରେ ରହୁଥିଲେ। ଅଭିନେତ୍ରୀଙ୍କୁ ବିଜୟ ବର୍ମାଙ୍କ ସହ ଅନେକଥର ଦେଖିବାକୁ ମିଳିଛି। ଗୋଆରେ ହୋଇଥିବା ନବବର୍ଷ ଉତ୍ସବରେ ଏମାନେ ଏକାଠି ନଜର ଆସିଥିଲେ। ସେ ସମୟରେ ପରସ୍ପରକୁ ଆଲିଙ୍ଗନ ସହ କିସ୍‌ର ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ମଧ୍ୟ ଦୁହିଁଙ୍କୁ ଡିନର ଡେଟ୍ ଓ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଏହି ତମନ୍ନା ତାଙ୍କ ଲଭ ଲାଇଫ୍ ବାବଦରେ ମିଡିଆ ଆଗରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ନେଟଫ୍ଲିକ୍ସର ଫିଲ୍ମ 'ଲଷ୍ଟ ଷ୍ଟୋରି ୨'ରେ ତମନ୍ନା ଏବଂ ବିଜୟ ନିକଟତର ହୋଇଥିଲେ। ଏକ ସାକ୍ଷାତକାରରେ ତମନ୍ନା କହିଛନ୍ତି, 'ଜଣେ ବ୍ୟକ୍ତି ଅଛନ୍ତି, ଯାହା ବିଷୟରେ ମୁଁ ବହୁତ ଆନନ୍ଦ କରେ। କାରଣ ସେ ମୋର ହାପି ପ୍ଲେସ୍। ସେ ଜଣେ ଏପରି ବ୍ୟକ୍ତି ଯିଏ ମତେ ସମ୍ପୂର୍ଣ୍ଣ ଭାବେ ବୁଝିଛନ୍ତି।' ତେବେ ତମନ୍ନା ୨୦୦୫ରେ ତାଙ୍କ ବଲିଉଡ଼ର କ୍ୟାରିୟର ହିନ୍ଦୀ ଫିଲ୍ମରୁ ଆରମ୍ଭ କରିଥିଲେ। ପରେ ସେ ଅନେକ ତାମିଲ, ତେଲୁଗୁରେ ଅଭିନୟ କରିଛନ୍ତି। ଶେଷଥର ପାଇଁ ତାଙ୍କୁ ଏକ ତେଲୁଗୁ ଫିଲ୍ମରେ ଦେଖିବାକୁ ମିଳିଥିଲା। ଏବେ ତାଙ୍କ ହାତରେ ଅନେକ ମୁଭି ରହିଛି। ସେଥିରୁ ଗୋଟିଏ ଚଳଚ୍ଚିତ୍ରର ଶୁଟିଂ ସରିଥିବାବେଳେ ଅନ୍ୟ ସବୁର ଶୁଟିଂ ଚାଲୁ ରହିଛି।

# ସବୁଠୁ ଛୋଟ ନଦୀ 'ରୋଏ'



**ୱାଶିଂଟନ:** ଭାରତରେ ଅନେକ ନଦୀ ବହିଛି। ହେଲେ ଆମେ ସେହି ନଦୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅତିକ୍ରମ କରିବାକୁ ଆମକୁ ବହୁ ମାସ ସମୟ ଲାଗିଯିବ। ବିଶ୍ୱରେ ସବୁଠୁ ବଡ଼ ନଦୀ ଭାବେ ଆଫ୍ରିକାରେ ଥିବା ନୀଳ ନଦୀକୁ କୁହାଯାଏ। ତେବେ ରୋଏ ରିଭରକୁ ବିଶ୍ୱର ସବୁଠୁ ଛୋଟ ନଦୀ ବୋଲି କୁହାଯାଏ। ଏହା ଆମେରିକାର ମୋଣ୍ଟାନା ରାଜ୍ୟରେ ପ୍ରବାହିତ ହେଉଛି, ଯାହାକି ହି ନଦୀ ଆମେରିକାର ଗିଲିଲ ବେଲ୍ଟ ପର୍ବତରୁ ବାହାରିଛି। ଯାହାର ଲମ୍ୱ ୨୦୧ ଫୁଟ୍। ଆମେରିକାର ସବୁଠାରୁ ବଡ଼ ନଦୀ ମିସୁରୀ ସହ ସେ ସମାନ୍ତରାଳ ଭାବେ ପ୍ରବାହିତ ହେଉଛି। ପରେ ସେ ମିସୁରୀ ସହ ମିଶି ଯାଇଛି। ୧୯୮୦ ମସିହାରେ ଲିନ୍‌କୋଲନ୍ ସ୍କୁଲ ଏଲିମେଣ୍ଟାରୀ ଶିକ୍ଷକ ସୁସାନ ନର୍ଦ୍ଦନଜର୍ ଏବଂ ତାଙ୍କ ୫ମ ଶ୍ରେଣୀ ଛାତ୍ର ମିଶି ଏକ ଅଭିଯାନ ଚଳାଇଥିଲେ। ଯେଉଁଥିରେ ରୋଏ ନଦୀକୁ ବିଶ୍ୱ ସବୁଠାରୁ ଛୋଟ ନଦୀ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଦେବାକୁ ପ୍ରଚେଷ୍ଟା ଚଳାଇଥିଲେ। ବିଶ୍ୱ ସବୁଠାରୁ ଛୋଟନଦୀ ଭାବେ ୧୯୮୯ରୁ ୨୦୦୦ ପର୍ଯ୍ୟନ୍ତ ଓରିଗୋନରେ ଥିବା ଡି ନଦୀ ପାଖରେ ଟାଇଟେଲ ରହିଥିଲା, ଯାହାର ଲମ୍ବ ୪୪୦ ଫୁଟ୍। ଏହା ପରେ ରୋଏ ନଦୀ ଏବଂ ଡି ନଦୀ ମଧ୍ୟରେ ଲୋକେ ପ୍ରତିଯୋଗିତା ଆରମ୍ଭ କରିଦେଲେ। ଯେଥିପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ ଟାଇଟେଲ ଦେବା ବନ୍ଦ କରିଦେଲା। ତେବେ ବର୍ତ୍ତମାନ ରୋଏ ନଦୀ ସବୁଠାରୁ ଛୋଟ ନଦୀ ଭାବେ ଜଣାଶୁଣା। ଏହାର ଲମ୍ବ ୬୧ ମିଟର ହୋଇଥିବାରୁ ଲୋକେ ଏହାକୁ ସହଜରେ କିଛି ଘଣ୍ଟା ମଧ୍ୟରେ ଅତିକ୍ରମ କରିନେବେ।

# ୧.୧୫ ଲକ୍ଷ ଟଙ୍କାରେ ଚୁଟି କଟା

**ବେଜିଂ:** ଲୋକେ ବିଭିନ୍ନ ଢଙ୍ଗରେ ଚୁଟି କାଟିଥାନ୍ତି। ସେଥିପାଇଁ ସେଲୁନବାଲା ୧୦୦ରୁ ୨୦୦ ଟଙ୍କା ଭିତରେ ଟଙ୍କା ନେଇଥାନ୍ତି। କିନ୍ତୁ ସେଲିବ୍ରିଟିଙ୍କ ମଧ୍ୟରେ ଖର୍ଚ୍ଚ ଟିକେ ଅଧିକ ହୋଇଥାଏ। ହେଲେ ନିକଟରେ ଜଣେ ବ୍ୟକ୍ତିଙ୍କୁ ଚୁଟି କାଟିବାକୁ ୧ ଲକ୍ଷ ୧୫ ହଜାର ଟଙ୍କା ଦେବାକୁ ପଡ଼ିଛି। ରିପୋର୍ଟ ମୁତାବକ, ଦକ୍ଷିଣ ଚାଇନାର ହାଙ୍ଗଜହଉ ସହରରେ ରେଷ୍ଟୁରାଣ୍ଟରେ କାମ କରୁଥିବା ଲି ନାମକ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସାଙ୍ଗ ୨୦ ୟୁଆନ୍ ଅର୍ଥାତ୍ ୨୩୦ ଟଙ୍କା ଗିଫ୍ଟ କୁପନ ସ୍ୱରୂପ ଦେଇଥିଲେ। ଲି ଯେତେବେଳେ ସେଲୁନରେ ପହଞ୍ଚିଲେ ସେଠାରେ ପ୍ରଥମେ ଲିଙ୍କ ଫେସ୍ ମସାଜ୍ କଲେ, ଯାହା ୫୦୦ ଟଙ୍କା ଥିଲା। ପରେ ତାଙ୍କୁ ୫୦୦୦ ହଜାର ୟୁଆନ୍ ଅର୍ଥାତ୍ ୫୮ ହଜାର ଟଙ୍କା ଗିଫ୍ଟ କାର୍ଡ କିଣିବାକୁ କହିଲେ। ଫଳରେ ତାଙ୍କୁ କିଛିଟା କମ୍ ମୂଲ୍ୟ ପଡ଼ିବ। ମସାଜ୍, ଚୁଟି କାଟିବା ସରିବା ପରେ ଲିଙ୍କୁ ବିଲ୍ ଦିଆଗଲା। ଯାହା ଦେଖି ତାଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା। କାରଣ ବିଲ୍ ଲକ୍ଷେ ଟପିଯାଇଥିଲା। ଯେତେବେଳେ ତାଙ୍କ ପାଖରେ କେବଳ ୨୦ ୟୁଆନ୍‌ର ଗିଫ୍ଟ କୁପନ ଥିଲା। ଲି ଏଥିରେ କିଛି କହିବାରୁ ସେଲୁନବାଲା ତାଙ୍କ ଉପରେ ଚାପ ପକାଇଲେ। ଲି ନ ମାନିବାରୁ ସେଲୁନବାଲା ତାଙ୍କ ଫୋନ ନେଇ ସେଥିରେ ୫୮ ହଜାର ଟଙ୍କା ଲୋନ ନେଇଗଲେ। ଏବେ ଲି ତାଙ୍କ ଟଙ୍କା ଫେରସ୍ତ ପାଇବାକୁ ମିଡିଆର ସାହାଯ୍ୟ ମାଗିଛନ୍ତି।

# ADVERTISEMENT

## (Re-Tender Notice under PMFBY for Cluster - 2, Cluster - 3 & Cluster - 5)

**Ref: Bid Identification No. 1/2023-25 of DA & FP, Odisha**

No. L-42: Director of Agriculture & Food Production, Odisha, Bhubaneswar invites two stage offers/ bids (Technical & Financial) from the Insurance Companies designated/empanelled by the Department of Agricutlure Cooperation and Farmers' Welfare, Government of India for submission of their "Technical Bid" & "Financial Bid" (as per the prescribed format) separately through e-tender for implementation of **"Pradhan Mantri Fasal Bima Yojana (PMFBY) in Odisha State during 2023-25" in Cluster - 2, Cluster - 3 & Cluster - 5**. The details of the tender document and requisite infomation can be downloaded from the official website of Govt. of Odisha i.e. **www.odisha.gov.in/alltenders, https://agrisnetodisha.ori.nic.in** and **https://tendersodisha.gov.in**.


The bidders have to participate in online bidding only. The website for "Online Bidding is **https://tendersodisha.gov.in**".

| Sl. No. | Activity | Time Line | Venue / Website |
|---|---|---|---|
| i. | Availability of Tender Document | 12.06.2023, 10.00 A.M. to 19.06.2023 upto 5.00 P.M. | https://tendersodisha.gov.in<br>https://agrisnetodisha.ori.nic.in<br>https://www.odisha.gov.in/alltenders |
| ii. | Cut off date of online Submission of Bid Document | 19.06.2023, 5.00 P.M. | Through e-tender<br>https://tendersodisha.gov.in |
| iii. | * Bid Opening<br>Technical Bid<br>Financial Bid | 21.06.2023 at 11.00 A.M.<br>22.06.2023 at 11.00 A.M. | Venue: 1st Floor, Board Room of the Directorate of Agriculture & Food Production (O), Krushibhawan, Gopabandhu Marg, Bhubaneswar |
| iv. | * Finalisation of Bid | 22.06.2023 at 3.00 P.M. | Venue: 1st Floor, Board Room of the Directorate of Agriculture & Food Production (O), Krushibhawan, Gopabandhu Marg, Bhubaneswar |

**Sd./- Director of Agriculture & Food Production, Odisha**

OIPR-01425/11/0003/2324

# ୪୧୯ ମିଟର ତଳେ 'ଦି ଡିପ୍ ସ୍ଲିପ୍'



**ଲଣ୍ଡନ:** ଆମେ ବାହାରକୁ ଗଲେ ସେଠାରେ ହୋଟେଲରେ ରହିବାକୁ ପଡେ। ଯଦି ଏକ ହୋଟେଲ ଅଛି, ଯେଉଁଠାରେ କି ବହୁତ ଭଲ ସୁବିଧା ରହିଛି। ହୋଟେଲର ଫଟୋ ଏବଂ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ତେବେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ, ହୋଟେଲଟି ଭୂମିଠାରୁ ୧,୩୭୫ ଫୁଟ ଅର୍ଥାତ୍ ୪୧୯ ମିଟର ତଳେ ରହିଛି। ଏଠାରେ ରହିବାକୁ ଆରାମଦାୟକ ରୁମ୍ ରହିଛି। ଲୋକଙ୍କ ପାଇଁ ଏଠାରେ ବହୁତସାରା ଜିନିଷ ରଖାଯାଇଛି। ପ୍ରେମୀ ଯୁଗଳଙ୍କ ପାଇଁ ମଧ୍ୟ ଖାସ୍ ରୁମ୍ ରହିଛି। ରିପୋର୍ଟ ମୁତାବକ, ଏହି 'ଦି ଡିପ୍ ସ୍ଲିପ' ହୋଟେଲ ବ୍ରିଟେନର ଉତ୍ତର ୱେଲ୍ସରେ ଥିବା ସ୍ନୋଡୋନିଆ ପାହାଡ଼ ତଳେ ରହିଛି। ଏହା ବିଶ୍ୱର ସବୁଠୁ ଗଭୀରତମ ହୋଟେଲ ବୋଲି କୁହାଯାଉଛି। ଏଠାରେ ୪ ବ୍ୟକ୍ତିଗତ ଟୁଇନ ବେଡ୍ ସହିତ ଡବଲ ବେଡ୍ ରହିଛି। ଏହାକୁ କେବଳ ଶନିବାର ରାତିରୁ ରବିବାର ସକାଳ ଯାଏ ବୁକ୍ କରାଯାଇପାରିବ। ଏହି ହୋଟେଲକୁ ଯିବାକୁ ହେଲେ ଆବଡ଼ାଖାବଡ଼ା ରାସ୍ତା, ହ୍ରଦ, ପାହାଡ଼, ସୁଡ଼ଙ୍ଗ ଦେଇ ଯିବାକୁ ପଡ଼ିବ। ଯେଉଁଥିପାଇଁ ପାଖାପାଖି ଘଣ୍ଟାଏ ଟ୍ରାକିଂ କରିବାକୁ ପଡ଼ିବ। ଯିବା ରାସ୍ତାରେ ଅନେକ ପ୍ରାଚୀନ କଳାକୃତିମାନ ଦେଖିବାକୁ ମିଳିବ। ତେବେ ହୋଟେଲରେ ତାପମାତ୍ରା ୧୦ ଡିଗ୍ରୀ ରହିବ। ହୋଟେଲର ମ୍ୟାନେଜର ମାଇକ୍ ମାରିସ୍ କହିଛନ୍ତି, ଏଠାକୁ ଯିଏ ଆସିଛନ୍ତି, ସେମାନଙ୍କୁ ଏହି ଜାଗା ବହୁତ ପସନ୍ଦ ଆସିଛି। ସେମାନଙ୍କୁ ବହୁତ ଭଲ ନିଦ ମଧ୍ୟ ହୋଇଛି। ସେଥିପାଇଁ ଏହି ହୋଟେଲର ନାମ 'ଦି ଡିପ୍ ସ୍ଲିପ' ରଖାଯାଇଛି। କିନ୍ତୁ ଏଠାରେ ରହିବାକୁ ଆଗୁଆ ବୁକିଂ କରିବାକୁ ପଡ଼ିଥାଏ। ହୋଟେଲରେ ରହିବାକୁ ୩୫ ହଜାରରୁ ଆରମ୍ଭ କରି ୬୦ ହଜାର ମଧ୍ୟରେ ଖର୍ଚ୍ଚ କରିବାକୁ ହେବ।

## ରାଜ୍ୟ ଖବର

# ଆଜିଠୁ ଯୁକ୍ତ୨ ପରୀକ୍ଷାଫଳ ରିଚେକିଂ ପାଇଁ ଆବେଦନ

**ଭୁବନେଶ୍ୱର, ୧୩।୬(ଅନୁରାଧା ମହାରଣା)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାଫଳ ପ୍ରକାଶ ପାଇସାରିଛି। ଏହି ପରୀକ୍ଷାଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ବୁଧବାରଠାରୁ ରିଚେକିଂ ବା ରିଆଡିଶନ ପାଇଁ ଆବେଦନ କରିପାରିବେ। ଏଥିପାଇଁ ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନର ଶେଷ ତାରିଖ ଜୁନ୍ ୨୮ ରହିଛି। ତେବେ ଚଳିତମାସ ୨୨ ତାରିଖରୁ ଜୁଲାଇ ୩ ମଧ୍ୟରେ ଉତ୍ତରଖାତାର କପି ପାଇବା ପାଇଁ ଆବେଦନକାରୀଙ୍କ ମୋବାଇଲ୍ ନମ୍ବର କିମ୍ବା ଇ-ମେଲ୍ ଆଇଡିକୁ ଏକ ଲିଙ୍କ୍ ପଠାଯିବ। ଜୁଲାଇ ୪ ସୁଦ୍ଧା ଆବେଦନକାରୀ ଉତ୍ତରଖାତା ଡାଉନଲୋଡ୍ ନ କରିପାରିଲେ ବା ଅନ୍ୟ କୌଣସି ସମସ୍ୟା ହେଲେ ସିଏଚ୍‌ଏସ୍‌ଇକୁ ଅବଗତ କରାଇପାରିବେ। ଜୁଲାଇ ୮ ତାରିଖ ମଧ୍ୟରେ co-chserecheck@gmailରେ ମେଲ୍ କରି ଛାତ୍ରୀଛାତ୍ରମାନେ କର୍ତ୍ତୃପକ୍ଷଙ୍କୁ ଅବଗତ କରିପାରିବେ। ଆବେଦନକାରୀ ଏକାଧିକ ବିଷୟ ପାଇଁ ଆବେଦନ କରୁଥିଲେ ପୃଥକ୍ ପୃଥକ୍ ଭାବେ ଆବେଦନ କରିବେ। ତେବେ କପି କରି ଧରାପଡ଼ିଥିବା ପରୀକ୍ଷାର୍ଥୀ କିମ୍ବା ପରୀକ୍ଷାଫଳ ୱିଥେଲ୍ଡ ଥିଲେ ରିଚେକିଂ ବା ରିଆଡିଶନ ପାଇଁ ଆବେଦନ କରିପାରିବେ ନାହିଁ। ପରିଷଦ ପକ୍ଷରୁ ନିର୍ଦ୍ଧାରିତ ଦେୟ ପୈଠ କରି ଛାତ୍ରୀଛାତ୍ର ରିଚେକିଂ ପାଇଁ ଆବେଦନ କରିପାରିବେ। ଥିଓରି ପେପରଗୁଡ଼ିକର ପୁନଃ ମୂଲ୍ୟାଙ୍କନ ଅନଲାଇନ୍ ମାଧ୍ୟମରେ ହେବାକୁ ଥିବାବେଳେ ଧନ୍ଦାମୂଳକ ବିଷୟର କେତେକ ବିଷୟବସ୍ତୁ ଓ ବିଜ୍ଞାନ ବିଭାଗର ପ୍ରାକ୍ଟିକାଲ ପରୀକ୍ଷାର ମୂଲ୍ୟାଙ୍କନ ଅଫ୍‌ଲାଇନ୍‌ରେ ହେବ ବୋଲି ସୂଚନା ରହିଛି।

# ଏସ୍‌ସିବିରେ ଆଉଜଣେ ...

ପ୍ରଥମ ପୃଷ୍ଠାରୁ...

ଅର୍ଥୋପେଡିକ୍ସ ଡାକ୍ତରୀ ଦଳ ତାଙ୍କର ନିୟମିତ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ଚିକିତ୍ସା କରୁଥିଲେ। ହେଲେ ସୋମବାର ବିଳମ୍ବିତ ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାକୁ ଆରମ୍ଭ କରିଥିଲା। ମଙ୍ଗଳବାର ସକାଳ ୭ଟା ୩୦ ମିନିଟ୍‌ରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ତୁରନ୍ତ ଡାକ୍ତରମାନେ ତାଙ୍କୁ ନିର୍ଦ୍ଧାରିତ ଇଞ୍ଜେକ୍‌ଶନ ଦେବା ସହ ଆବଶ୍ୟକ ଚିକିତ୍ସା କରିଥିଲେ। ହେଲେ ସମସ୍ତ ଚେଷ୍ଟା ସତ୍ତ୍ୱେ ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ମେଡିକାଲ ପକ୍ଷରୁ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ଜେ. କାମେଶ୍ୱର ରାଓ, ଏସ୍‌ସିବି ମେଡିକାଲର ହସ୍ପିଟାଲ ମ୍ୟାନେଜର ଦେବାଶିଷ ପାତ୍ର, ସାମାଜିକ କର୍ମୀ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଜୟଙ୍କ ମୃତ୍ୟୁକୁ ମିଶାଇ ରେଳ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୮୯ରେ ପହଞ୍ଚିଥିବା ଜଣାପଡିଛି।

## ODISHA MINING CORPORATION LIMITED

OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES | Mining Happiness

No.9372/OMC/Persnl/2023
Date:12.06.2023

**NOTICE**

**No.CAD-930:**Consequent upon amalgamation of The Industrial Development Corporation Limited (IDCOL) and Odisha Mineral Exploration Corporation Limited (OMECL) with Odisha Mining Corporation Limited (OMCL) and as per the Composite Scheme of Amalgamation approved by The Ministry of Corporate Affairs, Govt. of India, the employees of IDCOL {subsequent to transfer & merger of IDCOL Ferro Chrome & Alloys Limited (IFCAL) and IDCOL Kalinga Iron Works Limited (IKIWL) with IDCOL} and OMECL are now the employees of OMCL on and from 08.06.2023 (the effective date).

In this connection, all the employees of IDCOL and OMECL are hereby requested to go through the detailed Notice published in OMC website (https://omcltd.in) and Notice Boards of the respective Amalgamating Companies.

If any employee is not agreeable to hold office / continue services in OMCL, he / she is advised to communicate back in writing to the undersigned within 7 (Seven) days from the date of this Notification.

OIPR-30005/11/0054/2324
**Sd./- General Manager (P&A)**

## OFFICE OF THE EXECUTIVE ENGINEER LIFT IRRIGATION DIVISION, KEONJHAR

**Tender Call Notice No.02/2023-24, dated 12.06.2023**

**No.CAD-928:**Sealed Tenders are invited from interested reputed Travel Agencies/ Tour Operators of private individual vehicle owner for providing One No. of diesel driven Bolero (Non-AC/AC) not elder than 3 years with driver with fuel efficiency 10 K.M. per Liter or more which shall confirm to the terms and conditions (As per OLIC Norms) for official use by Lift Irrigation Sub-Division, Anandpur on monthly rent basis. The application form of tender containing General Bid information & Terms and conditions of Hiring of Vehicle etc. will be available with office of the Executive Engineer, Lift Irrigation Division, Keonjhar on payment of Rs. 500/- (Rupees Five hundred) only from dt. 19.06.23 to dt. 22.06.23 during office hours 10.00 A.M. to 05.30 P.M. The tender completed in all respect should be reached the office of the undersigned on or before dt. 23.06.2023 by 3.00 P.M. and shall be opened on the same day at 3.30 P.M. in presence of the tenderer or their authorized representatives. The authority reserves the right to accept/ reject any or all the tenders without assigning any reason thereof.

**Sd./- Executive Engineer**
**L.I.Division, Kenojhar**
OIPR-32156/11/0002/2324

## SAMBALPUR MUNICIPAL CORPORATION

Notice No. 4880/SMC
Date: 09.06.2023

**QUOTATION CALL NOTICE FOR DOOR TO DOOR WASTE COLLECTION SERVICES WITHIN SMC AREA**

No. C-556: Sealed quotations are invited from the reputed Company/Trust/Society/NGO/Government owned entity/ Individual/Proprietary registered under relevant statute and in operation for door to door collection and transportation of Municipal Solid Waste from households and non-households within in SMC area. The tender paper should reach Sambalpur Municipal Corporation on or before Dt.26.06.2023 05.00 P.M. The tender paper along with details specifications and eligibility criteria for the said works can be downloaded from the website: **www.smcsambalpur.nic.in**.
The undersigned reserves the right to accept or reject any or all the tender without assigning any reason thereof.

**Sd./- Commissioner**
**Sambalpur Municipal Corporation**
OIPR-13122/11/0020/2324

No. JJ-8

## DIRECTORATE OF PORTS & INLAND WATER TRANSPORT

Paribahan Bhawan (2nd Floor), A.G. Square,
Unit - II, Ashok Nagar, Bhubaneswar - 9
Phone: 0674-2390355, Fax: 0674-2396885, Email: portsniwt.od@nic.in

**EXPRESSION OF INTEREST (EOI)**
**FOR ENGAGEMENT OF CONSULTANCY SERVICES**

No. 1198/DPIWT,
Date: 08.06.2023

The Director, Ports and Inland Water Transport, Odisha, Bhubaneswar invites Expression of Interest (EOI) from eligible Consultancy Firms for providing consultancy services for **Preparation of Architectural Design as per Director General, Shipping norms for introduction of GP Rating Course in Crew Training Institute, Chandabali, Bhadrak.**

The Consultancy Firm with prior experience in preparing architectural design for any Government or Private Educational/Institutional building may participate in it, who will provide consultancy service as per Terms of Reference (ToR). The Consultancy Firm who wish to participate shall deposit an amount of Rs.1,000/- (Rupees one thouand) only in shape of Demand Draft from any Scheduled/Nationalized bank drawn in favour of Establishment Officer, Directorate of Ports and Inland Water Transport, Odisha paybale at Bhubaneswar towards cost of documents. The EoI & ToR are available in the website of the Directorate of Ports & IWT, Odisha i.e. **http://portsniwtodisha.gov.in** under Ative Tender or can be collected from the Establishment Officer, Directorate of Ports and Inland Water Transport, Odisha, Bhubaneswar from 16.06.2023 to 26.06.2023. The last date for receipt of EOI is 28.06.2023 upto 03.00 P.M. and will be opened on the same day at 03.30 P.M. in the Office of the undersigned. If the office happens to be closed on the date of opening of Bids as specified, the bids will be opened on the next working day at the same venue.

The authority reserves the right to cancel the process of selection of consultant without assigning any reason thereof. The authority is in no way shall be responsible for any postal/courier delay.

**Sd./- Director, Ports & IWT, Odisha**
OIPR-38035/11/0006/2324

## OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL, BALANGIR

At/Po/Dist-Balangir, Pin-767001 (Odisha)
E-mail:gmchospitalbalangir1@gmail.com

**CORRIGENDUM NOTICE**

Notice No.3304/Estt. (BBMC&H)/23
Dt.12.06.23

**No.E-178:**Tender ref No. 3124/ Estt.(BBMC&H)/23, Dt.31.05.2023 for "PROVIDING SYSTEM INTIGRATOR FOR DEVELOPMENT AND IMPLEMENTATION OF SMART QUEUE MANAGEMENT SYSTEM [SQMS]" to the Bhima Bhoi Medical College & Hospital, Balangir

1. **Page No. 16; Point no. 5.9: Submission of proposals, submission and opening of proposals, point no. iii**
The Proposals submitted up to Superintendent, Bhima Bhoi Medical College and Hospital, Balangir will be opened on 26.06.2023 At 12.00 PM instead of 23.06.2023 at 12.00 AM.
2. **Page No. 19; Point no. 6.1: Pre-Qualification Criteria, point no.a. Legal Entity, Documents required**
Turnover certificate/audited balance sheet and profit & loss statement from the Statutory Auditor for last three years. If FY 22-23, is not available the preceding three years will be accepted.
3. **Page No. 19; Point no. 6.1: Pre-Qualification Criteria, point no.d. Certifications. Specific requirements**
The bidder must possess a ISO 9001 or similar certificate as on date of submission of this RFP, ISO 9001 + ISO 27001 + ISO 20000 will also be accepted.
4. **Page_N.o. 25: Point no. 7.6; Signing of Contract**
A draft MSA document has been provided as a separate document for the reference of bidders only; has been may be read as will be. A draft MSA document will be provided as a separate document for the reference of bidders only.

**Sd./- Superintendent**
**Bhima Bhoi Medical College & Hospital, Balangir**
OIPR-10141/11/0005/2324

## DIRECTORATE OF PRINTING STATIONERY AND PUBLICATION, ODISHA

**MADHUPATNA, CUTTACK-753010**

**TENDER NOTICE NO.2 / FOR PROCUREMENT OF MACHINERIES AND ALLIED WORKS FOR THE YEAR, 2023-24**

No. J-7: Sealed tenders in separate sealed covers (Technical bid along with E.M.D in one cover and price bid in another cover) in prescribed form are invited from bonafide Manufacturers or their Authorised Dealers for supply of different Machineries and Allied Works for the year, 2023-24 to the Directorate of Printing, Stationery and Publication, Odisha, Madhupatna, Cuttack as per terms and conditions mentioned in the tender documents. The tender details have been hoisted in the Odisha State Government Website i.e. **www.odisha gov.nic.in /www.ogpress.nic.in**.

2. Details of tender documents with specification of machines can be obtained on any working day during office hours from 13.06.2023 to 03.07.2023 (both days inclusive) from 11.00 A.M. to 4.00 P.M. from the office of the undersigned on payment of Rs.1515/- (Rupees one thousand five hundred fifteen) only including tax (non-refundable) on deposit of Demand Draft only.
3. The tender documents can also be downloaded from Odisha Government Website i.e. **www.odisha gov.nic.in/ www.ogpress.nic.in**. In such cases the tender is to be submitted along with a Bank Draft of Rs.1515/- (Rupees one thousand five hundred fifteen) only (non-refundable) drawn in favour of the Director, Printing, Stationery and Publication, Odisha, Cuttack.
4. The tender documents, as required by this Directorate along with Earnest Money Deposits in prescribed manner, shall be received by 1.30 P.M. on 04.07.2023 and the documents (Technical Bid) will be opened on the same day at 3.00 P.M. in presence of bidders or one of their representative in the Mini Conference Hall of the Administrative Building.
5. Tender shall be finalized by the Authority.
6. The undersigned reserves the right to reject any or all tenders and to alter/amend the terms and conditions of tender without assigning any reason thereof.
7. Disputes, if any, arises are subject to the Court of Cuttack jurisdiction.

**Director**
**Printing, Stationery & Publication,**
**Odisha, Madhupatna, Cuttack**
OIPR-02002/11/0004/2324

See Career Appointment on every Wednesday & Saturday

No.AA-09:

## GOVERNMENT OF ODISHA

**OFFICE OF THE ADDITIONAL CHIEF ENGINEER (TESTING & CALIBRATION, STANDARD TESTING LABORATORY)-CUM-ELECTRICAL INSPECTOR**

PLOT NO. GD-2/7, MAITRIVIHAR, BHUBANESWAR- 751023
Phone & Fax no. 0674-2300955 E-Mail ID: sestl-od@gov.in, deistll-od@gov.in

Government of Odisha "e-Procurement Notice"

**BID IDENTIFICATION NO: 01 /A. C.E. (T&C, STL) /2023-24, Dt.09.06.2023**

| | | |
|---|---|---|
| 1 | Name of the work | Supply, Installation, Testing & Commissioning of Electrical Testing Equipment for Standard Testing Laboratory, Bhubaneswar. |
| 2 | Estimated Cost of the Tender | Rs.27,48,028 /- |
| 3 | Period of completion | Ninety Days (90 days) |
| 4 | Date & time of availability of bid document in the portal | Dt. 21.06.2023 (10.00AM) |
| 5 | Last date / Time for receipt of bids in the portal | Dt. 19.07.2023 (05.00PM) |
| 6 | Name and address of the Officer Inviting Tender | Addl. Chief Engineer (T&C, STL) -cum-Electrical Inspector, Bhubaneswar Plot No. GD-2/7, Maitrivihar, Bhubaneswar-751023<br>Phone & Fax No. 0674-2300955<br>E-mail ID: sestl-od@gov.in,deistl1-od@gov.in |

Further details can be seen from the e-procurement portal https://tendersodisha.gov.in. Any amendment/cancellation/retenders, please refer to the above cited website.

**Sd./- S.K. Dash**
**Addl.Chief Engineer (T&C, STL)-Cum-E.I., Bhubaneswar**
OIPR-04069/11/0002/2324

No. JJ-10

## DIRECTORATE OF PORTS & INLAND WATER TRANSPORT

**Paribahan Bhawan (2nd Floor), A.G. Square**
**Unit - II, Ashok Nagar, Bhubaneswar - 9**
**Phone: 0674-2390355, Fax: 2396885**
**Email: portsniwt.od@nic.in**

**"e" PROCUREMENT NOTICE**

**Bid Identification No. DPIWT - 05/2023-24**

| | | |
|---|---|---|
| 1 | Name of Work | Development of Ro-Pax Jetty and allied Infrastrcutre connecting Kaninali in Bhadrak District and Talachua in Kendrapada District, Odisha under Sagarmala |
| 2 | No. of Works | 1 (One) No |
| 3 | No. of Covers | Double Cover |
| 4 | Value of Works | Rs.112.03 Crore |
| 5 | Bid Cost | Rs.10,000.00 |
| 6 | Period of Completion | 18 (Eighteen) Calendar Months |
| 7 | Date & Time of availability of Bid document in the portal | 27.06.2023 to 25.07.2023 upto 17.00 hours |
| 8 | Date & time of Pre-Bid meeting | 07.07.2023 at 11.30 A.M. |
| 9 | Last date & time for receipt of bids in the portal | 25.07.2023 upto 05.00 P.M. |
| 10 | Date of opening of bid document (Cover - I) | On 26.07.2023 at 11.00 A.M. |
| 11 | Date of transparent lottery process (If situation arises) | Intimation will be given through Online |
| 12 | Class of Contractor | "SUPER" Class Contractor |
| 13 | Name and Address of Officer Inviting Tender (OIT) | Director, Ports & Inland Water Transport, Paribahan Bhawan (2nd Floor), A.G. Square, Unit - II, Ashok Nagar, Bhubaneswar, Odisha, PIN - 751009, Phone: 0674-2390355, Fax: 2396885, e-Mail: **portsniwt.od@nic.in** |

Further details can be seen from the e-Procurement market place, **http//tendersodisha.gov.in**. The Addendum/Corrigendum if any will be hosted in the website only.

**Sd./- Director**
**Ports & IWT, Odisha**
OIPR-38035/11/0008/2324

# ହସ୍ତାନ୍ତର କରାଯାଉନି ଅଙ୍ଗନୱାଡି କେନ୍ଦ୍ର, ସମସ୍ୟାରେ ଶିଶୁ

ବୁଗୁଡ଼ା,୧୩।୬(କାଳୀଚରଣ ଦାଶ)



ବୁଗୁଡା ବ୍ଲକ ଅଧୀନ କରଚୁଲି ଗ୍ରାମସ୍ଥ ଅଙ୍ଗନୱାଡି କେନ୍ଦ୍ର -୨ରେ ଛାତରୁ ସିମେଣ୍ଟ କଂକ୍ରିଟ ଖଣ୍ଡ ଖସିଯାଇଥିଲା। ପ୍ରଶାସନ ଦ୍ୱାରା ପୁରୁଣା ଗୃହ ୨୦୧୬ ଜୁନ୍ ମାସଠାରୁ ବନ୍ଦ କରାଯାଇ ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟଠାରେ ଜରୁରିକାଳୀନ ପରିସ୍ଥିତିରେ ଅତିରିକ୍ତ ଶ୍ରେଣୀ ଗୃହଠାରେ ଶିକ୍ଷାଦାନ ପାଇଁ ସ୍ଥାନାନ୍ତର କରାଯାଇଥିଲା। ଆଜି ଯାଏ ସେଠାରେ ଅଙ୍ଗନୱାଡି ଦ୍ୱିତୀୟ କେନ୍ଦ୍ର ଚାଲୁଛି। ଫଳରେ ଶିଶୁମାନେ ବ୍ରହ୍ମପୁର ଓ ଭୁବନେଶ୍ୱର ଜାତୀୟ ରାଜପଥ ଅତିକ୍ରମ କରି ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡି କେନ୍ଦ୍ର ବନ୍ଦ ହେବା ଦିନଠାରୁ ବାରମ୍ବାର ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ପୁରୁଣା ଗୃହ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ ଶେଷ ହୋଇଛି। ତେବେ ବିଦ୍ୟୁତ ସଂଯୋଗ, ପାଚେରି ନିର୍ମାଣ ଏବଂ ଜଳ ଯୋଗାଣ ନ ହୋଇ ଦୀର୍ଘଦିନ ହେବ ନିର୍ମାଣ ସରିଥିବା କେନ୍ଦ୍ର ପଡ଼ିରହିଛି। ନିର୍ମାଣାଧୀନ କେନ୍ଦ୍ରଠାରେ ଶୀଘ୍ର ଶିକ୍ଷାଦାନ ଆରମ୍ଭ କରିବା ପାଇଁ ଗ୍ରାମବାସୀ ମାର୍ଚ୍ଚ ମାସରେ ସ୍ଥାନୀୟ ବିଡିଓଙ୍କ ସମେତ ସିଡିପିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶିଶୁ ବିକାଶ ବିଭାଗ ତରଫରୁ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ର ପ୍ରତି ଆକୃଷ୍ଟ କରିବା ପାଇଁ ସରକାର ବହୁ ପଦକ୍ଷେପ ହାତକୁ ନେଇ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁରଖିଥିବା ବେଳେ ଏଠି ସମ୍ପୂର୍ଣ୍ଣ ଅଲଗା ଚିତ୍ର ଦେଖିବାକୁ ମିଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଏବଂ ଏହି ସମସ୍ୟା ଆଗାମୀ ଦିନରେ ଲାଗିରହିଲେ ଶିଶୁମାନଙ୍କୁ ଶିକ୍ଷାଦାନ ପାଇଁ ନ ପଠାଇ ଆନ୍ଦୋଳନାତ୍ମକ ପଦକ୍ଷେପ ହାତକୁ ନିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ରୋଡ଼ ସାହି, ନାଳ ସାହି, କୁମ୍ଭାର ସାହି, ଧୋବା ସାହି ଏବଂ ହରିଜନ ସାହିର ଶିଶୁମାନେ ପାଠ ପଢ଼ିଥା'ନ୍ତି। ଏ ନେଇ ସିଡିପିଓ ବବିତା ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ ଏ ବିଷୟରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ଦେଇଥିଲେ। ତା'ପରେ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ତୁରନ୍ତ ଏହି ସମସ୍ୟାର ପ୍ରତିକାର ନିମନ୍ତେ ଉଦ୍ୟମ କରାଯିବ ବୋଲି କହିଥିଲେ।

## ସହପାଠୀଙ୍କୁ ପଚରାଉଚରା କଲା କ୍ରାଇମବ୍ରାଞ୍ଚ

### ପୂର୍ବତନ ଅଧ୍ୟକ୍ଷଙ୍କୁ ହାଜିର ହେବାକୁ ନୋଟିସ

**ନବୋଦୟ ଛାତ୍ରୀ ମୃତ୍ୟୁ ଘଟଣା**

ପାରଳାଖେମୁଣ୍ଡି,୧୩।୬(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁ ଘଟଣାର ଖିଅ ଖୋଜୁଛି କ୍ରାଇମବ୍ରାଞ୍ଚ। ମଙ୍ଗଳବାର ତଦନ୍ତର ତୃତୀୟ ଦିନରେ କ୍ରାଇମବ୍ରାଞ୍ଚ ଟିମ ସୌଦାମିନୀଙ୍କ ଏକାଧିକ ସହପାଠୀଙ୍କ ଘରକୁ ଯାଇ ପଚରାଉଚରା କରିଛି। ସେହିପରି ନବୋଦୟ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କୁ ହାଜିରା ହେବାକୁ କ୍ରାଇମବ୍ରାଞ୍ଚ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ସକାଳେ କ୍ରାଇମବ୍ରାଞ୍ଚ ଟିମ ପାରଳାଖେମୁଣ୍ଡିରୁ ବାହାରି ମୋହନା ଅଭିମୁଖେ ଯାଇଥିଲେ। ବର୍ତ୍ତମାନ ବିଦ୍ୟାଳୟ ଛୁଟି ଥିବାରୁ ସମସ୍ତ ଛାତ୍ରୀଛାତ୍ର ଘରେ ଅଛନ୍ତି। ତେଣୁ ସୌଦାମିନୀଙ୍କ ଅତି ନିକଟ ସହପାଠୀଙ୍କୁ ପଚରାଉଚରା କରିବାକୁ କ୍ରାଇବ୍ରାଞ୍ଚ ମୋହନା ଯାଇଥିବା ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଏସ୍‌ପି ନିରଞ୍ଜନ ବେହେରା। ମୋହନାରେ ରହୁଥିବା ସହପାଠୀ ତଥା ରୁମମେଟମାନଙ୍କ ଘରକୁ ଯାଇ ପଚରାଉଚରା କରାଯାଇଛି। ଅନ୍ୟପକ୍ଷରେ ସେତେବେଳର ଅଧ୍ୟକ୍ଷ ଅବସର ଗ୍ରହଣ କରିସାରିଛନ୍ତି। ତେଣୁ ତାଙ୍କୁ ହାଜିରା ହେବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ନୋଟିସ ଜାରି କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ବ୍ୟାଙ୍କ ଶାଖା ପରିଚାଳକଙ୍କୁ ବିଦାୟ ସମ୍ବର୍ଦ୍ଧନା

ସୋରଡା,୧୩।୬ (ଲମ୍ବୋଦର ପାଣିଗ୍ରାହୀ)

ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଏସ୍‌ବିଆଇ ଜୋନାଲ ଇନ୍ସପେକ୍ସନ ଅଫିସ ଭୁବନେଶ୍ୱରକୁ ବଦଳି ହୋଇଛନ୍ତି। ଶ୍ରୀ ବେହେରା ଏଠାରେ ୨ ବର୍ଷ ପାଖାପାଖି କାର୍ଯ୍ୟ କରିଛନ୍ତି। ଗ୍ରାହକଙ୍କ ବିଭିନ୍ନ ସମସ୍ୟାକୁ ଅତି ସହଜରେ ସମାଧାନ କରିପାରୁଥିଲେ।

## ବିଜେଡି କର୍ମୀ ସମ୍ମିଳନୀ

କବିସୂର୍ଯ୍ୟନଗର,୧୨।୬(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନୂତନ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ବିଜୟ କହଁର ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଧାୟିକା ଲତିକା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ବିଜେଡି ପ୍ରେମୀ ଏକଜୁଟ ହୋଇ କବିସୂର୍ଯ୍ୟନଗର ବିକାଶକୁ ତ୍ୱରାନ୍ୱିତ କରିବାରେ ସହରବାସୀଙ୍କ ଯୋଗଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଛାତ୍ର ବିଜେଡି ସଭାପତି ତଥା ଏନ୍‌ଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ ଯୋଗଦେଇ ସୋସିଆଲ ମିଡ଼ିଆ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଧାୟିକା ପ୍ରତିନିଧି ମନୋରଞ୍ଜନ ମହାପାତ୍ର, ଏନ୍‌ଏସି ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ସଭାପତି ରସଲ ଦାସ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସୁରଜ କୁମାର ରେଡ୍ଡୀ, ସମ୍ମିଳନୀରେ ନଗର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ଖଟେଇ, ନଗର ବିଜେଡି ଉପସଭାପତି ରାକେଶ ପ୍ରଧାନ ଓ ତ୍ରିଲୋଚନ ପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ପ୍ରଶ୍ନ ନାୟକ, ଦେବୀପ୍ରସାଦ ସ୍ୱାଇଁ, ହାଡୁବନ୍ଧୁ କର, ସୁବାସ ଚନ୍ଦ୍ର ରେଡ୍ଡୀ, ଯଜ୍ଞ ପରିଡ଼ା ଯୋଗ ଦେଇଥିଲେ।

## ବିଡିଓଙ୍କ କାର୍ଯ୍ୟାଳୟରେ ତାଲା

କୋଟଗଡ଼,୧୩।୬(ସରୋଜ ବଳିଆର ସିଂ)

କୋଟଗଡ଼ ବିଡିଓ ଅର୍ଜୁନ ପ୍ରଧାନଙ୍କ ବଦଳି ଦାବିରେ ମଙ୍ଗଳବାର ବ୍ଲକ ଚେୟାରମ୍ୟାନ ଓ ଜନପ୍ରତିନିଧିମାନେ ବିଡିଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରିଛନ୍ତି। ବିଡିଓ ବ୍ଲକର ଉନ୍ନୟନ କାର୍ଯ୍ୟ ନେଇ ବ୍ଲକ ଚେୟାରମ୍ୟାନ ପିଙ୍କି କହଁର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରୁନଥିବା ବେଳେ ଲୋକମାନଙ୍କ କୌଣସି ସମସ୍ୟା ବୁଝୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ବ୍ଲକର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏଥିପାଇଁ ବ୍ଲକ ଚେୟାରମ୍ୟାନ ଓ ଜିଲା ପରିଷଦ ଜିରିମିୟ ସୁନାମାଝିଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ବିଡିଓଙ୍କ ବିରୋଧରେ ନାରାବାଜି କରିବା ସହ ଏଭଳି ଭ୍ରଷ୍ଟାଚାର ଅଫିସରଙ୍କୁ ବ୍ଲକରୁ ତୁରନ୍ତ ବଦଳି କରାଯାଉ ବୋଲି ପିଙ୍କି କହିଛନ୍ତି। ଏ ନେଇ ଉତ୍ୟକ୍ତ ଜନ ପ୍ରତିନିଧି ବିଡିଓଙ୍କ ମୁଖ୍ୟ କାର୍ଯ୍ୟାଳୟ ଫାଟକରେ ଅନିର୍ଦ୍ଦିଷ୍ଟ ଦିନ ଯାଏ ତାଲା ପକାଇ ଦେଇଛନ୍ତି। ତେବେ ଆଗାମୀ ୩ ଦିନ ମଧ୍ୟରେ ବିଡିଓଙ୍କୁ ବଦଳି କରାନଗଲେ ଶୁକ୍ରବାରଠାରୁ କୋଟଗଡ଼ ବ୍ଲକର ସମସ୍ତ ଜନ ପ୍ରତିନିଧି ଧାରଣା ଦେବେ ବୋଲି ବ୍ଲକ ଚେୟାରମ୍ୟାନ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଉ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ନୂତନ ଶାଖା ଗଠିତ

ପୋଲସରା,୧୩।୬(ସୁବ୍ରତ ବେହେରା)

ପୋଲସରା ସହରସ୍ଥିତ ବିଶ୍ୱକର୍ମା ମନ୍ଦିର ପରିସରରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ନୂତନ ଶାଖା ପୁରୀ ଗୋବର୍ଦ୍ଧନ ମଠ ଆନୁକୂଲ୍ୟରେ ଆରମ୍ଭ ହୋଇଯାଇଛି। ପୋଲସରା ଶାଖା ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ କମିଟି ଦକ୍ଷିଣ ବିଭାଗ ସଚିବ ଉମାଶଙ୍କର ପାଣି ଓ ଗଞ୍ଜାମ ଜିଲା କ୍ଷତ୍ରିୟ ସମ୍ପାଦକ ଡ଼ଃ ହୃଷିକେଶ ପାଢ଼ୀଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା। ଏଥିସହ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ କରୁଣାକର ଦିକ୍ଷୀତ ମନୋନୀତ ହୋଇଥିବାବେଳେ ଉପସଭାପତି କେଦାର ପାତ୍ର, ସମ୍ପାଦକ ସୁଦାମ ଚନ୍ଦ୍ର ମହାରଣା, ସହ ସମ୍ପାଦକ କାର୍ତ୍ତିକ ପାତ୍ର, କୋଷାଧ୍ୟକ୍ଷ ଶିବାଜୀ ପାତ୍ର, ଆନନ୍ଦ ବାହିନୀ ମୁଖ୍ୟ ସଂଯୋଜକ ଭାବେ ରାଜଲକ୍ଷ୍ମୀ ଦାସ, ସଂଗଠନ ସମ୍ପାଦକ ପ୍ରଣାବାନନ୍ଦ ତ୍ରିପାଠୀ, ଉପଦେଷ୍ଟା ଭାବେ ପ୍ରକାଶ ଚନ୍ଦ୍ର ପ୍ରଧାନ, ସାରଙ୍ଗପାଣି ଦାସ, ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିଲା। ସନାତନ ଧର୍ମର ପ୍ରସାର ଓ ପ୍ରଚାର କରି ଜନମାନସରେ ଲୋକଙ୍କ ସେବା କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଉମାଶଙ୍କର ପାଣି କହିଥିଲେ।

## ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଦିଗପହଣ୍ଡି,୧୩।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନିତା ସେଠୀଙ୍କ ରବିବାର ଅକାଳ ବିୟୋଗ ଘଟିଥିଲା। ମଙ୍ଗଳବାର ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ପାଣି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଗଞ୍ଜାମ ଜିଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଜିଲା ବିଜେଡି ଉପସଭାପତି ବି.କ୍ରିଷ୍ଣାରାଓ ସୁବୁଦ୍ଧି, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଭି.ରବିନାରାୟଣ ରାଜୁ, ଏମ.ପି ପ୍ରତିନିଧି ନିରୂପମା ପଟ୍ଟନାୟକ, ମହିଳା ବିଜେଡି ଏନ୍‌ଏସି ସଭାନେତ୍ରୀ ଅନିତା ବେହେରା, ଚିତ୍ରସେନ ଗୌଡ, ଆଇନଜୀବୀ ନକୁଳ ପ୍ରଧାନ, ରବିଚନ୍ଦ୍ର ଗୌଡ, ଜିଲା ପରିଷଦ ସଭ୍ୟ ରାଧାକାନ୍ତ ମହାକୁଡ, ସଭ୍ୟା ସଂଯୁକ୍ତା କବି, ଶିବରାମ ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ମଙ୍ଗଳବାର ଅଧ୍ୟକ୍ଷାଙ୍କ ବାସଭବନରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଛନ୍ତି।

# ବିଜେଡି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ

ଫୁଲବାଣୀ ଅଫିସ, ୧୩।୬(ରାକେଶ ରାଉତ)

■ରାଜ୍ୟ ସଙ୍ଗଠନ ସମ୍ପାଦକଙ୍କ କନ୍ଧମାଳ ଗସ୍ତ

■ବିଧାୟକ, କର୍ମୀଙ୍କ ସହ ଆଲୋଚନା



ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ।

ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଙ୍ଗଳବାର ଦିନିକିଆ କନ୍ଧମାଳ ଜିଲା ଗସ୍ତରେ ଆସି ନୂତନ ଜିଲା ବିଜେଡି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ସର୍କିଟ ହାଉସରେ ବିଧାୟକ, ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ୧୭ରେ ୫-ଟି ସଚିବ ଭି.କେ ପାଣ୍ଡିଆନ ଆସୁଥିବାରୁ ସଙ୍ଗଠନ ଏବଂ ଗସ୍ତ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ ହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ପ୍ଲାନ ତିଆରି କରିଛନ୍ତି।

ପ୍ରଣବ ପ୍ରକାଶ ଦାସ ଫୁଲବାଣୀରେ ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ସର୍କିଟ ହାଉସରୁ ଏକ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବା ପରେ ସେଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଫୁଲବାଣୀ ମୁଖ୍ୟ ବଜାରରେ ବିଜେଡି କାର୍ଯ୍ୟାଳୟକୁ ଦାସ୍ ଉଦ୍‌ଘାଟନ କରିଥିଲେ। ଆଗକୁ ସାଧାରଣ ନିର୍ବାଚନ। ତେଣୁ ଦଳୀୟ ସଙ୍ଗଠନକୁ କିପରି ଅଧିକ ସୁଦୃଢ କରାଯାଇ ପାରିବ, ସେନେଇ ଉପସ୍ଥିତ ଏମ୍‌ପି ଡଃ.ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ବାଲିଗୁଡ଼ା ବ୍ଲକ ସଭାପତି ଟୁନା ଦାସ, ଜିଲା ମହିଳା ସଭାନେତ୍ରୀ ପୁନମ କହଁରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସହ ଆଲୋଚନା କରି ଫେରି ଯାଇଥିଲେ।

ଏହି ଅବସରରେ ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଜିଲା ସଭାପତି କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନ୍ଧମାଳ ଏମ୍‌ପି, ସମସ୍ତ ବିଧାୟକ, ମହିଳା, ଯୁବ, ଛାତ୍ର ସଭାପତି ଏବଂ ୧୨ ବ୍ଲକରୁ କର୍ମୀମାନେ ଯୋଗ ଦେଇଥିଲେ। ବୈଠକରେ ଚକାପାଦ ଅଞ୍ଚଳର ଭାଜପାର ଗୋବିନ୍ଦ ଚନ୍ଦ୍ର ସାହୁ, କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ତ୍ରିପତି ନାୟକ, କଂଗ୍ରେସ ପୂର୍ବତନ ଚକାପାଦ ବ୍ଲକ ସଭାପତି ବରୁଣ ମଲ୍ଲିକ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ବେହେରାଙ୍କ ପୁଅ ଅଚ୍ୟୁତ ବେହେରା ବିଜେଡିରେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

# ରମ୍ଭା ଏନ୍‌ଏସି ପାଇଁ ୧.୧୪ କୋଟି ମଞ୍ଜୁର

ରମ୍ଭା,୧୩।୬ (ବନବାସୀ ସେଠୀ)

ମୁଖ୍ୟମନ୍ତ୍ରୀ ରମ୍ଭା ସହରର ଉନ୍ନତି ପାଇଁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଅନୁଦାନ ପ୍ରାପ୍ତ ଫ୍ଲାଗଶିପ ସ୍କିମ ମୁକ୍ତା ଯୋଜନା ଅଧୀନରେ ରମ୍ଭା ଏନ୍‌ଏସିକୁ ୧ କୋଟି ୧୪ ଲକ୍ଷ ମଞ୍ଜୁର କରିଛନ୍ତି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ସହରର ୧୩ ୱାର୍ଡକୁ ସମୁଦାୟ ୧୮ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଛତ୍ରପୁର ବ୍ଲକ ହେଡ କ୍ୱାଟର୍ସ ଅଫିସ ସଭାଗୃହରେ ଆୟୋଜିତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, ସିଟି ମିଶନ ମ୍ୟାନେଜର ବିକ୍ରମ କେଶରୀ ସାମଲ, ମୁକ୍ତା ପ୍ରକଳ୍ପ କୋଡିନେଟର ଜି. ସଙ୍ଗମ ଚୌଧୁରୀ, ପ୍ରଭାସିନୀ ନାୟକ, ଏସ୍‌ଏଚ୍‌ଜି ମହିଳା ସଂଘର ସଦସ୍ୟା ଉପସ୍ଥିତ ଥିଲେ।


**कार्यपालक अभियंता का कार्यालय, सिंचाई प्रमंडल, गालूडीह**
eeidgal.icha@gmail.com

**2nd Call**

**ई० निविदा आमंत्रण सूचना**

1. विभाग का नाम :– जल संसाधन विभाग, झारखण्ड सरकार
2. विज्ञापनदाता का पदनाम :– कार्यपालक अभियंता, सिंचाई प्रमण्डल गालूडीह, ।
3. निविदा अभिलेख वेबसाइट पर प्रकाशन की तिथि एवं समय :– 16.06.2023 अपराह्न 3:00 बजे ।
4. निविदा अभिलेख डाउनलोड करने की तिथि एवं समय :– 16.06.2023 अपराह्न 3:00 बजे से 07.07.2023 अपराह्न 05:00 बजे तक।
5. ऑनलाईन निविदा प्राप्त करने की अंतिम तिथि एवं समय :– 07.07.2023 अपराह्न 5:00 बजे तक।
6. निविदा खुलने की तिथि एवं समय :– 11.07.2023 अपराह्न 12:30 बजे ।
7. अग्रधन की राशि एवं परिमाण विपत्र का मूल्य जमा करने की तिथि एवं स्थान :– 10.07.2023 अपराह्न 5:00 बजे तक। कार्यपालक अभियंता का कार्यालय सिंचाई प्रमण्डल गालूडीह ।

| क0 सं0 | कार्य का नाम | ई0 निविदा रिफ्रेन्स नं0 | प्राक्कलित राशि (रू0में) | अग्रधन की राशि (रू0 में) | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|---|
| 1 | Construction of WBM Service Road in between Km. 0.00 to 56.04 of GRMC | WRD/IRRDIVGALUDIH/SBD-01/2023-24, Dt- 10-06-2023 | 20,42,18,101.58 | 20,43,000.00 | 10000.00 | 360 Days |

नोट :– केवल ई0–निविदा स्वीकार होगा । प्राक्कलित राशि घट–बढ़ सकती है। तद्नुसार अग्रधन की राशि देय होगा। परिमाण विपत्र का मूल्य केवल बैंक ड्राफ्ट के माध्यम से ही स्वीकार किया जायेगा, जो कार्यपालक अभियंता, सिंचाई प्रमण्डल, गालूडीह के नाम से भारतीय स्टेट बैंट, मऊभंडार शाखा पर देय होगा। विशेष जानकारी के लिए बेवसाईट http://jharkhandtenders.gov.in पर देखे।

कार्यपालक अभियंता
सिंचाई प्रमंडल, गालूडीह।

PR.NO.299883 Water Resource(23-24):D



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-953 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3060/RE/OSIC Dt.12.06.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works "Supply and installation of solar street light, LED Street light and High mast light projects under MLALAD fund 2023-24 of Pottangi A/C under General component in the District of Koraput", "Supply and fixing of LED Street light in existing pole projects under MLALAD fund 2023-24 of Kotpad A/C (General component) in the District of Koraput" and "Supply and installation of solar pumps and solar street lights under MI Division, Khariar in the Dist. of Nuapada". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only

Sd/-
GENERAL MANAGER(O)

OIPR-14073/11/0035/2324



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-933 OSIC GST No. 21AAACO2101M1Z1

**Publication of advertisement**

Tender Notice No.3079/OSIC Dt.12.06.2023

OSIC invites applications from retired employees from Govt./ Central/State PSUs for re-engagement in OSIC, Khapuria, Cuttack. The details of the engagement can be obtained from the website www.osicltd.in.

| Sl. No. | Post | Group | No. of posts | Monthly remuneration (Rs.) |
|---|---|---|---|---|
| 1 | OSD-cum-Asst. Manager (Tech.) | B | 2 | 35,000/- |
| 2 | OSD-cum-Asst. Manager (Gen.) | B | 2 | 35,000/- |

The engagement is purely contractual and is for a period of 1 year. Persons below the age of 63 years as on 01.07.2023 may apply. Those having less than one year of service from the maximum age may not apply. The last date of applying is 07.07.2023, 17:00hrs to the undersigned by e-mail osicmd@gmail.com .

By order of MD
Sd/-Administrative Officer

OIPR-14073/11/0033/2324



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ୍) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ଝାରସୁଗୁଡ଼ା
CIN-U40102OR2004SGC007553
Lifeline of Odisha

No. CAD-948

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ ୧୩୨ କେ.ଭି. ବୁଢୀପଦର-କୁରାବଗା ଲାଇନର ଟାୱାର ନଂ-୧୭ ରୁ ୪୦୦/୨୨୦/୧୩୨/୩୩ କେ.ଭି. ଗ୍ରୀଡ ସବଷ୍ଟେସନ, ଲପଙ୍ଗା ଠାରୁ ୧୩୨/୩୩ କେ.ଭି. ଗ୍ରୀଡ ସବଷ୍ଟେସନ,ବ୍ରଜରାଜନଗର ପର୍ଯ୍ୟନ୍ତ ଯାଇଥିବା ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ୧୩୨ କେ.ଭି ଲାଇନର ଟାୱାର ନଂ-୪୮ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସରିଯାଇଅଛି। ଏହି ଲାଇନ ସିଂହାବଗା ଗ୍ରାମ ଦେଇ ଯାଇଅଛି । ଉକ୍ତ ଲାଇନରେ ଆସନ୍ତା ତା. ୧୬.୦୬.୨୦୨୩ ରିଖ ଠାରୁ ଯେକୌଣସି ଦିନ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୭୯,୮୦, ୮୨(କ) ଅନୁଯାଇ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍। ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢିବା କିମ୍ବା ଗୋରୁଗାଇ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି। ଏଣୁ ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ।

ସ୍ୱା/-ଉପସାଧାରଣ ପରିଚାଳକ(ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ଝାରସୁଗୁଡ଼ା

FIPR-18/2023-24

www.optcl.co.in /optcl.odisha /optcl_odisha

OIPR-04011/11/0046/2324



**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Recharge farm pond works in Jujomura, Redhakhol & Naktideul blocks of Sambalpur district, Odisha. For more details you may visit to the website : www.baif.org.in

Saraswati Enclave, Dhankauda Sambalpur-768006, Ph 7894418530



**PARADIP PORT AUTHORITY**
**MARINE DEPARTMENT**
No.: MD/ACCTS-WK-R-4/2022/749
Dated, the 7th June, 2023

**THIRD Corrigendum to e-Tender Call Notice No.: MD/ACCTS-WK-R-4/2022/499 Dt. 19/04/2023**

The 3rd Corrigendum to the e-Tender Call Notice No.MD/ACCTS/WK/R/4/2022/499 dated 19.04.2023 for the work "Supply of 01 No.60 Ton Bollard Pull Tug along with Manning Crew on Hire for Marine Operation at SPMs and inside Harbour at Paradip for a period of seven years" has been published in the e-Procurement system Government of India. For further details, please log on to the Website : https://eprocure.gov.in/eprocure/app .

Dy. Conservator,
Paradip Port Authority

PPA/PR/21/2023-24, Dt.08/06/2023



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.12-SBP-TRD-OT-2023-24, ତା.07.06.2023ରିଖ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-SBP-TRD-OT-2023-24

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳରେ ଅମୃତ ଭାରତ ଯୋଜନା ଅନ୍ତର୍ଗତ ଝାରସୁଗୁଡ଼ା ରୋଡ୍, ସମ୍ବଲପୁର ସିଟି, ରେଢ଼ାଖୋଲ ଏବଂ ହୀରାକୁଦ ଠାରେ ପ୍ଲାଟଫର୍ମର ସଂପ୍ରସାରଣ ଏବଂ ଉପରକୁ ଉଠାଇବା, ଫୁଟ୍ ଓଭର ବ୍ରିଜ୍ (FOB), ପ୍ଲାଟଫର୍ମ ସେଲ୍ଟର ର ବ୍ୟବସ୍ଥା ନିମନ୍ତେ TRD ସମ୍ବନ୍ଧିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 90,92,046.01, EMD (ଟଙ୍କାରେ) : 1,81,900.00, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.06.2023 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-261/O/23-24



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.17/ET/SBP/ENGG/2023-24, ତା.08.06.2023ରିଖ

(1)ଇ-ଟେଣ୍ଡର ସଂ.14-eT-SDENE-SBP-23

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ଼ଠାରୁ ଶାରଳା-ସମ୍ବଲପୁର ସିଟି ଷ୍ଟେସନ ଏବଂ ସମ୍ବଲପୁର ରୋଡ଼ (Ex)ଠାରୁ କୁଜୁମୁରା (In) ସେକ୍ସନରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,95,27,732.79, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,47,700/-।

(2)ଇ-ଟେଣ୍ଡର ସଂ.15-eT-SDENE-SBP-23

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ କୁଜୁମୁରା (Ex)-କେରେଜାଙ୍ଗ (Ex) ମଧ୍ୟସ୍ଥ ସେକ୍ସନରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,44,73,445.33, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,22,400/-।

(3)ଇ-ଟେଣ୍ଡର ସଂ.16-eT-SDENE-SBP-23

**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର କୁଜୁମୁରା (Ex)-କେରେଜାଙ୍ଗ (Ex) ସେକ୍ସନ ମଧ୍ୟରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟ (ପୋଲ ମରାମତି କାର୍ଯ୍ୟ ନିମନ୍ତେ) ଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 69,82,227.00, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,39,700/-।

(4)ଇ-ଟେଣ୍ଡର ସଂ.17-eT-SDENE-SBP-23

**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ଼ ଠାରୁ ଶାରଳା-ସମ୍ବଲପୁର ସିଟି ଷ୍ଟେସନ ଏବଂ ସମ୍ବଲପୁର ରୋଡ଼ (Ex)ଠାରୁ କୁଜୁମୁରା (In) ସେକ୍ସନ ମଧ୍ୟରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟ (ପୋଲ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,08,69,260.00, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 24,04,400/-।

କାର୍ଯ୍ୟ ଶେଷ ହେବା ଅବଧି : 30.06.2024(ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ):** ତା.03.07.2022ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର

PR-263/O/23-24

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୪ ଜୁନ୍, ୨୦୨୩



## ମଦ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗାରବନ୍ଧ ଥାନା ପକ୍ଷରୁ ଚଢାଉ କରାଯାଇ ଦେଶୀ ମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଆନ୍ଧ୍ରର ପଲାସା ଥାନା ଅନ୍ତର୍ଗତ ମୋଲିଗିପାଡୁ ଗ୍ରାମର ଡି.ଆପ୍ପାଲାସୱାମୀ ଏକ ମୋପେଡରେ ମଦ ଚାଲାଣ କରୁଥିବା ବେଳେ ପୋଲିସ ବଡହଂସା ତୋଟାସାହି ନିକଟରେ ଚଢାଉ କରି ପ୍ରାୟ ୩୦ଲିଟର ମଦ ଜବତ କରିଥିଲା। ଏନେଇ ନଂ ୪୨/୨୩ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଆପ୍ପାଲାସୱାମୀଙ୍କୁ କୋର୍ଟ ଚାଲାଣ କରାଯାଇଥିବାର ଥାନା ଅଧିକାରୀ ଗୋବିନ୍ଦ ଗୌଡ ସୂଚନା ପ୍ରଦାନ କରିଛନ୍ତି ।

# ଘୁମୁସର ବନଖଣ୍ଡରେ ୧୯ ଲକ୍ଷ ଚାରାରୋପଣ ଯୋଜନା

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩୫୦ କିମି ନଦୀ କୂଳରେ ବୃକ୍ଷ ମେଳା ହେବ

ଭଞ୍ଜନଗର, ୧୩।୬(ବାବୁଲା ପ୍ରଧାନ):

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ଆସନ୍ତା ଜୁଲାଇ ୧ ରୁ ୭ ତାରିଖ ବନ ମହୋତ୍ସବ ସପ୍ତାହ ପାଳନ ହେବ। ଏହି ଅବସରରେ ବ୍ୟାପକ ଚାରାରୋପଣ କରିବା ଯୋଜନା ଅଛି। ଏଥିସହ ଜାପାନ ଇଣ୍ଟର୍‌ନ୍ୟାଶନାଲ କର୍ପୋରେଶନ ଏଜେନ୍ସି ମାଧ୍ୟମରେ ମଧ୍ୟ ଏହି ଦୁଇ ବନଖଣ୍ଡରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉଭୟ ବନଖଣ୍ଡରେ ବିଭିନ୍ନ ଯୋଜନାରେ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯିବ। ତେଣୁ ଉଭୟ ବନଖଣ୍ଡର ବିଭିନ୍ନ ନର୍ସରିରେ ଚାରା ଗଚ୍ଛିତ କରି ରଖାଯାଇଛି। ବର୍ଷା ଆରମ୍ଭ ହେଲେ ଜୁଲାଇ ପହିଲାରୁ ଚାରା ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ। ଏଥିସହ ଜଙ୍ଗଲ ଭିତରେ ହେବାକୁ ଥିବା ଚାରାରୋପଣ ପାଇଁ ଗାତ ଖୋଳା ସରିଛି। ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜର ଲାଲସିଂ, କେନ୍ଦ୍ରୀୟ ବନାଞ୍ଚଳର ସାଲୁଆପଲ୍ଲୀ, ଗାଲେରୀ ରେଞ୍ଜର ତିନିଚକିଆ, ତାରସିଂ ରେଞ୍ଜର ତାରସିଂ, ଜଗନ୍ନାଥପ୍ରସାଦ ସ୍ଥାୟୀ ନର୍ସରିରେ ଚାରା ଗଚ୍ଛିତ ରଖାଯାଇଛି। ଏହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡର ଆସିକା, ବଡଗଡ଼, ସୋରଡ଼ା, ପୋଲସରା, ବୁଗୁଡ଼ା ରେଞ୍ଜର ବିଭିନ୍ନ ସ୍ଥାୟୀ ଏବଂ ଅସ୍ଥାୟୀ ନର୍ସରିରେ ଚାରା ପ୍ରସ୍ତୁତ କରି ରଖାଯାଇଛି। ଚଳିତବର୍ଷ ପ୍ରଥମ ଥର ପାଇଁ ବୃକ୍ଷ ମେଳା ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ କେନାଲ ଓ ନଦୀ କୂଳରେ ୨୫୦ କିମି ଚାରାରୋପଣ ହେବ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଉକ୍ତ ଚାରାରୋପଣ ହେବ। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡରେ ୧୦୦ କିମି ଚାରାରୋପଣ ହେବ। ଏଥିସହ ଉତ୍ତର ଘୁମୁସର ବନଖଣ୍ଡର ୧୦୭୫ ହେକ୍ଟର ଜଙ୍ଗଲରେ ୪ ଲକ୍ଷ ୨୫ ହଜାର ୫୫୦ ଚାରାରୋପଣ ହେବ। ସାଧାରଣ ଲୋକଙ୍କୁ ୨ ଲକ୍ଷ ୫୩ ହଜାର ଚାରା ୧ ଟଙ୍କାରେ ବଣ୍ଟନ କରାଯିବ। ଦକ୍ଷିଣ ଘୁମୁସର ବନଖଣ୍ଡରେ ଲୋକଙ୍କୁ ୮ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରାଯିବ। ଏଥିସହ ୧୧୫୫ ହେକ୍ଟର ଜଙ୍ଗଲ ମଧ୍ୟରେ ଖାଲିଥିବା ଅଞ୍ଚଳରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ ହେବ। ଏନେଇ ଉଭୟ ବନଖଣ୍ଡ ଦାୟିତ୍ୱରେ ଥିବା ଡିଏଫଓ ସୁଦର୍ଶନ ବେହେରା କହିଛନ୍ତି ଯେ, ଚାରାରୋପଣ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି।


ନର୍ସରିରେ ଚାରା ଗଚ୍ଛିତ ରଖାଯାଇଛି।

## ବିଦ୍ୟାଳୟକୁ ଟିଭି ବଣ୍ଟନ

ଧରାକୋଟ, ୧୩।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଏଣିକି ଦୂରଦର୍ଶନ ମାଧ୍ୟମରେ ପାଠ ପଢ଼ିବେ। ୨୦୨୬/୨୭ ସୁଦ୍ଧା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ହାସଲ କରିବେ। ଶିକ୍ଷଣକୁ ଆକର୍ଷଣୀୟ କରିବା ସହ ଶୁଣିବା ଓ କହିବା ଯେପରି ସୁଗମ ହେବ ସେଥିପାଇଁ ଦୂରଦର୍ଶନ ମାଧ୍ୟମରେ ପାଠ ପଢ଼ାଯିବ। ବ୍ଲକରେ ରହିଛି ୧୦୫ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ସେଥିରୁ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ମିଶିକି ରହିଥିବା ୨୮ ବିଦ୍ୟାଳୟକୁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଶିକ୍ଷା ପ୍ରାଧିକରଣ ଅଥରିଟି ତରଫରୁ ୪୩ ଇଞ୍ଚର ସାମସଙ୍ଗ ଏଲଇଡି ଟିଭି ପ୍ରଦାନ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ହୋତା, ଉମା ଚରଣ ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଏହା ପ୍ରଦାନ କରାଯାଇଥିଲା। ବିଇଓ କାର୍ଯ୍ୟାଳୟ ତରଫରୁ ପ୍ରଣୟ ପଟ୍ଟନାୟକ, ଆକାଶ ପାତ୍ର ଓ ଲମ୍ବୋଦର ପାଢ଼ୀ ଏଥିରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୨ଭାଇଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼, ୭ ଗିରଫ

ଆସିକା,୧୩।୬(ସୁରେନ୍ଦ୍ର ନାଥ ସାହୁ): ଗାଙ୍ଗପୁର ଥାନା ଅନ୍ତର୍ଗତ ମହୁଲପଲ୍ଲୀ ଗ୍ରାମରେ ରବିବାର କେ.ସୁନ୍ଦରାପଲ୍ଲୀ ଗ୍ରାମର ୨ ଭାଇ ରଞ୍ଜିତ ମଲିକ ଓ ଅମିତ ମଲିକଙ୍କୁ ଖୁଣ୍ଟରେ ବାନ୍ଧି ମାଡ ମରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ସୋମବାର ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀପ ମଲିକ, ତାରିଣୀ ମଲିକ, ଟିଟୁ ମଲିକ, ପାଣ ମଲିକ, ଅଜୟ ମଲିକ, ତାରିଣୀ ମଲିକ, ଶ୍ରୀକନ୍ତ ମଲିକ। ଅଭିଯୁକ୍ତମାନଙ୍କ ଘର ରାମନାପଲ୍ଲୀ ଗ୍ରାମରେ। ପୋଲିସ ୪୩୫/୨୩ରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସୁନ୍ଦରାପଲ୍ଲୀ ଗ୍ରାମର ବିଳାସିନୀ ମଲିକ ଓ ତାଙ୍କ ଦୁଇ ପୁଅ ରଞ୍ଜିତ ଓ ଅମିତ ଭୋଜି ଖାଇବା ଲାଗି ମହୁଲପଲ୍ଲୀ ଗ୍ରାମକୁ ଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏହି ଦୁଇ ଭାଇଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କୁ ଉଦ୍ଧାର କରିଥିଲା।

### ଯୌତୁକ ନିର୍ଯାତନା ମାମଲା, ସ୍ୱାମୀ ଗିରଫ

ପାରଳାଖେମୁଣ୍ଡି, ୧୩।୬(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନାରେ ଏକ ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଚିନ୍ତାପଲ୍ଲୀ ଗ୍ରାମର ଏମ. ସୋମେଶୁ ତାଙ୍କ ସ୍ତ୍ରୀ ଏମ. ମୋହିନୀଙ୍କୁ ଯୌତୁକ ଜନିତ ନିର୍ଯାତନା ଦେଉଥିଲେ। ଏନେଇ ମୋହିନୀ ଗାରବନ୍ଧ ଥାନାରେ ଅଭିଯୋଗ କରିଥିଲେ। ତେବେ ସୋମେଶୁ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ଚାପ ପକାଇଥିଲେ । ହେଲେ ମୋହିନୀ ମାନି ନଥିବାରୁ ସୋମେଶୁ ନିଜ ଝିଅ ଏବଂ ପତ୍ନୀ ମୋହିନୀଙ୍କୁ ନିସ୍ତୁକ ପିଟିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଗାରବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ ଅନୁସନ୍ଧାନ କରିବା ପରେ ଅଭିଯୁକ୍ତ ସୋମେଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଦେଇଛନ୍ତି। ଏନେଇ ଥାନାରେ ୪୩/୨୩ରେ ଏକ ମାମଲା ରୁଜୁ କରାଯାଇଛି।

### ପୋଖରୀରେ ବୁଡ଼ି ଜଣେ ମୃତ

ପୋଲସରା,୧୩।୬ (ସୁବ୍ରତ ବେହେରା): ପୋଲସରା ଥାନା ଅଧୀନ ଢୁଙ୍କାପଡ଼ା ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଜୟ ପ୍ରଧାନ। ବିଜୟ ପୋଖରୀକୁ ଶୌଚ ହେବା ଲାଗି ଯାଇଥିବା ବେଳେ କୌଣସି କାରଣରୁ ଗୋଡ଼ ଖସି ଯାଇଥିଲା। ଫଳରେ ପାଣିରେ ବିଜୟ ବୁଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ପୂର୍ବତନ ସରପଞ୍ଚ ପ୍ରତିନିଧି ବସନ୍ତ ଜେନା, ପୂର୍ବତନ ସମିତି ସଭ୍ୟ ବିଦ୍ୟାଧର ଭୂୟାଁ ଓ ଗ୍ରାମର ଯୁବଗୋଷ୍ଠୀଙ୍କ ସହଯୋଗରେ ପୋଲସରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ.୫/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ମୃତ ଅଧ୍ୟକ୍ଷାଙ୍କ ପରିବାରଙ୍କୁ ଭେଟିଲେ ବୁଗୁଡା ବ୍ଲକ ଅଧ୍ୟକ୍ଷା

ବୁଗୁଡା,୧୩।୬(କାଳୀଚରଣ ଦାଶ): ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନିତା ସେଠୀଙ୍କ ଅକାଳ ବିୟୋଗ ଘଟିଛି। ଖବର ପାଇ ବୁଗୁଡା ବ୍ଲକ ଅଧ୍ୟକ୍ଷା କେ ପ୍ରିୟଦର୍ଶିନୀ ଆଚାରୀ ଏବଂ ପ୍ରତିନିଧି କେ. ନୀଳମାଧବ ଆଚାରୀ, ପୋଲସରା ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ ପ୍ରମୁଖ ମଙ୍ଗଳବାର ମୃତ ଅଧ୍ୟକ୍ଷାଙ୍କ ପରିବାରରୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ମୃତ ସୁନିତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଆଇଟିଆଇରେ ପ୍ରଥମ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଅତିଥିମାନେ ଜଣେ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଏଠାରେ ପାଠ ପଢ଼ିବା ପାଇଁ ସର୍ବନିମ୍ନ ବୟସ ୧୪ବର୍ଷ

ଦାରିଙ୍ଗବାଡି,୧୩।୬(ଅରୁଣ ସାହୁ)

ଦାରିଙ୍ଗବାଡି ସରକାରୀ ଆଇଟିଆଇରେ ମଙ୍ଗଳବାର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆଇଟିଆଇର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଡିଓ ଗଦାଧର ପାତ୍ର, ଅନ୍ୟତମ ଅତିଥି ଭାବେ ତହସିଲଦାର ଡ. ଅଶୋକ କୁମାର ଦାସ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ଯୋଗଦାନ କରିଥିଲେ। ଆଇଟିଆଇର ଶିକ୍ଷୟିତ୍ରୀ ସରୋଜିନି ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଆଇଟିଆଇର ଅଧ୍ୟକ୍ଷ ସାହୁ ଆଇଟିଆଇ ଶିକ୍ଷାର ଫାଇଦା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅନୁଷ୍ଠାନରେ ଶିକ୍ଷା ପାଇବାକୁ ହେଲେ ଅତି କମରେ ବୟସ ସୀମା ମାତ୍ର ୧୪ବର୍ଷ ରହିଛି। ତେଣୁ ଏହି ବୟସଠାରୁ ଊର୍ଦ୍ଧ୍ୱ ଯେମିତି ଜଣେ ଗୃହିଣୀ, ଶ୍ରମିକ ହେଉ ବା ଯେକୌଣସି କାର୍ଯ୍ୟ କରୁଥିଲେ ସୁଦ୍ଧା ରୋଜଗାରରେ ସଫଳତା ପାଉ ନ ଥିବେ ସେଭଳି ବ୍ୟକ୍ତିମାନେ ଏହି ଶିକ୍ଷାର ବିଭିନ୍ନ ବିଭାଗରେ ନାମଲେଖାଇ ନିଜ ଦକ୍ଷତା ବୃଦ୍ଧି କରି ସ୍ୱରୋଜଗାର କରିପାରିବେ ବୋଲି କୁହାଯାଉଥିଲା। ଅତି ଦୁର୍ଗମ ସେହିପରି ଜିଲାର କୋଟଗଡ଼ ଆଇଟିଆଇର ଛାତ୍ରୀ ସାରନ ନାୟକ ଗତ ମାସରେ ସରକାରଙ୍କ ଖର୍ଚ୍ଚରେ ସିଙ୍ଗାପୁର ଗସ୍ତରେ ଯାଇଥିଲେ ସେଠାକାର ଉନ୍ନତ ମାନର ବୈଷୟିକ ଶିକ୍ଷାର ବିକାଶ ସମ୍ପର୍କରେ ନିଜ ଅନୁଭୂତି ଉପସ୍ଥିତ ନିଜ ସହପାଠୀ ଓ ଅତିଥିଙ୍କୁ କହିଥିଲେ। ସେହିପରି ବିଧାୟକ ପ୍ରଧାନ ଆଇଟିଆଇରେ ଆହୁରି ଯେମିତି ଅଧିକା ଛାତ୍ରୀଛାତ୍ର ଶିକ୍ଷା ପାଇବେ ସେ ନେଇ ସିଟ୍ ବୃଦ୍ଧି କରାଯିବାକୁ ପଦକ୍ଷେପ ନେବାକୁ ସେ ଆଇଟିଆଇର ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ କିଛି ପୁରାତନ ଛାତ୍ରୀଛାତ୍ର, ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବାଇକ୍ ଦୁର୍ଘଟଣା ମାଉସୀ ମୃତ, ପୁତୁରା ଗୁରୁତର

ମୋହନା,୧୩।୬(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ଥାନା ଦମାଦୁଆ ଗ୍ରାମ ନିକଟରେ ମଙ୍ଗଳବାର ବାଇକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦାର୍ଶିଙ୍ଗବାଡ଼ି ଗ୍ରାମର ହେମନ୍ତୀ ନାୟକ। ଆହତ ଜଣକ ତାଙ୍କ ପୁତରା କନ୍ଧମାଳ ଜିଲା ସାରାମୂଳି ପଞ୍ଚାୟତ ଅନ୍ତର୍ଗତ ବୁଡୁସୁଲା ଗ୍ରାମର ଜୟନ୍ତ ବଳିଆରସିଂ। କୌଣସି ଘରୋଇ କାର୍ଯ୍ୟରେ ଅଡବା ଆସି ନିଜ ଗ୍ରାମକୁ ବାଇକରେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ବାଇକଟି ଦମାଦୁଆ ଗ୍ରାମ ନିକଟ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ହେମନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଆହତ ଜୟନ୍ତଙ୍କୁ ପ୍ରଥମେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଡବା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହ ହେମନ୍ତୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

## ସୁନା ଅଳଙ୍କାର, ଲକ୍ଷାଧିକ ଟଙ୍କା ଲୁଟ୍

ଦିଗପହଣ୍ଡି,୧୩।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୁଞ୍ଜିକୟାଁ ଛକ ପୁଡାମାରୀ ରୋଡରେ ରହୁଥିବା କୁନା ବିଷୋୟୀଙ୍କ ତାଲା ବନ୍ଦ ଥିବା ଘରୁ ୧ ଲକ୍ଷ ୮୫ ହଜାର ଟଙ୍କା ଏବଂ ପ୍ରାୟ ୬୦ ଗ୍ରାମ ଓଜନର ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ କୁନାଙ୍କ ସ୍ତ୍ରୀ ସ୍ୱପ୍ନାରାଣୀ ଘର ଖୋଲିବାକୁ ଯିବାବେଳେ ଭିତର ପଟୁ ତାଲା ପଡିଥିବା ଦେଖିଥିଲେ। ପରେ ପଡୋଶୀ ଦୋକାନର ସିଡି ରାସ୍ତାରେ ଘରକୁ ଯାଇ ଭିତର ପଟ ତାଲା ଭଙ୍ଗାଯିବା ପରେ ଘରୁ ଟଙ୍କା ଏବଂ ସୁନା ଅଳଙ୍କାର ଚୋରି ହୋଇଥିବା ଜଣାପଡିଥିଲା। ଦୁର୍ବୃତ୍ତମାନେ ଛାତ ଉପର ପଟରୁ ଘରେ ପଶି ଆଲମିରା ଭାଙ୍ଗି ଏଭଳି ଚୋରି କରିଥିବା ଅନୁମାନ କରାଯାଉଛି। ସ୍ୱପ୍ନାରାଣୀଙ୍କ ଏତଲା କ୍ରମେ ପୋଲିସ ନଂ. ୨୧୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ମଙ୍ଗଳବାର ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି।

## ୬ ଦଫା ଦାବିରେ ଆମ୍ବୁଲାନ୍ସ କର୍ମଚାରୀଙ୍କ ସ୍ମାରକପତ୍ର

ପାରଳାଖେମୁଣ୍ଡି, ୧୩।୬ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲାରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ୬ ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜିଲା ପ୍ରଶାସନ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ, ୨୦୧୩ରୁ ୧୦୮ ଆମ୍ବୁଲାନ୍ସ ସମସ୍ତ କର୍ମଚାରୀ ଯଥା ଇଏମଟି, ଚାଳକ ଓ ସହାୟକ ନିଷ୍ଠାପୂର୍ଣ୍ଣ ଭାବେ କାମ କରିଆସୁଅଛୁ। କିନ୍ତୁ ସରକାର ସର୍ବନିମ୍ନ ସୁବିଧା ମଧ୍ୟ କରିନାହାନ୍ତି । ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନିୟମିତ କରାଯାଉ ନଚେତ ସ୍ୱତନ୍ତ୍ର ପ୍ୟାକେଜରେ ୮ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମଟିଙ୍କୁ ୩୦ହଜାର ଟଙ୍କା, ଚାଳକଙ୍କୁ ୨୫ହଜାର ଟଙ୍କା, ଆଟେଣ୍ଡାଣ୍ଟଙ୍କୁ ୨୦ହଜାର ଏବଂ ଆଡଭାନ୍ସ ଲାଇଫ ସପର୍ଟ ଇଏମଟିଙ୍କୁ ୩୫୦୦୦ ଟଙ୍କା ଦିଆଯିବା, ବାର୍ଷିକ ଦରମା ବୃଦ୍ଧି କରିବା, କୌଣସି ଆକ୍ରୋଶର ଶିକାର ହେଲେ ଆକ୍ରମଣକାରୀଙ୍କୁ ସ୍ୱତନ୍ତ୍ର ଦଣ୍ଡବିଧାନ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସଂଘ ସହତି ଆଲୋଚନା କରିବା, ଆମ୍ବୁଲାନ୍ସ ଧୋଇବା ପାଇଁ ସୁବିଧା, କର୍ମୀଙ୍କ ଆକସ୍ମିକ ମୃତ୍ୟୁ ଘଟିଲେ ଅନୁକମ୍ପା ରାଶି ବାବଦରେ ୨୦ଲକ୍ଷ ଟଙ୍କା ପ୍ରଦାନ କରିବା ଏବଂ ଅକର୍ମଣ୍ୟ ହେଲେ ୧୦ଲକ୍ଷ ଟଙ୍କା ପ୍ରଦାନ କରିବା ଆଦି ଦାବି ରଖିଛନ୍ତି। ଏହି ସ୍ମାରକ ପତ୍ର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ପ୍ରଦାନ ବେଳେ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ


କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ସୋରଡା, ୧୩।୬ (ଲମ୍ବୋଦର ପାଣିଗ୍ରାହୀ):

ସୋରଡା ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ ସ୍ଥାନୀୟ ସରାବାଡି ପଞ୍ଚାୟତରେ ଶୁଭାରମ୍ଭ ହୋଇଛି। କନ୍ଧୁଣି ଦେବୀ ମନ୍ଦିର ପରିସରରେ ଆୟୋଜିତ ସମାରୋହରେ 'ପରିବର୍ତ୍ତନର ସ୍ୱର' ଶୀର୍ଷକ ଆଲୋଚନା ହୋଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳମଣି ବିଶୋଇ, ବିସ୍ତାରକ ସନ୍ତୋଷ କୁମାର ବିଶାଳ, ଘୁମୁସର ଜିଲା ସାଧାରଣ ସମ୍ପାଦକ ନାରାୟଣ ବେହେରା, ଆସ୍କା କାଉନ୍‌ସିଲର ସରୋଜ ଭଞ୍ଜ, ଯୁବ ସମ୍ପାଦକ ନାରାୟଣ ଗଉଡ, ମଣ୍ଡଳ ସଭାପତି ବୁଲୁ ସ୍ୱାଇଁ, ରାଧାମୋହନ ସ୍ୱାଇଁ, ଭଗବାନ ମୁନି ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନେତା ବନମାଳୀ ସ୍ୱାଇଁ, ଏନ୍‌ଏସି ସଭାପତି ଭି.ଜଗଦୀଶ ରାଜୁ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ଘରେ ଘରେ ପହଞ୍ଚାଇବା ସହ ଦଳର ଶୃଙ୍ଖଳିତ ସୈନିକ ହିସାବରେ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ବିଶୋଇ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀ ନିର୍ବାଚନମଣ୍ଡଳୀର ୪୪ଟି ପଞ୍ଚାୟତରେ କ୍ରମାଗତ ଅନୁଷ୍ଠିତ ହେବ ବୋଲି ମଣ୍ଡଳ ସଭାପତି ବୁଲୁ ସ୍ୱାଇଁ କହିଛନ୍ତି।

## ଡାକ୍ତରଙ୍କୁ ମାଡ଼ ମାରିବା ଅଭିଯୋଗରେ ଯୁବକ ଅଟକ

ବେଗୁନିଆପଡ଼ା,୧୩।୬ (ସୁଶାନ୍ତ ପଟ୍ଟନାୟକ)

ନିଶାଶକ୍ତ ହୋଇ ମେଡିକାଲ ଭିତରେ ପଶିଲେ। ଷ୍ଟାଫ୍‌ମାନଙ୍କୁ ମନଇଚ୍ଛା ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କଲେ। ଡାକ୍ତର ଘଟଣା ସ୍ଥଳରେ ପହଞ୍ଚିବା ପରେ ଡାକ୍ତରଙ୍କୁ ପିଟିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଅଟକ ରଖିଥିବା ଜଣାପଡ଼ିଛି। ମଧ୍ୟାହ୍ନ ୧୨ଟା ସମୟରେ କୋଦଳା ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ରହୁଥିବା ସୁନୀଲ ନାହାକ ଜଣେ ରୋଗୀଙ୍କ ଡ୍ରେସିଂ କରିବାକୁ ପହଞ୍ଚିଥିଲେ। ତେବେ ଡ୍ରେସିଂ କରିବାରେ କିଛି ସମୟ ବିଳମ୍ବ ହେବାରୁ ଉତକ୍ଷିପ୍ତ ହୋଇ ଷ୍ଟାଫ୍‌ମାନଙ୍କୁ ମନଇଚ୍ଛା ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ମହିଳା କର୍ମଚାରରମାନଙ୍କୁ ଧମକାଇଥିଲେ। ଏହା ଶୁଣି ଡାକ୍ତର ଜୟଦେବ ନାୟକ ପହଞ୍ଚି ବୁଝାସୁଝା କରିବା ସମୟରେ ଡାକ୍ତରଙ୍କୁ ମାଡ଼ ମାରିଥିଲେ। ମେଡିକାଲ ସିକ୍ୟୁରିଟିଗାର୍ଡମାନେ ଅଟକାଇବା ସହ କୋଦଳା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ସୁନୀଲଙ୍କୁ ଥାନାକୁ ଆଣି ଅଟକ ରଖିଛି।

## ଏନ୍‌ଏସିର ସମସ୍ୟା ନେଇ ଆଲୋଚନା କଲେ ଅଧ୍ୟକ୍ଷା

ଆସିକା, ୧୩।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସିର ବିଭିନ୍ନ ସମସ୍ୟା ନେଇ ଅଧ୍ୟକ୍ଷା ବିନେତା ସ୍ୱାଇଁ ସୋମବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସହ ଅଭିଯୋଗ ଶୁଣାଣିରେ ଆଲୋଚନା କରିଥିଲେ । ଆସିକା ସହରର ବନ୍ଦୋବସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଜନସାଧାରଣଙ୍କ ଘରବାରି କିଣାବିକା କରିବା, ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନ ମାଧ୍ୟମରେ ଜମି ପଟ୍ଟା ପ୍ରଦାନ, ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ଲାଗି ଟିପିସର ନାଳର ପୁନରୁଦ୍ଧାର ଓ ସ୍ଥାୟୀ ପ୍ରତିକାର, ସୁନାମ୍ବସାହି ଠାରୁ ଋଷିକୁଲ୍ୟା ସେତୁ ପର୍ଯ୍ୟନ୍ତ ଋଷିକୁଲ୍ୟା ନଦୀ ହିଡରେ ଓ ବିଜୁ ପଟ୍ଟନାୟକ ଛକ ଠାରୁ ପାକଲାପଲ୍ଲୀ ପର୍ଯ୍ୟନ୍ତ ବଡ ନଦୀ ହିଡରେ ରିଙ୍ଗ ରୋଡ ନିର୍ମାଣ, ଆସିକା ଏନଏସିକୁ ମ୍ୟୁନିସିପାଲିଟି ଘୋଷଣା ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିଲାପାଳ ବିଭିନ୍ନ ସମସ୍ୟାର ସମାଧାନ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ ଅବସରରେ ଜିଲାପାଳ ନିର୍ମାଣାଧିନ ହରିହର ହାଇସ୍କୁଲ ମିନି ଷ୍ଟାଡିୟମ ପରିଦର୍ଶନ କରି ଅତ୍ୟାଧୁନିକ ଖେଳ ସାମଗ୍ରୀ ବ୍ୟବସ୍ଥା ସହ ଏହି ଷ୍ଟାଡିୟମକୁ ନୂଆ ରୂପ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସହରମଧ୍ୟରେ ଟିପିସର ନାଳ ଉପରେ ନିର୍ମାଣାଧିନ ସେତୁ କାର୍ଯ୍ୟ ତଦାରଖ କରିବା ସହ ପରିବା ମାର୍କେଟର ଅଧିକ ଜମି ଅଧିଗ୍ରହଣ କରି ଭେଣ୍ଡିଂ ଜୋନ ନିର୍ମାଣ, ଉପଖଣ୍ଡ ଚିକିତ୍ସାଳୟରେ ଚାଲିଥିବା ରୂପାନ୍ତରିଣ କାର୍ଯ୍ୟକ୍ରମ ମଧ୍ୟ ଅନୁଧ୍ୟାନ କରି ତୁରନ୍ତ ସାରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ବ୍ରିଜ୍ ନିର୍ମାଣ ଆରମ୍ଭ କଲେ ୧୫ ଆଦିବାସୀ ଗାଁ

ପାତ୍ରପୁର, ୧୩।୬(ଉମାଚରଣ କର)

ଗାଁକୁ ଯିବା ପାଇଁ ପକା ରାସ୍ତା ନ ଥିବାରୁ ଜାମୁଗଣ୍ଡ ମୁକୁଳା ନାଳ ପାର ହେବାକୁ ପଡୁଛି। ନଦୀର ଉପର ମୁଣ୍ଡରେ ବର୍ଷା ହେଲେ ନାଳରେ ବଢି ଆସିଯାଏ ଆଉ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଏଥିପାଇଁ ନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀଙ୍କ ପାଖରେ ବାରମ୍ବାର ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା । ଶେଷରେ ବାଧ୍ୟ ହୋଇ ଉକ୍ତ ଗ୍ରାମବାସୀ ନିଜ ସମର୍ଥ ଅନୁଯାୟୀ ଟଙ୍କା ଆଦାୟ କରି ନାଳ ଉପରେ ଛୋଟିଆ ବ୍ରିଜ ନିର୍ମାଣ ପାଇଁ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି। ଏମିତିଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ବୁରାତାଲ ପଞ୍ଚାୟତରେ। ଗତ ଏକ ବର୍ଷ ଧରି କମଳାଖତ, ନୂଆଁସାହି, ସାନ ଅଞ୍ଚୁପା, ଜେନା ସାହି, ବଡ ଅଞ୍ଚୁପା, ମୁଣ୍ଡେଇସିଙ୍ଗି, କୁଶମଳା, ମଙ୍ଗିଷିଖତ, ବଡ ସଚାରୁ, ସାନ ସଚାରୁ, କାନ୍ତିଗାଁ, ବଡ ଅଞ୍ଜାଗୁଲି, ବାତ୍ରା ସାହି, ସାନଗାଁ, ସାନଅଞ୍ଜାଗୁଲି, ବିଲୁଗାଁ ପ୍ରମୁଖ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ବ୍ରିଜ ନିର୍ମାଣ ପାଇଁ ଦାବି କରିଆସୁଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ କାର୍ଯ୍ୟ ପନ୍ଥା ଗ୍ରହଣ କରି ନ ଥିବା ଦେଖିବାକୁ ମିଳିଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ଆଗୁଆ ସଜାଗ ହୋଇ ଉକ୍ତ ଗ୍ରାମବାସୀ ତିରିଶ ହଜାର ଟଙ୍କା ଚାନ୍ଦା ବାହାର କରି ଜାମୁଗଣ୍ଡ ନାଳ ଉପରେ ଏକ ଛୋଟିଆ ବ୍ରିଜ ନିର୍ମାଣ ପାଇଁ ଅଣ୍ଟା ଭିଡିଥିଲେ। ଜେସିବି ମାଧ୍ୟମରେ ପଥରଗୁଡିକୁ ବାହାର କରି ରାସ୍ତା ସଫା କରାଯାଇଥିବା ବେଳେ ନାଳ ମୁଖ୍ୟ ସ୍ରୋତ ନିକଟରେ ପିଲ୍ଲାର କାମ ଆରମ୍ଭ କରିଥିଲେ। ହେଲେ ଗ୍ରାମବାସୀ ଆଦାୟ କରିଥିବା ଚାନ୍ଦା ସମୁଦ୍ରକୁ ଶଙ୍ଖେ ଥିଲା ଏବଂ ଦୁଇଟି ପିଲ୍ଲାର କାମରେ ସମସ୍ତ ଟଙ୍କା ସରିଯାଇଥିଲା । ବର୍ତ୍ତମାନ ସେମାନେ ନିରୁପାୟ ହୋଇ ଭାଗ୍ୟକୁ ଆଦରି ବସିଛନ୍ତି । ପୁଣି ଥରେ ଚାନ୍ଦା ବାହାର କରିବା ପାଇଁ ଗ୍ରାମବାସୀ ଆଲୋଚନା କରୁଥିବା ଜଣା ପଡିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ପାତ୍ରପୁର ବ୍ଲକର ଉକ୍ତ ଅଞ୍ଚଳଗୁଡ଼ିକରେ ସରକାରୀ ଯୋଜନା ବାଟବଣା ହୋଇ ପଡିରହିଛି । ସୂଚନାଥାଉ କି ଉକ୍ତ ଗ୍ରାମବାସୀ ସମସ୍ୟାର ସମାଧାନ ପାଇଁ ବିଡିଓଙ୍କୁ ଜଣାଇଥିବା ବେଳେ ନାଳରେ ବଢି ଆସିଲେ ତାର ବାନ୍ଧି ନାଳ ପାର ହେବାର ନଜିର ରହିଛି । ଏମିତିକି ୨୦୨୧ରେ ଜଣେ ଯୁବକ ପାଣିରେ ବୁଡ଼ିଯାଇଥିଲେ । ନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ଗତବର୍ଷ ଜୁଲାଇରେ ପ୍ରଶାସନ ପକ୍ଷରୁ ସମୀକ୍ଷା ମଧ୍ୟ କରାଯାଇଥିଲା । ଏମିତି କି ପାତ୍ରପୁର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଗୁହାରି କରିଥିଲେ । ତଥାପି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।


ବ୍ରିଜ୍ ନିର୍ମାଣ କରୁଛନ୍ତି ଗ୍ରାମବାସୀ।

### ଶୁଣିଲାନି ପ୍ରଶାସନ

# ମୃତ୍ତିକା ବିଶୋଧନ

ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ବିଶୋଧକ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପଜମିଗୁଡିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡି ସହି ପାରୁଥିବା ଧାନ



କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ। ଧାନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡ଼ି,ହରଡ଼, ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ଚୟନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ।

# ଉନ୍ନତ ସାରୁ କିସମ



ଜଳସେଚନର ସୁବିଧା ଥିଲେ ଏଇ ମାସରେ ମଧ୍ୟରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ, ଟୋପି,ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଅା ବିହନ ଆକାରରେ ବ୍ୟବହାର କରାଯାଏ। ପୁଅାଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ହେଲେ ଭଲ। ଏକ ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ ଗଭୀର ଚାଷକରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

# ଫଳ ଚାରା ପାଇଁ ଜମି ପ୍ରସ୍ତୁତି

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ। ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:- ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି. x୧ ମି. , କଦଳୀ – ୦.୫ ମି. x ୦.୫ ମି.x ୦.୫ ମି. ଏବଂ କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛ ଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହିତ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ। ବାତ୍ୟାରେ ଭାଙ୍ଗି ପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫା କରି ଖାତରେ କମ୍ପୋଷ୍ଟ ଭରି ଦିଅନ୍ତୁ।



# ଭେଣ୍ଡି ଫସଲରେ ରୋଗ ପୋକ ନିୟନ୍ତ୍ରଣ



ପ୍ରତ୍ୟୁଷ ପଣ୍ଡା



ଭେଣ୍ଡି ଏକ ମୁଖ୍ୟ ପରିବା ଫସଲ। ଏହା ଓଡ଼ିଶାର ବହୁ ଭାବରେ ଚାଷ କରାଯାଏ। ଚାଷୀ ଭେଣ୍ଡି ଚାଷରୁ ଭଲ ଲାଭ ପାଇଥାଏ। ମାତ୍ର ଏହି ଫସଲରେ ଫଳବିନ୍ଧା ପୋକ, ପତ୍ରଡିଆଁ ପୋକ, ସାହେବୀ ରୋଗ ପରି ଅନେକ ରୋଗପୋକ ଆକ୍ରାନ୍ତ ହେଉଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୁଏ। ଏବେ ଭେଣ୍ଡି ଫସଲରେ ଦେଖାଯାଉଥିବା କିଛି ମୁଖ୍ୟ ରୋଗ ପୋକ ଏବଂ ତାହାର ନିୟନ୍ତ୍ରଣ ବିଷୟରେ ସୂଚନା ଦିଆଯାଉଛି। ଭେଣ୍ଡି ଫସଲରେ ଦେଖାଯାଉଥିବା ମୁଖ୍ୟ ପୋକ ମଧ୍ୟରେ-ପତ୍ରଡିଆଁ ପୋକ, ଧଳାମାଛି, ଫଳ ଓ କାଣ୍ଡବିନ୍ଧା ପୋକ, ନାଲି ବୁଢ଼ିଆଣୀ ଅଷ୍ଟପଦୀ, ଜଉପୋକ ଏବଂ ଦହିଆ ପୋକ।

**ପତ୍ରଡିଆଁ ପୋକ :** ଏହି ପୋକ ଆମ ରାଜ୍ୟର ପ୍ରତ୍ୟେକ ଜିଲାରେ ଦେଖାଯାଏ। ଏହାର ଅଣ୍ଡାଗୁଡିକ ଧଳାରୁ ଫିକା ହଳଦିଆ ହୋଇଥାଏ। ମାଈ ପତ୍ରଡିଆଁ ପୋକ ପତ୍ର ଧାରରେ ୧୭-୩୮ଟି ଅଣ୍ଡା ଦେଇଥାଏ। ୮-୧୦ ଦିନରେ ଏହି ଅଣ୍ଡା ଫୁଟେ ଏବଂ ଏହି ପୋକ ୫ଟି ନିର୍ମୋଚନ ଅତିକ୍ରମ କରି ପୂର୍ଣ୍ଣାଙ୍ଗ ପୋକରେ ପରିଣତ ହୁଏ। ଉଭୟ ଅର୍ଭକ ଓ ବୟସ୍କ ପୋକ ପତ୍ରର ତଳ ଭାଗରେ ଲାଗି ରହି ରସ ଶୋଷନ୍ତି। ଏହି ପୋକ ଲାଗିବାର ପ୍ରାଥମିକ ଲକ୍ଷଣଗୁଡିକ ହେଲା-ପତ୍ର ହଳଦିଆ ପଡ଼ିଯାଏ ଏବଂ ପରେ ପତ୍ର ଧାର ପୋଡ଼ି ଯାଇ ପତ୍ର ଉପରକୁ ମୋଡି ହୋଇଯାଏ।

**ପରିଚାଳନା :** ପତ୍ରଡିଆଁ ପୋକ ସହଣୀ ଓ ପ୍ରତିରୋଧକ ବିହନ କିସମ ଚୟନ କରନ୍ତୁ। ଏଗୁଡିକ ମଧ୍ୟରେ ରହିଛି-ଆଇସି-୭୧୯୪, ଆଇସି-୧୩୯୯୯ ଏବଂ ପଞ୍ଜାବ ପଦ୍ମିନୀ। ଅନୁମୋଦିତ ଦୂରତାରେ ବିହନ ଲଗାନ୍ତୁ। ଅନୁମୋଦିତ ଖତସାର ପ୍ରୟୋଗ କରିବାକୁ ଭୁଲନ୍ତୁ ନାହିଁ। ଗୋଟିଏ କଥା ମନେରଖିବେ-କୌଣସି ମତେ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବେ ନାହିଁ। ରାସାୟନିକ ପ୍ରଣାଳୀରେ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଏସିଟାମିପ୍ରିଡ ୨୦ ପ୍ରତିଶତ, ଏସଲି ୩୦ ଗ୍ରାମ ପ୍ରତି ଏକର କିମ୍ବା ଟୋଲଫିନପ୍ୟାରେଡ୍ ୧୫ ପ୍ରତିଶତ ଇସି ୪୦୦ ମିଲି (୪୦ ମିଲି/ଟ୍ୟାକ୍) କିମ୍ବା ଇମିଡାକ୍ଲୋପ୍ରିଡ ୧୭.୮ ପ୍ରତିଶତ, ଏସ୍‌ଏଲ୍ ୬୦ ମି.ଲି. (୬ ମିଲି/ଟ୍ୟାକ୍) କିମ୍ବା ଫ୍ଲୁପାଇଡିଫ୍ୟୁରାନ୍ ୧୭.୦୯ ପ୍ରତିଶତ, ଏସ୍‌ଏଲ୍ ୨୦୦ ମି.ଲି. (୨୦ ମି.ଲି./ଟ୍ୟାକ୍) ପ୍ରୟୋଗ କରନ୍ତୁ।

**ଧଳାମାଛି :** ଏହାର ପୂର୍ଣ୍ଣାଙ୍ଗ ପୋକ ଖୁବ୍ ଛୋଟ। ଏମାନଙ୍କର ରଙ୍ଗ ହଳଦିଆ ଓ କ୍ଷୀର ପରି ଧଳା ଅଠାଳିଆ ପାଉଡରରେ ଘୋଡ଼ାଇ ହୋଇଥାଏ। ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗ ପୋକ ପତ୍ରର ତଳ ଅଂଶର ରସ ଶୋଷନ୍ତି ଏବଂ ମଧୁ ଶିଶିର ଛାଡନ୍ତି। ଏହି ମଧୁ ଶିଶିର ଉପରେ କଳା ଫିମ୍ପି ମାଡ଼ିଯାଏ ଏବଂ ପତ୍ର କଳା ପଡି ଅଠାଳିଆ ହୋଇଯାଏ। ଏହି ପୋକ ସାହେବୀ ରୋଗ

> "ପତ୍ରଡିଆଁ ପୋକ ସହଣୀ ଓ ପ୍ରତିରୋଧକ ବିହନ କିସମ ଚୟନ କରନ୍ତୁ। ଏଗୁଡ଼ିକ ମଧ୍ୟରେ ରହିଛି-ଆଇସି-୭୧୯୪, ଆଇସି-୧୩୯୯୯ ଏବଂ ପଞ୍ଜାବ ପଦ୍ମିନୀ। ଅନୁମୋଦିତ ଦୂରତାରେ ବିହନ ଲଗାନ୍ତୁ। ଅନୁମୋଦିତ ଖତସାର ପ୍ରୟୋଗ କରିବାକୁ ଭୁଲନ୍ତୁ ନାହିଁ। ଗୋଟିଏ କଥା ମନେ ରଖିବେ-କୌଣସି ମତେ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବେ ନାହିଁ। ରାସାୟନିକ ପ୍ରଣାଳୀରେ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ।"

ଭୂତାଣୁର ବାହକ ଭାବରେ କାମ କରେ।

**ପରିଚାଳନା :** ଧଳା ମାଛିର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦ଟି ହଳଦିଆ ଅଠାଯନ୍ତା ବସାନ୍ତୁ। ପ୍ରତି ସପ୍ତାହରେ ଗୋଟିଏ ଗଛ ପ୍ରତି ୨ଟି କ୍ରାଇସୋପାର୍ଲ କର୍ନିଆ ଗ୍ରବ୍ ଛାଡନ୍ତୁ। ଏହି ପୋକର ନିୟନ୍ତ୍ରଣ ପାଇଁ ବ୍ୟୁଭେରିଆ ବାସିଆନା କଲଚର ପ୍ରତି ସପ୍ତାହରେ ଥରେ ଲଗାତର ଦୁଇ ସପ୍ତାହ ପ୍ରୟୋଗ କରନ୍ତୁ। ଏହାର ରାସାୟନିକ ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ ୧୭.୮ ପ୍ରତିଶତ ଏସ୍‌ଏଲ୍‌୬୦ ଗ୍ରାମ, ଥାୟୋମେଥୋକ୍ସାମ୍ ୨୫ ପ୍ରତିଶତ, ଡବ୍ଲ୍ୟୁଜି ୫୦ ଗ୍ରାମ, ଡାଇମିଡଥାଏଡ୍ ୩୦ ପ୍ରତିଶତ ଇ.ସି. ୩୦ ମି.ଲି . ପ୍ରତି ଟ୍ୟାକ୍‌ରେ ପକାଇ ପ୍ରୟୋଗ କରନ୍ତୁ।

**ନାଲି ବୁଢ଼ିଆଣୀ ଅଷ୍ଟପଦୀ :** ନାଲି ଅଷ୍ଟପଦୀ ଏକ କ୍ଷତିକାରକ ପୋକ। ମାର୍ଚ୍ଚରୁ ଅକ୍ଟୋବର ପର୍ଯ୍ୟନ୍ତ ଏହି ପୋକ ସକ୍ରିୟ ରହନ୍ତି। ଶୀତଦିନେ ନିଷ୍କ୍ରିୟ ରହନ୍ତି। ଉତ୍ତାପ ବଢ଼ିବା ସହ ଜାଲ ତିଆରି କରି ପତ୍ରର ତଳ ଭାଗରେ ୬୦-୮୦ଟି ଅଣ୍ଡା ଦିଅନ୍ତି। ଅଣ୍ଡାଗୁଡିକ ଗୋଲାକାର ଏବଂ ୨-୬ ଦିନରେ ଫୁଟେ। ଲାର୍ଭା ଫିକା ଧୂସର ରଙ୍ଗର ଏବଂ ତିନି ଯୋଡ଼ା ଗୋଡ଼ ଥାଏ। ଶୁକ ପତ୍ରର ତଳ ଭାଗରୁ ରସ ଶୋଷେ ଓ ୩-୪ ଦିନରେ ଅର୍ଭକକୁ ପରିବର୍ତ୍ତନ ହୁଏ। ଏହାର ଚାରି ଯୋଡ଼ା ଗୋଡ଼ ଥାଏ। ଏହା ୯-୧୯ ଦିନରେ ତାହାର ଜୀବନଚକ୍ର ଶେଷକରେ। ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗ କ୍ଷତି କରେ। ଅନେକ ସଂଖ୍ୟାରେ ଜାଲ ହୁଏ ଏବଂ ଅଷ୍ଟପଦୀ ପତ୍ରରୁ ରସ ଶୋଷି ଖାଏ। ସଂକ୍ରମିତ ପତ୍ର ଶୁଖିଯାଏ ଓ ଶେଷରେ ଝରିପଡେ।

**ପରିଚାଳନା :** ଜମିକୁ ସର୍ବଦା ପରିଷ୍କାର, ପରିଚ୍ଛନ୍ନ ରଖନ୍ତୁ। ଅନ୍ୟ ଫସଲର ମୂଳି, ଆକ୍ରାନ୍ତ ଗଛ, ଫଳ, ଡାଳ ଓ ପତ୍ର ସଫାକରି ପୋଡ଼ି ଦିଅନ୍ତୁ ବା ପୋତି ଦିଅନ୍ତୁ। ସାଇରୋଟେଟ୍ରା ମେଟ୍ ୧୧.୦୧ ପ୍ରତିଶତ ଇମିଡାକ୍ଲୋପ୍ରିଡ ୧୧.୦୧ ପ୍ରତିଶତ, ଏସ୍‌ସି ୨୦୦ ମି.ଲି . ପ୍ରତି ଏକର କିମ୍ବା ସ୍ୱାଇରୋମେସିଫେନ୍ ୨୨.୯ ପ୍ରତିଶତ, ଏସ୍‌ସି ୧୬୦ ମି.ଲି. ଏକର ପ୍ରତି ପ୍ରୟୋଗ କରନ୍ତୁ।

**ଫଳ ଓ କାଣ୍ଡବିନ୍ଧା ପୋକ :** ଭେଣ୍ଡି ଫସଲର ଏହା ଏକ ମୁଖ୍ୟ କ୍ଷତିକାରକ ପୋକ। ଭେଣ୍ଡି ବ୍ୟତୀତ ଏହି ପୋକ କପା ଫସଲରେ ମଧ ଲାଗିଥାଆନ୍ତି। ଏହି ପୋକର ମଥ୍ ମଧ୍ୟମ ଆକାର(୧୩-୧୫ ମି.ମି.), ଲମ୍ବା। ଆଗ ଡେଣା ଫିକା ଧଳା, ମଝିରେ ଲମ୍ବା ଲମ୍ବା ସବୁଜ ଦାଗ ଥାଏ। ପଛ ଡେଣା ରୂପାଳିଆ ଧଳା ରଙ୍ଗର। ଏହା ଡେଣାକୁ ପ୍ରସାରିତ କଲେ ୩୦-୩୫ ମି.ମି. ହୁଏ। ଗୋଟିଏ ମାଈ ମଥ୍ ୪୦୦ ଅଣ୍ଡା ଦିଅନ୍ତି। ଅଣ୍ଡା ଗୋଲାକାର ଏବଂ ମୋଟେଇ ହେଉଛି ୦.୫ ମି.ମି.। ଏହାର ରଙ୍ଗ ଫିକା ମେଘୁଆରୁ ସବୁଜ ରଙ୍ଗ ଏବଂ ସେଥିରେ ଫିକା କଳାଦାଗ ଥାଏ। ଅଣ୍ଡାଗୁଡିକ ୩-୭ ଦିନରେ ଫୁଟି ଶୁକ ଅବସ୍ଥାକୁ ପ୍ରାପ୍ତ ହୁଅନ୍ତି। ଏହି ଶୁକଗୁଡିକ ମଧ କ୍ଷତିକାରକ ଅଟନ୍ତି। ଏମାନେ ଭେଣ୍ଡି ଫସଲର କଅଁଳ ଡାଳ ମଧ୍ୟକୁ କଣା କରି ଏଥିମଧ୍ୟରେ ପଶି ଖାଆନ୍ତି। ଫଳରେ ଡାଳଟି ଝାଉଁଳି ମରିଯାଏ।

**ପରିଚାଳନା :** ଏହାର ନିୟନ୍ତ୍ରଣ ପାଇଁ ଜମିକୁ ଖରାଟିଆ ଗହିରା ଚାଷ କରନ୍ତୁ। ଲଗାତର ଏହି ଜାତୀୟ ପନିପରିବା କରନ୍ତୁ ନାହିଁ। ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ଚିଲୋନିସ୍ ଅଣ୍ଡା ପରାଶ୍ରୟୀ କୀଟ ଛାଡ଼ନ୍ତୁ। ଏକର ପ୍ରତି ୮-୧୦ ଫେରୋଡମାନ ଯନ୍ତା ବସାନ୍ତୁ। ଏରିସ ଭାଟି ଲିଓର ଲଗାନ୍ତୁ। ଏମାମେକ୍ଟିନ୍‌ବେଞ୍ଜୋଏଟ୍ ୫ ଏସ୍‌ଜି ୧୦୦ ଗ୍ରାମ କିମ୍ବା ଫ୍ଲୁବେଣ୍ଡିଆମାଇଡ ୨୦ ପ୍ରତିଶତ ଡବ୍ଲ୍ୟୁଜି ୧୦୦ ଗ୍ରାମ କିମ୍ବା କ୍ଲୋରାଣ୍ଟ୍ରାନିଲୋପ୍ରଲୋ ୧୮.୫ ଏସସି ୫୦ ମିଲି ଏକର ପ୍ରତି ପ୍ରୟୋଗ କରନ୍ତୁ। (କ୍ରମଶଃ..)

-ପ୍ରଥମ ବର୍ଷ ସ୍ନାତକୋତ୍ତର ଛାତ୍ର (କୃଷି), କୀଟତତ୍ତ୍ୱ ବିଭାଗ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ
ମୋ : ୭୮୭୩୮୨୭୮୩୦

# ବର୍ଷାଦିନିଆ ପନିପରିବା ଲଗାଉଥିଲେ...

ବର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, କୋବି, ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ। ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ। ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋ ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।

# ଧାନଚାଷ ସମ୍ପର୍କରେ...



ଆଉ କିଛି ଦିନ ପରେ ବର୍ଷାଋତୁ ଆସିବ। ଏହି ସମୟରେ ଅର୍ଥାତ୍ ଧାନଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ତଳି ପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ।

# ପରିବର୍ତ୍ତିତ ଜଳବାୟୁ ଓ ଉପଯୋଗୀ ଫସଲ

(ଶେଷ ଭାଗ)

କ୍ଷେତ୍ରୀୟ ଅଭିଜ୍ଞତାରୁ ଜଣାଯାଇଛି ଯେ ଧାନ, ଡାଲି ଓ ତୈଳବୀଜ ଫସଲ ମଧ୍ୟରେ ପନିପରିବାକୁ ଅନ୍ତର୍ଭୁକ୍ତ କରିବାରେ ଲାଭ ଅଧିକ ମିଳିଥାଏ। ବିଲମଟର ଓ ସୋରିଷର ଅନ୍ତ ଫସଲ ଚାଷ ଲାଭପ୍ରଦ। ଏଥିରେ ଜୈବିକ କୃଷି ନିମନ୍ତେ ଅଧିକ ସୁଯୋଗ ରହିଛି। ସେହିପରି ଧାନ ଓ କ୍ଷୁଦ୍ରଶସ୍ୟ ତୁଳନାରେ ମକା, ଡାଲିଜାତୀୟ କିମ୍ବା ତୈଳବୀଜ ଫସଲ ୨-୩ ଗୁଣ ଅଧିକ ଲାଭ ଦେଇଥାଏ।

ଏହି ବିବିଧୀକରଣ କାର୍ଯ୍ୟକୁ ସଫଳ କରିବା ଦିଗରେ ଆବଶ୍ୟକ ହେଉଥିବା ପଦକ୍ଷେପଗୁଡ଼ିକ ହେଲା- ବିଶେଷ ଫସଲ, ଅଦିନିଆ ଫସଲ କିସମ ଚାଷ ସହ ଫଳ, ପନିପରିବା, ଫୁଲ ଫସଲ ଚାଷରେ ଦରକାରୀ ସମସ୍ତ ସୁବିଧା ଓ ସୁଯୋଗ ଚିହ୍ନଟ କରିବା, ବିହନ ଉତ୍ପାଦନ କାର୍ଯ୍ୟକ୍ରମ କରିବା, ଖାଦ୍ୟ ଶିଳ୍ପ ସହ ସଂଯୋଗକରଣ, ସମସ୍ତ ଫସଲ ପର୍ଯ୍ୟାୟ ମଧ୍ୟରେ ଡାଲିଜାତୀୟ ଫସଲକୁ ଅନ୍ତର୍ଭୁକ୍ତ କରାଇବା, କୃଷି ଯାନ୍ତ୍ରିକୀକରଣ, ଭିତ୍ତି ସଂରଚନାର ବିକାଶ ଓ ଫସଲ ବୀମାକରଣ, ଠିକ୍ ବଜାର ଚିହ୍ନଟକରି ବଜାର ତଥ୍ୟ ଉପଲବ୍ଧ କରାଇବା, ଉପଭୋକ୍ତାଙ୍କର ବ୍ୟବହାର ନିମିତ୍ତ ତଥ୍ୟର ବିକାଶ ତଥା କୃଷକମାନଙ୍କ ଦ୍ୱାରା ଆଧୁନିକ ପ୍ରଯୁକ୍ତି ବିଦ୍ୟାର କାର୍ଯ୍ୟକାରୀ ହେବା ଇତ୍ୟାଦି। ଏହାବ୍ୟତୀତ ପ୍ରାଣୀ ସମ୍ପଦ, ମତ୍ସ୍ୟପାଳନ, ଅମଳ ଫସଲର ପରବର୍ତ୍ତୀ ପରିଚାଳନା, ପ୍ରାଥମିକ ସ୍ତରରେ ପ୍ରକ୍ରିୟାକରଣ, ମୂଲ୍ୟଯୋଗ ଉତ୍ପାଦନ ଓ ବିକ୍ରିବଟା କାର୍ଯ୍ୟ ପାଇଁ ଗୋଷ୍ଠୀ ଆଧାରିତ ସଂସ୍ଥା (ସିଡିଓ)/ କୃଷକ ଉତ୍ପାଦନକାରୀ ସଂସ୍ଥା (ଏଫ୍‌ପିଓ)/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚ୍‌ଜି)/ ପାଣି ପଞ୍ଚାୟତ/କୃଷି ଉଦ୍ୟୋଗୀଙ୍କ ସକ୍ରିୟ ଭାଗୀଦାରି ଆବଶ୍ୟକ।



ନୂତନ କୃଷିନୀତି-୨୦୨୦ (ସମୃଦ୍ଧି)ରେ ଫସଲ ବିବିଧୀକରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ରାଜ୍ୟର ଉଦ୍ୟାନ କୃଷି ଓ ଅର୍ଥକରୀ ଫସଲ ଚାଷ ନିମନ୍ତେ ଯଥେଷ୍ଟ ସୁଯୋଗ ରହିଛି। ରାଜ୍ୟର ଅଧୁନା ୧୮ଟି ଜିଲା(ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼)ରେ ବୃହତ୍ ଉଠାଜଳସେଚନ ଅଞ୍ଚଳରେ ରାଜ୍ୟ କୃଷି ବିଭାଗ ମାଧ୍ୟମରେ ଫସଲ ବିବିଧୀକରଣ ଯୋଜନାର ଏକ ଲଗାତର ୩ ବର୍ଷିଆ କାର୍ଯ୍ୟକ୍ରମ ବର୍ଷା ଋତୁରେ ଉଚ୍ଚ ଓ ମଝିଆଲି ଜମିରେ ନିଆଯାଇଛି। ଏଥିରେ ଉତ୍ପାଦଗୁଡ଼ିକର ମୂଲ୍ୟବୋଧ ଓ ବଜାର ସଂଯୋଗ ନିମନ୍ତେ ସାମର୍ଥ୍ୟ ବିକାଶ ଓ ପ୍ରୋତ୍ସାହନ ବିଷୟ ରହିଛି। ଫସଲ ଚାଷ ସହ ଋତୁଚାଷ, ମହୁଚାଷ, ଜିଆଖତ ଉତ୍ପାଦନକୁ ପ୍ରାଧାନ୍ୟ ଦିଆଯାଇଛି। ବୃଷ୍ଟିପୁଷ୍ଟ ଅଞ୍ଚଳର ଉଚ୍ଚ ଜମିରେ ମକା-ସୋରିଷ/ଅଳସୀ/ବିରି, ମାଣ୍ଡିଆ ଜାତୀୟ-କୋଳଥ ; ମଝିଆଲି ଜମିରେ ଧାନ- ଡାଲିଜାତୀୟ ଚିନାବାଦାମ/ ସୋରିଷ/ସୂର୍ଯ୍ୟମୁଖୀ/ପେଶୀ/କୁସୁମୀ, ଧନିଚା-ଧାନ, ମୁଗ କରାଯିବା ଆବଶ୍ୟକ। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଧାନ-ଆଳୁ-ଭେଣ୍ଡି ଫସଲ ପର୍ଯ୍ୟାୟ ଓ ଅନ୍ୟ ଫସଲ ପର୍ଯ୍ୟାୟ ତୁଳନାରେ କନ୍ଦମୂଳ-କଲରା ଚାଷ ପ୍ରବର୍ତ୍ତନକରି ଆୟ ବଢ଼ିପାରିବ।

ଉତ୍ତର-ପୂର୍ବ କେନ୍ଦ୍ରୀୟ ମାଳଭୂମି ଜିଲା (ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର)ରେ ଉଚ୍ଚ ଜମିରେ ମକା, ହରଡ଼, ବିରି, ପନିପରିବା, ମଧ୍ୟମ ଜମିରେ-ଆଖୁ, ଝୋଟ, ସାରୁଜାତୀୟ ଏବଂ ଖାଲଜମିରେ-ପାଣି ସିଙ୍ଗଡ଼ା ଚାଷକୁ ନିଆଯାଇପାରେ। ମଧ୍ୟ- କେନ୍ଦ୍ରୀୟ ଜିଲା(ଢେଙ୍କାନାଳ, ଅନୁଗୋଳ)ରେ ବର୍ଷାଦିନେ ମୁଗ, ବିରି, କୋଳଥ, ରାଶି, ଚିନାବାଦାମ, ବିଲାତିବାଇଗଣ, ବାଇଗଣ ଓ ଲଙ୍କା ଚାଷ ସଫଳତାର ସହ କରାଯାଇପାରିବ। ସେହିପରି ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଧାନ ବଦଳରେ ନିପାଣିଆ/ଅଳ୍ପ ପାଣିରେ/ମକା, ମାଣ୍ଡିଆ, କୋଦ, ଗୁଲଜୀ, ଲିଟିଲ ମିଲେଟ୍, ଫକ୍ସଟେଲ ମିଲେଟ୍, ସୁଆଁ, ଗୁଆଁର, ମୁଗ, ବିରି, କୋଳଥ, ରାଶି, ଅଳସୀ, ପେଶୀ, ଚିନାବାଦାମ ଆଦି ଫସଲ ଚାଷକରି ଉତ୍ତମ ବିବିଧୀକରଣ କରାଯାଇପାରିବ। ଯଥାର୍ଥରେ ଭିନ୍ନ ପ୍ରଜାତିର ଫସଲ କିସମର ବିକାଶ ଓ ଫସଲ ପର୍ଯ୍ୟାୟ ବା ଫସଲଚକ୍ରରେ ଅନ୍ତର୍ଭୁକ୍ତକରଣ ଦ୍ୱାରା ଫସଲର ବିବିଧୀକରଣ ସଫଳ ହେବା ସହ ଜଳର ସୁବିନିଯୋଗ ଓ ସୁଷମ ବଣ୍ଟନ ସହ ଫସଲର ଉତ୍ପାଦକତା, ଗୁଣବତ୍ତା, ଜୈବିକ ତଥା ଅଜୈବିକ ପ୍ରତିକୂଳତା ପ୍ରତି ଫସଲର ନମନୀୟତା ବୃଦ୍ଧି ପାଇଥାଏ।

ସୁତରାଂ, ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି କୃଷି ପରିବାରଗୁଡ଼ିକର ଆୟ ବହୁଗୁଣିତ ହେବା ଯଥେଷ୍ଟ ସୁଯୋଗ ମାଧ୍ୟମରେ ସହ ଚିରପୋଷ୍ୟମାନ କୃଷିର ଲକ୍ଷ୍ୟ ହାସଲ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

-ଡ. ପରେଶ କୁମାର ପଣ୍ଡା
ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁନ୍ ୧୪/୨୦୨୩ Bhubaneswar, Wednesday, June 14/ 2023

## ଏଏଫ୍ଆଇ ସିଲେକ୍ସନ କମିଟିରୁ ଇସ୍ତଫା ଦେଲେ ଗୁରବଚନ

**ନୂଆଦିଲ୍ଲୀ, ୧୩।୬ (ପି.ଟି.):** ବୟସାଧିକ କାରଣରୁ ଦେଶର ଅନ୍ୟତମ ଦୌଡ଼କୁଦ କିମ୍ବଦନ୍ତୀ ଗୁରବଚନ ସିଂ ରାନ୍ଧଓ୍ୱା ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ସିଲେକ୍ସନ କମିଟି ଚେୟାରମ୍ୟାନ ପଦବୀରୁ ତାଙ୍କ ଇସ୍ତଫା ପ୍ରଦାନ କରିଛନ୍ତି। ୮୪ ବର୍ଷୀୟ ଗୁରବଚନ ୧୯୬୨ ଏସିଆନ ଗେମ୍ସ ଡେକାଥ୍ଲନରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୬୪ ଅଲିମ୍ପିକ୍ସ ୧୧୦ ମିଟର ହର୍ଡଲ୍ସ ଇଭେଣ୍ଟରେ ସେ ୫ମ ହୋଇଥିଲେ। ବୟସାଧିକ ଯୋଗୁ ସେ ତାଙ୍କ କାର୍ଯ୍ୟ ପାଇଁ ଶତ ପ୍ରତିଶତ ସମୟ ଦେଇପାରୁ ନାହାନ୍ତି। ଗୁରବଚନ ଦୀର୍ଘ ୧୮ ବର୍ଷ ଧରି ଏଏଫ୍ଆଇ ସିଲେକ୍ସନ କମିଟି ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଛନ୍ତି। ଭାରତୀୟ ଆଥ୍ଲେଟିକ୍ସ ଏହାର ବିବର୍ତ୍ତନର ଏକ ରୋମାଞ୍ଚକର ପର୍ଯ୍ୟାୟରେ ପହଞ୍ଚିଛି। ଜଣେ ଯୁବ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସମୟ ଉପନୀତ ହୋଇଛି। ବର୍ତ୍ତମାନ ଆମ ପାଖରେ ଦୁଇ ବିଶ୍ୱ ଆଥ୍ଲେଟିକ ଚାମ୍ପିୟନଶିପ୍ ପଦକ ବିଜେତା ଅଞ୍ଜୁ ବବି ଜର୍ଜ ଓ ନୀରଜ ଚୋପ୍ରା ଅଛନ୍ତି। ଆହୁରି ଖୁସିର ବିଷୟ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଚୋପ୍ରା ଦେଶ ପାଇଁ ଏକ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି। ପୂର୍ବରୁ ୧୯୬୦ରେ ମିଲ୍ଖା ସିଂ ଏବଂ ପି.ଟି. ଉଷା ୧୯୮୪ରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ।

## ପାକିସ୍ତାନ ହକିକୁ ଆର୍ଥିକ ସହାୟତା

**କରାଚୀ, ୧୩।୬ (ପି.ଟି.):** ପାକିସ୍ତାନ ହକି ଫେଡେରେଶନ (ପିଏଚ୍ଏଫ୍)କୁ ଦେଶର ସରକାର ୨୫ ନିୟୁତ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଫଳରେ ଅଗଷ୍ଟରେ ଚେନ୍ନାଇଠାରେ ଖେଳାଯିବାକୁଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନର ଅଂଶଗ୍ରହଣ ନେଇ ପଥ ଉନ୍ମୁକ୍ତ ହୋଇଛି। ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡର ଜଣେ ଅଫିସିଆଲ କହିଛନ୍ତି, ଏସିଆନ ଜୁନିୟର କପ୍‌ରେ ଜାତୀୟ ଜୁନିୟର ଦଳର ପ୍ରଦର୍ଶନ ଉତ୍ସାହଜନକ ରହିବା ପରେ ଆନ୍ତଃ ପ୍ରାଦେଶିକ ସମନ୍ୱୟ ବିଭାଗ ମନ୍ତ୍ରୀ ଏହସାନ ମାଜାରି ସହାୟତା ପାଣ୍ଠି ମଞ୍ଜୁର କରିଛନ୍ତି। ଜୁନିୟର ଦଳର ଦୈନିକ ଭତ୍ତା ଏବଂ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ ବାବଦରେ ଏହି ପାଣ୍ଠିର ଉପଯୋଗ କରାଯିବ।



ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପରିସରରେ ମଙ୍ଗଳବାର ସମ୍ବର୍ଦ୍ଧିତ ହେବା ଅବସରରେ ଜୁନିୟର ମହିଳା ଏସିଆ କପ୍ ହକି ଚାମ୍ପିୟନ ଭାରତୀୟ ଦଳ। ଜୁନିୟର ମହିଳା ଏସିଆ କପ୍‌ରେ ଭାରତର ଏହାଥିଲା ସର୍ବପ୍ରଥମ ସ୍ୱର୍ଣ୍ଣ ପଦକ।

## ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ

**ଜାତୀୟ ଜୁନିୟର ଶକ୍ତି ଉତ୍ତୋଳନ**

(ତପନ ସ୍ୱାଇଁ)
ଭୁବନେଶ୍ୱର, ୧୩।୬

ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସବ୍‌ଜୁନିୟର ପୁରୁଷ ୬୬ କେଜି ବିଭାଗରେ ଦୁଃଖୀରାମ ମାରାଣ୍ଡି, ଜୁନିୟର ପୁରୁଷ ବିଭାଗ ୬୬ କେଜିରେ ଅଭିଷେକ ମହନ୍ତ, ଜୁନିୟର ମହିଳା ୪୩ କେଜି ବର୍ଗରେ ସୌମ୍ୟପ୍ରଭା ଟୁଡୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସବ୍‌ଜୁନିୟର ପୁରୁଷ ୯୩ କେଜି ବେଞ୍ଚ୍‌ପ୍ରେସ୍‌ରେ ଆୟୁଷ କୁମାର ବ୍ରୋଞ୍ଜ ପଦକ ପାଇଛନ୍ତି। କୋଚ୍ ସମରେନ୍ଦ୍ର ରାଉତରାୟ ଓ ମ୍ୟାନେଜର ଦେବାଶିଷ ମହାନ୍ତି ଓଡ଼ିଶା ଦଳ ସହ ରାଞ୍ଚି ଯାତ୍ରା କରିଥିଲେ। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ସମସ୍ତ ଖର୍ଚ୍ଚ ବହନ କରିଥିବାରୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି।



ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତି ଉତ୍ତୋଳନରେ ଭାଗ ନେଇଥିବା ଓଡ଼ିଶା ଦଳ।

## ପିଏସ୍‌ଜି ଛାଡ଼ିବେ ଏମ୍‌ବାପେ


**ମାଞ୍ଚେଷ୍ଟର, ୧୩।୬ (ପି.ଟି.)**

ଫ୍ରାନ୍ସର ଫୁଟବଲ୍ କ୍ଲବ୍ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)କୁ ଆଉ ଏକ ଝଟକା। ଷ୍ଟାର ଫୁଟବଲର କିଲିଆନ୍ ଏମ୍‌ବାପେ କ୍ଲବ୍ ଛାଡିବା ନେଇ ଚର୍ଚ୍ଚା ଜୋର ଧରିବାରେ ଲାଗିଛି। ପିଏସଜି ସହିତ ଏମ୍‌ବାପେଙ୍କ ଯେଉଁ ଚୁକ୍ତି ରହିଥିଲା ତାହାକୁ ନବୀକରଣ କରିବାକୁ ସେ ମନା କରି ଦେଇଛନ୍ତି। ଏମ୍‌ବାପେ ରିୟଲ ମାଡ୍ରିଡ୍‌ରେ ଯୋଗ ଦେବାର ସମ୍ଭାବନା ରହିଛି। ୨୦୧୭ରେ ଏମ୍‌ବାପେଙ୍କୁ ୧୯୦ ମିଲିୟନ ଡଲାରରେ ମୋନାକୋ ଠାରୁ ସାଇନ୍ କରିଥିଲା ପିଏସ୍‌ଜି। ୨୦୨୧ରେ ସମାନ ମୂଲ୍ୟ ସହିତ ରିୟଲ ମାଡ୍ରିଡ୍ କିଣିବାକୁ ଚାହିଁଥିବା ବେଳେ ପିଏସ୍‌ଜି ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା। ପୂର୍ବରୁ ଲିଓନେଲ ମେସି ପିଏସ୍‌ଜି ଛାଡି ଇଣ୍ଟର ମାୟାମି ଦଳରେ ଯୋଗ ଦେଇଥିଲେ। ଏହା ସହିତ କ୍ଲବରେ ବ୍ରାଜିଲିଆନ୍ ଷ୍ଟାର ନେମାର୍‌ଙ୍କ ଭବିଷ୍ୟତ ନେଇ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ପିଏସ୍‌ଜି ସହିତ ଏମ୍‌ବାପେ ନିଜର ପ୍ରଥମ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିବାକୁ ଚାହୁଁଥିଲେ। ତେବେ ଦଳ ବିଫଳ ହେବାରୁ ସେ କ୍ଲବ୍ ପରିବର୍ତ୍ତନ କରିବାକୁ ଚାହୁଁଥିବା ଜଣାପଡିଛି। ମାଡ୍ରିଡ୍ ପକ୍ଷରୁ ଖେଳୁଥିବା କରିମ ବେଞ୍ଜେମା ରିୟଲ ମାଡ୍ରିଡ୍ ଛାଡି ସାଉଦି ଆରବୀୟ କ୍ଲବ୍ ଅଲ ଇତିହାଡ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି।

## ଓସିଏଲ୍ ୨୦୨୩: ପୁମାସ୍, ଚିତାସ୍ ବିଜୟୀ

(ସରୋଜ ଜେନା)
ଭୁବନେଶ୍ୱର, ୧୩।୬

ଓଡ଼ିଶା କ୍ରିକେଟ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)୨୦୨୩ର ଦ୍ୱିତୀୟ ଦିନର ଖେଳରେ ବିଜୟୀ ହୋଇଛନ୍ତି ଓଡ଼ିଶା ପୁମାସ୍ ଓ ଓଡ଼ିଶା ଚିତାସ୍। ଉଭୟ ମ୍ୟାଚ୍ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ଟି ଓଡ଼ିଶା ପୁମାସ୍ ଓ ଓଡ଼ିଶା ପାନ୍ଥର୍ସ ମଧ୍ୟରେ ଖେଳା ଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପୁମାସ୍ ୧୬ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ୍ କରିଥିଲା। ସାଇଦୀପ୍ ସର୍ବାଧିକ ୩୯ ରନ୍ କରିଥିବା ବେଳେ ବିକ୍ରମ ସାମଲ ଅପରାଜିତ ୨୮ ଓ ଦେବାଶିଷ ୨୭ ରନ୍ କରିଥିଲେ। ପାନ୍ଥର୍ସ ପକ୍ଷରୁ ଶୋଭନଦେବ ବେହେରା ୨୩ ରନ୍‌ରେ ୪ ଉଇକେଟ ନେଇଥିଲେ। ୧୩୪ ରନ୍‌ର ପିଛା କରୁଥିବା ପାନ୍ଥର୍ସ ନିର୍ଦ୍ଧାରିତ ୧୬ ଓଭରରେ ୪ ଉଇକେଟ ହରା ୧୨୯ ରନ୍ କରିବାରେ ସମର୍ଥ ହୋଇଥିଲା। ମାରୋଜୁ ପ୍ରଶାନ୍ତ ୪୦ ରନ୍ କରିଥିବା ବେଳେ ସନ୍ଦୀପ ୩୬ ଓ ଅଭିଶେକ ଯାଦବ ଅପରାଜିତ ୨୯ ରନ୍ କରିଥିଲେ। ରାହୁଲ ଚୌଧାରୀ ଦୁଇଟି ଓ ରାକେଶ ପଟ୍ଟନାୟକ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ପୁମାସର ରାହୁଲ ଚୌଧାରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ସୌର୍ଯ୍ୟରଞ୍ଜନ ପରିଜା ତାଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଓଡ଼ିଶା ଚିତାସ୍ ଓ ଓଡ଼ିଶା ଟାଇଗର୍ସ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଟାଇଗର୍ସ ଶୁଭ୍ରାଂସୁ ସେନାପତିଙ୍କ ୫୩ ରନ୍ ବଳରେ ୨୦ ଓଭରରେ ୭ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅୟସକାନ୍ତ ସାହୁ ୨୩ ଓ ନିହାର ଭୂୟାଁ ୨୨ ରନ୍ କରିଥିଲେ। ଚିତାସ୍ ପକ୍ଷରୁ ସୁମିତ ଶର୍ମା ଓ ସୂର୍ଯ୍ୟକାନ୍ତ ପ୍ରଧାନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶାଶ୍ୱତ ମହାନ୍ତିଙ୍କ ୪୯, କିଶାନ ରଥଙ୍କ ୩୧ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ୨୨ ରନ୍ ବଳରେ ଚିତାସ୍ ୧୭ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ସେହିପରି ଓଡ଼ିଶା ଚିତାସ୍‌ର ଶାଶ୍ୱତ ମହାନ୍ତି ଓସିଏ ସଦସ୍ୟ ଉପେନ୍ଦ୍ର କୁମାର ଦାସଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।







ଶାଶ୍ୱତ ମହାନ୍ତି ଓ ରାହୁଲ ଚୌଧାରା ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଆଫଗାନିସ୍ତାନ-ବାଂଲାଦେଶ ଟେଷ୍ଟ ଆଜିଠାରୁ

**ମୀରପୁର, ୧୩।୬ (ଏପି)**


ବାଂଲାଦେଶ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ ବୁଧବାରଠାରୁ ଖେଳାଯିବ। ବାଂଲାଦେଶ କୋଚ୍ ଚାଣ୍ଡିକା ହାଥୁରୁସିଂଘା କହିଛନ୍ତି, ଅଫଗାନିସ୍ତାନର ଅଧିକାଂଶ ଖେଳାଳିଙ୍କ ବିଷୟରେ ତାଙ୍କର କୌଣସି ଧାରଣା ନାହିଁ। କିନ୍ତୁ ଆମେ ଯଦି ଯୋଜନା ମୁତାବକ ଖେଳୁ ତେବେ ଏହା ଆମ ପାଇଁ ଆଉ ସମସ୍ୟା ହୋଇ ରହିବ ନାହିଁ। ସାଧାରଣତଃ ଭାବେ ଆମେ ବିପକ୍ଷ ଦଳର ଶକ୍ତି ଓ ସାମର୍ଥ୍ୟ ଉପରେ ୨୫ ପ୍ରତିଶତ ଏବଂ ଦୁର୍ବଳତା ଉପରେ ୭୫ ପ୍ରତିଶତ ଧ୍ୟାନ ଦେଇଥାଉ। କିନ୍ତୁ ଯେହେତୁ ଆମେ ସେମାନଙ୍କ ଖେଳାଳିଙ୍କ ଦକ୍ଷତା ଉପରେ ଅଙ୍କ ଏଠାରେ ଏହି ରଣନୀତିକୁ କାର୍ଯ୍ୟକାରୀ କରିପାରିବୁ ନାହିଁ। ଆଫଗାନିସ୍ତାନ ଏହାର ଗତ ଟେଷ୍ଟ ମ୍ୟାଚ ୨୦୨୧ରେ ଜିମ୍ବାୱେ ବିପକ୍ଷରେ ଖେଳିଥିଲା। ଏହି ଦଳର ୪ ଜଣ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଜିମ୍ବାୱେ ବିପକ୍ଷ ବିଜୟ ମ୍ୟାଚରେ ୧୧ ଉଇକେଟ ନେଇଥିବା ଷ୍ଟାର ଲେଗ୍ ସ୍ପିନର ରଶିଦ ଖାଁଙ୍କୁ ବିଶ୍ରାମ ଦିଆଯାଇଛି। ଏହି ବୋଲର ୨୦୧୯ରେ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ପୂର୍ବ ଟେଷ୍ଟ ମ୍ୟାଚରେ ମଧ୍ୟ ୧୧ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ବାଂଲାଦେଶର ଫିଟ୍‌ନେସ ସମସ୍ୟା ରହିଛି। ଅଧିନାୟକ ଶକିବ ଅଲ୍ ହସନଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ସେ ଏହି ମ୍ୟାଚ ଖେଳି ପାରି ନ ଥିଲେ।

## ଅଧିକ ଦର୍ଶକଙ୍କ ଉପସ୍ଥିତି ଚାହାନ୍ତି ଛେତ୍ରୀ

**କଳିଙ୍ଗ ଷ୍ଟାଡିୟମରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

(ସରୋଜ ଜେନା)
ଭୁବନେଶ୍ୱର, ୧୩।୬

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାନୁଆଟୁ ବିପକ୍ଷ ମ୍ୟାଚକୁ ୧-୦ରେ ଜିତିବା ପରେ ଫ୍ୟାନଙ୍କୁ ପ୍ରଶଂସା କରିଛନ୍ତି ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ। ଏଠାରେ ଫ୍ୟାନ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇଥିଲେ ଯାହା ଅତ୍ୟନ୍ତ ଖୁସିର ବିଷୟ। ତେବେ ପରବର୍ତ୍ତୀ ମ୍ୟାଚ୍‌ରେ ଆହୁରି ଅଧିକ ଦର୍ଶକ ମ୍ୟାଚ ଦେଖିବାକୁ ଆସନ୍ତୁ ବୋଲି ଛେତ୍ରୀ କହିଛନ୍ତି। ୧୫ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଲେବାନନକୁ ଭେଟିବ। ଭାନୁଆଟୁ ବିପକ୍ଷ ମ୍ୟାଚରେ ଛେତ୍ରୀ ୮୦ ମିନିଟରେ ଗୋଲ ସ୍କୋର କରଥିବା ବେଳେ ଭାରତ ମ୍ୟାଚକୁ ୧-୦ରେ ଜିତି ଫାଇନାଲରେ ପହଞ୍ଚିଥିଲା। ଦଳର ସମସ୍ତ ଖେଳାଳି ଦେଶକୁ ଗର୍ବିତ କରିବା ପାଇଁ କଠିନ ପରିଶ୍ରମ କରୁଥିବା ବେଳେ ଦର୍ଶକ ମାନେ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି ଛେତ୍ରୀ କହିଛନ୍ତି। ଏହା ସହିତ ଷ୍ଟାଡିୟମକୁ ଆସିଥିବା ଦର୍ଶକ ମଧ୍ୟ ବେଶ୍ ଖୁସି ପ୍ରକାଶ କରିଛନ୍ତି। ୨୪ ବର୍ଷୀୟ ସାଇ ଶିବଦତ୍ତ କହିଛନ୍ତି ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ ପରେ ସେ ଦ୍ୱିତୀୟ ଥର ପାଇଁ ଷ୍ଟାଡିୟମକୁ ଆସିଥିଲେ। ପୂର୍ବଥର ଅପେକ୍ଷା ଭିତ୍ତିଭୂମି ଅଧିକ ଉନ୍ନତ ଥିବା ସେ ପ୍ରକାଶ କରିଥିଲେ। ଛେତ୍ରୀଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିବା କ୍ରୀଡା ଓ ଯୁବ ସେବା ବ୍ୟାପାର ବିଭାଗ ଯୁଗ୍ମ ସଚିବ ରଞ୍ଜିତ ପରିଡା କହିଥିଲେ 'ବିଗତ ବର୍ଷରେ ସଡ଼ିଶା କ୍ରୀଡାରେ ସବୁଠାରୁ ଅଧିକ ନିବେଶ କରିଛି'। ଓଡ଼ିଆ ଦର୍ଶକଙ୍କ ଯେଉଁଭଳି ଖେଳାଳିଙ୍କୁ ସ୍ୱାଗତ କରିଥାନ୍ତି ତାହା ଅନ୍ୟତ୍ର ଦେଖିବାକୁ ମିଳିନଥାଏ। ନିକଟରେ ସମାପିତ ବିଶ୍ୱକପରେ ଭାରତୀୟ ଦଳକୁ ଦେଖିବା ପାଇଁ ଦର୍ଶକ ବିପୁଳ ସଂଖ୍ୟାରେ ଆସିଥିଲେ। ଫୁଟବଲ ପାଇଁ ସମାନ ମାହୋଲ ସୃଷ୍ଟି କରିବାକୁ ଆମେ ତତ୍ପର ବୋଲି ସେ କହିଥିଲେ।



କଳିଙ୍ଗ ଷ୍ଟାଡିୟମରେ ଭାନୁଆଟୁ ବିପକ୍ଷ ମ୍ୟାଚ ପରେ ସୁନୀଲ ଛେତ୍ରୀ।


## ସିନ୍ଧୁ, ପ୍ରଣୟ ପ୍ରିକ୍ୱାର୍ଟରରେ

**ଜାକର୍ତ୍ତା, ୧୩।୬ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଫର୍ମକୁ ଫେରିଛନ୍ତି। ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ ୱାର୍ଲ୍ଡ ଟୁର୍ ସୁପର ୧୦୦୦ ଇଭେଣ୍ଟର ଓପନିଂ ରାଉଣ୍ଡରେ ସେ ତାଙ୍କ ସ୍ଥାନୀୟ ଫେଭରାଇଟ୍ ଗ୍ରେଗୋରିଆ ମାରିସ୍କା ଟୁନ୍‌ଜୁଙ୍ଗଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ଡବଲ ଅଲିମ୍ପିକ ପଦକ ବିଜେତା ଏବଂ ପୂର୍ବତନ ବିଶ୍ୱ ଚାମ୍ପିୟନ ଖେଳିଥିବା ତାଙ୍କର ଗତ ଦୁଇଟି ଇଭେଣ୍ଟରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏଠାରେ ସେ ତାଙ୍କ ଇଣ୍ଡୋନେସିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୧୯, ୨୧-୧୫ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ତାଙ୍କ ସ୍ଥାନ ପକ୍କା କରିଛନ୍ତି। ସେ ମାତ୍ର ୩୮ ମିନିଟ୍‌ରେ ମ୍ୟାଚ ଜିତିନେଇଥିଲେ। ଟୁନ୍‌ଜୁଙ୍ଗଙ୍କ ବିପକ୍ଷରେ ସିନ୍ଧୁ ଖେଳିଥିବା ତାଙ୍କର ୩ଟି ଗେମ୍ ମଧ୍ୟରୁ ଏହା ଥିଲା ପ୍ରଥମ ବିଜୟ। ଚଳିତବର୍ଷ ପ୍ରାରମ୍ଭରେ ସେ ମାଡ୍ରିଡ ମାଷ୍ଟର୍ସ ଫାଇନାଲ ଏବଂ ମାଲେସିଆନ ମାଷ୍ଟର୍ସ ସେମିଫାଇନାଲରେ ଇଣ୍ଡୋନେସିଆର ଏହି ଖେଳାଳିଙ୍କଠାରୁ ହାରିଯାଇଥିଲେ। ଏଠାରେ ସେ ବର୍ତ୍ତମାନ ୩ୟ ସିଡ୍ ତାଇ ତିଜୁ ୟିଙ୍ଗଙ୍କୁ ଭେଟିବେ। ତାଇୱାନର ଏହି ଷ୍ଟାର ଖେଳାଳି ସିନ୍ଧୁଙ୍କ ବିପକ୍ଷରେ ଗତ କ୍ରମାଗତ ୮ଟି ମ୍ୟାଚରେ ବିଜୟୀ ହୋଇ ହେଡ୍-ଟୁ-ହେଡ୍ ୧୮-୫ରେ ଅଗ୍ରଣୀ ରହିଛନ୍ତି। ଫର୍ମରେ ଥିବା ଭାରତର ଏଚ୍.ଏସ୍. ପ୍ରଣୟ ପୁରୁଷ ସିଙ୍ଗଲ୍ସରେ ଜାପାନର କେନ୍ତା ନିଶିମୋତୋଙ୍କୁ ୨୧-୧୬, ୨୧-୧୪ରେ ହରାଇ ଦେଇଛନ୍ତି। ଗତ ମାସରେ ମାଲେସିଆ ମାଷ୍ଟର୍ସ ସୁପର ୩୦୦ ଟାଇଟଲ ଜିତିଥିବା ୭ମ ସିଡ୍ ଭାରତୀୟ ପ୍ରି-କ୍ୱାର୍ଟରରେ ହଂକଂର ଏଙ୍ଗ୍ କା ଲଙ୍ଗ୍ ଆଙ୍ଗସଙ୍କୁ ଭେଟିବେ।

## ଟେଷ୍ଟ ଅଧିନାୟକ କ୍ୟାରିୟରକୁ ନେଇ ପ୍ରଶ୍ନବାଚୀ

**ନୂଆଦିଲ୍ଲୀ, ୧୩।୬ (ପି.ଟି.)**

ଓଭାଲରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଭାରତର ଖରାପ ପ୍ରଦର୍ଶନ ପରେ ରୋହିତ ଶର୍ମାଙ୍କ ଟେଷ୍ଟ ଅଧିନାୟକ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜୁଲାଇ ୧୨ରୁ ଆରମ୍ଭ ହେଉଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରଜ ପାଇଁ ତାଙ୍କ ଅଧିନାୟକତ୍ୱ ଉପରେ ବିପଦ ନାହିଁ। ମାତ୍ର ଏହି ୨ଟି ଟେଷ୍ଟରେ ଯଦି ସେ ଗୋଟିଏ ହେଲେ ବଡ଼ ଇନିଂସ ଖେଳି ନ ପାରନ୍ତି ତେବେ ନେତୃତ୍ୱ ପରିବର୍ତ୍ତନର ସମ୍ଭାବନା ସୃଷ୍ଟି ହେବ। ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚୟନ କମିଟି ବୈଠକ ବସି ସମ୍ଭବତଃ ରୋହିତଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରାଯିବ। ରୋହିତ ଯଦି ନିଜଆଡୁ ଓହରି ନ ଯାହାନ୍ତି ତେବେ ଡୋମିନିକାରେ ଜୁଲାଇ ୧୨ରୁ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଦଳର ନେତୃତ୍ୱ ନେବେ। ପୋର୍ଟ ଅଫ୍ ସ୍ପେନ୍‌ରେ ଦ୍ୱିତୀୟ ଟେଷ୍ଟ ଜୁଲାଇ ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରୋହିତଙ୍କୁ ଅଧିନାୟକ ପଦରୁ ପରିବର୍ତ୍ତନ କରାଯିବାକୁ ନେଇ ଯେଉଁ ଖବର ଶୁଣାଯାଉଛି ତାହା ଭିତ୍ତିହୀନ ବୋଲି ଜଣେ ବିସିସିଆଇ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ତେବେ ରୋହିତଙ୍କୁ ଏବେ ୩୮ ବର୍ଷ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ୨ ବର୍ଷୀୟା ସାଇକେଲ (ଚକ୍ର) ୨୦୨୫ରେ ଶେଷ ହେବ। ସେତେବେଳ ପର୍ଯ୍ୟନ୍ତ ରୋହିତଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନ ରହିଛି ବୋଲି ସେ କହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପରେ ଶିବ ସୁନ୍ଦର ଦାସ ଓ ତାଙ୍କ ସାଥି ଚୟନକର୍ତ୍ତାମାନେ ଏ ସମ୍ପର୍କରେ ଚିନ୍ତା କରିବେ। ୱେଷ୍ଟଇଣ୍ଡିଜ ସିରିଜ ପରେ ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ଭାରତ ଆଉ ଟେଷ୍ଟ ଖେଳିବାର ନାହିଁ। ଡିସେମ୍ବରରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରିବାର ଥିବାରୁ ଚୟନକର୍ତ୍ତାଙ୍କ ହାତରେ ନିଷ୍ପତ୍ତି ନେବାପାଇଁ ପର୍ଯ୍ୟାପ୍ତ ସମୟ ରହିବ। ସେତେବେଳକୁ ୫ମ ଚୟନକର୍ତ୍ତା (ନୂଆ ଚେୟାରମ୍ୟାନ) ମଧ୍ୟ ପ୍ୟାନେଲରେ ଯୋଗଦେଇ ସାରିଥିବେ। ତେଣୁ ଉକ୍ତ ପ୍ୟାନେଲ ଯାହାକିଛି ନିଷ୍ପତ୍ତି ନେବ ବୋଲି ସେ ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ସିରିଜ ପରାଜୟ ପରେ ବିରାଟ କୋହଲି ଅଧିନାୟକ ପଦ ଛାଡ଼ିଥିଲେ। ଅଧିନାୟକ ଭାବେ ଲୋକେଶ ରାହୁଲ ମଧ୍ୟ ପ୍ରଭାବିତ କରି ନ ପାରିବାରୁ ସେତେବେଳର ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ନେତୃତ୍ୱଭାର ନେବାପାଇଁ ରୋହିତଙ୍କୁ ବୁଝାଇଥିଲେ। ମାତ୍ର ଏହା ପରେ ନାଗପୁର ଟ୍ରାକ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୨୦ ରନର ଇନିଂସକୁ ଛାଡ଼ିଦେଲେ ରୋହିତ ଜଣେ ଖେଳାଳିଭାବେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନାହାନ୍ତି। ୨୦୨୨ରେ ଟେଷ୍ଟ ଅଧିନାୟକ ଦାୟିତ୍ୱ ସମ୍ଭାଳିବା ପରେ ଭାରତ ୧୦ଟି ଟେଷ୍ଟ ଖେଳିଛି। ଏଥିରୁ ରୋହିତ ୩ଟି ଟେଷ୍ଟରେ ଖେଳି ନ ଥିଲେ। କୋଭିଡ-୧୯ ପାଇଁ ଇଂଲଣ୍ଡ ବିପକ୍ଷ ଗୋଟିଏ ଟେଷ୍ଟ ଏବଂ ଆହତ ସମସ୍ୟା ଯୋଗୁ ବାଂଲାଦେଶ ବିପକ୍ଷ ୨ଟି ଟେଷ୍ଟରେ ସେ ବାହାରେ ରହିଥିଲେ। ସେ ଖେଳିଥିବା ୭ ଟେଷ୍ଟର ୧୧ ଇନିଂସରେ ୩୫.୪୫ ଆଭରେଜରେ ୩୯୦ ରନ କରିଥିଲେ। ଏହା ମଧ୍ୟରେ ସେ ଗୋଟିଏ ଶତକକୁ ଛାଡ଼ିଦେଲେ ଅନ୍ୟ କୌଣସି ଇନିଂସରେ ୫୦ ମଧ୍ୟ ସ୍କୋର କରିପାରି ନ ଥିଲେ। ଚୟନକର୍ତ୍ତାମାନେ ଆଗାମୀ ୩ ବର୍ଷକୁ ଦୃଷ୍ଟିରେ ରଖି ନିଶ୍ଚିତ ଯାହାକିଛି ନିଷ୍ପତ୍ତି ନେବେ।



ରୋହିତ ଶର୍ମା

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ